ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୧୭ ସଂସ୍କରଣ

ବୀର ମାଷ୍ଟ୍ରେ

ନଈ ପାଣି ନଈ କି ଯା'

ଆନନ୍ଦମଠ

ସାହାଡ଼ା ସୁନ୍ଦରୀ

ସହରୀ ବୋହୂ

ଉତ୍କଳଭାରତୀ କୁନ୍ତଳାକୁମାରୀ

ପଲାଶଫୁଲର ବାସ୍ନା

ଏବଂ ଆହୁରି ଅନେକ...

## ସାହିତ୍ୟରେ କାଷ୍ଟିଂ କାଉଚ୍ ???

## ସୋସିଆଲ୍ ନେଟ୍‌ୱର୍କ୍ ରେ ଏ କଣ ହେଉଛି ???

Download Magazine for FREE from www.aahwaan.com



# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ - ୯୦୪୦୯୮୫୪୬୩, ଇମେଲ୍ - aahwaan@gmail.com

To read the complete magazine, Download it for FREE from www.aahwaan.com

ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

To read the complete magazine, Download it for FREE from www.aahwaan.com

# ବିଶେଷ ସୂଚନା

ଲେଖକ ଲେଖିକାମାନଙ୍କ ପାଇଁ ବିଶେଷ ସୂଚନା : ଦେଖାଯାଉଛି ଏହି ଇ-ପତ୍ରିକାର ପ୍ରକାଶନ ହେବା କ୍ଷଣି ଆପଣମାନେ ନିଜର ଲେଖାର ସ୍କ୍ରିନ୍‌ସଟ୍ ନେଇ ନିଜ ନିଜ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍‌ରେ ପ୍ରକାଶ କରୁଛନ୍ତି । ଏହାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ଅନେକ ବନ୍ଧୁ ଏହା ଉଲ୍ଲେଖ କରିବାକୁ ଭୁଲିଯାଉଛନ୍ତି ଯେ ଏହି ଲେଖାଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଛି ଏବଂ ସେହି ପତ୍ରିକା ଜଣେ ଚାହିଁଲେ କେଉଁଠି ପଢ଼ିବାକୁ ପାଇବ । ତେଣୁ ଆପଣମାନଙ୍କୁ ବିନୀତ ଅନୁରୋଧ, ଯଦି ଆପଣ ନିଜ ଲେଖାକୁ ଶେୟାର୍ କରିବାକୁ ଚାହୁଁଛନ୍ତି ଦୟାକରି ସେଠାରେ ଏହା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ଏବଂ ଏହାର ୱେବ୍‌ସାଇଟ୍ (www.aahwaan.com) ବିଷୟରେ ଲେଖିବା ଭୁଲିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ନିମ୍ନରେ ଏକ ଉଦାହରଣ ଦେଉଛି ।

ଓଡ଼ିଆରେ ଲେଖିବାକୁ ଚାହୁଁଥିଲେ :

ମୋର ଏହି ଲେଖାଟି ଆହ୍ୱାନ ଇ-ପତ୍ରିକା (ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା)ର ଚଳିତ ମାସର ସଂସ୍କରଣରେ ପ୍ରକାଶିତ ହୋଇଛି ।

ଆପଣ ଚାହିଁଲେ ଏହି ଇ-ପତ୍ରିକା ବିନା କୌଣସି ଦେୟ (ସମ୍ପୂର୍ଣ୍ଣ ମାଗଣା) ବା ଶୁଳ୍କରେ ନିମ୍ନରେ ଦିଆଯାଇଥିବା ୱେବ୍‌ସାଇଟରୁ ପାଇପାରିବେ ।

www.aahwaan.com

If you wish to post in English:

My article has been published in the August Edition of Aahwaan e-Patrika, the first and only complete Odia, monthly literature e-Magazine of Odisha.

If you wish to read this e-Magazine (download for free), please visit the website mentioned below.

www.aahwaan.com

To read the complete magazine, Download it for FREE from www.aahwaan.com

# ସୂଚୀପତ୍ର

ସମ୍ପାଦକଙ୍କ ଲେଖନୀରୁ ୧୧

ଆନନ୍ଦମଠ ୨୦

*ଦୀପକ ଷଡ଼ଙ୍ଗୀ*

ବୀର ମାଷ୍ଟ୍ରେ ୨୬

*ସୁଶାନ୍ତ ପୁରୋହିତ*

ସତ୍ୟଂ ବଦ ଧର୍ମଂ ଚର ୩୪

*ସଞ୍ଜୟ କୁମାର ସାହୁ*

ଅମାନିଆ ପାକିସ୍ତାନ ୩୭

*ରାଧାଚରଣ ନାୟକ*

ସୋସିଆଲ୍ ନେଟ୍‌ୱର୍କ୍ ୪୩

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ଶାଳିଆର ରତନି ୪୯

*ପାରମିତା ମିଶ୍ର*

ଅତୃପ୍ତ ଶୋଷ, ଅପହଞ୍ଚ ନଦୀ ୫୪

*ଡ: ମୌସୁମୀ ପରିଡ଼ା*

ସହରୀ ବୋହୂ ୫୬

*ସୁବଳ ମହାପାତ୍ର*

To read the complete magazine, Download it for FREE from www.aahwaan.com

ମର୍ ସୋନପୁର୍ ୬୫

*ଶ୍ୟାମ ଓମପ୍ରସାଦ ମିଶ୍ର*

ନାରୀ ସ୍ୱାଧୀନତା ୬୮

*ଜ୍ୟୋତ୍ସ୍ନାରାଣୀ ପଣ୍ଡା*

ପଳାଶଫୁଲର ବାସ୍ନା ୭୩

*ଶ୍ରୀଅରବିନ୍ଦ ଆଚାର୍ଯ୍ୟ*

ସୁନେଲି ସିଂହ ୯୨

*ଅଶୋକ ବିଶ୍ୱାଳ*

ଅଶାନ୍ତି ୯୮

*ମଧୁସ୍ମିତା ପଟ୍ଟନାୟକ*

ସାହିତ୍ୟ କାଉଚ୍ ୧୧୩

*ଡା ସୌମ୍ୟରଞ୍ଜନ ମିଶ୍ର*

ସାହାଡ଼ା ସୁନ୍ଦରୀ ୧୧୬

*ସରସୀ ଆଚାର୍ଯ୍ୟ*

ଥଇଥାନ ୧୨୦

*ଶୁଭକାନ୍ତ ସାହୁ*

ଉତ୍କଳଭାରତୀ କୁନ୍ତଳା କୁମାରୀ ୧୨୨

*ଅଧ୍ୟାପିକା ରଞ୍ଜିତା ପାତ୍ର*

ରାକ୍ଷୀ ୧୨୯

*ମୀନାକ୍ଷୀ ଦାଶ*


To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଇଐେ କିନ୍ତୁ ଠିକ୍ ନୁହେଁ ୧୩୬

*ଅଭିମନ୍ୟୁ ବେହେରା*

ନଈପାଣି ନଈକୁ ଯା ୧୪୦

*ସୁବଳ ମହାପାତ୍ର*

*ପରାମିତା ମିଶ୍ର*

*ସରସୀ ଆଚାର୍ଯ୍ୟ*

ଜନ୍ତୁ ଯନ୍ତ୍ରଣା ୧୪୯

*ଡ: କୁଳାଙ୍ଗାର*

ରାକ୍ଷୀ (କବିତା) ୧୫୩

*ପ୍ରହ୍ଲାଦ ବେହେରା*

ବର୍ଣ୍ଣମାଳାରେ ସୃଷ୍ଟି ୧୫୪

*ସୁମିତ୍ରା ରାଉଳ*

କାଲି ଓ ଆଜିରେ ମୁଁ ୧୫୭

*ଅନୁସୂୟା ମିଶ୍ର*

ଅତୀତର ସ୍ମୃତି ୧୫୯

*ଜ୍ୟୋତିର୍ମୟୀ ଷଡ଼ଙ୍ଗୀ*

ସେ ଚାଲିଗଲା ପରେ ୧୬୧

*ବରୁଣ କୁମାର ଦାସ*

ମୋ ଦେଶ ଭାରତ ୧୬୩

*ହିମାଂଶୁ ଶେଖର୍ ବାରିକ*

To read the complete magazine, Download it for FREE from www.aahwaan.com

ସମ୍ଭାବନା ୧୬୭

*ଶିବ କୁମାର ପଣ୍ଡା*

ଧବଳେଶ୍ୱର ମାହାତ୍ମ୍ୟ ୧୬୯

*ପ୍ରବୋଧ ଚନ୍ଦ୍ର ମୁଦ୍ରା*

ବଂଶୀ ଯେ ଅନୁରାଗୀ ୧୭୬

*ଶ୍ରୀବନ୍ତ ପ୍ରସାଦ ପାଣି*

ସୃଷ୍ଟି ୧୭୮

*ଶ୍ରୀ ଜନାର୍ଦ୍ଦନ ଆଚାର୍ଯ୍ୟ*

ମୁହୂର୍ତ୍ତ ୧୮୦

*ରଚିତା ଜେନା*

ଅଜଣା ସ୍ୱରୂପ ତୁମେ ୧୮୧

*ସୁଶ୍ରୀ ସାବିତ୍ରୀ ସ୍ୱାଇଁ*

କାଗଜ ଡଙ୍ଗାର ସ୍ମୃତି ୧୮୨

*ସୁବ୍ରତ କୁମାର ସେନାପତି*

ହାଇୱେ ରେ ୧୮୫

*ସନାତନ ମହାକୁଡ଼*

କୁହ ଏ କଣ ଭଲ ପାଇବା ! ୧୮୬

*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ମୋ ହୃଦୟ ୧୮୮

*ସୁଶ୍ରୀ ଜୟଶ୍ରୀ ଜେନା*

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପରିଣତି ୧୯୧

*ଇଂ ସୁବ୍ରତ କୁମାର ମିଶ୍ର*

ଖୋଜୁଛ କେଉଁଠି ମୋତେ ରେ ଭକ୍ତ... ୧୯୩

*ଡା ସୁବାସ ଚନ୍ଦ୍ର ରାଉତ*

ମୋର୍ କଥାକେ ମାନ୍ ୧୯୪

*ଶୁଭମ୍ ନାଏକ*

ଭିନ୍ନ ଏକ ପରିଭାଷା ୧୯୭

*ସିପ୍ରା ନାମତା*

ବୋଉ ୨୦୧

*ଅରବିନ୍ଦ ବିଶ୍ୱାଳ*

ଅଭିଶପ୍ତା ୨୦୪

*ଡା ଅଚ୍ୟୁତ କୁମାର ରଥ*

ନାରୀ ୨୦୬

*ବିକେଶ ସାହୁ*

ମନକେ ମନେଇ ୨୦୮

*ଆଶୁତୋଷ ମେହେର*

ସ୍ରଷ୍ଟା ୨୧୦

*ଗିତାଞ୍ଜଳୀ ଦାସ*

ମୁଁ ଜଣେ ନାବିକ କହୁଛି ୨୧୧

*ପ୍ରକାଶ ସାହୁ*

To read the complete magazine, Download it for FREE from www.aahwaan.com

ସପନର ନଈକୂଳେ ୨୧୫
*କାଳୀଚରଣ ମହାରଣା*

ମୋ ଭାରତ ଭୂମି ୨୧୭
*ନୃସିଂହ ଚରଣ ବେହେରା*

ପ୍ରକୃତି କନ୍ୟା ୨୧୯
*ପାରମିତା ମିଶ୍ର*

ମା' ମାତୃଭୂମି ୨୨୨
*ପ୍ରତିଭା ପ୍ରିୟଦର୍ଶିନୀ*

ଏମିତି ବି ପ୍ରେମ ହୁଏ ୨୨୪
*ପ୍ରଶାନ୍ତ କୁମାର ନାଥ*

ସୈନିକ ୨୨୬
*ରନିତା ସ୍ୱାଇଁ*

ପରକୀୟାର ଆତ୍ମଗ୍ଲାନି ୨୨୮
*ଉଦୟନାଥ ଗୌଡ଼*

ମୋ ପ୍ରେମର ଇତିକଥା ୨୩୨
*ଅନ୍ତର୍ଯ୍ୟାମୀ ସରଘରିଆ*

ପ୍ରିୟାଞ୍ଜଳୀ ଷଠିଗାଥା ୨୪୦
*ମହେନ୍ଦ୍ର ପ୍ରତାପ ସ୍ୱାଇଁ*

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ସମ୍ପାଦକଙ୍କ ଲେଖନୀରୁ



ଆହ୍ୱାନ ଇ-ପତ୍ରିକାର ଚଳିତ ମାସର ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି ।

ଅଗଷ୍ଟ ମାସ, ବର୍ଷର ଏକ ବିଶେଷ ମାସ । ଆମ ଦେଶର ସ୍ୱାଧୀନତାର ପର୍ବ ଏହି ମାସରେ ମୁଖ୍ୟ ଆକର୍ଷଣ ଏହା ବ୍ୟତୀତ ସଦ୍ୟ ପାଳିତ ହୋଇଛି ଭାଇଭଉଣୀଙ୍କ ସ୍ନେହ ଓ ଶ୍ରଦ୍ଧା ତଥା ବିଶ୍ୱାସର ପର୍ବ ରକ୍ଷାବନ୍ଧନ, ପରେ ପରେ ଆସିଛି ବନ୍ଧୁତ୍ୱ ଦିବସ । ଆଗକୁ ଆସୁଛି ଗଣପତିଙ୍କ ଉତ୍ସବ ପୁଣି ଜନ୍ମାଷ୍ଟମୀ ଉତ୍ସବ । ବର୍ଷର ପୂଜାପାର୍ବଣର ଋତୁର ଆଗମନର ସମୟ ଏହା । ଏହି ସମୟରେ ଦେଶରେ ଶାନ୍ତି ସୌହାର୍ଦ୍ଦ୍ୟର ବାତାବରଣ ସମେତ ଜନସାଧାରଣଙ୍କ ମଧ୍ୟରେ ଶାନ୍ତି ଓ ସ୍ନେହର ବୃଦ୍ଧି ହୁଏ । ଏହି ସମୟରେ ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ।

## ଭାରତର ଚତୁର୍ଦ୍ଦଶତମ ନୂତନ ରାଷ୍ଟ୍ରପତି

ବିଗତ ମାସରେ ଦେଶରେ ହୋଇଥିବା ସର୍ବବୃହତ ରାଜନୈତିକ ପରିବର୍ତ୍ତନ ହେଉଛି ଭାରତର ପ୍ରଥମ ନାଗରିକ ପ୍ରଣବ କୁମାର ମୁଖାର୍ଜୀଙ୍କ କାର୍ଯ୍ୟକାଳ ସମାପନ ଏବଂ ନୂତନ ରାଷ୍ଟ୍ରପତି ଭାବରେ ଶ୍ରୀ ରାମନାଥ କୋବିନ୍ଦଙ୍କ କାର୍ଯ୍ୟଭାର ଗ୍ରହଣ । ଚଳିତ ବର୍ଷ ରାଷ୍ଟ୍ରପତି

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପଦବୀ ପାଇଁ ହୋଇଥିବା ଏହି ରାଜନୈତିକ ଦ୍ୱନ୍ଦରେ ଶ୍ରୀ କୋବିନ୍ଦଙ୍କୁ ପ୍ରାର୍ଥୀତ୍ୱ ଗ୍ରହଣ କରାଯିବାବେଳେ ଦଳିତ ବୋଲି ଗୋଟିଏ ଶବ୍ଦର ବହୁଳ ବ୍ୟବହାର ହୋଇଥିଲା । କାଳେ ଦଳିତ ବୋଲି ତାଙ୍କୁ ସମସ୍ତ ରାଜନୈତିକ ଦଳ ନିର୍ବିବାଦରେ ନିର୍ବାଚିତ କରିବେ ବୋଲି କୁହାଯାଉଥିଲା । ଏବଂ ସେପରି ହୋଇଥିଲା ମଧ୍ୟ । ବଡ଼ ଦୁର୍ଭାଗ୍ୟର କଥା, ଭାରତର ମହାମାନ୍ୟ ରାଷ୍ଟ୍ରପତି ପଦବୀ ପାଇଁ ମଧ୍ୟ ଜାତିଗତ ଆକ୍ଷେପ କରାଯିବା ଏବଂ ଏହାକୁ ନେଇ ରାଜନୀତି କରାଯିବା ଅତ୍ୟନ୍ତ ଦୁଃଖର ବିଷୟ । ସେ ଯା ହେଉ ଏହାପରେ ବିଜେପିର ବରିଷ୍ଠ ନେତା ଶ୍ରୀ ଭେଙ୍କୟା ନାଇଡୁ ଭାରତର ଉପରାଷ୍ଟ୍ରପତି ପଦବୀ ପାଇଛନ୍ତି । ବର୍ତ୍ତମାନ ଭାରତର ଚାରିଗୋଟି ପ୍ରମୁଖ ପଦବୀରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ରହିଛନ୍ତି । ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି । ଏହିପରି ସ୍ଥଳରେ ଦେଶରେ ବ୍ୟାପକ ପରିବର୍ତ୍ତନର ଆଶା କରାଯାଇପାରେ । ଏବଂ ଏହାକୁ ନେଇ ଅନେକ ରାଜନୈତିକ କନ୍ଦଳ ମଧ୍ୟ ଦେଖାଦେଇପାରେ । କିନ୍ତୁ ସର୍ବୋପରି କୁହାଯାଇପାରେ ଯେ ଏହି ଦେଶରେ ଉନ୍ନତି ଅପେକ୍ଷା ଜାତିକୁ ପ୍ରାଥମିକତା ଦିଆଯାଇ ଯେଉଁପରି ଉଦାହରଣ ସୃଷ୍ଟି କରାଗଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

## ସୀମା ବିବାଦର ଅବସାନ କେବେ ?

To read the complete magazine, Download it for FREE from www.aahwaan.com

ଭାରତର ପଶ୍ଚିମ ସୀମାରେ ପାକିସ୍ତାନ କରୁଥିବା ଆତଙ୍କବାଦୀ ଆକ୍ରମଣ କମ ହେଉନଥିବା ବେଳେ ପୂର୍ବସୀମାରେ ଚୀନର ମାତ୍ରାଧିକ ସୈନିକ କାର୍ଯ୍ୟାନୁଷ୍ଠାନ ଏବଂ ଭାରତ ତରଫରୁ ଏହାର ଦୃଢ଼ ବିରୋଧ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରି ପରିସ୍ଥିତିକୁ ସୃଷ୍ଟି କରିଛି । ଏହିପରି ଅବସ୍ଥାରେ ଚୀନର ଗଣମାଧ୍ୟମରେ ପ୍ରତିଦିନ ଭାରତ ବିରୋଧରେ ଅନେକ କାର୍ଯ୍ୟକ୍ରମ କରାଯାଉଥିବା ବେଳେ, ଭାରତରେ କିନ୍ତୁ ସରକାର ସେଥିପାଇଁ କଣ ପଦକ୍ଷେପ ନେବେ ତାହା ଗଣମାଧ୍ୟମରେ ଦେଖାଯାଉନାହିଁ । କୂଟନୈତିକ ସ୍ତରରେ ଭାରତ ବର୍ତ୍ତମାନ ଦୃଢ଼ ଅବସ୍ଥାରେ ରହିଥିବା କଥା କୁହାଯାଉଛି । ଚୀନ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁସାରେ ଭାରତର ପ୍ରଧାନମନ୍ତ୍ରୀ ବିଗତ ଦିନରେ ଅନେକ ଦେଶ ଭ୍ରମଣ କରି ଚୀନ ବିରୋଧି ଦେଶ ମାନଙ୍କ ସହ ବନ୍ଧୁତା କରୁଛନ୍ତି ଏବଂ ଆବଶ୍ୟକ ହେଲେ ସେମାନେ ଭାରତ ସହ ଛିଡ଼ା ହେବେ ବୋଲି ଜଣାଯାଇଛି । ସେଥିପାଇଁ ଚୀନ କୌଣସି ପଦକ୍ଷେପ ନେବାପୂର୍ବରୁ ହଜାର ଥର ଚିନ୍ତା କରିବା ଉଚିତ ବୋଲି କୁହାଯାଇଛି । ସେ ଯା ହେଉ ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି ନ ହେଉ । ଏହା ହିଁ ପ୍ରାର୍ଥନା ।

## ନବାଜ୍ ସରିଫ ବାବୁ ତ ସରିଫ ନଥିଲେ !

ପାକିସ୍ତାନରେ ଏକ ବିଶାଳ ପରିବର୍ତ୍ତନ ଦେଖା ଦେଇଛି । ପାନାମ ଲିଙ୍କ୍ କାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ତଥା ପ୍ରଧାନମନ୍ତ୍ରୀ ନବାଜ୍ ସରିଫଙ୍କୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ

To read the complete magazine, Download it for FREE from www.aahwaan.com

ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି ଏବଂ ସେ ନିଜ ଆସନରୁ ବିଦାୟ ନେଇଛନ୍ତି । ଅବଶ୍ୟ ପାକିସ୍ତାନର ଇତିହାସ କହେ ସେହି ଦେଶର କୌଣସି ପ୍ରଧାନମନ୍ତ୍ରୀ ନିଜର କାର୍ଯ୍ୟକାଳ ସୁରୁଖୁରୁରେ ସମାପନ କରିନାହାନ୍ତି । ସେ ଯା ହେଉ ପାନାମା କାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ଗୋଟିଏ ଦେଶ ନିଜ ପ୍ରଧାନମନ୍ତ୍ରୀଙ୍କୁ ଯଦି ପଦଚ୍ୟୁତ କରିପାରୁଛି, ତେବେ ତାହା ବାସ୍ତବିକ ପ୍ରଶଂସନୀୟ । ହୁଏତ ଏହା ଭିତରେ ଅନେକ ରାଜନୈତିକ କାରଣ ବି ଥାଇପାରେ । ଭାରତ ସହ ପାରମ୍ପରିକ ଶତୃତା କରୁଥିବା ପାକିସ୍ତାନ ବିଗତ ଦିନରେ ଦୂର୍ବଳ ପଡ଼ିବାରେ ଲାଗିଥିଲା । ଆତଙ୍କବାଦୀଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିବାର ଉଦାହରଣ ଦେଇ ଟ୍ରମ୍ପ୍ ପ୍ରଶାସନ ପାକିସ୍ତାନକୁ କଡ଼ା ତାଗିଦ କରିବା ସହ ଅନେକ ଆତଙ୍କବାଦୀ ସଂଗଠନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଅନେକ ମୁଖ୍ୟ ଆତଙ୍କବାଦୀ ସଂଗଠନର ମୁଖିଆ ମାନଙ୍କୁ ନଜରବନ୍ଦ କରି ରଖିବାକୁ ସରକାର ବାଧ୍ୟ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଯେ ପାକିସ୍ତାନର ସୈନ୍ୟବାହିନୀ ସବୁବେଳେ ଆତଙ୍କବାଦୀଙ୍କୁ ସହଯୋଗ କରି ଆସିଛି । ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିଥିବ ଏବଂ ସେମାନେ ଶାସନ କଳକୁ ନିଜ ଅକ୍ତିଆରକୁ ନେବାପାଇଁ ଏହି କାମ କରାଇ ଥାଇପାରନ୍ତି । ବିଗତ ଦିନରେ ପାକିସ୍ତାନଦ୍ୱାରା ପ୍ରୋତ୍ସାହିତ ଅନେକ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କୁ କାଶ୍ମୀରରେ ସୁରକ୍ଷାବଳଙ୍କ ଦ୍ୱାରା ନିହତ

To read the complete magazine, Download it for FREE from www.aahwaan.com

କରାଯାଇ, ସେମାନଙ୍କୁ ହୱାଲା ଜରିଆରେ ମିଳୁଥିବା ଆର୍ଥିକ ସହାୟତା ପର୍ଦାଫାଶ ହେବାପରେ ପାକିସ୍ତାନରେ ବ୍ୟାପକ ପରିବର୍ତ୍ତନର ଆଶା ଥିଲା । ଜମ୍ମୁକାଶ୍ମୀରର ବିଚ୍ଛିନ୍ନତାବାଦୀ ସଂଗଠନମାନେ ମଧ୍ୟ ପାକିସ୍ତାନରୁ ଅଜସ୍ର ଧନ ପାଉଥିବାର ଖବର ଜଣାପଡ଼ିବା ପରେ ଅନେକ ମୁଖିଆଙ୍କୁ ନଜରବନ୍ଦ କରିବା ସହ ଜେଲ ପଠାଇ ଦିଆଯାଇଛି । ଏହା ଦ୍ୱାରା କାଶ୍ମୀରରେ ହେଉଥିବା ହିଂସା କମ ହେବ ବୋଲି ଆଶା କରାଯାଉଛି ।

## ବିହାରରେ ସତ୍ତା ପରିବର୍ତ୍ତନ

ବିହାରରେ ଏକ ବିଶାଳ ପରିବର୍ତ୍ତନ ହୋଇଛି । ଶାସନ କରୁଥିବା ଦୁଇ ପ୍ରମୁଖ ଦଳ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ ଏବଂ ନିତିଶ କୁମାରଙ୍କ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ଏହା ପଛରେ ଅନେକ କାରଣ ରହିଛି, କିନ୍ତୁ ସର୍ବୋପରି ଉପମୁଖ୍ୟମନ୍ତ୍ରୀ ପଦବୀରେ ଥିବା ଲାଲୁ ପ୍ରସାଦଙ୍କ ପୁତ୍ର ତେଜସ୍ୱୀ ଯାଦବଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ମାମଲା ଆସିବା ପରେ ସେ କୌଣସି ବିବରଣୀ ନ ଦେଇ ଶାସକୀୟ କାର୍ଯ୍ୟରୁ ନିଜକୁ ଅଲଗାକରି ରଖିବା ଏବଂ ଏହା ଦ୍ୱାରା ସେମାନଙ୍କ ମେଣ୍ଟ ଦୁର୍ବଳ ହେଉଥିବା ଦର୍ଶାଇ ଏହି ମେଣ୍ଟକୁ ଭାଙ୍ଗି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନିତିଶ କୁମାର ମେଣ୍ଟ ଭାଙ୍ଗିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଭାରତୀୟ ଜନତା ପାର୍ଟିର ସହାୟତାରେ ପୁଣିଥରେ ସରକାର ଗଠନ କରିଛନ୍ତି । ଏହା ସବୁ ଏତେ ନାଟକୀୟ ଭାବରେ

To read the complete magazine, Download it for FREE from www.aahwaan.com

ହୋଇଯାଇଛି ଯେ ବିଶ୍ୱାସ କରି ହେଉନାହିଁ, ରାତାରାତି ସବୁ ବଦଳି ଯାଇଛି । ଅବଶ୍ୟ ଏହା ପଛରେ ଭାରତୀୟ ଜନତା ପାର୍ଟିର ପ୍ରଚ୍ଛନ୍ନ ହାତ ରହିଥିବା କଥା ଅନେକ ରାଜନୈତିକ ବୁଦ୍ଧିଜୀବି କହିଛନ୍ତି । କିନ୍ତୁ ଏହାପରେ ନିତିଶ କୁମାର ଷଷ୍ଠ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ।

## ସାହିତ୍ୟରେ କାଷ୍ଟିଂ କାଉଚ ?

ବିଗତ ମାସରେ ଯେଉଁ ଖବର ସମସ୍ତଙ୍କୁ ସତରେ ଚମକାଇ ଦେଇଥିଲା, ତାହା ଥିଲା ସାହିତ୍ୟରେ କାଷ୍ଟିଂ କାଉଚ୍ । ଯେଉଁ ବନ୍ଧୁମାନେ ଏହି କାଷ୍ଟିଂ କାଉଚ୍ ବିଷୟରେ ଜାଣିନାହାନ୍ତି ସେମାନଙ୍କ ନିମନ୍ତେ ମାତ୍ର ଏତିକି କହିଦେଲେ ଯଥେଷ୍ଟ ହେବ ଯେ କିଛି ପାଇବା ପାଇଁ ହେଲେ ନିଜର କିଛି ଅତି ସଂଜତ ଅବସ୍ଥାରେ ରଖା ହୋଇଥିବା ସମ୍ପତ୍ତିକୁ ଅଯାଚିତ ଭାବରେ ଅନ୍ୟ ହାତରେ ଟେକିଦେବା । ବିଗତ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଅନୁରୂପ ଅଭିଯୋଗ ଉଠିଥିଲା ଏବଂ ଏଥିପାଇଁ ଜନୈକ ହାସ୍ୟ ଅଭିନେତାଙ୍କୁ ଜେଲ ଯିବାକୁ ବି ପଡ଼ିଥିଲା । ଆମେ ସମସ୍ତେ ଜାଣୁ ଯେ ସିନେମାରେ ଅଭିନୟ କରିବାକୁ କେତେ ଇଚ୍ଛା ଥାଏ, ସେଥିପାଇଁ ସୁଯୋଗ ଟିଏ ପାଇବା ଆଶାରେ କିଶୋର କିଶୋରୀମାନେ ବିଖ୍ୟାତ ନିର୍ଦ୍ଦେଶକ ବା ପ୍ରଯୋଜକ ମାନଙ୍କୁ ଦୈହିକ ସୁଖ ଦେଇ ଚଳଚ୍ଚିତ୍ରରେ ଚରିତ୍ରଟିଏ ହାତେଇ ନେବାର ଦୁର୍ବାର ଲାଳସାକୁ ଏଡ଼ାଇ ଦେଇ ପାରନ୍ତି ନାହିଁ । ହେଲେ ସାହିତ୍ୟ କ୍ଷେତ୍ରରେ ଏହା ହେବ ବୋଲି

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କେହି କେବେ ଭାବିନଥିଲେ କିମ୍ବା ସମସ୍ତେ ଜାଣିଥିଲେ ସୁଦ୍ଧା କେହି ମୁହଁ ଖୋଲିନଥିଲେ ।

ବିଗତ ମାସରେ ଜଣେ ମହିଳା କବୟିତ୍ରୀ ଏକ ଅଭିଯୋଗ ଆଣିଲେ ଓଡ଼ିଶାର ଜଣେ ଲବ୍‌ଧ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଉପରେ ଯେ ସେ ତାଙ୍କୁ ଅସଦାଚରଣ କରିଛନ୍ତି ଏବଂ ପୁରସ୍କାର ତଥା ପ୍ରତିଷ୍ଠା ବଦଳରେ ଅନୈତିକ କାର୍ଯ୍ୟ କରିବା ପାଇଁ ଉସୁକାଉଛନ୍ତି । ବାସ୍ ତାପରେ ସତେ ଯେମିତି ଫାଇଲିନ୍ ଆସିଗଲା । ଫେସବୁକରେ ଏହାକୁ ନେଇ ଏତେ ଚର୍ଚ୍ଚା ହେଲା ଯେ ଲାଗିଲା ଫେସବୁକ କେବଳ ଏହି ଚର୍ଚ୍ଚା ପାଇଁ ହିଁ ତିଆରି ହୋଇଛି । ସମସ୍ତେ କ୍ଷେତ୍ରରେ ଏହାର ନିନ୍ଦା କରାଗଲା । ସଂପୃକ୍ତ ଲେଖକଙ୍କୁ ବିଭିନ୍ନ ଗଣମାଧ୍ୟମରେ ନିନ୍ଦିତ କରାଗଲା ଏବଂ ଫେସବୁକ୍ ତଥା ସୋସିଆଲ୍ ମିଡ଼ିଆରେ ସଂପୃକ୍ତ ସାହିତ୍ୟିକମାନେ ଏହାକୁ ନେଇ ଅନେକ ଗଳ୍ପ ଓ କବିତା ମଧ୍ୟ ରଚନା କରି ପକାଇଲେ । ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଏହି ସବୁ ଅଭିଯୋଗ ଆସୁଥିଲା, ସେ କିନ୍ତୁ ଥିଲେ ନିର୍ବିକାର । ଅବଶ୍ୟ ତାଙ୍କ ନିରବତାର କାରଣ କେବଳ ସେ ହିଁ ଜାଣିଥିବେ କିନ୍ତୁ ଏହାକୁ ନେଇ ଅନେକ ବରିଷ୍ଠ ସାହିତ୍ୟିକ ମାନେ ଅନେକ ଲେଖା ଲେଖିଲେ ।

ନିଆଁ ନଥିଲେ ଧୁଆଁ ଉଠେନି ସତ କିନ୍ତୁ ତାଳି ଗୋଟିଏ ହାତରେ ବାଜେନି ବୋଲି ମଧ୍ୟ ଅନେକ ଦାବୀ କରିଲେ । କହିଲେ ଯଦି ଘଟଣା ସତ ହୋଇଥାଏ ତେବେ ଏହା ଯେତେବେଳେ ଘଟିଲା ସେତେବେଳେ ହିଁ

To read the complete magazine, Download it for FREE from www.aahwaan.com

ଏହା ବିରୋଧରେ ସ୍ୱରଉତ୍ତୋଳନ କରାଗଲା ନାହିଁ କାହିଁକି ? ଏପରି ଅନେକ ଅନୁଶୀଳନ କରାଗଲା ଏବଂ ସଦ୍ୟପ୍ରାପ୍ତ ସୂଚନା ଅନୁଯାୟୀ ଅଭିଯୁକ୍ତ ସାହିତ୍ୟିକ ଜଣକ ଏକ ମାନହାନୀ ମୋକଦ୍ଦମା ଦାୟର କରିଛନ୍ତି ମାନ୍ୟବର ଅଦାଲତରେ । ନିଜର ଚରିତ୍ରସଂହାର ହୋଇଛି ବୋଲି ଦର୍ଶାଇ ସେ ଅନ୍ୟୁନ ଆଠଜଣଙ୍କୁ ପକ୍ଷଭୂକ୍ତ କରାଇଛନ୍ତି । ସତ୍ୟଟା କଣ ହୁଏତ ଆମେ କେବେ ବି ଜାଣିପାରିବା ନାହିଁ ।

ହେଲେ ରାଜଧାନୀ ଖଟିରେ କିନ୍ତୁ ନିଆରା ଚର୍ଚ୍ଚା ଚାଲିଥିଲା । ଜଣେ ସାହିତ୍ୟିକ ବନ୍ଧୁ କହିଲେ, କାଷ୍ଟିଂ କାଉଚ୍ କେବେ ନଥିଲା ଯେ ଏବେ ହେବନି ? ଯୁଗ ଯୁଗରୁ ଏହା ଚାଲି ଆସିଛି । ନହେଲେ ଅମୁକ ଲୋକ ଥାଉ ଥାଉ ସମୁକ ଲୋକଙ୍କୁ କେମିତି ପୁରସ୍କାର ମିଳିଲା କହୁନ ? ସେ କିଛି ଗୋଟେ ଧରାବନ୍ଧା କରିଛନ୍ତି ନା ! ନ ହେଲେ ତାଙ୍କ ଲେଖାରେ ଏମିତି କଣ ଖାସ୍ ଥିଲା ଯେ ସେ ପୁରସ୍କାର ପାଇଗଲେ ? ମୁଁ ଶୁଣିଥିଲି ଯେ ସେ କୁଆଡ଼େ... ଅନ୍ୟ ଜଣେ ବନ୍ଧୁ କହିଲେ ଆହା ଧିରେ କହୁନ । ଏମିତି ଚିଲ୍ଲେଇ ଚିଲ୍ଲେଇ କହିଲେ କଥାଟା ରାଷ୍ଟ୍ର ହେଇଯିବ । ଆଉ ତମେ ତ ଜାଣିଛ ଆଜିକାଲି ସବୁଠି ରିପୋର୍ଟର ମାଳ ମାଳ । ତମେ କହିବ କିଛି ଆଉ ସେମାନେ ବୁଝିବେ କିଛି ଆଉ ଲେଖିବେ ଆଉ କିଛି...

ତେବେ ଦୋଷ ଦେବା କାହାକୁ ? ପୁରସ୍କାର ପାଇବା ପାଇଁ ତ ଦୁନିଆ ବ୍ୟାକୁଳ, ତେଣୁ ପୁରସ୍କାର ଆଶାରେ ଯଦି କେହି ନିଜକୁ ପ୍ରତିଦାନରେ ଦେଇ ଦିଏ ସେ କାହିଁକି ଦୋଷୀ ହେବ ? ଆଉ ତାଙ୍କୁ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



ପୁରସ୍କାର କରାଇଦେବା କହି ତାର ସର୍ବସ୍ୱ ଲୁଟି ନେଉଥିବା ଲୋକଟାକୁ ବି ଆମେ ଦୋଷୀ କହିବା କେମିତି ? ସେ ତ ବାଧ୍ୟ କରିନି, କିମ୍ବା କୌଣସି ପ୍ରକାର ଯାତନା ଦେଇନି, ଭୁକ୍ତଭୋଗୀ ସ୍ୱୟଂ ନିଜ ଇଚ୍ଛାରେ ନିଜକୁ ସମର୍ପି ଦେଉଛି । ତେଣୁ ଏହା ଏକ ପ୍ରକାରର ଗମ୍ଭୀର ସମସ୍ୟା । ଛାଡ଼ ଭାଇ ଆମେ ସେ ସବୁରେ ପଶିବା ଲୋକ ନାହିଁ, କାହିଁକି ମୁଣ୍ଡ ଖେଳାଇବା ? ଆମକୁ ପୁରସ୍କାର ଦରକାର ହିଁ ନାହିଁ । ଆସ ଆମେ ଆମ ବ୍ରତରେ ବ୍ୟସ୍ତ ରହିବା, କେମିତି ଆମ ଭାଷା ସାହିତ୍ୟ ଉନ୍ନତି ହେବ ତାହା ଦେଖିବା ।

ଘଟଣାବହୁଳ ମାସଟିଏ ବିତିଗଲା, ପୁଣି ଆହୁରି ଅନେକ ଘଟଣା ଘଟିବ । ସେ ସବୁର ଲେଖାଯୋଖା ନେଇ ପୁଣି ଆସିବି ଆସନ୍ତା ମାସରେ, ବର୍ତ୍ତମାନ ପାଇଁ ମୋତେ ବିଦାୟ ଦିଅନ୍ତୁ, ଆଉ ପତ୍ରିକାରେ ପ୍ରକାଶିତ ଲେଖା ମାନଙ୍କୁ ପଢ଼ିବାରେ ମନୋନିବେଶ କରନ୍ତୁ ।

ସାହିତ୍ୟର ଜୟ ହେଉ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ,

ପ୍ରତିଷ୍ଠାତା - ସମ୍ପାଦକ

To read the complete magazine, Download it for FREE from www.aahwaan.com

# ଆନନ୍ଦମଠ (ବଙ୍ଗଳା)



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡିଆ ଭାଷାନ୍ତରଣ : ଦୀପକ ଷଡଙ୍ଗୀ

ଭାଗ - ୨

ଏମିତି କଥାବାର୍ତ୍ତା ହେଇ ଚାଲୁଚାଲୁ ସକାଳ ହୋଇ ଗଲାଣି । ସେମାନେ ଆସି ଆନନ୍ଦ ମଠରେ ପହଞ୍ଚିଗଲେ । ମହେନ୍ଦ୍ର ଆନନ୍ଦ ମଠରେ ପହଞ୍ଚି ଦେଖନ୍ତି ଯେ ଜଣେ ବୃଦ୍ଧ ସନ୍ନ୍ୟାସୀ ସତ୍ୟାନନ୍ଦ ମୃଗଛାଲ ଆସନରେ ବସି ଧ୍ୟାନରେ ନିମଗ୍ନ ଅଛନ୍ତି । ପାଖରେ ବସିଛନ୍ତି ଯୁବ ସନ୍ନ୍ୟାସୀ ଜୀବାନନ୍ଦ । କିଛି ସମୟପରେ ସତ୍ୟାନନ୍ଦ ଆଖି ଖୋଲି ମହେନ୍ଦ୍ରଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ ଏବଂ କହିଲେ, "ମୁଁ ତୁମ ବିଷୟରେ ସବୁ ଜାଣିଛି, ତୁମର ସ୍ତ୍ରୀ ଓ କନ୍ୟା ଏହି ଆନନ୍ଦ ମଠରେ ହିଁ ଅଛନ୍ତି କିନ୍ତୁ ତୁମେ ତୁମ ପତ୍ନୀ ଓ ଝିଅକୁ ଦେଖା କରିବା ପୂର୍ବରୁ ମୁଁ ତୁମକୁ କିଛି ଦେଖାଇବାକୁ ଚାହୁଁଛି, ଆସ ମୋ ସହିତ । ଏହା କହି ସତ୍ୟାନନ୍ଦ ଆଗକୁ ଚାଲିଲେ ପଛେ ପଛେ ଚାଲି ଥାଆନ୍ତି ମହେନ୍ଦ୍ର । ସତ୍ୟାନନ୍ଦ ମଠର ଗୋଟେ ପାର୍ଶ୍ୱରେ ଥିବା ଏକ ବଡ଼ ମନ୍ଦିର ଭିତରକୁ ମହେନ୍ଦ୍ରଙ୍କୁ ନେଇଗଲେ । ମହେନ୍ଦ୍ର ସେଠାରେ ଦେଖିଲେ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏକ ବିରାଟ ଶୁଭ୍ର ବସନ ପରିହିତା ଦେବୀ ମା'ଙ୍କ ମୂର୍ତ୍ତୀ ଦଣ୍ଡାୟମାନ ଅଛି, କିନ୍ତୁ ଏ କଣ ମୂର୍ତ୍ତିର ଗୋଡ଼ ଓ ହାତ ସବୁ ଜଞ୍ଜିରରେ ବନ୍ଧା ହୋଇଛି । ମହେନ୍ଦ୍ର ଆଶ୍ଚର୍ଯ୍ୟ ହେଇ ସନ୍ନ୍ୟାସୀ ସତ୍ୟାନନ୍ଦଙ୍କ ଆଡ଼କୁ ଚାହିଁ ପଚାରିଲେ, "ଏ ଦେବୀ ମା'ଙ୍କ ହାତ ଓ ଗୋଡ଼ ଜଞ୍ଜିରରେ କାହିଁକି ବନ୍ଧା ହୋଇଛି ?" ସନ୍ନ୍ୟାସୀ ସତ୍ୟାନନ୍ଦ ଲୋତକପୂର୍ଣ୍ଣ ଚକ୍ଷୁରେ ଉତ୍ତର ଦେଲେ, "ଇଏ ହେଉଛନ୍ତି ଆମ ମା' ଓ ଆମେ ସମସ୍ତେ ଏହି ଭାରତ ମାତାର ସନ୍ତାନ । ଯେ ପର୍ଯ୍ୟନ୍ତ ଆମେ ଆମ ମା'କୁ ମୋଗଲ ଓ ଇଂରେଜମାନଙ୍କ କବଳରୁ ମୁକ୍ତ ନ କରିବା ସେ ପର୍ଯ୍ୟନ୍ତ ଆମ ମା ଏହି ଭଳି ଜଞ୍ଜିରରେ ବନ୍ଧାହୋଇ ରହିଥିବ, ଆଉ ଆମ ମା ସେତେବେଳେ ମୁକ୍ତ ହେବ ଯେତେବେଳେ ଆମେ ସମସ୍ତ ସନ୍ତାନମାନେ ମିଳିମିଶି ଏହି କ୍ରୂର ଇଂରେଜ ଓ ମୋଗଲମାନଙ୍କ ବିରୁଦ୍ଧରେ ଲଢ଼େଇ କରିବା ।" ଭାବପୂର୍ଣ୍ଣ କଣ୍ଠରେ ଗାଇ ଉଠିଲେ ସନ୍ନ୍ୟାସୀ ସତ୍ୟାନନ୍ଦ ସେଇ ଗୀତ "ବନ୍ଦେ ମାତରମ"

ଗୀତ ଗାଇସାରି କିଛି ସମୟ ଭାବ ବିହ୍ୱଳ ହୋଇ ସନ୍ନ୍ୟାସୀ ସତ୍ୟାନନ୍ଦ ମୂର୍ତ୍ତୀ ଆଗରେ ଚୁପ ହୋଇ କିଛି ସମୟ ଛିଡ଼ା ହୋଇ ରହିଲେ ଓ ତାପରେ କହିଲେ, "ମହେନ୍ଦ୍ର ଏବେ ତୁମ ନିଷ୍ପତି କଣ ?" ମହେନ୍ଦ୍ରଙ୍କ ଆଖି ମଧ୍ୟ ଲୁହରେ ଭିଜିଗଲା ଓ ସେ କହିଲେ, "ମୁଁ ମଧ୍ୟ ମାତାର ସନ୍ତାନ ହେବି ଓ ମା'କୁ ବନ୍ଧନରୁ ମୁକ୍ତ କରିବି । କିନ୍ତୁ ମୋ ସ୍ତ୍ରୀ ଓ କନ୍ୟାର କଣ ହେବ ?"

ସନ୍ନ୍ୟାସୀ ସତ୍ୟାନନ୍ଦ କହିଲେ, "ତୁମେ ସେମାନଙ୍କ ପାଇଁ ଚିନ୍ତା କରନାହିଁ । ଏବେ ଯାଅ ତୁମ ପତ୍ନୀ କଲ୍ୟାଣୀ ତୁମକୁ ଦେଖି ନାହିଁ ବୋଲି ଅନ୍ନ ଜଳ ଏ ପର୍ଯ୍ୟନ୍ତ କିଛି ସ୍ପର୍ଶ କରିନାହିଁ ।" ସତ୍ୟାନନ୍ଦ କଲ୍ୟାଣୀ ଯେଉଁଠି ଥିଲେ ସେଠାକୁ ଯିବାର ବାଟ ବତେଇ

To read the complete magazine, Download it for FREE from www.aahwaan.com

ଦେଲେ । ମହେନ୍ଦ୍ର ପତ୍ନୀ ଓ କନ୍ୟାକୁ ପାଖରେ ପାଇ ଆନନ୍ଦରେ ଗଦ୍ ଗଦ ହୋଇ ଉଠିଲେ ।

ତା'ପରେ ସତ୍ୟାନନ୍ଦ ସେଠାରୁ ଯାଇ ଜୀବାନନ୍ଦ ଓ ଭବାନନ୍ଦଙ୍କୁ କହିଲେ, "ଯେ ମହେନ୍ଦ୍ର ମଧ୍ୟ ଆମମାନଙ୍କ ସହ ମିଶିବାକୁ ରାଜି ଅଛି କିନ୍ତୁ ତା' ଉପରେ ଟିକେ ନଜର ରଖିଥିବ । ସେ ଯେଉଁ ପର୍ଯ୍ୟନ୍ତ କାୟ ମନୋବାକ୍ୟରେ ସନ୍ତାନ ହୋଇନି ଆମକୁ ତା ଉପରେ ନଜର  ଟିକେ ରଖିବାକୁ ପଡ଼ିବ ।"

ଏପଟେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ନିଜ ଭିତରେ କଥାବାର୍ତ୍ତା ହେବାକୁ ଲାଗିଲେ । ଯେ ଏବେ କଣ କରିବା ? ମହେନ୍ଦ୍ରଙ୍କର ଇଚ୍ଛା ଥିଲା ଯେ କଲ୍ୟାଣୀ ଓ ଝିଅକୁ ଗାଁରେ ଜଣେ ବିଶ୍ୱାସୀ ଲୋକ ପାଖରେ ଛାଡ଼ିଦେଇ ସେ ନିଜେ ସନ୍ନ୍ୟାସୀ ବ୍ରତ ଧାରଣ କରିବେ । କଲ୍ୟାଣୀ ମଧ୍ୟ ମହେନ୍ଦ୍ରଙ୍କ କଥାରେ ରାଜି ହୋଇଗଲେ ଏବଂ ବିଚାର ବିମର୍ଶ କରି ମନସ୍ଥ କଲେ ଯେ ତାଙ୍କ ଗାଁ ପଦଚିହ୍ନକୁ ସେମାନେ ପୁଣି ଫେରିଯିବାକୁ । ତେଣୁ ମଠରୁ ବାହାରି ସେମାନେ ଜଙ୍ଗଲ ଭିତରେ କିଛି ବାଟ ଗଲାପରେ ସେମାନେ ଜଙ୍ଗଲରେ ଆଉ ବାଟ ପାଇଲେ ନାହିଁ, ଯେତେ ଚେଷ୍ଟା କଲେ ବି ବୁଲିବୁଲି ଆସି ସେଇ ଗୋଟିଏ ଜାଗାରେ ପହଞ୍ଚି ଯାଉଥାଆନ୍ତି ଯେଉଁଠୁ ସେମାନେ ଆରମ୍ଭ କରିଥିଲେ । କିଛି ସମୟ ପରେ ଜଣେ ସନ୍ନ୍ୟାସୀ ଆସି ତାଙ୍କୁ ବୁଲୁଥିବାର ଦେଖିକି ଆସି କହିଲେ, "ଆସ ! ମୁଁ  ତୁମମାନଙ୍କୁ ଏ ଜଙ୍ଗଲ ଭିତରୁ ରାସ୍ତା କଢ଼େଇ ନେବି ।" ମହେନ୍ଦ୍ର ପଚାରିଲେ, "ତୁମେ କିଏ ?" ସନ୍ୟାସୀ ଜଣକ କହିଲେ, "ମୁଁ ଧୀରାନନ୍ଦ ଏବଂ ମୁଁ ବି ଜଣେ ସନ୍ତାନ । ସନ୍ନ୍ୟାସୀ ଜଣକ ସେ ଦୁହିଁଙ୍କୁ ବାଟ ବତାଇଦେଇ ଜଙ୍ଗଲ ମଧ୍ୟରେ କେଉଁ ଆଡ଼େ ଅନ୍ତର୍ଧ୍ୟାନ ହେଇଗଲେ ।

To read the complete magazine, Download it for FREE from www.aahwaan.com

ସ୍ୱାମୀ ସ୍ତ୍ରୀ ଦୁହେଁ ଯାଇ ଏକ ନଦୀ କୁଳରେ ବସିଲେ । ଝିଅକୁ ପାଖରେ ବସାଇ ଦେଇ ଦୁହେଁ ନିଜ ଭିତରେ କଥାବାର୍ତ୍ତାରେ ନିମଗ୍ନ ହୋଇଗଲେ । କଲ୍ୟାଣୀ ନିଜପାଖରେ ରଖିଥିବା ବିଷ ବୋତଲଟିକୁ କାଢ଼ି ଅଜାଣତରେ ତଳେ ରଖିଦେଲେ । କେତେବେଳ କେଜାଣି ପାଖରେ ଖେଳୁଥିବା ଝିଅ ସେହି ବିଷ ବୋତଲଟିକୁ ଖୋଲି ତା ଭିତରୁ ଗୋଟେ ଛୋଟ ବଟିକାଟିକୁ ନେଇ ତା ପାଟିରେ ପକେଇ ଦେଲା । ସ୍ୱାମୀ ସ୍ତ୍ରୀ ଦୁଇଜଣ "ଆରେ କଣ ଖାଇଲା ?" ବୋଲି ପାଟି କରୁକରୁ ଝିଅ ବଟିକାଟିକୁ ପୁରା ଗିଳି ସାରିଲାଣି । ଧୀରେଧୀରେ ଝିଅର ଶରୀର ଅବଶ ହେବାକୁ ଲାଗିଲା ଏବଂ ସେ ଚେତା ହରାଇ ପଡ଼ି ରହିଲା । ଝିଅର ଏ ଅବସ୍ଥା ଦେଖି କଲ୍ୟାଣୀ ମଧ୍ୟ ସମ୍ଭାଳି ନ ପାରି ସେ ବୋତଲରୁ ଦୁଇ ଚାରିଟା ବଟିକା ନିଜେ ଖାଇଦେଲେ । ମହେନ୍ଦ୍ର ଚିତ୍କାର କରି ଉଠିଲେ, "କଲ୍ୟାଣୀ ତୁମେ ଏ କଣ କଲ ? ତୁମେ ମୋତେ ଏକା କରି ଛାଡ଼ି ଚାଲି ଯାଇ ପାରିବନାହିଁ ।" କଲ୍ୟାଣୀ କହିଲେ, "ଆମ ମା ଓ ଝିଅଙ୍କ ପାଇଁ ତୁମେ ମାତୃଭୂମିର ସେବାରୁ ବଞ୍ଚିତ ହୁଅ ଏ କଥା ମୁଁ କେବେ ବି ସହି ପାରିବି ନାହିଁ, ତୁମେ ଏବେ ଯାଅ ଦୃଢ଼ମନା ଓ ନିର୍ବିକାର ହୋଇ ଦେଶ ମାତୃକାର ସେବା କର ଓ ଆମ ମାତୃଭୂମିକୁ ଏ ମୋଗଲ ଓ ଇଂରେଜମାନଙ୍କ ଠାରୁ ଉଦ୍ଧାର କର, ସେଥିରେ ହିଁ ମୋ ଆତ୍ମାକୁ ଶାନ୍ତି ମିଳିବ ।" ଏତିକି କହି କଲ୍ୟାଣୀ ମହେନ୍ଦ୍ରଙ୍କ ବାହୁରେ ପ୍ରାଣ ତ୍ୟାଗ କଲେ । କଲ୍ୟାଣୀଙ୍କ ଶରୀର ଶିଥିଳ ପଡ଼ିବା ଦେଖି ମହେନ୍ଦ୍ର ତାଙ୍କୁ ବାହୁରେ ଧରି ଜୋରରେ କାନ୍ଦିବାକୁ ଲାଗିଲେ । ପାଖରେ ଅବଶ ହୋଇ ପଡ଼ି ରହିଥିବା ଝିଅ ଯେ କେତେବେଳରୁ ଉଠି ବାନ୍ତି କରି କାନ୍ଦିବାକୁ ଲାଗିଲାଣି ତାହା ମହେନ୍ଦ୍ରଙ୍କୁ ବି ଜଣା ନାହିଁ । ଏହି ସମୟରେ ସନ୍ନ୍ୟାସୀ ସତ୍ୟାନନ୍ଦ ଆସି ମହେନ୍ଦ୍ରଙ୍କୁ ସମ୍ଭାଳି ବୁଝେଇବାକୁ ଚେଷ୍ଟା କଲେ ଓ ପାଖରେ କାନ୍ଦୁଥିବା ଝିଅକୁ ସାଷ୍ଟାଙ୍ଗ କଲେ ।

To read the complete magazine, Download it for FREE from www.aahwaan.com

ଏପଟେ ଇଂରେଜ ସିପାହୀମାନଙ୍କର ହତ୍ୟା ଓ ଲୁଟତରାଜ ଘଟଣା ଶୁଣିକି ଇଂରେଜ ସରକାର ହୁକୁମ ଦେଇ ଥାଆନ୍ତି, ଯେତେ ଶୀଘ୍ର ସମ୍ଭବ ସେହି ହତ୍ୟାକାରୀ ମାନଙ୍କୁ ଧରି ଆଣି ମୃତ୍ୟୁଦଣ୍ଡ ଦେବାକୁ । ତେଣୁ ଇଂରେଜ ସରକାରଙ୍କ ଆଦେଶରେ ଇଂରେଜ ସିପାହୀମାନଙ୍କର ଗୋଟେ ଦଳ ଜଙ୍ଗଲ ସାରା ସନ୍ନ୍ୟାସୀ ମାନଙ୍କୁ ଖୋଜି ବୁଲୁ ଥାଆନ୍ତି ।

ଇଂରେଜ ସିପାହୀମାନଙ୍କ ସେହି ଦଳର ହାବୁଡ଼ରେ ପଡ଼ିଯାଆନ୍ତି ମହେନ୍ଦ୍ର ଓ ସନ୍ନ୍ୟାସୀ ସତ୍ୟାନନ୍ଦ । ସିପାହୀମାନେ ମହେନ୍ଦ୍ର ଓ ସନ୍ନ୍ୟାସୀ ସତ୍ୟାନନ୍ଦଙ୍କୁ ସାଙ୍ଗରେ ବାନ୍ଧି କରି ନେଇ ଯାଆନ୍ତି ଏବଂ ମୃତ କଲ୍ୟାଣୀ ଓ ତା' ଝିଅକୁ ସେଇଠି ସେହିପରି ଅବସ୍ଥାରେ ନଦୀକୁଳରେ ଛାଡ଼ି ଚାଲି ଯାଆନ୍ତି । ସିପାହୀମାନେ ସେମାନଙ୍କୁ ନେଇ ନବାବଙ୍କ ପାଖରେ ହାଜର କରାନ୍ତି । ନବାବ ସେମାନଙ୍କୁ କାରାଗରରେ ବନ୍ଦୀ କରି ରଖିବା ପାଇଁ ଆଦେଶ ଦିଅନ୍ତି ।

କାରାଗାରରେ ମହେନ୍ଦ୍ର ସତ୍ୟାନନ୍ଦଙ୍କୁ ପଚାରିଲେ, "ବାବା ! ଏ ସବୁ ମୋ ସାଙ୍ଗେ କଣ ସବୁ ଘଟିଗଲା ? ମୁଁ ମୋ ଆଖି ଆଗରେ ମୋ ସ୍ତ୍ରୀ ଓ ଝିଅଙ୍କୁ ହରେଇଲି ।" ସନ୍ନ୍ୟାସୀ ସତ୍ୟାନନ୍ଦ କହିଲେ, "ତୁମେ ତ ସନ୍ନ୍ୟାସୀ ହୋଇଥିଲେ ତୁମର ସ୍ତ୍ରୀ ଓ ଝିଅକୁ ତ୍ୟାଗ କରିବାକୁ ପଡ଼ିଥାଆନ୍ତା, ତୁମେ ଇଶ୍ୱରଙ୍କ ଉପରେ ଭରସା ରଖ ସବୁ କିଛି ଠିକ ହେବ ଏବଂ ତୁମେ ଆଜି ହିଁ ଏହି କାରାଗାରରୁ ମୁକ୍ତହେବ ।" ସନ୍ନ୍ୟାସୀ ସତ୍ୟାନନ୍ଦଙ୍କ କଥା ସରିଛି କି ନାହିଁ ଜଣେ ସିପାହୀ ଆସି ଡାକିଲା, "ଏଠି ମହେନ୍ଦ୍ର ସିଂହ କିଏ ? ତାଙ୍କର ମୁକ୍ତିର ଆଦେଶ ଆସି ଯାଇଛି, ମହେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲେ ପରୀକ୍ଷା କରିବା ପାଇଁ କାରାଗାରରୁ ବାହାରି ଆସିଲେ । ସତ୍ୟାନନ୍ଦ ସେ ସିପାହୀକୁ ପଚାରିଲେ "ତୁମେ କିଏ ?" ସିପାହୀ କହିଲା, "ମୁଁ ହେଉଛି ଧୀରାନନ୍ଦ । ସନ୍ନ୍ୟାସୀ ଭବାନନ୍ଦଙ୍କ ଆଦେଶରେ ମୁଁ ଆପଣମାନଙ୍କୁ

To read the complete magazine, Download it for FREE from www.aahwaan.com

ଏଠାରୁ ମୁକ୍ତ କରିବାକୁ ଆସିଛି ।" ଏହି ସମୟ ମଧ୍ୟରେ ମହେନ୍ଦ୍ର କାରାଗାର ଭିତରକୁ ପୁଣି ଫେରିଆସିଲେ ଏବଂ ସତ୍ୟାନନ୍ଦଙ୍କ ପାଦ ତଳେ ପଡ଼ି କାନ୍ଦିକାନ୍ଦି କହିଲେ, "ବାବା ମୁଁ ଆପଣଙ୍କୁ ଛାଡ଼ି ଏକୁଟିଆ କେବେ ବି ଯାଇ ପାରିବି ନାହିଁ । ସତ୍ୟାନନ୍ଦ ତାଙ୍କୁ ଆଲିଙ୍ଗନ କରି କହିଲେ, "ମହେନ୍ଦ୍ର ତୁମେ ବ୍ୟସ୍ତ ହୁଅନାହିଁ, ଆମେ ଅଲଗା ଉପାୟରେ ଏହି କାରାଗାରରୁ ନିଶ୍ଚୟ ମୁକ୍ତି ପାଇବା ।"

ସେପଟେ ସନ୍ନ୍ୟାସୀ ଜୀବାନନ୍ଦ ଜଙ୍ଗଲ ବାଟରେ ଯାଉ ଯାଉ ତାଙ୍କର ନଜର ପଡ଼େ ମହେନ୍ଦ୍ରଙ୍କ ମୃତ ପତ୍ନୀ କଲ୍ୟାଣୀ ଓ ବିଷ କ୍ରିୟା ଯୋଗୁଁ ଅସୁସ୍ଥ ହୋଇ ପଡ଼ିଥିବା ଝିଅ ଉପରେ । ମୃତ  କଲ୍ୟାଣୀର ଶବ ସଂସ୍କାର କରିବା ପରେ ସନ୍ୟାସୀ ଜୀବାନନ୍ଦ ଶିଶୁ କନ୍ୟାଟିକୁ ସାଙ୍ଗରେ ଧରି ଚାଲିଲେ ଭୈରବୀପୁର ଗ୍ରାମକୁ ।       ( କ୍ରମଶଃ...)

ମହେନ୍ଦ୍ର କ'ଣ ସତରେ ସନ୍ନ୍ୟାସୀ ବ୍ରତଧାରଣ କରିବେ ?

ସନ୍ନ୍ୟାସୀ ସତ୍ୟାନନ୍ଦ କେଉଁ ଉପାୟରେ କାରାଗାରରୁ ମୁକ୍ତ ହେବେ ?

ସନ୍ନ୍ୟାସୀ ଜୀବାନନ୍ଦ ମହେନ୍ଦ୍ରଙ୍କ ଝିଅକୁ ଧରି ଭୈରବୀପୁର ଗ୍ରାମକୁ କ'ଣ ପାଇଁ ଗଲେ ?

କ'ଣ ଏଇ ସନ୍ନ୍ୟାସୀମାନେ ମିଶି ଭାରତ ମାତାଙ୍କୁ ବନ୍ଧନ ମୁକ୍ତ କରି ପାରିବେ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଅପେକ୍ଷା କରନ୍ତୁ ଆନନ୍ଦ ମଠର ଆଗାମୀ ଭାଗକୁ ଯାହା ପ୍ରକାଶିତ ହେବ ଆହ୍ୱାନ ଇ – ପତ୍ରିକାର ସେପ୍ଟେମ୍ବର ସଂସ୍କରଣରେ....

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବୀର ମାଷ୍ଟ୍ରେ



ସୁଶାନ୍ତ ପୁରୋହିତ

"ବୀର ମାଷ୍ଟ୍ରେ ଇଲେକ୍ସନ ହାରିଗଲେ !!!"

କାହ୍ନୁ ଦୋରା ଆସି କହିଲା ପରେ ମୋ କାନକୁ ବିଶ୍ୱାସ ହେଉ ନଥାଏ । ସାରା ଅଂଚଳରେ ଏତେ ଜଣାଶୁଣା, ପିଲା ଠୁ ବୁଢ଼ା ଯାଏ ଆଦରରେ ବୀର ମାଷ୍ଟ୍ରେ ବୋଲି ଜାଣୁଥିବା ମାଷ୍ଟ୍ରେ କିପରି ଏମେଲେ ଇଲେକ୍ସନ ହାରି ପାରିବେ । ବାପର କାନ ଧରି ତାକୁ ସ୍କୁଲରେ ପଢ଼େଇଥିବା ବୀର ମାଷ୍ଟ୍ରେ, ତାଙ୍କ ପୁଅକୁ ବି ନିଲ୍-ଡାଉନ କରେଇ ଗଣିତ ପଢ଼ାଉଥିଲେ । କେହି ପିଲା ୨ ଦିନରୁ ଅଧିକ ସ୍କୁଲ ଆସିନଥିଲେ ବୀର ମାଷ୍ଟ୍ରେ ତା ଘରେ ହାଜର ହେଇ ତା ବାପ, ମାଁ ଠୁ ବୁଝୁଥିଲେ ସତରେ ତାକୁ ଜର ହେଇଥିଲା କି ? ଯଦି ହେଇଥିଲା ଆଉ ତା ମା' ତା ପାଇଁ ଔଷଧ ନ ଆଣି ତୁଟୁକା ଚିକିତ୍ସା କରୁଥିବା ଜାଣିବେ, ମାଷ୍ଟ୍ରେ ରାଗିକି ନିଆଁ, ଆଉ ସାଥେ ସାଥ ପିଲାକୁ ଧରି ସରକାରୀ ଡାକ୍ତର ପାଖେ ହାଜର ହେଉଥିଲେ । ସେଇ ବୀରମାଷ୍ଟ୍ରେ ଫେର ହାରିଗଲେ ???

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


୨୨ ବର୍ଷ ବୟସରୁ ପାଖ ସହରରୁ ଡିଗ୍ରୀ କରି ଆସି ବୀର ମାଷ୍ଟ୍ରେ ଜମିଦାର ଅମଳରୁ ଖୋଲିଥିବା ହାଇସ୍କୁଲରେ ଯୋଗ ଦେଇଥିଲେ । ଶୁଣା ଯାଏ ମାଷ୍ଟ୍ରେ ପହେଲା ଦିନରୁ ହିଁ ସ୍କୁଲର ପିଲାମାନଙ୍କର ପ୍ରିୟ ହୋଇ ଯାଇଥିଲେ ତାଙ୍କର ମିଠା ହସ ଆଉ ମଜାକିଆ କଥାରେ । ତେବେ ମାଷ୍ଟ୍ରେ ପାଠ ପଢ଼େଇବା ବେଳେ କେବେ ସାଲିସ କରିଥିବା କେହି ଜାଣିନି । ଯଦି ତୁମେ ମାଷ୍ଟ୍ରେ ଦେଇଥିବା ହୋମ୍ ୱାର୍କ କରିକି ଆସିନ ତେବେ ତୁମେ ଯିଏ ବି ହୋଇଥାଅ ଦଣ୍ଡ ଭୋଗିବ । ପୂର୍ବ ଜମିଦାରଙ୍କ ପୁଅ ହେଇଥିଲେ ସୁଦ୍ଧା । ଯଦି ମାଷ୍ଟ୍ରେ କାଲି ପଢ଼େଇଥିବା ବ୍ୟାକରଣରେ ଭୁଲ କହିଲ, ମାଷ୍ଟ୍ରେଙ୍କ ବେତ ତୁମ ହାତରେ ବାଜିବ ହିଁ ବାଜିବ ।

ବାପାମା'ମାନେ ସବୁଆଡ଼େ କହୁଥିବାର ଶୁଣାଯାଏ ଯେ ଆମ ପିଲାଟା ମଣିଷ ହେଇ ପାରିଲା ଖାଲି ବୀର ମାଷ୍ଟ୍ରେଙ୍କ ମାଡ଼ ଖାଇ । ନହେଲେ ସେ କି ତହସିଲଦାର ହେଇଥାନ୍ତା ? କୋଉଠି ୟୁପି ସ୍କୁଲ ମାଷ୍ଟର ଟେ ବି ହୋଇନଥାନ୍ତା ।  ଛୋଟ ସହରର ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ ମୁହଁରେ ବୀର ମାଷ୍ଟ୍ରେ ।

ଆଷ୍ଟର୍ଯ୍ୟର କଥା ଏହା ଯେ ସଂସ୍କୃତ ପଣ୍ଡିତ ବି ବାଡ଼ାନ୍ତି ପିଲାଙ୍କୁ ନରଃ ନରୌ ନରାଃ ଠିକ କରି ଘୋଷି କି ଆସିନଥିଲେ ଓ ପିଲେ ତାଙ୍କୁ ରାସ୍ତାରେ ଦେଖିଲେ ଲୁଚି ଯାଆନ୍ତି, ହେଲେ ବୀର ମାଷ୍ଟ୍ରେ ଆଜି କ୍ଲାସରେ ବାଡ଼େଇଥିବା ପିଲା ସନ୍ଧ୍ୟାରେ ବଜାରରେ ତାଙ୍କୁ ଭେଟି ତାଙ୍କ ହାତରୁ ଟଫି ଖାଉଥାଏ ! ! ! ! ସ୍କୁଲରୁ ମେଟ୍ରିକ ପଢ଼ିସାରି କଲେଜକୁ ଯାଇଥିବା ସବୁ ପୁରୁଣା ଛାତ୍ରଙ୍କ ସତେ ଯେମିତି ବୀର ମାଷ୍ଟ୍ରେ ସବୁଠୁ ବଡ଼ ସାଙ୍ଗ । ଛୁଟିରେ ହଷ୍ଟେଲରୁ ଆସିଲେ ତାଙ୍କ ଭିଡ଼ ଜମେ ବୀର ମାଷ୍ଟ୍ରେଙ୍କ ଘରେ ଆଉ ମାଷ୍ଟ୍ରେ ବି ତାଙ୍କୁ ବାରଣ୍ଡାରେ ବସେଇ ରଘୁ ପିଅନକୁ ଚା ପକୋଡ଼ି ଆଣିବାକୁ ଡାକ ଛାଡ଼ନ୍ତି ।

To read the complete magazine, Download it for FREE from www.aahwaan.com

କାହିଁକି କେଜାଣି ମାଷ୍ଟ୍ରେ ଆଉ ବାହା ହେଲେନି । ଦୁନିଆ ଯାକର କଥା ଜାଣୁଥିବା, ନିଜର ସବୁ ପୁରୁଣା ଛାତ୍ର କିଏ କଣ କରୁଛି ସବୁ ଖବର ରଖିଥିବା ବୀର ମାଷ୍ଟ୍ରେ ନିଜ ବିଷୟରେ କିନ୍ତୁ କେବେ କାହାକୁ କହନ୍ତି ନାହିଁ ଆଉ ଆମେ ବି ସାହସ କରି ପଚାରୁନୁ କାଳେ ମାଷ୍ଟ୍ରେ ମନ ଦୁଃଖ କରିବେ ବୋଲି ।

ତେବେ ନରିଆ ପିଅନ କହୁଥିଲା ମାଷ୍ଟ୍ରେ କୁଆଡ଼େ ତାଙ୍କ ଗାଁର ଅନ୍ୟ ଜାତିର ଝିଅ ଟିଏକୁ ଭଲ ପାଉଥିଲେ । ହେଲେ ତାଙ୍କ ବାପା ଖୁବ ରାଗିଥିଲେ ଓ ମାଷ୍ଟ୍ରେ ତାଙ୍କୁ ଖୁବ ଡରୁଥିଲେ । ଏଣୁ ବାହାନା କରି ଆଉ ଅନ୍ୟ ଝିଅ ବାହା ହେଲେନି କାହିଁକି ତାକୁ ବାହା ହେଇ ପାରିଲେନି ବୋଲି । କିନ୍ତୁ ଆମେ ସେ ସବୁ ବିଶ୍ୱାସ କରୁନୁ । ବୀର ମାଷ୍ଟ୍ରେ ଫେର ଏତେ ଡରିବେ ? ସମ୍ଭବ ନୁହେଁ । ନରିଆଟା ଡାହା ମିଛ ଗୁଡ଼ାକ କୋଉଠୁ ଆଣି କହେ ମ ! ! ! ଛାଡ଼ ତା କଥା ।

ଦେଖୁ ଦେଖୁ ବର୍ଷ ସବୁ ଗଡ଼ି ଯାଉଥାଏ । ଆମ ପାଳି ଆସିଲାରୁ ଆମେ ମଧ୍ୟ ବୀର ମାଷ୍ଟ୍ରେଙ୍କ ଛାତ୍ର ହେଲୁ, ତାଙ୍କ ଠୁ ଛାଟ ମାଡ଼ ବି କେବେ କେବେ ଖାଇଲୁ, ସ୍କୁଲ ଛୁଟି ପରେ ହାଟ ଦିନ ମାଷ୍ଟ୍ରେ ଆମକୁ ରାଧୁଆ ଗୁଡ଼ିଆ ଦୋକାନ ପାଖରେ ଭେଟି ପେଡ଼ା ବି ଖୋଇଛନ୍ତି । ସ୍କୁଲ ସାରି ଆମେ କଲେଜ ଗଲା ପରେ ବୀର ମାଷ୍ଟ୍ରେ ଆମର ବଡ଼ ସାଙ୍ଗ ଥିଲେ । ତା'ପରେ ଆମେ ଯିଏ ଯୁଆଡ଼େ ଚାକିରୀ ପାଇ ପଳେଇଲୁ ଅନ୍ୟ ସହରକୁ । ବାହା ସହ, ପିଲା ଛୁଆଙ୍କ ଜଞ୍ଜାଳ ଭିତରେ ବୀର ମାଷ୍ଟ୍ରେଙ୍କ କଥା ଆଉ ଭାବିବା ପାଇଁ ସମୟ ନଥିଲା । ତେବେ କୋଉଠି କେବେ ହଠାତ ପୁରୁଣା ସାଙ୍ଗଟେ ଭେଟିଲେ ବୀର ମାଷ୍ଟ୍ରେଙ୍କ କଥା ନିଶ୍ଚୟ ଉଠେ ।

ସେଇ ବର୍ଷ ଇଲେକ୍ସନ । ଆଗ ଏମେଲେ ଆଉ ଠିଆ ହେବେନି ବୋଲି କହିଦେଲେ

To read the complete magazine, Download it for FREE from www.aahwaan.com

ନିଜ ସ୍ୱାସ୍ଥ୍ୟଗତ କାରଣରୁ । ସେ ତାଙ୍କ ହାଇକମାଣ୍ଡକୁ ବୀର ମାଷ୍ଟ୍ରେଙ୍କ ନାଁ ସୁପାରିଶ କରିଗଲେ । ହାଇ କମାଣ୍ଡ ମଧ୍ୟ ମାଷ୍ଟ୍ରେଙ୍କ ଲୋକପ୍ରିୟତାର ଫାଇଦା ନେବାକୁ ହଁ ଭରିଦେଲେ । ତାଙ୍କ ସହ ଲଢ଼ିବାକୁ ଆର ଦଳର ଯିଏ ଠିଆ ହେଲେ ସେ ବି ମାଷ୍ଟ୍ରେଙ୍କ ଛାତ୍ର ଥିବା ଜଣେ ଯୁବକ । ହେଲେ ସେ ଯୁବକ ଜଣକ ଥିଲା ଜଣେ ପକ୍କା ରାଜନୀତିଜ୍ଞ । ମ୍ୟୁନିସିପାଲିଟିର ଚେୟାରମେନ୍ ବି ଥିଲେ ଆଉ ଆଗ ଇଲେକ୍ସନ ଖୁବ କମ ଭୋଟରେ ହରିଯାଇଥିଲେ ।

ମାଷ୍ଟ୍ରେ ଠିଆ ହେଇଗଲେ । ତାଙ୍କର ଜଣେ ଛାତ୍ରଙ୍କ ମୁଖ୍ୟ ବଜାର ରାସ୍ତାରେ ଘର ଥିଲା । ସେ ଦୁଇଟି ବଖରା ମାଷ୍ଟ୍ରେଙ୍କ ଅଫିସ ଲାଗି ବ୍ୟବସ୍ଥା କରିଦେଲା । ନିଜେ ବି ମାଷ୍ଟ୍ରେଙ୍କ ମେନେଜର ଭାବେ ରହିଲା । ସକାଳେ ସନ୍ଧ୍ୟାରେ ସେଠି ଭିଡ଼ ଲାଗିଲା ।

ଯେତେ ମାଷ୍ଟ୍ରେଙ୍କ ଛାତ୍ର, ପୁରୁଣା ଛାତ୍ର ସବୁ ଆଖେ ପାଖେ ଥିଲେ ସମସ୍ତେ ସବୁଦିନେ ସଞ୍ଜ ସକାଳେ ସେଇଠି ଏକତ୍ରିତ ହେଲେ, ସଭା କରିଲେ । କେତେଟା କାମ ନଥିବା ପୁରୁଣା ଛାତ୍ର ସେଇଠି ଦିନ ରାତି ରହିଲେ । ଗଦି ଓ ଦରି ପଡ଼ିଥାଏ ଭିତର ବଖରାରେ । ସେଇଠି ପୋଷ୍ଟର ସବୁଥାଏ । ବାହାରେ ଦୁଇଟି ଜିପ, ମାଇକ ଲଗା ।

ମାଷ୍ଟ୍ରେଙ୍କ ପାର୍ଟିର ସେକ୍ରେଟାରୀ ଟୁର୍ ପ୍ଲାନ୍ ବନେଇକି ମାଷ୍ଟ୍ରଙ୍କୁ ବୁଝାଉଥାଏ । ମାଷ୍ଟ୍ରେ ହସିକି କହୁଥାନ୍ତି, "ଏତେ ବୁଲିବା କି ଦର୍କାର ? ସମସ୍ତେ ତ କହୁଛନ୍ତି ଆପଣ ଏଠାକୁ କାହିଁକି ଆସିବେ ? ଆମେ ତ ସଭିଏଁ ଆପଣଙ୍କୁ ଦେବୁ ।"

ସହର ଯାକ ଚର୍ଚ୍ଚା ଚାଲିଥାଏ ମାଷ୍ଟ୍ରେ ତ ପୁରା ଭୋଟ ପାଇଯିବେ । ଆଉ ଅନ୍ୟମାନଙ୍କ ଅମାନତ ସବୁ ଯିବ । ମୁଁ ବି ଥରେ ମୋ ପୁରୁଣା ସହରକୁ ଗଲା ବେଳେ ମାଷ୍ଟ୍ରେଙ୍କୁ ତାଙ୍କ ଅଫିସରେ ଭେଟିଥିଲି । ପଚାରିବାରୁ ସେଇ କଥା । ମାଷ୍ଟ୍ରେ କହିଲେ,

To read the complete magazine, Download it for FREE from www.aahwaan.com

"ତୁମେମାନେ ତ ଚାରିଆଡ଼େ ଅଛ । ମୁଁ ଫେର କାହାକୁ କହିଯିବି ଭୋଟ ଦିଅ କହି ?"

କିନ୍ତୁ ଆର ପ୍ରାର୍ଥୀ ଜଣକ, ଯିଏ ଆମ ଉପର ଶ୍ରେଣୀରେ ପଢୁ ତ ଥିଲେ ଓ ବୀର ସାରଙ୍କ ଏକ ପ୍ରିୟ ଛାତ୍ର ବି ଥିଲେ । ସେ ଯୁବକ ହେଲେ ବି ରାଜନୀତିର ପେଞ୍ଚ ସହିତ ବେଶ ପରିଚିତ ହୋଇସାରିଥିଲେ । ସେ ସହରକୁ ବେଶି ଧ୍ୟାନ ନ ରଖି ଗ୍ରାମାଞ୍ଚଳକୁ ବେଶି ଅଦୋରିବାରେ ଚେଷ୍ଟିତ ରହିଲେ । ମୁଁ ଶୁଣିଲି ସେ ଗାଁ ଗାଁକୁ ଯାଇ ସମସ୍ତଙ୍କୁ ଡାକି କୁହନ୍ତି, "ବୀର ମାଷ୍ଟ୍ରେ ତ ମୋର ବି ଗୁରୁ । ମୁଁ ଆଜି ଯାହା ହୋଇଛି କେବଳ ତାଙ୍କରି ଯୋଗୁଁ । ବୀର ସାରଙ୍କ ପରି ଭଲ ଲୋକ ଆମ ଅଂଚଳରେ କାହାନ୍ତି ? ? ସେ ଏଇ ଅଂଚଳର କେତେ କେତେ ପିଲାଙ୍କ ଭବିଷ୍ୟତ ବନେଇଛନ୍ତି । ଶିକ୍ଷକ ହିସାବରେ ତାଙ୍କ ସମତୁଲ କେହି ନାହାନ୍ତି । ତେବେ ରାଜନୀତି ଏମିତି ଭଲ ଲୋକଙ୍କ କାମ ନୁହେଁ । ଏଠି ମାଷ୍ଟ୍ରେଙ୍କ ପରି ଲୋକ ଦୁଇମାସରେ ଅଣନିଶ୍ୱାସୀ ହୋଇଯିବେ । ମାଷ୍ଟ୍ରେଙ୍କ କଥା ରାଜଧନୀରେ କିଏ ଶୁଣିବ ? ଆମ ଅଂଚଳ କାମ ସବୁ ବାକି ପଡ଼ିଯିବ ଓ ଉନ୍ନତି ହେବ ନାହିଁ । ଜଳସେଚନ ପାଇଁ ହେବାକୁ ଥିବା ଆମର ବନ୍ଧ ଦାବି କଣ ମାଷ୍ଟ୍ରେ ସେଇଠି କରି ପାରିବେ ? ?

ପୁଣି ମାଷ୍ଟ୍ରେ ଯଦି ରାଜନୀତିକୁ ଯିବେ ସେ ସ୍କୁଲ ସ୍ଥାୟୀ ଭାବେ ଛାଡ଼ିଦେବେ । ଏବେ ଆମ ସ୍କୁଲର ବହୁତ ନାଁ । ସବୁ ବୁଡ଼ିଯିବ । ତେଣୁ ସମସ୍ତେ ବୁଝି ବିଚାରି ଭୋଟ ଦିଅ । ମୁଁ ଜିତିଲେ ମାଷ୍ଟ୍ରେଙ୍କୁ ଜାତୀୟ ପୁରସ୍କାର ବି ଦେବାର ବ୍ୟବସ୍ଥା କରିବି ।"

ଏମିତି କହି ଆଉ ଏବେକାର ଭୋଟ ରାଜନୀତିର ସବୁ ପ୍ରକାର ମାର ପେଞ୍ଚର ଉପଯୋଗ ସେଇ କରୁଥିବାର ଜାଣିଲି । ତେବେ ବାକିମାନଙ୍କ ପରି ମୋର ମଧ୍ୟ ଦୃଢ଼ ବିଶ୍ୱାସଥାଏ ସାରା ନିର୍ବାଚନ ମଣ୍ଡଳୀରେ ବୀର ମାଷ୍ଟ୍ରେ ଏତେ ପ୍ରିୟ, ହାରିବାର ପ୍ରଶ୍ନ ଉଠୁନି ।

To read the complete magazine, Download it for FREE from www.aahwaan.com

ଇଲେକ୍ସନ ପାଇଁ ପଇସାର ବି ଅଭାବ ହେଲାନି । ମାଷ୍ଟ୍ରେଙ୍କ ଧନୀ ଛାତ୍ରମାନେ ବହୁତ ପଇସା ଫଣ୍ଡରେ ଦେବା ସହ ଅନେକ ଆଗର ଛାତ୍ର ନିଜ ଖର୍ଚ୍ଚରେ ବୁଲିକି ବା ଗାଡ଼ି ନେଇ ପ୍ରଚାର କଲେ । ବାହାରେ ବଡ଼ ପଦବୀରେ ଥିବା ବୀର ସାରଙ୍କ ପୂର୍ବତନ ଛାତ୍ରମାନେ ବି ବେନାମୀ ଭାବେ ଟଙ୍କା ପଠେଇଲେ । ମାଷ୍ଟ୍ରେଙ୍କ ଅଫିସ ଦିନ ରାତି ଜମୁଥାଏ ।

ଏହିପରି ଦେଖୁଦେଖୁ ଇଲେକ୍ସନ ଆସିଗଲା । ଏଥର ବେଶି ପୋଲିଙ୍ଗ ହେଇଥିବାର ହିସାବ ବାହାରିଲା । ଗଣତି କୁ ଦୁଇଦିନ ଥିଲେ ବି କେହି ଆଉ ଗଣିତ କଲେନି । ସହର ଯାକ ତ ମାଷ୍ଟ୍ରେ ଜିତିବେ, ଏତେ ବଡ଼ ଶୋଭାଯାତ୍ରା କରିବା, ବାଜା ବାଜୁଥିବ, ବଡ଼ ସହରରୁ ଏବେଠୁ କିଛି ଫୋଟକା ଆଣିଥିଲେ ହେବ ଏମିତି ସବୁ କଥାବାର୍ତ୍ତା ସବୁଆଡ଼େ । ଗୁଲୁ ପାନ ଦୋକାନ, ସ୍କୁଲ ସମ୍ମୁଖ ରାଘବର ଚା ଜଳଖିଆ ଦୋକାନରେ ଏବେ ବହୁତ ଭିଡ଼ ଖାଲି ଏଇ କଥା ଲାଗିବାକୁ ।

ଶେଷରେ ଗଣତି ଦିନ ଆସିଗଲା । କଲେଜର ହଲରେ ଗଣତି । ସେ କାଳରେ ତ କାଗଜ ଭୋଟ, ଆଜିପରି ମେସିନ ନ ଥିଲା ଯେ ସଂଗେ ସଂଗେ ଫଳ ବାହାରିବା ଆରମ୍ଭ ହେବ । ସକାଳ ୯ ରୁ ଗଣତି ଆରମ୍ଭ ହେଲେ ବି ସନ୍ଧ୍ୟା ୫ କୁ ଯାଇ ପ୍ରଥମ ରାଉଣ୍ଡ ଗଣତି ଜଣା ପଡ଼ିଲା । ସହର ଭୋଟ । ମାଷ୍ଟ୍ରେ କାହିଁ କେତେ ଆଗରେ । କିଛି ମାଷ୍ଟ୍ରେଙ୍କ ଏବର ଛାତ୍ର ତ ନାଚିବା ଆରମ୍ଭ କରିଦେଲେ ।

ଆଉ ୨ ଘଣ୍ଟାପରେ ଆର ରାଉଣ୍ଡର ଫଳ ଆସିଲା । ଏଥିରେ ମିଶାମିଶି ଅଂଚଳ ଥିଲା । ମାଷ୍ଟ୍ରେଙ୍କ ଆଗୁଆ ଟା ଟିକେ କମିଯାଇଥିଲେ ବି କାହାରି ଡର ନଥିଲା ।

ଫେର ଦୁଇ ଘଣ୍ଟା ପରେ ଆର ରାଉଣ୍ଡ । ଆରେ ଆରେ ଇଏ କଣ ? କୁଆଡ଼େ କିଛି ଭୁଲ ହେଲାକି ? ମାଷ୍ଟ୍ରେଙ୍କ ଭୋଟ ଆର ପ୍ରାର୍ଥୀ ସହ ସମାନ ହେଇ ବସିଲାଣି ଯେ !!!.

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କେତେ ଜଣ ଆଶ୍ଚର୍ଯ୍ୟ ହେଇ ପାଟିତୁଣ୍ଡ ବି ଆରମ୍ଭ କରିଦେଲେ । ହେଲେ ଗଣତି ଅଧିକାରୀ ଆସି ଗଣତି ହିସାବ ଠିକ ବୋଲି କହିଲେ । ଏବେ ଶେଷ ରାଉଣ୍ଡ ଏବେ ବାକି । ସବୁ ଗାଁ ଅଂଚଳ ବୁଥର ଭୋଟ । କିଛି ହାତ ଯୋଡ଼ି ହେଇ ଉପରକୁ ଉଠି ଥିବାର ଦେଖା ଯାଇଥିଲା । ଆଉ କିଛି ମୁହଁରେ ପ୍ରଥମ କରି ହସ ଉଡ଼ିଯାଇଥିଲା ।

ଶେଷକୁ ରାତି ଅଧରେ ଗଣତି ସରିଲା । ମାଷ୍ଟ୍ରେଙ୍କ ଛାତ୍ର ୬୦୦ରୁ ଅଧିକ ଭୋଟରେ ଜିତିଲେ ବୋଲି ଘୋଷଣା ହେଲା ଅବଶ୍ୟ ବେସରକାରୀ ଭାବେ । ଚାରିଆଡ଼େ ନୀରବତା । ଯିଏ ଯୁଆଡ଼େ ଥିଲେ  ଘରକୁ ପଳେଇଲେ ମୁହଁ ଶୁଖେଇ ।

ଜିତିଥିବା ପ୍ରାର୍ଥୀ କିନ୍ତୁ ସେଇ ରାତିରେ ମାଷ୍ଟ୍ରେଙ୍କ ଅଫିସ ପହଞ୍ଚି ଲମ୍ବା ହେଇ ତାଙ୍କ ପାଦତଳେ ପଡ଼ି ଆଶୀର୍ବାଦ ମାଗିଲେ ଓ ମାଷ୍ଟ୍ରେ ବି ତାଙ୍କ ସ୍ୱଭାବସୁଲଭ ହସଟିଏ ହସି ତାଙ୍କୁ ଉଠେଇ କୁଣ୍ଢେଇ ନେଇନେଲେ ଓ ତାଙ୍କ ଖାସ କେଇଜଣ ଅନୁଗତ ଏଇଆଡ଼େ ସେଇଆଡ଼େ ମୁହଁ ଶୁଖେଇ ବସିଥିଲେ ସମସ୍ତଙ୍କୁ ଡାକିଲେ । କହିଲେ, "ମୁଁ ତ ମାଷ୍ଟ୍ରିଆ ଲୋକ ଥିଲି । ପାଠ ପଢ଼େଇ ପିଲାଙ୍କୁ ମଣିଷ କରିବା ମୋର ଧର୍ମ କର୍ମ ସବୁ ଥିଲା । ମୋର ଏଇ ରାଜନୀତିକୁ ପଶିବାକୁ ରାଜି ହେବାର ନଥିଲା । ମୁଁ ତ ତମକୁ ବନେଇଛି ମୁଁ କାହିଁକି ଖୁସି ନହେବି ନବଘନର ବିଜୟରେ ? ମନେ ଅଛି ? ଇଂରାଜୀ କ୍ଲାସରେ ତମକୁ ବୁଝାଉଥିଲି, "kingmaker" କଣ । Kingmaker କିଙ୍ଗ ତିଆରି କରେ, ନିଜେ କେବେ ହୁଏନି । ମୋତେ ସେଇପରି ଜଣେ kingmaker ଭାବେ ଭଗବାନ ପଠେଇଛନ୍ତି ଆଉ ସେ ମୋତେ ଆଉ କିଛି ବର୍ଷ ପଢ଼େଇବା ଚାହାନ୍ତି । ଖୁସି ହୁଅ ଆଉ ମିଠା ଖାଅ ।"

ଏମିତି କହି ମାଷ୍ଟ୍ରେ ଟେବୁଲ ତଳୁ ମିଠା ପକେଟ ବାହାର କରି ସମସ୍ତଙ୍କୁ ଖୁଆଇ ଦେଲେ । ସମସ୍ତଙ୍କ ଆଖିରେ ଲୁହ ଝରୁଥିଲା, ନୂଆ ଏମେଲେ ନବଘନର ବି .....

To read the complete magazine, Download it for FREE from www.aahwaan.com

(ପରେ ରଘୁ ପିଅନ କହୁଥିଲା ଶେଷ ରାଉଣ୍ଡରେ ହାରୁଥିବା ଜାଣିବା ମାତ୍ରେ ମାଷ୍ଟ୍ରେ ପଇସା ଦେଇ ହୋଟେଲରୁ ମିଠା ଆଣିବାକୁ କହିଥିଲେ ଓ ସେ ହୋଟେଲବାଲାକୁ ଉଠେଇକି ମିଠା ଆଣି ରଖିଥିଲା )

ବୀର ମାଷ୍ଟ୍ରେ ପୁଣି ଜିତିଗଲେ, ଇଲେକ୍ସନ ନୁହେଁ , ସମସ୍ତଙ୍କ ହୃଦୟ ........

ଅବସରପ୍ରାପ୍ତ ଅଧ୍ୟକ୍ଷ,

ଲକ୍ଷ୍ମୀନାରାୟଣ କଲେଜ, ଝାରସୁଗୁଡା

ବାସସ୍ଥାନ : ସମ୍ବଲପୁର

*ଭାରତୀୟ ଗଣତନ୍ତ୍ରର ସତୁରୀତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା*



Download Magazine for FREE from www.aahwaan.com


# ସତ୍ୟଂ ବଦ, ଧର୍ମଂ ଚର



ସଞ୍ଜୟ କୁମାର ସାହୁ

ଏହି ଉକ୍ତିଟିକୁ ପିଲାଦିନୁ ଗୁରୁଜନମାନଙ୍କ ଠାରୁ ଶୁଣି ଆସୁଛେ । ସବୁବେଳେ ସତ କୁହ ଏବଂ ନିଜର ଧର୍ମ ପାଳନ କର । ପୁଣି ଛାତ୍ରାବସ୍ଥାରେ ବିଦ୍ୟାଳୟରେ ପ୍ରତିଦିନ ପ୍ରାର୍ଥନା ମାଧ୍ୟମରେ, "ସତ କହିବାକୁ କିଆଁ ଡରିବି, ସତ କହିପଛେ ମଲେ ମରିବି" ଅଭ୍ୟାସ କରାଯାଉଛି । "ସତ୍ୟପଥେ ଧର୍ମପଥେ ଘେନିଯାଅ ମୋତେ"କୁ ମଧ୍ୟ ଛାଡୁ ନାହେଁ । ଏହି ସବୁ ନୀତିଶିକ୍ଷାରୁ ଜଣାଯାଏ ଯେ ସତ୍ୟ ହିଁ ମଣିଷକୁ ଉନ୍ନତି ଆଡ଼କୁ ନେଇଥାଏ । ପୁଣି ଲୋକବାଣୀ ଅଛି, "ମଧୁର ବିନୟ ବଚନ, କହି ତୋଷିବ ଜନମନ" । 'ସତ୍ୟ ବଚନ' ଏବଂ 'ମଧୁର ବଚନ', ଏ ଦୁହେଁ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ସତ୍ୟ କେବେ ମଧୁର ହୋଇପାରିବ ନାହିଁ କି ମଧୁର କେବେ ସତ୍ୟ ହୋଇପାରିବ ନାହିଁ ।

ସଂସାରରେ ମିଛର କାୟା ଏତେ ବିସ୍ତାର କରିଛି ଯେ, ସତ୍ୟ ସୁପ୍ତ ହୋଇଯାଇଛି । ସତ୍ୟ ନିଜ ସହ ସମାଜରେ ସଂସ୍କାର ଆଣିଥାଏ । ଏହି ସତ୍ୟକୁ ପାଥେୟ କରି ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଓ ମଧୁବାବୁଙ୍କ ପରି ଅନେକ ଦେଶପ୍ରେମୀ ନିଃସ୍ୱାର୍ଥପର ଭାବେ ନିଜ ମାଟିକୁ

To read the complete magazine, Download it for FREE from www.aahwaan.com

ପରାଧୀନତାରୁ ମୁକ୍ତ କରିଥିଲେ, ଆଉ ଆଜି ଆମେ ସେହି ସ୍ୱାଧୀନତାକୁ ଉପଭୋଗ କରୁଛେ । ସେଥିପାଇଁ ସେମାନେ ଆମ ହୃଦୟରେ ସ୍ଥାନ ପାଇଛନ୍ତି । ଯଦି ଏହି ସତ୍ୟକୁ ଜଣେ ବଣିକ ବା ରାଜନୀତିଜ୍ଞ ଆଧାର କରେ ତେବେ ତାର ମଧ୍ୟ ଉନ୍ନତି ହୋଇପାରିବ ନାହିଁ । ସତ କହିବାକୁ ଗଲେ ସରକାରୀ ବାବୁ ମାନେ ବିଳାସ ବିନା ରହିବା ଅସମ୍ଭବ ହୋଇପଡ଼ିଛି । ଆମେ ଆମର ସ୍ୱାର୍ଥ ପାଇଁ ସେମାନଙ୍କୁ ମିଛ କହିବା ପାଇଁ ପ୍ରୋତ୍ସାହନ ଦେଇଥାଉ । ଏତଦବ୍ୟତୀତ ନିଜର କାମଟିକୁ ସୁରୁଖୁରୁରେ ଓ ଶୀଘ୍ର ଶେଷ କରିବା ପାଇଁ ଆମେ ମିଛ ଚାଟୁକଥା କହିବାକୁ ପଛାଇ ନଥାଉ । ତେବେ ଏହି ସତ୍ୟ ଶବ୍ଦଟି ଦ୍ୱନ୍ଦ ସୃଷ୍ଟି କରୁଛି । ତଥାପି କହିବି ସତ୍ୟ ସଂସାରରେ ତିଷ୍ଠି ରହିଛି, ଯାହାକୁ ଆମେ ଶୁଣିବାକୁ, କହିବାକୁ ଅଥବା ଦେଖିବାକୁ ପ୍ରସ୍ତୁତ ନୁହେଁ । ସୂର୍ଯ୍ୟ ଚତୁଃପାର୍ଶ୍ୱରେ ପୃଥିବୀ ଘୂରୁଛି ସତ, ମାତ୍ର ଆମେ ତାହା ଅନୁଭବ କରିନଥାଉ । ଆମର ଭାବନା ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ମଧ୍ୟରେ ସୀମିତ ଥାଏ, ଯାହାକି ମିଥ୍ୟା । ଆମେ ମିଥ୍ୟା ସହ ଏତେ ଜଡ଼ିତ ହୋଇଗଲୁଣି ଯେ ସତ ଆମକୁ ଅରୁଚି ଲାଗୁଛି । ସତ୍ୟ ସମାଜରେ ତିଷ୍ଠି ରହିବା ପାଇଁ ସତ୍ୟବାଦୀ ଅପେକ୍ଷା ସତ୍ୟଶ୍ରୋତା ହେବା ପ୍ରଥମେ ଆବଶ୍ୟକ । ଯେତେବେଳ ପର୍ଯ୍ୟନ୍ତ ସତକଥା ଶୁଣିବାକୁ ଇଚ୍ଛା ହୋଇନାହିଁ, ସେତେବେଳ ପର୍ଯ୍ୟନ୍ତ ସତ୍ୟବାଦୀ ଜାଗ୍ରତ ହୋଇ ପାରିବ ନାହିଁ ।

ସଂସାରରେ ଯାହା ସବୁ ଘଟିଯାଏ ତାହା ସତ୍ୟ । ମାତ୍ର ଅନ୍ୟର ରୁଚିକୁ ଆଧାର କରି ଆମେ ମିଥ୍ୟାକୁ ଆଶ୍ରୟ ଦେଇଥାଉ, ଆଉ ସେହି ମିଥ୍ୟା ଏକ ବିରାଟକାୟ ପର୍ବତ ହୋଇ ଠିଆହୁଏ; ଯାହା ଆମ ମନକୁ ଭାରାକ୍ରାନ୍ତ କରେ । ମାତ୍ର ପଦୁଟିଏ ସତ ମନକୁ ପ୍ରଫୁଲ୍ଲିତ କରିଥାଏ । ସତ କହିବା ଦ୍ୱାରା ସାମୟିକ ଯନ୍ତ୍ରଣା ମିଳିଥାଏ ସତ, ପରମୂହୁର୍ତ୍ତରେ କିନ୍ତୁ ଆତ୍ମସନ୍ତୋଷ ମିଳିଥା । ଆଉ ମଧ୍ୟ ସତ କହି ନିଜର ଜୀବନ ବଞ୍ଚାଇ ପାରିଛି; ଯାହାର

To read the complete magazine, Download it for FREE from www.aahwaan.com

ଉଦାହରଣ ବଉଳା ଗାଇ । ଦୋଷ ମିଥ୍ୟାବାଦୀକୁ ଦେଲେ ଚଳିବନାହିଁ, ଆମର ପ୍ରକୃତି, 'ଜହ୍ନା ଚିନିସିରାରେ ବୁଡ଼ି ମରିବା ଓ କୀଟ ଦୀପ ଶିଖାରେ ଜଳି ପୋଡ଼ିବା' ଭଳି ।

ସମାଜ ପାଇଁ ସତ୍ୟବାଦୀଙ୍କ ଆବଶ୍ୟକତା ରହିଛି । ସତ୍ୟବାଦୀ ହେବାପାଇଁ ଶିଶୁ ଛାତ୍ରାବସ୍ଥାରୁ ନିଜର ଆଚରଣ ଓ ଉଚ୍ଚାରଣରେ ସତ୍ୟତା ଆଣିବା ଆବଶ୍ୟକ । ଏହିଭଳି ଏକ କଷ୍ଟକର ପରିବର୍ତ୍ତନ ପାଇଁ ପିତାମାତା, ଶିକ୍ଷା ଗୁରୁ ତଥା ଧର୍ମ ଗୁରୁ ବଦ୍ଧପରିକର ହେବା ଦରକାର; ତେବେଯାଇ ସତ, ମିଛର କାୟାକୁ ହଟାଇ ପାରିବ । ସତ ଆମମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟିକରି, ଭୟକୁ ଦୂରାଇଥାଏ । ତେଣୁ ସମସ୍ତେ ସତ କହିବାକୁ ଚେଷ୍ଟା କରିବା ଓ ନିଜର ଧର୍ମ ସହ ଜଡ଼ିତ ରହିବା ।

"ସତ୍ୟମେବ ଜୟତେ"

ନରସିଂହପୁର

କଟକ, ୭୫୪୦୩୨

ଭ୍ରାମ୍ୟଭାଷ : ୯୬୯୨୨୯୯୨୬୬

To read the complete magazine, Download it for FREE from www.aahwaan.com

# ଅମାନିଆ ପାକିସ୍ତାନ



ରାଧାଚରଣ ନାୟକ

ଅନନ୍ତ ଆକାଶରେ ଅଗଣିତ ତାରକା ନିଜ ନିଜ ଆସ୍ଥାନ ଜମାଇ ବସିଥିବାବେଳେ, ବିଶ୍ୱ ବ୍ରହ୍ମାଣ୍ଡରେ ଅଗଣିତ ଜୀବଜନ୍ତୁ ନିଜ ନିଜର ଜୀବନ ଧାରଣ ପାଇଁ କିଏ ରହିଛି ଜଳରେ ତ କିଏ ରହିଛି ସ୍ଥଳରେ, ପୁଣି କିଏ ଗଛରେ ତ କିଏ ଭୂତଳରେ ।

ପକ୍ଷୀମାନେ ଗଛରେ ବସା ବାନ୍ଧି ରହିବା ପାଇଁ ଘର ତିଆରି କରିଥାନ୍ତି ତ ବାଇ ଚଢ଼େଇର ବସା ଝଡ଼ ବତାସକୁ ଖାତର ନ କରି ଝୁଲୁ ଥାଏ ତାଳ ଗଛରେ, ନଡ଼ିଆ ଗଛରେ । କିନ୍ତୁ ଚତୁର ମଣିଷ ପ୍ରକୃତିର ପ୍ରତ୍ୟେକ ବସ୍ତୁକୁ ନିଜ ନିଜର ସୁବିଧା ମୁତାବକ ପ୍ରୟୋଗ କରି ତିଆରି କରିଥାଏ କୁଡ଼ିଆ ଠାରୁ ଆରମ୍ଭ କରି ସୁଉଚ୍ଚ ଅଟ୍ଟାଳିକା ଯାଏଁ ।

ଭାରତ ଏକ ପବିତ୍ର, ଧର୍ମିକ, ଆଧ୍ୟାତ୍ମିକ ଏବଂ ଶାନ୍ତିପ୍ରିୟ ଦେଶ ଭାବେ ପୃଥିବୀରେ ଶାନ୍ତିର ବାଣୀ ପ୍ରଚାର ଏବଂ ପ୍ରସାର କରି, ଯୋଗ ସାଧନାର କେନ୍ଦ୍ରବିନ୍ଦୁ ଭାବେ ପ୍ରମାଣିତ କରି ସାରିଥିଲା, ଯାହା ବର୍ତ୍ତମାନ ରାମଦେବଜୀ ପ୍ରମାଣ କରି ଦେଖାଇ ଦେଇଛନ୍ତି । କାରଣ, "ଶାନ୍ତି ହିଁ ଦେବତା, ଦେବତା ହିଁ ଶାନ୍ତି" (ଏକ୍ଷୟ ସର୍ବ ଚରବମର ବଭୟ ଚରବମର ସର୍ବ ଏକ୍ଷୟ) ରେ ଏଠାକାର ଅଧିବାସୀ ବିଶ୍ୱାସ କରନ୍ତି । ସନାତନ ଧର୍ମରେ ବିଶ୍ୱାସୀ ଭାରତବାସୀ କେବଳ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଯେ ଠାକୁରଙ୍କୁ ପୂଜା କରନ୍ତି ତାହା ନୁହେଁ, ଏମାନେ ପୂଜା କରନ୍ତି, ଗାଈ ଗୋରୁ, ବୃକ୍ଷ ଲତା, ପାହାଡ଼ ପର୍ବତ ଓ ନଦ ନଦୀ ଇତ୍ୟାଦି ଇତ୍ୟାଦି.... । କିନ୍ତୁ କାଳକ୍ରମେ ଭାଇ ଭାଇ, ଘର ଘର, ଦେଶ ଦେଶ ଭିତରେ ଜାତ ହେଲା, ହିଂସା, କ୍ରୋଧ, ଅନ୍ୟାୟ, ଅନୀତି, ସ୍ୱାର୍ଥରତା ଏବଂ ଧର୍ମାନ୍ଧତା, ଯେଉଁଥିରୁ ଜନ୍ମନେଲା ଅଶାନ୍ତି, ଅରାଜକତା, ଯୁଦ୍ଧ, ଶତୃତା ଏବଂ ନାସ୍ତିକତା, ଯାହା ଦେଖା ଦେଇଥିଲା ତ୍ରେତୟା ଯୁଗରେ ବାଳୀ ଓ ସୁଗ୍ରୀବ ଦୁଇ ଭାଇଙ୍କ ମଧ୍ୟରେ । ଦ୍ୱାପର ଯୁଗରେ ପଡ଼ା ଖଣ୍ଡେ ପାଇଁ ପାଣ୍ଡବମାନେ କୌରବ-ଶ୍ରେଷ୍ଠ ଦୁର୍ଯ୍ୟୋଧନଙ୍କୁ କାକୁତି ମିନତି ହୋଇଥିଲେ ମଧ୍ୟ, ତାହା ଯୁଦ୍ଧ ବିନା ଅସମ୍ଭବ ଜାଣିପାରି, ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥରେ ସାରଥୀ ହୋଇ କୌରବମାନଙ୍କୁ ସମୂଳେ ବିନାଶ କରି ପାଣ୍ଡବମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥିଲେ, ତେଣୁ ବିନା ଯୁଦ୍ଧରେ ଶାନ୍ତି ହିଁ ପ୍ରକୃତ ଶାନ୍ତି, ମାନବ ସମାଜ ଜାଣି ରଖିବା ଉଚିତ । ଅତଏବ, ଭାରତ ଆଜି ମହାଭାରତର ଫଳାଫଳକୁ ଅକ୍ଷରେ ଅକ୍ଷରେ ପାଳନ କରି ନିଜ ଦେଶରେ ତଥା ପୃଥିବୀରେ ଶାନ୍ତି ବଜାୟ ରଖିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିବାବେଳେ, ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଭାରତବାସୀଙ୍କର ନିଦ ହଜାଇବା ପାଇଁ ଅହୋରାତ୍ର ଅଙ୍ଗିକାରବଦ୍ଧ, ଏହା କିଏ ନ ଜାଣେ? କାଳର କରାଳ ଚକ୍ରରେ ପେଶି ହୋଇ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଦିନ ଭାରତରୁ ଅଲଗା ହୋଇ ସ୍ୱତନ୍ତ୍ର ଦେଶ ପାକିସ୍ତାନ ସୃଷ୍ଟି ହେଲା । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଏକ ବର୍ଷର ଛୁଆ ପାକିସ୍ତାନ ୧୯୪୮ ମସିହାରେ ଜୋର ଜବରଦସ୍ତ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କାଶ୍ମୀର ମାଟିର ଏକ ତୃତୀୟାଂଶ ଅକ୍ତିଆର କରି ଆଜି ପର୍ଯ୍ୟନ୍ତ ଭାରତବାସୀଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇ, ସମାଧାନ ପାଇଁ ବାହାର ଶକ୍ତିର ହସ୍ତକ୍ଷେପକୁ ଅସ୍ତ୍ର ଭାବେ ଗ୍ରହଣ କରି ନିଜ ମାଟିରେ ମିଶାଇବା ପାଇଁ ଚେଷ୍ଟା ଜାରି ରଖିଛି, ଯାହାକୁ "ପାଗଳର ପ୍ରଳାପ" ଛଡ଼ା କ'ଣ ବା କୁହାଯାଇ ପାରେ ?

ପାଠକମାନେ ଜାଣିଥିବେ, ୧୯୭୧ ମସିହାରେ ପାକିସ୍ତାନ ଭିତରେ ଥିବା ବଙ୍ଗାଳୀମାନେ ଅଲଗା ଦେଶ ପାଇଁ ଜିଦ୍ ଧରିବାରୁ, ଭାରତର ସହାୟତାରେ ଜନ୍ମ ନେଲା ବଙ୍ଗଳା ଦେଶ । ପାକିସ୍ତାନ ସେଥିରୁ କୌଣସି ପ୍ରକାର ଶିକ୍ଷା ଲାଭ କଲାପରି ମନେ ହେଉନାହିଁ କାରଣ,

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


୧୯୯୯ ମସିହାରେ ଭାରତର ଦୁର୍ଗମ ଇଲାକାରେ ଜବରଦସ୍ତ ପଶି ବଙ୍କରମାନ ତିଆରି କରି ଭାରତ ଉପରେ ଆକ୍ରମଣ କରିବାର ମସୁଧା ଚଳାଇ ଥବାବେଳେ, ଭାରତୀୟ ସୈନ୍ୟଙ୍କ ପ୍ରଚଣ୍ଡ ଆକ୍ରମଣରେ ପରାସ୍ତର ଅପବାଦ ନେଇ ପଳାୟନ ପନ୍ଥୀ ସାଜିଥିଲେ ଏବଂ ହଜାର ହଜାର ପାକିସ୍ତାନୀ ସୈନ୍ୟ ଯୁଦ୍ଧବନ୍ଦୀ ଭାବେ ଆତ୍ମ ସମର୍ପଣ କରିଥିଲେ, ଯାହା "କାରଗିଲ୍ ଯୁଦ୍ଧ" ନାମରେ ବିଶ୍ୱ ପରିଚିତ । ଚିନ୍ତାକଲେ ଲୋମ ଶିହରୀ ଉଠେ, "କାର୍ଗିଲ୍ ଯୁଦ୍ଧ ସମୟରେ ଭାରତର ଯେଉଁ ୬ ଜଣ ବୀର ସୈନିକ ପ୍ରଥମେ ପାକିସ୍ତାନୀ ବଙ୍କର ଗୁଡ଼ିକୁ ଠାବ କରି ସେମାନଙ୍କ ହାତରେ ଧରା ପଡ଼ିଥିଲେ, ପାକିସ୍ତାନୀ ସୈନ୍ୟମାନେ ଭାରତୀୟ ଯବାନ ମାନଙ୍କୁ ଯେଉଁ ପ୍ରକାର ଅଭଦ୍ର, ଅମାନୁଷିକ, ବର୍ବରୋଚିତ, ଆଇନ ବିରୋଧୀ, ଯୁଦ୍ଧ ବିରୋଧୀ, ନିଷ୍ଠୁର ଏବଂ ଅମାନବୀୟ ଭାବରେ ହତ୍ୟା କଲେ, ତାହା ବୋଧ ହୁଏ ବିଶ୍ୱ ଇତିହାସରେ ବିରଳ ।

ଆଜକୁ ୭୦ ବର୍ଷ ହେଲା ପାକ୍ ଅଧିକୃତ କାଶ୍ମୀର ମାଟିରେ ଅଶାନ୍ତି ସୃଷ୍ଟି କରିବା ହେଲା ପାକିସ୍ତାନର ଦୈନନ୍ଦିନ କାର୍ଯ୍ୟ । କେବଳ ଛାୟାଯୁଦ୍ଧ କରି ନିଜର କର୍ତ୍ତବ୍ୟ ଶେଷ କରିବା ପାକିସ୍ତାନର ଉଦ୍ଦେଶ୍ୟ ନୁହେଁ କାରଣ, ଅନେକ ଥର ଦେଖାଗଲାଣି ପାକିସ୍ତାନର ସୈନ୍ୟମାନେ ଭାରତୀୟ ସୈନ୍ୟଙ୍କ ମୁଣ୍ଡକାଟି ନେବା ପାଇଁ ତିଳେ ହେଲେ ପଛଘୁଞ୍ଚା ଦେଉ ନାହାନ୍ତି । ଏଥି ମଧ୍ୟରେ, କେତେ ହଜାରଥର ନିୟନ୍ତ୍ରଣ ରେଖାପାର ହୋଇଛନ୍ତି ଏବଂ କେତେଜଣ ଯବାନଙ୍କ ମୁଣ୍ଡ କାଟି ନେଇଛନ୍ତି, ତାହାର ହିସାବ ଦେଇପାରିବେ କେନ୍ଦ୍ର ସରକାର, କାରଣ ତାହା ଲେଖକଙ୍କ ନିକଟରେ ଉପଲବ୍ଧ ନୁହଁ । ରକ୍ତମୁଖା ପାକିସ୍ତାନ ପ୍ରଣୋଦିତ ଆତଙ୍କବାଦୀମାନେ ୨୦୦୧ ମସିହାରେ ଭାରତର ପ୍ରାଣକେନ୍ଦ୍ର/ ଗଣତନ୍ତ୍ରର ମନ୍ଦିର ଭାବେ ପରିଗଣିତ ସଂସଦ (ପାର୍‌ଲିଆମେଣ୍ଟ) ଉପରେ ଅଚାନକ ଆକ୍ରମଣ କରି, ଭାରତବାସୀଙ୍କୁ ହତଚକିତ କରିଦେଇଥିବା ବେଳେ, ଅଭିଯୁକ୍ତ ଅଫଜଲ ଗୁରୁଙ୍କୁ ଫାଶିଖୁଣ୍ଟରେ ଝୁଲାଇବା ପାଇଁ ଭାରତର ଆଇନକୁ ତନ୍ନ ତନ୍ନ କରି ଆଲୋଚନା, ପର୍ଯ୍ୟାଲୋଚନା ପାଇଁ ଲାଗିଥିଲା ଦୀର୍ଘ ୧୫ ବର୍ଷ ।

To read the complete magazine, Download it for FREE from www.aahwaan.com

ଚାଲନ୍ତୁ ଦେଖିବା ପଠାଣକୋଟ ଉପରେ ପାକିସ୍ତାନୀ ସୈନ୍ୟଙ୍କର ଅଚାନକ ଆକ୍ରମଣ, ଯାହା ଘଟିଥିଲା ୨୦୧୬ ଜାନୁୟାରୀ ୨ ତାରିଖରେ । ବିଗତ ୮ ବର୍ଷର ଆକଳନ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୬ରେ ସର୍ବାଧିକ ଯବାନ ଓ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଆଶ୍ଚର୍ଯ୍ୟର କଥା, ଭାରତ ସରକାର ପଠାଣକୋଟ ଆକ୍ରମଣରେ ପାକିସ୍ତାନର ସଂପୃକ୍ତିକୁ ନେଇ ଦୃଢ଼ ଦାବୀ ଏବଂ ପ୍ରମାଣ ଯୋଗାଇଥିଲେ ମଧ୍ୟ ଏହାର ସତ୍ୟାସତ୍ୟ ତଦାରଖ କରିବା ବାହାନାରେ ପାକିସ୍ତାନର ପଦାଧିକାରୀ ମାନେ ଭାରତର ପ୍ରତିରକ୍ଷା କ୍ଷେତ୍ରର ପ୍ରାଣକେନ୍ଦ୍ର "ପଠାଣକୋଟ" ଆସି ତନ୍ନ ତନ୍ନ ପରଖିଲା ପରେ, ସେଥିରେ ପାକିସ୍ତାନର ସଂପୃକ୍ତି ନାହିଁ ଏବଂ ଏହା ଭାରତର ଡ୍ରାମା କହି ବିଶ୍ୱ ସମୂହରେ ନିଜର ନିର୍ମଳ ଭାବମୂର୍ତ୍ତିର ପ୍ରତିପାଦନ କରିବା ପାଇଁ ତିଳେହେଲେ କୁଣ୍ଠାବୋଧ କଲେ ନାହିଁ । ଦୁଃଖ ଏବଂ ପରିତାପର ବିଷୟ, ଭାରତର ପ୍ରତିନିଧି ଦଳ ପାକିସ୍ତାନ ଯାଇ ପ୍ରମାଣକୁ ଦୃଢ଼ିଭୂତ କରିବା ପାଇଁ ପାକିସ୍ତାନ ସରକାରଙ୍କୁ ଯେତେ ପ୍ରକାର ଅନୁରୋଧ କଲେ ମଧ୍ୟ, ପାକିସ୍ତାନ ସରକାର ଅନୁମତି ପ୍ରଦାନ କଲେ ନାହିଁ ।

ସେପ୍ଟେମ୍ବର ୧୮ରେ କାଶ୍ମୀରର ଉରିସ୍ଥିତ ସେନାର ବିଗ୍ରେଡ୍ ମୁଖ୍ୟାଳୟ ନିକଟରେ ଥିବା ଡୋଗ୍ରା ରେଜିମେଣ୍ଟ ଉପରେ ଯବାନମାନେ ଶୋଇଥିବା ବେଳେ ଭୋର ୪ଟାରେ ଆତଙ୍କବାଦୀମାନେ ପଛପଟୁ କବାଟ ଭାଙ୍ଗି ଗ୍ରେନେଡ୍ ମାଡ଼ ଓ ଗୁଳି ବର୍ଷା କରିଥିଲେ । ଏଥିରେ ୧୮ ଜଣ ଯବାନ ଶହୀଦ୍ ହୋଇଥିଲେ ଓ ୧୯ ଜଣ ଆହତ ହୋଇଥିଲେ । ଅକ୍ଟୋବର ୨ ରାତି ୧୦.୩୦ ମି. ରେ ବାରାମୂଲ୍ଲାସ୍ଥିତ ୪୬ ରାଷ୍ଟ୍ରୀୟ ରାଇଫଲ୍ ଓ ନିକଟସ୍ଥ ବି.ଏସ୍.ଏଫ. ଶିବିର ଉପରେ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ ।

ଅକ୍ଟୋବର ୬ ଭୋର ୫ଟା ସମୟରେ କାଶ୍ମୀରର ଖନ୍ଦୱାଡ଼ା ଜିଲ୍ଲା ଲଙ୍ଗାଟେର ୩୦ ରାଷ୍ଟ୍ରୀୟ ରାଇଫଲ ସେନା ଶିବିର ଉପରେ ଆତଙ୍କବାଦୀମାନେ ଅଚାନକ ଆକ୍ରମଣ କରିଥିଲେ । ଉରି ଆକ୍ରମଣର ୨ ମାସ ପରେ କାଶ୍ମୀରର ନଗରୋଟାସ୍ଥିତ ସେନା ମୁଖ୍ୟାଳୟର ଫିଲ୍ଡ ରେଜିମେଣ୍ଟକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ, ଏଥିରେ ୨

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଅଧିକାରୀ ଓ ୫ ଯବାନ ଶହୀଦ୍ ହୋଇଥିଲ । ଡ଼ିସେମ୍ବର ୧୭ରେ କାଶ୍ମୀରର କୁଲଜ୍ଞାମା ଜିଲ୍ଲାସ୍ଥିତ ପମ୍ପୋରରେ ଯବାନମାନଙ୍କ ଉପରେ ଆତଙ୍କବାଦୀମାନଙ୍କ ଟାର୍ଗେଟ୍ ଥିଲା ଅତ୍ୟନ୍ତ ଦୁଃଖଦାୟକ । ପାକିସ୍ତାନ ତଦନ୍ତକାରୀ ସଂସ୍ଥାର ପୂର୍ବତନ ମୁଖ୍ୟ ତାରକ୍ ଖୋସା କହିଛନ୍ତି, ୨୦୦୮ ନଭେମ୍ବର ୨୬ ରେ ସମୁଦ୍ର ମାର୍ଗ ଦେଇ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ୧୦ ଜଣ ସଦସ୍ୟ ବମ୍ବେରେ ପ୍ରବେଶ କରିବା ସହ ଆକ୍ରମଣ ଆରମ୍ଭ କରିଦେଇଥିଲେ, ଯାହା ଫଳରେ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣର ଯୋଜନା ପାକିସ୍ତାନରେ ପ୍ରସ୍ତୁତ ହୋଇଥିଲା ଓ ଏଠାକାର ସିନ୍ଧର ଥାଟ୍ଟା ଠାରେ ଆତଙ୍କବାଦୀମାନଙ୍କୁ ତାଲିମ ଦିଆଯାଇଥିଲା । ମଲା ବେଳେ ହନୁ ସତ କହିଲା ନ୍ୟାୟରେ, ପାକିସ୍ତାନର ପୂର୍ବତନ ସେନା ମୁଖ୍ୟ, ରାଷ୍ଟ୍ରପତି ତଥା ଏକଛତ୍ରବାଦୀ ଶାସକ ଜେନେରାଲ ପରଭେଜ ମୁଶରଫ୍ ଏକ ଘରୋଇ ଟେଲିଭିଜନକୁ ସାକ୍ଷାତକାର ଦେଇ କହିଥିଲେ, ଲସ୍କର-ଇ-ତୋଇବା ଭଳି ଆତଙ୍କବାଦୀ ସଂଗଠନ ପାକିସ୍ତାନର ସୃଷ୍ଟି ।

ଆମେ ଲସ୍କର-ଇ-ତୋଇବା, ହିଜୁବଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ସଂଗଠନକୁ କାଶ୍ମୀର ଆକ୍ରମଣ ପାଇଁ ତାଲିମ ଦେଇଛୁ । ଯେଉଁମାନେ ଜମ୍ମୁ-କାଶ୍ମୀରରେ ବିଧ୍ୱଂସୀ କାର୍ଯ୍ୟକଳାପ ଚଳାଇଛନ୍ତି, ସେମାନେ ଆମପାଇଁ ହିରୋ ଓସାମା-ବିନ୍-ଲାଦେନ୍, ଜଲ୍ଲାଲ - ଉଦ୍ଦିନ୍ ହଲାନୀ ମଧ୍ୟ ଆମ ପାଇଁ ହିରୋ ।

ଏକ ପରିସଂଖ୍ୟାନରୁ ଜଣାଯାଏ, ପାକିସ୍ତାନ ଜୁନ୍ ୧ ଠାରୁ ୧୨ ଦିନ ମଧ୍ୟରେ ୯ ଥର ନିୟନ୍ତ୍ରଣ ରେଖା ଉପରେ ଗୁଳି ଚାଳନା କରିଛି । ୨୦୧୨ ରୁ ୧୬ ମଧ୍ୟରେ ଜାମ୍ମୁ-କାଶ୍ମୀରରେ ୧୧୪୨ଥର ଆତଙ୍କବାଦ ଘୋଷଣା କରିଛି, ଏଥିରେ ୨୩୬ ଯବାନ୍ ଶହୀଦ ହୋଇଥିବାବେଳେ ୯୦ଜଣ ସାଧାରଣ ନାଗରିକ ମୃତ୍ୟୁ ବରଣ କରିଛନ୍ତି । କିନ୍ତୁ କୌଣସିଟିରେ ମଧ୍ୟ ପାକିସ୍ତାନ ନିଜର ସଂପୃକ୍ତି ନେଇ ମାନିବାକୁ ନାରାଜ ପରନ୍ତୁ, ଭାରତ ପାକିସ୍ତାନରେ ଅସ୍ଥିରତା ସୃଷ୍ଟି କରୁଥିବାର କହି ପୃଥିବୀବାସୀଙ୍କୁ ବିଭ୍ରାନ୍ତ କରିବାରେ ସିଦ୍ଧହସ୍ତ । ତେଣୁ କୌଣସି ପ୍ରକାର ବୈଠକ, ଆଲୋଚନା, ସହାନୁଭୂତି, ମିତ୍ରତା,

To read the complete magazine, Download it for FREE from www.aahwaan.com

ମହନୀୟତା କିମ୍ବା କୂଟନୈତିକ ସ୍ତରରେ ଅମାନିଆ ପାକିସ୍ତାନକୁ ବୁଝାଇବା ଅସମ୍ଭବ ବ୍ୟାପାର ଛଡ଼ା ଆଉ କ'ଣ ବା ହୋଇପାରେ ? କାରଣ, କଥାରେ କହନ୍ତି, "ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ।" ତେଣୁ ଚାଲନ୍ତୁନା, ଚେଇଁ ଶୋଇଥିବା ଅମାନିଆ ପାକିସ୍ତାନକୁ ଉଠାଇବା ସଙ୍ଗେ ସଙ୍ଗେ ତାହାର ନକରାତ୍ମକ କାର୍ଯ୍ୟକଳାପକୁ ଭାରତବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହିତ, କାଶ୍ମୀର ଉପତ୍ୟାକାର ସ୍ଥାୟୀ ସମାଧାନ କରିବା ପାଇଁ ପ୍ରକୃତ ପନ୍ଥା ବାହାର କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଅନୁରୋଧ ରଖି, ଆଜିର ଲେଖନୀକୁ ବିରାମ ଦେବା ।

(ରାଧା ଚରଣ ନାୟକ)

ସମାଜସେବୀ ଓ ବରିଷ୍ଠ ଆଇନଜୀବୀ,

ରାମ ନଗର -୨(କମାପଲ୍ଲୀ) ବ୍ରହ୍ମପୁର,

ଗଞ୍ଜାମ ଭ୍ରାମ୍ୟଭାଷ : ୯୮୬୧୧ ୪୪୬୯୧

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ସୋସିଆଲ୍ ନେଟ୍‌ୱାର୍କ୍



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ସୋସିଆଲ୍ ନେଟ୍‌ୱାର୍କରେ ଏ କଣ ହେଉଛି ?

ବିଗତ ଦିନରେ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍ ମାନଙ୍କରେ ଏକ ଭିଡ଼ିଓ ପ୍ରଚୁର ଭାବରେ ବ୍ୟାପିଥିଲା (ଭାଇରାଲ୍ ହେଲା) । ଦୁଇଜଣ ଝିଅ ଜଣେ ପୁଅକୁ କୌଣସି ଏକ ସ୍ଥାନରେ ବିଭିନ୍ନ ପ୍ରକାର ଆକ୍ଷେପ ଦେଇ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିବାର ଦୃଶ୍ୟ ଦେଖାଗଲା । ଏହାକୁ ଦେଖିବା ଲୋକ ତୁରନ୍ତ ଭିଡ଼ିଓରେ ଦେଖାଯାଉଥିବା ପୁଅକୁ ଦୋଷୀ ବୋଲି ଧରିନେଲେ ଆଉ ନିନ୍ଦା କରିଲେ । ଝିଅମାନଙ୍କର ସାହାସକୁ ସାବାସୀ ବି ଦେଲେ । ପରେ ପରେ ଓଡ଼ିଶାର ଅନେକ ଗଣମାଧ୍ୟମରେ ଏହି ବାବଦରେ ବିସ୍ତୃତ ରିପୋର୍ଟ୍ ମାନ ଛପିଲା । ନାରୀ ସଶକ୍ତିକରଣ ପାଇଁ କାମ କରୁଥିବା କିଛି ବୁଦ୍ଧିଜୀବି ଏହାର ଉଦାହରଣ ଦେଇ ଜଣାଇ ଦେଲେ ଯେ ଏବେ ଆଉ ମହିଳା ମାନେ ଅସହାୟା ନୁହନ୍ତି । ଏହି ସମସ୍ତ ପ୍ରକରଣରେ ଅନ୍ତର୍ଭୁକ୍ତ ଥିବା ପୁଅଟି ନିର୍ବିକାର ଭାବରେ ଅସହାୟ ଓ ନିରବ ରହିଥିଲା । ଆଉ ଏହି ସମସ୍ତ ଘଟଣାକୁ ଅନ୍ୟଜଣେ କିମ୍ବା ଅନେକ ବ୍ୟକ୍ତି ନିଜ ମୋବାଇଲରେ ରେକର୍ଡ଼ିଂ କରି ଚାଲିଥିଲେ । ଏହାକୁ

To read the complete magazine, Download it for FREE from www.aahwaan.com

ଦେଖିବା ପରେ ଝିଅମାନଙ୍କ ସହ ଖେଳ ଖେଳୁଥିବା ପୁଅମାନେ ସାବଧାନ ନିଶ୍ଚୟ ହୋଇଯାଇଥିବେ । ଏହା ଦ୍ୱାରା ଏକ ସକାରାତ୍ମକ ପ୍ରଭାବ ପଡ଼ିଲା ବୋଲି ଜଣେ ବନ୍ଧୁ କହିଲେ । ଏହି ଭିଡ଼ିଓକୁ ନିଜ ନିଜ ଟାଇମ ଲାଇନରେ ଶେୟାର କରିବାକୁ ଅନେକେ ତତ୍ପର ହୋଇଗଲେ ।

ଏହି ଘଟଣାର ଅନ୍ୟ ଏକ ଦିଗପ୍ରତି ଅନେକେ ସଚେତନ ନଥିଲେ କିମ୍ବା ଦୃଶ୍ୟର ଗମ୍ଭୀରତାକୁ ଦେଖି ଅନ୍ୟ ସମସ୍ତ ବିଷୟପ୍ରତି ଅଣଦେଖା କରିଦେଇଥିଲେ । ଏହି ଘଟଣା ବିଷୟରେ ଖବର କାଗଜମାନଙ୍କରେ ଶୀରୋନାମା ପଢ଼ିବା ପରେ ଏହି ଭିଡ଼ିଓରେ ଦେଖାଯାଉଥିବା ପୁରୁଷ ଜଣଙ୍କ ବର୍ତ୍ତମାନ ଦୁଇଜଣ ଯୁବତୀଙ୍କ ଉପରେ ଏକ ମୋକଦ୍ଦମା ଦାୟର କରିଛନ୍ତି । ମୋକଦ୍ଦମାର କାରଣ ସେମାନେ ସେହି ବ୍ୟକ୍ତିର ଚରିତ୍ରସଂହାର କରିଛନ୍ତି, ସେମାନଙ୍କ ବ୍ୟକ୍ତିଗତ ବ୍ୟାପାରକୁ ସର୍ବସମ୍ମୁଖରେ ପ୍ରକାଶ କରାଇ ନିଜେ ବାଃ ବା ଲୁଟି ନେଉଥିବା ବେଳେ ସଂପୃକ୍ତ ଯୁବକଙ୍କର କଥାକୁ ଏହି ଭିଡ଼ିଓରେ ସ୍ଥାନ ନ ଦିଆଯାଇ ପ୍ରକୃତ ସତ୍ୟକୁ ଲୁଚେଇ ଦିଆଯାଇଛି । ଅଭିଯୋଗ ହେଉଛି ଯେ ଏହି ଭିଡ଼ିଓ ଏକ ୪୫ ମିନିଟ୍ ଲମ୍ବା ଭିଡ଼ିଓର ମାତ୍ର ୩ ମିନିଟର ଅଂଶ । ଏହି ଭିଡ଼ିଓରେ ସଂପୃକ୍ତ ଯୁବକଙ୍କର ବୟାନ ଦିଆଯାଇନାହିଁ, କେବଳ ଯୁବତୀ ମାନେ ନିଜ ବୟାନ ଦେଇଛନ୍ତି ଏବଂ ଯୁବକଙ୍କର ଚରିତ୍ର ସଂହାର କରିଛନ୍ତି । ଯୁବକ ଜଣକ ଦେଇଥିବା ବୟାନ ଅନୁଯାୟୀ ସଂପୃକ୍ତ ଯୁବତୀ ଜଣକ ତାକୁ ବିବାହ ପାଇଁ ବାଧ୍ୟ କରୁଥିଲେ ଏବଂ ସେ ରାଜି ନ ହେବାରୁ ସେ ଉତକ୍ଷିପ୍ତ ହୋଇ ଏହି ଭିଡ଼ିଓ କରି ସୋସିଆଲ୍ ମିଡ଼ିଆରେ ଛାଡ଼ିଛନ୍ତି । ସତ କଣ ତାହା କେବଳ ସେହି ଯୁବକ ଓ ଯୁବତୀମାନେ ହିଁ ଜାଣିଥିବେ ।

To read the complete magazine, Download it for FREE from www.aahwaan.com

ଅବଶ୍ୟ ଯଦି ଜଣେ ଯୁବକ ବା ପୁରୁଷ କୌଣସି ନାରୀ / ଯୁବତୀ ବା ମହିଳାଙ୍କ ସହ ଏହିପରି କୌଣସି ଗର୍ହିତ ଅପରାଧିକ କାମ କରିଥାଏ ତେବେ ତାକୁ ଦଣ୍ଡ ଦିଆଯିବା ଉଚିତ । କିନ୍ତୁ ଭାରତୀୟ ଦଣ୍ଡ ସଂହିତାରେ ମଧ୍ୟ ଉଲ୍ଲେଖ ଅଛି ଯେ ବିନା ପ୍ରମାଣରେ କୌଣସି ପ୍ରକାର ଦଣ୍ଡ ବିଧାନ କରିବା ଅନୁଚିତ । ଏଠାରେ ସର୍ବସମ୍ମୁଖରେ ଜଣେ ଯୁବକକୁ ଦୋଷୀ ବୋଲି ପ୍ରମାଣିତ କରି ଦିଆଗଲା ଅଥଚ ସମ୍ପୂର୍ଣ୍ଣ ଭିଡ଼ିଓଟିରେ ଯୁବକ ଜଣକ ଥରେ ହେଲେ ମୁହଁ ଖୋଲି କିଛି କହିବାର ଦେଖାଯାଉନାହିଁ । ତେଣୁ ଯଦି ସଂପୃକ୍ତ ଯୁବକ ଯୁବତୀ ଦୁଇଜଣଙ୍କୁ ଧୋକା ଦେଉଥିଲେ ତା ହେଲେ ସେମାନେ ନ୍ୟାୟୋଚିତ ଭାବରେ ଅଦାଲତର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିପାରିଥାନ୍ତେ । ଏବଂ ଉଚିତ ଦଣ୍ଡ ବିଧାନ ହୋଇପାରନ୍ତା । କିନ୍ତୁ ଏଠାରେ ସେମିତି କିଛି ହୋଇନାହିଁ । ବରଂ ଯୁବତୀ ଦୁଇଜଣଙ୍କ ବୟାନ ହିଁ ସ୍ଥାନ ପାଇଛି । ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଭିଡ଼ିଓ ସମ୍ପୃକ୍ତ ଯୁବକଙ୍କର ଚରିତ୍ରସଂହାରର ଉଦ୍ଦେଶ୍ୟରେ ତିଆରି କରାଯାଇଛି ।

ଏହି ଭିଡ଼ିଓକୁ ଦେଖି ଯୁବତୀ ମାନଙ୍କ ସପକ୍ଷରେ ଯୁକ୍ତି ଦେଉଥିବା ବୁଦ୍ଧିଜୀବି ମାନେ କହିବେ କି, ଯଦି ଏହି ଭିଡ଼ିଓରେ ଏହାର ବିପରୀତ କିଛି ଘଟଣା ଦେଖାଯାଉଥାନ୍ତା, ଅର୍ଥାତ ଦୁଇଜଣ ଯୁବକ ଜଣେ ଯୁବତୀଙ୍କୁ ଏମିତି ମାଡ଼ ମାରୁଥାନ୍ତେ ଆଉ ସେହି ଭିଡ଼ିଓ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟରେ ଦେଖାଦେଇଥିଲେ ସେମାନେ କଣ ଏହାକୁ ଗ୍ରହଣ କରିଥାନ୍ତେ କି ? ନା, ହୁଏତ ସେତେବେଳେ ମହିଳା ସୁରକ୍ଷା ନାମରେ ଅନେକ ସଂଗଠନ ଆଗେଇ ଆସି ଧାରଣା ଓ ପ୍ରଦର୍ଶନ କରି ପକାନ୍ତେ । ଏହା କହିବା ଉଦ୍ଦେଶ୍ୟ ନୁହେଁ ଯେ ଆମେ ମହିଳାଙ୍କୁ ଦୋଷୀ ବୋଲି ପ୍ରମାଣ କରୁଛୁ କିନ୍ତୁ ଅତୀତରେ ଅନେକ ଘଟଣା ଏହିପରି ଘଟିଛି, ଯେଉଁଠି ନିର୍ଦ୍ଦୋଷ ପୁରୁଷ ମାନଙ୍କୁ ବିନା କୌଣସି ପ୍ରମାଣରେ ଅପାତତଃ ମିଡ଼ିଆ ଟ୍ରାଏଲ୍ କରି ଦୋଷୀ ବୋଲି କୁହାଯାଇଛି ଏବଂ ସେହି ପୁରୁଷମାନେ ଅପମାନ ସହି ନପାରି ଆତ୍ମହତ୍ୟା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କରିଛନ୍ତି । ବିଗତ ଦିନରେ କଟକର ବାଦାମବାଡ଼ି ବସଷ୍ଟାଣ୍ଡ ନିକଟରେ ଦୁଇଜଣ ଯୁବତୀ ଜଣେ ଯୁବକଙ୍କୁ ପିଟୁଥିବାର ଭିଡ଼ିଓ ଭାଇରାଲ୍ ହୋଇଥିଲା, ଲୋକମାନେ ଯୁବତୀ ମାନଙ୍କୁ ବାହବା ଦେବାରେ କୁଣ୍ଠା କରିନଥିଲେ କିନ୍ତୁ ପରେ ଜଣାପଡ଼ିଥିଲା ଯେ ସଂପୃକ୍ତ ଯୁବକ ନିର୍ଦ୍ଦୋଷ ଏବଂ ଅନ୍ୟ କାହାର ଦୋଷ ପାଇଁ ସେ ମାଡ଼ ଖାଇଥିଲେ । କିନ୍ତୁ ଏହାର ସାମାଜିକ ପ୍ରଭାବ ଏତେ ପଡ଼ିଥିଲା ଯେ ସଂପୃକ୍ତ ଯୁବକ ଆତ୍ମହତ୍ୟା କରିଥିଲା । ବର୍ତ୍ତମାନ ତା ପରିବାର ହନ୍ତସନ୍ତ ହେଉଛନ୍ତି, ଏଥିପାଇଁ ଦାୟୀ କିଏ ? ହାତରେ ସ୍ମାର୍ଟ୍ ମୋବାଇଲ୍ ଆସିଲେ ଲୋକମାନେ ଏହାର ଦୁର୍ବ୍ୟବହାର କରିବା ଅସମ୍ଭବ ନୁହେଁ । ଆଜିକାଲି ସାଧାରଣତଃ ଅନେକ ଆପତ୍ତିଜନକ ଭିଡ଼ିଓ ସୋସିଆଲ୍ ନେଟ୍ୱାର୍କିଂ ସାଇଟରେ ଶେୟାର୍ ହେଉଛି । ଲୋକମାନଙ୍କ ବ୍ୟକ୍ତିଗତ ସଂପର୍କର ଭିଡ଼ିଓ ସବୁ ଆସୁଛି କେମିତି ? ସବୁ ସେଇ ମୋବାଇଲ୍ ପାଇଁ ହିଁ ସମ୍ଭବ ହେଉଛି ।

ବର୍ତ୍ତମାନ ଆମେ ଚର୍ଚ୍ଚା କରୁଥିବା ଏହି ବିଷୟ ଉପରେ ଜଣାଇବାକୁ ଚାହେଁ, ଯେ ଯଦି ବା ସେ ଯୁବକ ଭୁଲ କରିଥିଲା ତା ହେଲେ ତାହା ଆପୋଷ ବୁଝାମଣା କିମ୍ବା ଅଦାଲତ ଦ୍ୱାରା ସମାଧାନ ହୋଇପାରିଥାନ୍ତା । ଭିଡ଼ିଓର ଦୃଶ୍ୟରେ ଜଣେ ଯୁବତୀ କହୁଥିବାର ଶୁଣାଯାଉଛି ଯେ ସେ ପୂର୍ବ ରାତିରେ ସମ୍ପୃକ୍ତ ଯୁବକ ସହ ଥିଲେ । ପୁଣି ଅନ୍ୟ ସ୍ଥାନରେ କହୁଥିବାର ଶୁଣାଯାଉଛି ଯେ ସେ ଅନ୍ୟ ଯୁବତୀଙ୍କୁ କାନ୍ଦିଥିବାର ଦେଖିଛନ୍ତି । ମାନେ ଅନ୍ୟ ଯୁବତୀଙ୍କର କାହାଣୀ ଶୁଣିବା ସତ୍ତ୍ୱେ ସେହି ଯୁବତୀ ଜଣକ ଯୁବକ ସହିତ ରାତ୍ରୀରେ ଏକାଠି ରହିଛନ୍ତି । କିନ୍ତୁ ଯେତେବେଳେ ଭିଡ଼ିଓ ସୁଟିଂ ହେଉଛି ସେତେବେଳେ ନିଜର ଭଲପଣ ଦେଖାଇବା ପାଇଁ ଯୁବକକୁ ଗାଳି ଦେବାକୁ ପଛାଉନାହାନ୍ତି । ଏଥିରେ ସଂପୃକ୍ତ ଯୁବତୀଙ୍କ ବ୍ୟବହାର ସନ୍ଦେହଜନକ ହେଉନାହିଁ କି ? କେଉଁ କାରଣରୁ ଏହି ଭିଡ଼ିଓ ହୋଇଛି ତାହା ସ୍ପଷ୍ଟ ଭାବରେ ଜଣାଇ ଦିଆଯାଇନାହିଁ । କେବଳ ଏତିକି ଦେଖିବାକୁ ମିଳୁଛି ଦୁଇଜଣ

To read the complete magazine, Download it for FREE from www.aahwaan.com

ଯୁବତୀ ଜଣେ ଯୁବକଙ୍କୁ ଗାଳି ଦେଉଛନ୍ତି ଆଉ ମାଡ଼ ମାରୁଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ ସେମାନେ ସମ୍ପୃକ୍ତ ଯୁବକକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଏହି ଭିଡ଼ିଓ କରିଛନ୍ତି ।

ବର୍ତ୍ତମାନ ଏହି ଭିଡ଼ିଓର ଆଉ ଏକ ଭାଗ ପ୍ରସାରିତ ହୋଇଥିବା ଦେଖାଯାଉଛି ଯେଉଁଠି ସଂପୃକ୍ତ ଯୁବତୀ ସମେତ ଜଣେ ଯୁବକ ମଧ୍ୟ ଆକ୍ରମଣ କରୁଥିବା ଦେଖାଯାଉଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ସମସ୍ତ ଘଟଣା ଯୋଜନାବଦ୍ଧ ଭାବରେ କରାଯାଇଛି ଏବଂ ଏଥିରେ ସଂପୃକ୍ତ ଯୁବକଙ୍କୁ ଧମକ ଚମକ ଦିଆଯାଉଛି ।

ସଦ୍ୟପ୍ରାପ୍ତ ସୂଚନା ଅନୁଯାୟୀ ସେହି ଯୁବତୀ ଜଣକ କାଳେ ସଂପୃକ୍ତ ଯୁବକଙ୍କୁ ଅନେକ ସମୟରେ ଟଙ୍କ ସୁନା ଆଦି ଦାବୀ କରୁଥିଲେ ଏବଂ ନେଉଥିଲେ ମଧ୍ୟ । ଏବଂ ସେ ଏହା ଦେବାପାଇଁ ମନା କରିବା ପରେ ସେହି ଯୁବତୀ ଜଣକ ପ୍ରତିହିଂସାପରାୟଣ ହୋଇ ଜନୈକ ବ୍ୟବସାୟୀ ଏବଂ କଟକର ଜଣେ ମହିଳାଙ୍କ ସହାୟତାରେ ଏହି ସମସ୍ତ ବ୍ୟବସ୍ଥା କରିବା ପରେ ଅନ୍ୟ ଜଣେ ଯୁବତୀ ଏବଂ ତାଙ୍କର ଯୁବକ ବନ୍ଧୁଙ୍କ ସହାୟତାରେ ଏହି ଭିଡ଼ିଓ ସୁଟିଂ କରିଥିଲେ ଏବଂ ସୋସିଆଲ୍ ମିଡ଼ିଆରେ ପ୍ରସାର କରାଇଥିଲେ । ଆହୁରି ମଧ୍ୟ ଶୁଣିବାକୁ ମିଳିଛି ଯେ ବର୍ତ୍ତମାନ ସଂପୃକ୍ତ ଯୁବତୀଙ୍କ ପରିବାରବର୍ଗ ଯୁବକଙ୍କ ଓକିଲଙ୍କ ସହ ମିଶି ମାମଲାର ଆପୋଷ ସମାଧାନ କରିବାକୁ ଚାହୁଁଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଜଣାପଡ଼ିଛି । ସମ୍ପୂର୍ଣ୍ଣ ଖବର କଣ ତାହା ତ ବଳେ ବଳେ ଜଣାପଡ଼ିବ । କିନ୍ତୁ ଯାହା ବି ହୋଇଛି ତାହା ଏକ ନାଟକ ଏବଂ ଏଥିରେ ସତ୍ୟତା କିଛି ନାହିଁ ବୋଲି ଯୁବକ ଜଣକ କହିଛନ୍ତି । ଏହା ସହିତ ଯୁବକ ଜଣକ ଅଭିଯୋଗ କରିଛନ୍ତି ଯେ ସେହି ଯୁବତୀ ଦୁଇଜଣ ଏବଂ ଜଣେ ଯୁବକ ତାଙ୍କୁ ଆକ୍ରମଣ କରି ତାଙ୍କ ବ୍ୟାଗରୁ ଗୋଟିଏ ଆଇ ଫୋନ୍, ପାଞ୍ଚହଜାର ଟଙ୍କା ସମେତ ଆହୁରି ଅନେକ କିଛି ଲୁଟି ନେଇଛନ୍ତି ।

To read the complete magazine, Download it for FREE from www.aahwaan.com

ବର୍ତ୍ତମାନର ପ୍ରକରଣରେ ଯେତେବେଳେ ଯୁବକ ଜଣକ ସଂପୃକ୍ତ ଯୁବତୀ ଦୁଇଜଣଙ୍କ ଉପରେ ମାମଲା ଦାୟର କରିଛନ୍ତି, ସେତେବେଳେ ମାନ୍ୟବର ଅଦାଲତ କେଉଁ ପ୍ରକାରର ନ୍ୟାୟ କରୁଛନ୍ତି ତାହା ଦେଖିବାକୁ ରହିଲା । ନିଶ୍ଚୟ ଭାବରେ କାହାର ଚରିତ୍ରସଂହାର କରିବାଭଳି ଭିଡ଼ିଓ ନିର୍ମାଣ କରିବା ଏବଂ ଏହାକୁ ସର୍ବଜନବିଦିତ କରାଇବା ଏକ ଧର୍ତ୍ତବ୍ୟ ଅପରାଧ । ତେଣୁ ଆମ ମତରେ ଉଭୟ ଯୁବତୀ ଏଥିପାଇଁ ଦାୟୀ ଏବଂ ଦୋଷୀ ମଧ୍ୟ ।

ବୀମା ନଗର, ଦ୍ୱିତୀୟ ଗଳି

ଆମ୍ବପୁଆ ମୁଖ୍ୟ ରାସ୍ତା

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଆହ୍ୱାନ ପତ୍ରିକା ବିଷୟରେ ଆପଣଙ୍କ ମତାମତ ଆମକୁ ଜଣାନ୍ତୁ ।

ଆମ ଇମେଲ୍ ଠିକଣା : aahwaan@gmail.com

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ / ୯୦୪୦୯୮୫୪୬୩

To read the complete magazine, Download it for FREE from www.aahwaan.com

# ଶାଳିଆର ରତନି



ପାରମିତା ମିଶ୍ର

ରତନି ମୁଣ୍ଡରେ ହାତ ଦେଇ ବାରି ତଳ ଏରୁଣ୍ଡି ପାଖରେ ବସିଛି । କେତେବେଳେ ରାତି ପାହି ସକାଳ ହେଲା ଜାଣି ବି ପାରିନି । ଭୋକରେ ପେଟ ଭିତରେ ଯେମିତି ଏକ ଯୁଦ୍ଧ ଚାଲିଛି କିନ୍ତୁ ଖାଇବ ବା କଣ ? ନା କିଛି ଅଛି ନା ପେଟକୁ ଯିବ । ଏଇ ସମୟରେ ବାରି ତଳିଆ ମାଇକିନାଟେ ଓଦା ସରସର କାଖରେ କଳସୀ ଧରି ଯାଉଥିବାର ଦୃଶ୍ୟ ରତନିକୁ ବିବ୍ରତ କରିଦେଲା । କାନ୍ଦିବ କାନ୍ଦିବ ହେଇ ରହିଥିବା ଆଖି ଦୁଇଟିରେ ହଠାତ୍ ବନ୍ୟା ଆସିଗଲା ଯେମିତି । ଭୋ ଭୋ ହୋଇ ରଡ଼ି ଛାଡ଼ି କାନ୍ଦି ଉଠିଲା ରତନି, କଇଁ..... ମୋ କଇଁ......

ଆଖି ଆଗରେ ଭାସି ଉଠିଲା ସୁଖର ଦିନ ଗୁଡ଼ିକ ।

ଶାଳିଆ ବୋଲି ଛୋଟିଆ ଗାଁ ସେଇଠି ରହେ ଆଦିବାସୀ କନ୍ଧ ରତନି ମୁଣ୍ଡ । ପାଖ ଗାଁ କୁ ଝିଅ ଦେଖିବାକୁ ଯାଇଥିଲା ।

“ସେଦିନ କଇଁକୁ ଦେଖିକି ଆସିଲା ପରେ ରାତିସାରା ଆଉ ମତେ  ନିଦ ନାହିଁ । ଖାଲି ତା'ରି ମୁହଁ ନାଚୁଥିଲା ।

To read the complete magazine, Download it for FREE from www.aahwaan.com

ତାକୁ ନିଜର କରିନେବାର ସ୍ୱପ୍ନ ଦେଖିବାରେ ସଦାବେଳେ ମସଗୁଲ ରହିଲି । ଆଉ ଜଲଦି ସେଦିନ ବି ଆସିଗଲା । କଇଁ, ସଦ୍ୟ ଫୁଟିଥିବା କଇଁ ଫୁଲ ପରି ସଜେଇ ହୋଇ ସବୁଦିନ ପାଇଁ ମୋର ହୋଇଗଲା । ତାର ରୂପ ଲାବଣ୍ୟରେ ମୁଁ ମନ୍ତ୍ରମୁଗ୍ଧ ହୋଇ ରହିଗଲି । କେହି ନଥିଲା ମୋ ଜୀବନରେ ସେ ଯାଏଁ । କିନ୍ତୁ ଲାଗୁଥିଲା ପୁରା ଦୁନିଆ ମୋର ପରି ।" ଏହିପରି କେତେ କଥା ଭାବି ଚାଲିଚି ରତନି । ଅଜାଣତରେ ମୁହଁରେ ଅପ୍ରାକୃତ ହସର ଧାରଟିଏ ଆଙ୍କି ହୋଇ ଯାଇଛି ତାର । ଲାଗୁଛି ସତେ କଇଁ ଏବେବି ସେଇ ବଧୁବେଶରେ ଠିଆ ହୋଇଛି ତା ଆଗରେ । ଅଚାନକ ମୁହଁର ଭାବ ପରିବର୍ତ୍ତନ ହୋଇଗଲା ନା ମିଛ ସେଠି କେହି ନାହିଁ ଖୋଜି ବୁଲିଲା ସେ କାହି ମୋ କଇଁ ? ଅସହାୟ ପରି ପୁଣି ଜମି ଉପରେ ପଡ଼ିଗଲା ସେ ପୁଣି ଭାବି ବସିଲା କେମିତି ଥିଲା ତା ଜୀବନ,

"ମୂଲ ଲାଗିଲେ ଯାହା ମିଳୁଥିଲା ମୋ ପେଟକୁ ଢେର । ହେଲେ କଇଁକୁ ଟିକେ କଷ୍ଟ ହେଲେ ମୋ ଦେହରେ ଯେମିତି ଛୁରା ଚାଲିଯାଉଥିଲା । ମୁଁ ବରଦାସ୍ତ କରି ପାରୁ ନଥିଲି । ମୋ ବା'ର ଗୋଟେ ପଡ଼ିଆ ପଡ଼ିଥିଲା, ଧାନ ଟିକେ ହଉଥିଲା ଯାହା । ହେଲେ ମୋ କଇଁ କହିଲା ଆଉ କାହା ପାଖେ କାହିଁକି ମୂଲ ଲାଗିବ ବରଷ ଯାକ ନିଜ ଜମିରେ ଖଟୁନ । ତା ପଦେ କଥା ମୁଣ୍ଡଫଟା ଖରାଟାରେ ବି ବରଫର ଅନୁଭୂତି ପାଉଥିଲି ଯେମିତି । ମୁଁ ବି ଅଣ୍ଟା ଭିଡ଼ିଲି । ଧିରେ ଧିରେ ଜୀବନ ସ୍ୱର୍ଗ ହୋଇଗଲା । ବରୁଷେ ଦି ବରଷେରେ ମୁଁ ଗୋରୁ ଦୁଇଟା କିଣିଲି । ମୋ କଇଁ ସତରେ ଲକ୍ଷ୍ମୀଟେ, ଘରେ ଗୋଡ଼ ଦେଉଦେଉ ଘର ମୋର ହସଖୁସିରେ ଭରିପଡ଼ିଲା । ହରିଆ, ବୁଧିଆ (ବଳଦ) ଆସିଲା ପରେ ସେ ଭାରି ବ୍ୟସ୍ତ । ତାକୁ କେହି କହିଥିଲା ଗୋରୁ ସେବା କଲେ ପୁଆଣି ହେବ । ସବୁ ବହୁତ ଭଲ ଚାଲିଥିଲା କାହିଁ କେତେ ବରଷ ହେଲା ପିଲାଟିଏ ପାଇଁ କଇଁ ଉହଲ ବିକଳ ହେଉଥିଲା । ଠାକୁର ଶୁଣିଲେ ସିନା । କିନ୍ତୁ ସେ ବି ଜିଦ୍ଧି ଓଷା ବ୍ରତ ଆରମ୍ଭ କରିଦେଲା । ରାତି ଦିନ ଓପାସ

To read the complete magazine, Download it for FREE from www.aahwaan.com

କରେ, ନାହିଁ କଲେ ବି ଶୁଣିଲାନି । ଆଉ ଯେଉଁ ଡର ଥିଲା ସେଇଆ ହେଲା । ପେଟ କାମୁଡ଼ି ପଡ଼ିରହିଲା । ଗାଁ ବଇଦ ତ ଅଛୁଆଁ କହି ଦୁଆରୁ ଫେରେଇ ଦେଲା । ସେ ନାଇଁ ନାଇଁ କରୁଥିଲା ହେଲେ ରାଣ ପକେଇ ତାକୁ ଡାକ୍ତରଖାନା ଧରିକି ଗଲି । କଇଁ ବାରମ୍ବାର କହୁଥିଲା ମତେ ଏଇଠି ରହିବାକୁ ଦେ ମୋ ଘରେ ମୁଁ ଠିକ୍ ହୋଇଯିବି, ହେଲେ ମୁଁ ବାଧ୍ୟ କରି ନେଇଗଲି । ଯେତେ ଖର୍ଚ୍ଚ ହେଉ ତତେ ଠିକ୍ କରି ଆଣିବି ଆଉ ମତେ ପିଲାଝିଲା ଲୋଡ଼ା ନାହିଁ । ଖାଲି ତୁ ଆଉ ମୁଁ ବାସ ।

ଚାରିଦିନ ହେଲାଣି ଡାକ୍ତରଖାନା ବାରଣ୍ଡାରେ ଏଯାଏଁ ଖଟିଆଟେ ମିଳିନି । ଥରୁଟିଏ ଡାକ୍ତର ଦେଖି ଯାଇଥିଲେ ଯେ ଆଉ ଦେଖିନାହିଁ । କଇଁ ଦରଦରେ ଗରଲୁଚି । କେହି ଜଣେ କହିଲା ପ୍ରାଇଭେଟରେ ଦେଖେଇଲେ ଜଲଦି ଦେଖିବେ ହେଲେ ଢେରେ ପଇସା ଲିଗିବ । ହେ ଲାଗିଲେ ଲାଗୁ ବୋଲି ଧାଇଁଲି ସେଠିକୁ । ପଇସା ପାଣି ଅଜାଡ଼ି ଦେଇ ଆସିଲି, ଡାକ୍ତର କହିଲା ପେଟରେ ଘା’ ହେଇଚି, ଭଲ ହବ ଯେ ଢେରେ ପଇସା ଲାଗିବ । ବେଙ୍କରେ କଷ୍ଟ ଅର୍ଜିତ ପଇସା କିଛି ଥିଲା ମୋର । ସବୁ ଉଠେଇ ଆଣିଲି । ହେଲେ ଧିରେ ଧିରେ ସବୁ ପଇସା ସରିଲା । ଆଜି ପଚାଶ ହଜାର ଜମା କର ଆଜି ଅପରେସନ ହବ ନହେଲେ କଇଁ ଆଉ ରହିବନି । ଏଁ କି କଥା । ହେଲେ ମୋ ପାଖରେ ଆଉ କିଛି ନାହିଁ । ପନ୍ଦର ଦିନ ହେଲା ଏଇ ସହରରେ ରହୁଛି । ଔଷଧ ପତ୍ର, ଖାଇବା ଆଉ ଡାକ୍ତରଖାନାରେ ସବୁ ସରିଗଲା । ମୁଣ୍ଡରେ ଗୋରୁ ଦିଟା ଦିଶିଗଲେ ଧାଇଁଲି ଗାଁକୁ । କଇଁ ଆସିଲେ ଆଉଥରେ ହରିଆ, ବୁଧିଆକୁ କିଣି ଆଣିବି ହେଲେ ଏବେ ମୋର ଟଙ୍କା ଦରକାର । ହାଟରେ ସେ ଦି’ଟାକୁ ବିକିଲା ବେଳକୁ ଛାତି ପାଣି ହୋଇଯାଇଥିଲା । ହେଲେ ସେଠୁ ପ୍ରାଣ ବିକଳରେ ଗଲି ଡାକ୍ତରଖାନା ଟଙ୍କା ଧରି । ସବୁ ଟଙ୍କା ଜମା କରେଇଦେଲି । ମୋର ବିଶ୍ୱାସ ଥିଲା ମୋ କଇଁ ଏଥର ଘରକୁ ଯିବ । ଜୁଲୁଜୁଲୁ କରି ମତେ ଚାହିଁ ରହିଥିଲା କଇଁ । ଅପରେସନକୁ

To read the complete magazine, Download it for FREE from www.aahwaan.com

ଗଲାବେଳେ କହିଲା ହେଇଟି ଲେଟ ହେବ କି କଣ ତମେ ଖାଇ ପକାଓ ମତେ ଜଗିବନି । ମୁଁ ତ ମନେମନେ ଭାବୁଥିଲି ନା ଆଜି ତ ଇମେ ସାଥି ହୋଇ ଖାଇବା । ତୁ ଆଗ ଭଲ ହେଇ ଯା । ସେଇଠି ଟିକିଏ ଘୁମେଇ ପଡ଼ିଥିଲି ଯେ ଦେଖିଲା ବେଳକୁ କେତେବେଳେ ହେଇଗଲାଣି । ଖୁସିରେ ଧାଇଁଗଲି ଡାକ୍ତର ପାଖକୁ ମୋ କଇଁ ଭଲ ହେଇଗଲି ନା ଡାକ୍ତରବାବୁ । ଡାକ୍ତର ଆଉ ନର୍ସ ଦିଦି ମୋ ହାତରେ କାଗଜ ଧରେଇ ଦେଇ କହିଲେ ନାଁରେ ରତନି କଇଁକୁ ଆମେ ବଞ୍ଚାଇ ପାରିଲୁନି । ଏ କାଗଜ ନେ ପଇସା ଭରିକି ଶବ ନେଇଯା ।

ମୁଁ ତ ସେଇଠି ଛେଚି ହେଇ ବସିଗଲି । ଶବ, ମୋ କଇଁକୁ ଶବ କହିଲେ ଏମାନେ । ହେଲେ ମୋ କଇଁ କୁ ଏଠୁ ନେବାପାଇଁ ମୁଁ ପଇସା ଦେବି ।

ତିନି ଦିନ ହୋଇଗଲା ଥାନା ପୋଲିସ୍ ସବୁ ବୁଲିବୁଲି ଥାକ ହୋଇଗଲା ଆଉ ଖାଲି ଶେଷ ଚାରା ରହିଲା ସେ ଜମି ଖଣ୍ଡକ, ଏରୁଣ୍ଡିରେ ବସି ଏଇ କଥା ଭାବୁଥିଲା ରତନୀ । ଦମ୍ଭ ଧରିକି ଉଠିଲା । ଘର ଭିତରୁ ଜମି କାଗଜ ଖଣ୍ଡକ କାଢ଼ି ଧାଇଁଲା । ବନ୍ଧା ପକେଇ ଟଙ୍କା ଆଣିଲା । ସହରର ଏଡ଼େ ବଡ ଡାକ୍ତରଖାନାରେ ଏକ କଣରେ କଇଁର ଶବ ପଡ଼ି ରହିଛି । ପଇସା ତକ ଡାକ୍ତର ଉପରକୁ ଫିଙ୍ଗି କଇଁକୁ ନେଇଆସିଲା ରତନି ।

କାନ୍ଧରେ କଇଁର ଶବ ଦୁଆର ମୁହଁରେ ପହଞ୍ଚିଛି କି ନାଇଁ କୁଆଡୁ କେଜାଣି ଏତେ ଲୋକ ରୁଣ୍ଡ ହୋଇ ଆସିଗଲେ ରତନି ଦୁଆର ମୁହଁକୁ । ଆଜିକୁ ମାସୁଟିଏ ହେଲାଣି କେହି ତ ଥରେ ପଚାରିବାକୁ ଆସିନଥିଲେ ଆଜି ଏସବୁ କିଏ ?

ଅସଲରେ ରାସ୍ତାରେ ଶବ ନେଇ ଆସିଲା ବେଳକୁ କେହିଜଣେ ଫୋଟ ଉଠେଇ ନେଇଥିଲେ । ଆଉ ତାରି କମାଲ । ଏବେ ପୋଲିସ ଆଉ ସରକାର ସବୁ ରତନୀର

To read the complete magazine, Download it for FREE from www.aahwaan.com

ଦୁଆରେ । ଶବ ସତ୍କାରର ସବୁ ଖର୍ଚ୍ଚ ସରକାର ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆଜି ସବୁ ଟିଭି ଚ୍ୟାନେଲରେ ଦିଶୁଛି ଶାଳିଆ ଗାଁର ରତନି ମୁଣ୍ଡା । ସରକାରୀ ସାହେବ ଆସି ରତନି ହାତରେ ଧରେଇ ଦେଇଛନ୍ତି ଚାରି ଲକ୍ଷ ଟଙ୍କାର ଚେକ୍, ସରକାରୀ ସାହାଯ୍ୟ ।

ଶବ ସତ୍କାର ହୋଇଗଲା । ରତନି ଆଉ କାହାକୁ କିଛି କହୁନି । ମୁହଁ ମାରି ଗାଁ ମୁଣ୍ଡର ଚା ଦୋକାନରୁ କିଛି ଦୂରରେ ଏକା ଏକା ବସି ଯାଇଛି । ଚା ଦୋକାନରେ ଲୋକ ଭିଡ଼, ସଭିଏଁ କାନ ଡେରି ବସିରହିଛନ୍ତି ଟିଭିକୁ ଆଉ ରତନି, ଖାଲି ଜୁଳୁଜୁଳୁ କରି ଦେଖୁଛି, ବୋଧେ ମନରେ ଭାବୁଥିବ କଣ ଚାଲିଛି ଏସବୁ, ମୋ କଇଁ ମରଣ କାହା ପାଇଁ ମନୋରଂଜନ ତ କାହା ପାଇଁ ନିର୍ବାଚନରେ ଜିତିବା ହାରିବା ଖେଳ । ତା ଆଖିରୁ ଖାଲି ଝରି ଯାଉଛି ଅସରା ଶ୍ରାବଣ ।

ଦୂର ଟିଭିରୁ ଏବେ ବି ଭାସି ଆସୁଛି ଖାସ ଖବର୍, "ସାଳୁଆ ଗାଁର ରତନି ଦେଖନ୍ତୁ ଓ ନିଜର ମତାମତ ଦିଅନ୍ତୁ ।"

ବସନ୍ତ ବିହାର, ଆମ୍ବପୁଆ

ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଅତୃପ୍ତ ଶୋଷ, ଅପହଞ୍ଚ ନଦୀ



ଡଃ ମୌସୁମୀ ପରିଡ଼ା

୧

ସବିତା ଚତୁର୍ଥଥର ପାଇଁ ଡାକିଲା - ସୋନି, ପାଣି ମୁନ୍ଦିଏ ଦେଇଯା', ଭାରି ଶୋଷ । ତଥାପି ସୋନିର ଦେଖା ନଥିଲା ! ଘୁଷୁରି ଘୁଷୁରି ପଦାକୁ ଯାଇ ସବିତା ଦେଖି ସାରିଲାଣି ଗରା ସୁରେଇ ସବୁ ଖାଲି ! ମଥାକୁ ରାଗ ଚଢ଼ିଗଲା ସବିତାର - କି ପଥରଟାଏ କିଲୋ ତୁ ! ଏ ଟାଣ ଖରାରେ ଦେହ, ତଂଟି ଜଳିଯାଉଛି, ଜିଭ ଶୁଖି ଅଠା ମାରିଗଲାଣି । ହେଲେ ଏ ରୋଗୀଣା ମା'ଟା ମୁହଁରେ ମୁନ୍ଦିଏ ପାଣି ବି ଦେଉନୁ ? ତମେମାନେ କଣ ପାଣି ପିଉନ ? କୋଉଠି ଲୁଚେଇଛୁ ପାଣି କହ ! ସୋନି ନ ଶୁଣିଲା ପରି ତା କାମରେ ମନଦେଲା । ମା' ତାର ଉହଳବିକଳ ହେଉଛି ପାଣି ପାଇଁ । ହେଲେ ବାପା ତ ମନା କରିଛନ୍ତି ପାଣି ଦେବାକୁ । ବୋତଲରେ ମାତ୍ର ତିନିଢ଼ୋକ ପାଣି ଥିଲା, ସେତକ ସେ ପିଇସାରିଛି । ମା' ପୁଣି ଚିଲେଇଲା - ଆଲୋ ସୋନି ତୁ କଣ ମୋ ବିକଳ ଶୁଣିପାରୁନୁ, ନିଷ୍ଠୁର ହେଲୁଣି ତୋ ବାପ ଭଳିଆ.. ? ଶତ୍ରୁକୁ ବି ପାଣିପାଇଁ ମନା କରନ୍ତିନି । ହେଲେ ନିଜ ମାଆ ପାଇଁ ଏତେ ନିଷ୍ଠୁର ! ଖାଲି

To read the complete magazine, Download it for FREE from www.aahwaan.com

ସୁରେଇକୁ ସେ ରାଗରେ କଚିଦେଲା ବାରଣ୍ଡାରେ । ଛୋଟ ଛୋଟ ଖପରା ଖଣ୍ଡ ଯେପରି ଛିଗୁଲାଉଥିଲା ସବିତାକୁ - ପାଣି ପାତ୍ର ଭାଙ୍ଗିଦେଲେ କଣ ପାଣି ମିଳିଯିବ !

ସୋନି ଆଉ ସଂଭାଳି ନପାରି ଧାଇଁ ଆସି କହିଲା - ମା' ତୁ ବୁଝୁନୁ କାହିଁକି ? ଆଉ ଢୋକେ ପାଣି ବି ତୋ ପାଇଁ ବିଷ । ଅବାଧ୍ୟ ହୋଇ ପିଇଲେ ବାପା ତୋତେ ପୁଣି ହସ୍ପିଟାଲ୍ ନେଇଯିବେ । ପୁଣି ଡାଏଲିସିସ୍ କରି ଡାକ୍ତର ପାଣି କାଢ଼ିବେ ଆଉ ତୁ ଯନ୍ତ୍ରଣାରେ ବିଳପି ଉଠିବୁ । ବାପା କହୁଥିଲେ ତୋର କାଳେ ଆୟୁଷ ସରି ଆସୁଛି । ଆମ ପାଇଁ ତୁ କଣ ଶୋଷକୁ ପାଶୋରି ଦେଇପାରିବୁନି । ଦୁଇଟାଯାକ କିଡ଼ନୀ ତୋର ନଷ୍ଟ ଏବେ ! ଆବଶ୍ୟକତା ଠାରୁ ଅଧିକ ପାଣି ତୋତେ ମନା । ତୋର ସରିଆସୁଥିବା ଆୟୁଷରୁ ଆଉ କିଛି କ୍ଷଣ କଣ ଆମକୁ ଦେଇପାରିବୁନି ? ସେଥିପାଇଁ ତୋତେ ପାଣି ମନା..� କେମିତି ଜଣାଇବି ମାଆ ଆମେ ତୋତେ କେତେ ଭଲପାଉ । ଜୀବନ ଦାନ କରୁଥିବା ଜଳ ଆଜି ବିଷ ପାଲଟି ଯାଇଥିଲା ସବିତା ପାଇଁ ।

ଗ୍ରୀଷ୍ମର ଦି'ପହରଟାରେ ଦୁହିଁଙ୍କ ଆଖିରେ ଶ୍ରାବଣ ଘୋଟି ଆସିଥିଲା । ସେ ଶ୍ରାବଣ କିନ୍ତୁ ତୃଷିତ ଶରୀରର ବିଳାପ ଶାନ୍ତ କରିବାକୁ ନିରର୍ଥକ ଥିଲା ।

୨

ନେ' ବାପା.. ପାଣିମୁନ୍ଦିଏ ନେ' । ଏ ଟାଣ ଖରାରେ ତଣ୍ଟି ଶୁଖିଯିବ ପରା ! ସୁରେଖା ଖୁବ୍ ଆଦରରେ ପୁଅ ସୋନୁକୁ ଯାଚୁଥିଲା ପାଣି ! ଭାବୁଥିଲା ପ୍ରତିଥର ପରି ପୁଅ ତା ସ୍ନେହରେ ବୁଝିଯାଇ ପାଣି ପିଇବ । ଅଥଚ ସୋନୁ ଡରୁଆ ଆଖିରେ ଚାହିଁଲା ତା ମା'କୁ । ପାଖକୁ ଆସିବା ବଦଳରେ ଦୂରକୁ ଘୁଂଚିଗଲା । ମାଆ ହାତର ପାଣିକୁ ତାର ଖୁବ୍ ଭୟ ! ଦୁଇଦିନ ହେଲାଣି ଏତେଟାଣ ଖରାରେ ସେ ଗାଧୋଇନି କି ପାଣି ଟୋପେ ବି ପିଇନି ।

To read the complete magazine, Download it for FREE from www.aahwaan.com

ନିଜକୁ ଘର ଭିତରେ ବନ୍ଦୀ ବନାଇ ଦେଇଛି । ଆଜିକାଲି ସେ ନିଜ ମାଆକୁ ବି ଭୟ କଲାଣି କି କଣ !

ସୁରେଖାକୁ ମନା ତା ପାଖ ମାଡ଼ିବାକୁ.. ହେଲେ ମା' ମନକୁ କଣ ସଂଭାଳି ହୁଏ ! ତା ଭିତରେ ଥିବା ମମତାର ଜୁଆରକୁ କଣ କୌଣସି ବନ୍ଧ ଅଟକାଇ ପାରେ ! ପୁଣି ସେ କାକୁତି ମିନତି ହୋଇ ନେହୁରା ହେଲା - ମୋ ସୁନାଟା ପରା ! ପାଣି ଟିକେ ଦେ' ତୁଣ୍ଡରେ । ମୁଁ ଦେଉଛି ପରା, ତୋ ମାଆ । ଆଉ କାହାକୁ ଡରୁଛୁ ଯେ ! ପୁଅଟି ତାର ଉଠିକି ଧାଇଁଲା ଦୂରକୁ.. ହୁଏତ ଗୋଟେ ଅପହଂଚ ଇଲାକାକୁ । ସୁରେଖାର ପଣତଠୁ ଢେର୍ ଦୂରକୁ !

ଲୋକମାନେ ଆଢ଼େଇ ଯାଇ କହୁଥିଲେ - ଜଳାତଙ୍କ ହୋଇଛି ତାକୁ । ଦେଖ, ତା ପାଟିରୁ ଲାଳ ବାହାରିଲାଣି । ତାକୁ କେହି ଛୁଅଁନି । ନହେଲେ ଏ ଭୟଙ୍କର ରୋଗଟା ବ୍ୟାପିଯିବ ।

ଜୀବନର ନଦୀ ଦୁଇ ପାଶ୍ୱର୍ରେ ଛିଡ଼ା ହୋଇଥିଲେ ଦୁଇଜଣ.. ସବିତା ଓ ସୋନୁ ! ଅଥଚ ନଦୀ ଥିଲା ଅପହଂଚ ଉଭୟଙ୍କ ପାଇଁ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର

କ୍ୱା. ନଂ- ୩ ଆର/୪

ଜଗତସିଂହପୁର

To read the complete magazine, Download it for FREE from www.aahwaan.com

# ସହରୀ ବୋହୂ



ସୁବଳ ମହାପାତ୍ର

ଖରା ଦିନ । ସ୍କୁଲ ଛୁଟି । ବହୁତ ଦିନ ହେଲା ଗାଁ ଆଡ଼େ ଯାଇ ନଥିଲି । ପ୍ରାୟ ୨ ବର୍ଷ ହେଇଯିବ । ଭାବିଲି ଯାଏ, ଗାଁ ଆଡ଼େ ଟିକେ ବୁଲି ଆସେ । ମୋ ହିରୋହୋଣ୍ଡା ବାଇକ ଧରି ଗାଁ ଅଭିମୁଖେ ବାହାରି ପଡ଼ିଲି । ଏକା ଏକା ମଣିଷ, ଯୁଆଡ଼େ ମନ ସିଆଡ଼େ ଯାଅ କିଏ ପଚାରୁଛି । ଖରା ବଢ଼ି ବଢ଼ି ଚାଲିଥାଏ । ଘରୁ ବାହାରୁ ବାହାରୁ ଦିନ ୧୦ଟା ହେଇଗଲା । ମୋ ରହିବା ଜାଗାଠୁ ଗାଁ ପ୍ରାୟ ୧୮୦ କିଲୋମିଟର । ପାଖାପାଖି ୪ ଘଣ୍ଟା ଲାଗିବ । ବସ ଛାଡ଼ି ବାଇକରେ ବାହାରିଲି । ସବୁ ଆଡ଼େ ଦେଖି ଦେଖି ଯାଇହେବ । ସେମିତି ବି ଗାଁରେ ଗଛପତ୍ର ବେଶି ତେଣୁ ଗରମ ବେଶି ହୁଏନି । ରାସ୍ତା ସାରା ଗଛ ଭର୍ତ୍ତି ତେଣୁ ଖରା ବି ବାଧେନି । ପାଖାପାଖି ୧୨୦ କିଲୋମିଟର ମୁଁ ଅତିକ୍ରମ କରି ସାରିଥାଏ । ରାସ୍ତା କଡ଼ରେ ଜାମୁକୋଳି ବିକ୍ରି ହେଉଥିବା ଦେଖି ଗାଡ଼ି ରଖିଲି । ଜାମୁ କୋଳି ମୋର ବହୁତ ପ୍ରିୟ, କିନ୍ତୁ ଏ ସହରରେ ରହିଲା ପରେ ନା ଜାମୁକୋଳି କିଣି କି ଖାଇ ହେଉଛି ନା ସେ ଜାମୁକୋଳିର ସ୍ୱାଦ ଅଛି ।

To read the complete magazine, Download it for FREE from www.aahwaan.com

ବୁଢ଼ୀ ମାଉସୀ ଜଣେ ଜାମୁକୋଳି ବିକ୍ରି କରୁଥାନ୍ତି । ବୟସ ପାଖା ପାଖି ୭୫-୮୦ । ଏକା ଏକା ରାସ୍ତା କଡ଼ରେ ବସିଥାଏ ବୁଢ଼ୀ ମାଉସୀ । ଆଖ ପାଖରେ କେହି ବି ନଥାନ୍ତି । ଜାମୁକୋଳି ଭାଗ ୧୦ ଟଙ୍କା । ଗୋଟେ ଭାଗରେ ୨୦ଟା ପାଖାପାଖି କୋଳି ଥାଏ । ସହରିଆ ଲୋକଙ୍କର ଅଭ୍ୟାସ ମୁଲା ମୁଲି କରିବା । ମୁଁ ବି ମାଉସୀକୁ ଆଉ ଦି'ଟା ଆଉ ଦି'ଟା କହି ମୋ ଭାଗ ବଢ଼େଇ ଚାଲିଥାଏ । ମାଉସୀ ବି ନାହିଁ ନାହିଁ କରି ଗୋଟେ ଗୋଟେ ଦେଉଥାଏ । ମାଉସୀ ଜାମୁକୋଳି ବଢ଼ାଉ ବଢ଼ାଉ ଦେଖିଲି ମାଉସୀ ହାତରେ ଗୋଟେ ଆଁଚୁଡା ଦାଗ । ଦାଗ ଟା କହୁଣୀ ପାଖରୁ କାନ୍ଧଯାଏଁ ଲମ୍ୱି ଥାଏ । ମଜା ମଜାରେ ପଚାରିଦେଲି, "କଣ ମାଉସୀ, ଗଛରେ ଚଢ଼ିଥିଲ କି ? ହାତ ଗୋଡ଼ ଖଣ୍ଡିଆ କରି କି ଆସିଛ ।" ମାଉସୀ ମୁହଁ ତଳକୁ କରି ଦେଲା । ମୁଁ ମାଉସୀକୁ ୨୦ ଟଙ୍କା ଦେଇ ୨ ଭାଗ ଜାମୁକୋଳି ପଲିଥିନରେ ଭର୍ତ୍ତି କଲି ।

ଗାଡ଼ି ଚଢ଼ି ଷ୍ଟାର୍ଟ ମାରିବା ପୂର୍ବରୁ ଦେଖିଲି ମାଉସୀ ଆଖିରେ ଲୁହ ଢଳ ଢଳ କରୁଥିଲା । କ'ଣ ମନ ହେଲା, ଫେରି ଆସି ମାଉସୀକୁ କହିଲି, ଅଧିକ ଦି'ଟା ନେଇ ଗଲି ବୋଲି ମନ ଦୁଃଖ କରୁଛ କି ମାଉସୀ ? ମାଉସୀ କହିଲା ନାଁ ରେ ପୁଅ । କୋଳି ଦି ଟା ପାଇଁ କା'ଣ କିଏ ମନ ଦୁଃଖ କରେ ? ଆଉ ଟିକେ ମାଉସୀ ସହ କଥା ହବାକୁ ଇଛା ହେଲା । ସେମିତି ବି ଖରା ବଢ଼ି ଯାଇଥାଏ । ମୁଁ ଆସୁଛି ବୋଲି ଗାଁରେ କାହାକୁ ଜଣେଇ ନଥାଏ, ତେଣୁ ମୋ ପାଇଁ କେହି ବି ବ୍ୟସ୍ତ ହେବାର ନାହିଁ । ଗଛ ମୂଳରେ ଥଣ୍ଡା ପବନ ମନକୁ ଶାନ୍ତ କରି ଦେଉଥାଏ । ମନ ହେଉଥାଏ ଦଉଡ଼ିଆ ଖଟ ଗୋଟେ ପକେଇ ଏଇ ଗଛ ମୂଳେ ଶୋଇ ଯିବାକୁ । ସହରରେ କଣ ମିଳିବ ଏ ଆନନ୍ଦ । ମାଉସୀ ସହ କଥା ହେବା ପାଇଁ ତା ପାଲ ଉପରେ ବସି ପଡ଼ିଲି । ମାଉସୀ ମୁଣ୍ଡରେ ସିନ୍ଦୁର, ହାତରେ ଶଙ୍ଖା ପିନ୍ଧି ବସିଥାଏ । ମାଉସୀକୁ ପଚାରିଲି ତା'ଘର କଥା । ମାଉସୀ କହିବ, କହିବନି, କହିବ, କହିବନି ହେଲା ।

To read the complete magazine, Download it for FREE from www.aahwaan.com

ମୁଁ ବି ନଛୋଡ଼ବନ୍ଧା । ସ୍କୁଲରେ ପିଲାଙ୍କଠାରୁ ସତ ଆଦାୟ କରିବା କାଇଦା ଜଣା ମୋତେ । ବୁଲେଇ ବାଲେଇ ମାଉସୀ ଠୁ କଥା ଆଦାୟ କଲି । ମାଉସୀକୁ ତା'ସ୍ୱାମୀ କଥା ପଚାରିଲି । କହୁ କହୁ ମାଉସୀ ମଝିରେ ମଝିରେ କାନ୍ଦି ପକାଉଥାଏ ଆଉ ବର୍ଣ୍ଣନା କରୁଥାଏ ତା ଘର କଥା ।

୧୬ ବର୍ଷରେ ସେ ବୋହୁ ହେଇ ଆସିଥିଲା ଏ ଗାଁକୁ । ସେତେବେଳେ ତା' ସ୍ୱାମୀର ବୟସ ୨୭ ବର୍ଷ । ଭେଣ୍ଡିଆ ପିଲା, ବଳିଷ୍ଠ ବାହୁ, ଚଉଡ଼ା ଛାତି ସାଙ୍ଗକୁ ହାତୀଟାକର ବଳ ଦେହରେ । ଛୋଟ ଛୁଆ ହାତରେ କଣ୍ଢେଇ ପରିକା ଦେଖା ଯାଉଥାଏ ମାଉସୀ ତା' ସ୍ୱାମୀ ସାଙ୍ଗେ । ଘରେ ଶାଶୁ ଶଶୁର ଆଉ ଗୋଟିଏ ବୋଲି ନଣନ୍ଦ । ସେ କହି ଚାଲିଥାଏ, "ବାପ ଘରୁ ଆସିଲା ବେଳେ ମା'ମୋତେ ସବୁ ଶିଖେଇ କି ପଠେଇଥିଲା । ପିଠା କରା ଠୁ ଘଷି ପରାଯାଏ, ମାଉଁସ ରନ୍ଧା ଠୁ ଗୋବର ଲିପାଯାଏ, ସଅବୁ । ବଡ଼ମାନଙ୍କୁ ସମ୍ମାନ ସହ ସାନମାନଙ୍କୁ ସ୍ନେହ ଆଉ ଶାଶୁ ଘରେ କେମିତି ଚଳିବାକୁ ହୁଏ, ସବୁ ମୋ ମା' ମୋତେ ଶିଖେଇ ଥିଲା । ମୋ ଶାଶୁ ଶଶୁର ମଲେ ପଛେ କେବେ ବି ଆମ ପାଖରୁ କଡ଼ା କଥା ଶୁଣି ନଥିଲେ । ଶଶୁରଙ୍କ ମୁହଁକୁ ଯିବାକୁ ଡର ଲାଗୁଥିଲା । ଶାଶୁ ଉଠ କହିଲେ ଉଠୁଥିଲୁ, ବସ କହିଲେ ବସୁଥିଲୁ । ନା କହିବାର ଜୁ ନଥିଲା । ନଣନ୍ଦ ମୋ ସାଙ୍ଗ ପରି ଥିଲା । କିଛି ଅଛପା ନଥିଲା ଆମ ଦୁହିଁଙ୍କ ଭିତରେ । ନୂଆଉ, ନୂଆଉ ବୋଲି ପାଣି ପିଉ ନଥିଲା ସେ । ସ୍ନେହ ଆଦରର ସହ ଚାଲୁଥିଲା ଆମ ଘର ସଂସାର ।" ଆଉ ଏବେ.. ଛିଃ ଛିଃ... ଯେଉଁ ମାଇକିନା ଖଣ୍ଡେ ଖଣ୍ଡେ, ପାଠ ଦି ଅକ୍ଷର କ'ଣ ପଢ଼ିଦେଲେ ବୋଲି ବଡ଼କୁ ବଡ଼ ଆଉ ସାନକୁ ସାନ ବୋଲି ମାନୁ ନାହାନ୍ତି । ଆମ ଗାଁ ଝିଅ ଭଲ, ଏ ଯେଉଁ ସହରୀ ଝିଅ ଅଛନ୍ତି ସେ ଭାରି ମାରାତ୍ମକ ।

To read the complete magazine, Download it for FREE from www.aahwaan.com

ମୁଁ ପଚାରିଦେଲି କାଇଁ, କଣ ହେଲା କି ମାଉସୀ? ତମକୁ କିଏ କଣ କହିଲା କି? ମାଉସୀର ଆଖିରୁ ଧାର ଧାର ଲୁହ ବୋହିବାକୁ ଲାଗିଲା । କହିଲା ମୋତେ ଏବେ ୩ କୋଡ଼ି ପୁରି ୧୬ ଚାଲିଲା । ମୋ ଘଇତାକୁ ୪ କୋଡ଼ି ୭ । ତା'ର ଆଉ ବଳ ବୟସ ନାହିଁ । ବୁଢ଼ା ଶେଜରେ ଶୋଇ ରହୁଛି । ଚାଲିବାକୁ ବଳ ନାହିଁ । ମୋର ଗୋଟିଏ ପୁଅ ଗୋଟିଏ ଝିଅ । ଝିଅକୁ ବାହା ଦେଇଛି । ସେ ମଝିରେ ମଝିରେ ଘରକୁ ଆସୁଥିଲା । ତା ଭାଇ, ସେ ଶାଶୂଘରକୁ ଗଲା ବେଳେ ଭାର ଆଉ ପଇସା ଦେଲାନି ବୋଲି ଏବେ ଆଉ ଆସୁନି । ପୁଅ ସହରରେ ରହେ । ସେଠାରେ ଗୋଟେ ଦୋକାନରେ କାମ କରେ । ମାସକୁ ଥରେ ଘରକୁ ଆସେ । ଦିନେ ଘରକୁ ଆସିଲା ବେଳେ ସହରରୁ ଝିଅଟେ ଧରି କି ଆସିଲା । ମୋର କେତେ ଆଶା ଥିଲା ପୁଅକୁ ବାହାଘର କରିବି ।ହେଲାନି, ସେ କୁଆଡ଼ୁ ଗୋଟେ ଧରିକି ଆସିଲା । କହିଲା ମନ୍ଦିରରେ ବାହା ହେଇ ସାରିଚୁ, ଆଉ ପଇସା ଖର୍ଚ୍ଚ କରିବା ଦରକାର ନାହିଁ । ଯାହା ଟଙ୍କା ସୁନା ତା' ବାହାଘର ପାଇଁ ରଖିଥିଲି ସବୁ ନେଇଗଲା । ଏ ଗଳଗ୍ରହକୁ ଏଠି ଛାଡ଼ିଦେଇ ଗଲା । ଆମେ ତ ଆଉ କାମ ଦାମକୁ ପାରୁନୁ । ବୋହୁ ରୋଷେଇ ବାସ, ଘର କାମ ପାଇଟି ସବୁ କରେ । ମାସ ଦି'ଟା ଯାଇଛି କି ନାହିଁ ସେ ତା' ରଙ୍ଗ ଦେଖେଇବା ଆରମ୍ଭ କଲା । କଥା କଥାରେ ପାଟି, ଗାଳି, ଅସଭ୍ୟ ଭାଷା ସବୁ କହିଲା । ଥରେ ଅଧେ ପୁଅକୁ କହିଲି, ପୁଅ ଶୁଣି ନ ଶୁଣିଲା ପରିକା ହେଲା । କହିଲା, ସେ ସହରୀ ଝିଅ କାମ ଦାମ କରି ନଥିଲା ଏଠି ଟିକେ ହଇରାଣ ହଉଚି, କଣ ଯଦି ଟିକେ କହିଦେଲା ତୁ ଦିହକୁ ନେଏ ନି । ଆସ୍ତେ ଆସ୍ତେ ତା ଦୌରାତ୍ମ୍ୟ ବଢ଼ି ବଢ଼ିଲା । ମୁଁ କେତେ ବେଳେ କେମିତି ଆଗରୁ କହି ଦେଉଥିଲି । ଏବେ ତ ସେ ମାରିବାକୁ ଗୋଡ଼ଉଛି ।

ମୁଁ ପଚାରିଲି, ମାଉସୀ ଏ ଜାମୁ କୋଳି କେବେଠୁ ବିକ୍ରି କରୁଛ ? ମାଉସୀ ପୁଣି ଆରମ୍ଭ କଲା, "୧୫ ଦିନ ହେଲାଣି । ଦିନକୁ ୧୦୦ ଟଙ୍କାର ବିକ୍ରୀ ନ କଲେ, ସେ ଡାହାଣୀ

To read the complete magazine, Download it for FREE from www.aahwaan.com

ଖାଇବାକୁ ଦଉନି । ଏ ଜାମୁ ଗଛ ମୁଁ ବାହା ହେଇ ଆସିବାର ବର୍ଷେ ପୁରିବା ଦିନ ବୁଢ଼ା ଆଉ ମୁଁ ନିଜ ହାତରେ ଲଗେଇ ଥିଲୁ । ଏବେ ଏଇ ଆମର ଭରସା । ସବୁଦିନ ସକାଳୁ ଉଠି ଆଙ୍କୁଡ଼ିରେ କୋଳି ପାରେ ଆଉ ଧରିକି ଏଠାକୁ ଆସେ । ୧୦୦ ଟଙ୍କା ନେଇ କି ନଗଲେ ସେ ସବାଖାଇ ରାତିରେ ଖାଇବାକୁ ଦିଏନି । ବୁଢ଼ାକୁ ଠିଆ ଗୋଇଠାମାରେ । ସକାଳୁ ପଖାଳ ଗଣ୍ଡେ ଯାହା ଖାଇଥାଏ । ବେଳେ ବେଳେ ବୁଢ଼ାକୁ ଖାଇବାକୁ ଦିଏନି । କହେ, ଏଟାର ତ ଆଉ କିଛି କାମ ନାହିଁ, ଏଇଟା ବଞ୍ଚିକି ଯାହା ଅନ୍ନଧ୍ୱଂସ କରୁଛି । ମରିଗଲେ ଯାଆନ୍ତା । ମୁଁ କାମକୁ ପାରୁଛି ବୋଲି ମୋତେ ପଖାଳ ମୁଠେ ମୁଠେ ଦିଏ । ମୁଁ ତାକୁ ଲୁଚେଇ ବୁଢ଼ା ପାଟିରେ ଗୁଣ୍ଡା ଗୁଣ୍ଡା କରି ଦେଇ ଦିଏ । କାଲି ଜମା ଦି କୋଡ଼ି ୧୦ ଟଙ୍କା ହେଲା ବୋଲି ସେ ବୁଢ଼ାକୁ ଖାଇବାକୁ ଦେଲାନି । ମୁଁ ଲୁଚେଇକି ମୋ ଭାଗରୁ ଦେଲା ବେଳେ ଦେଖିଦେଲା ଯେ ମାରି କି ନୋଳା ଫଟେଇ ଦେଇଛି । ହାତରେ ଯାହା ପଡ଼ିଲା ସେଇଥିରେ ବାଡ଼ଉଛି ।" ଏତିକି କହି ଲୁହ ଢଳ ଢଳ ଆଖିରେ ମାଉସୀ ତା'ହାତର ଆଁଚୁଡ଼ା ଦାଗକୁ ଦେଖେଇଲା । କହିଲା, "ଚୁଲି ମୁଣ୍ଡେ ଜାଳ ପାଇଁ ବାଉଁଶ ଫାଳ ରଖିଥିଲା, ସେଇଥିରେ ବାଡ଼େଇଛି ।" ମାଉସୀ ହାତର ନୋଳା ଦେଖି ମୋ ଆଖି ଓଦା ହେଇ ଆସିଲା । ମଣିଷ ଯେ ଏତେ ନିଷ୍ଠୁର ହେଇ ପାରେ, ମୋ କଳ୍ପନା ବାହାରେ ଥିଲା ।

ମୁଁ କହିଲି ମାଉସୀ, ତମେ ଗାଁରେ ସରପଞ୍ଚଙ୍କୁ କହୁନ, ଏବେ ତ କେତେ ଆଇନ ହେଲାଣି । ମାଉସୀ କହିଲା, "ପୁଅରେ, ସାହିପଡ଼ିଶା, ଭାଇ ଭଗାରୀମାନେ ତ ସବୁ କଥା ଦେଖି ନାକରେ କାଠି ଗେଞ୍ଜି ହସୁଛନ୍ତି । ଆଉ କଣ କୋରଟ, କଚିରିରେ କଥା ପକେଇ ନିଜକୁ ଲାଜ ଦେବି । ନିଜ ଘର ଇଜ୍ଜତ ତଳେ ପକେଇବି ? ବୟସ ଆଉ ଅଛି, କୋରଟକୁ ଧାଇଁବାକୁ ? ଆମେ ତ ପାଚିଲା ପତର, କେତେବେଳେ ଛିଡ଼ି ପଇଲେ ଗଲା । କଣ ମିଳିବ ସେ କୋରଟ, କଚିରିରୁ ।"

To read the complete magazine, Download it for FREE from www.aahwaan.com

ମୁଁ ପଚାରିଲି, ଆଚ୍ଛା ମାଉସୀ, ଆଜି ସକାଳୁ କଣ ଖାଇଛ ? ମାଉସୀ ଆଉ କୋହ ସମ୍ଭାଳି ପାରିଲା ନାହିଁ । କାନ୍ଦି କାନ୍ଦି କହିଲା, ସକାଳୁ କଂସାରେ ଭାତ ଗଣି ଗଣି ୨ଟା ଆଉ ତୋରାଣି ମୁନ୍ଦେ ମୋ ଆଗରେ ଥୋଇ ଦେଲା । ବୁଢ଼ାକୁ ଦେଲାନି । ସେ ଗାଧୋଇଗଲା ବେଳେ ମୁଁ ବୁଢ଼ାକୁ ତୋରାଣି ତକ ପିଏଇ ଦେଇ ଆଇଲି । ଆସିଲା ବେଳେ ଗୁଡ଼ିଆ ଘରୁ ଭୁଜା ଦି କଳ ମାଗିକି ଆଣିଥିଲି ଯେ ଅଣ୍ଟିରେ ବନ୍ଧା ହେଇଚି । ପାଟିକୁ ରୁଚୁନି । ଆଜି ଯଦି ୧୦୦ ଟଙ୍କା ନହେବ, ସେ ଆଜିବି ଖାଇବାକୁ ଦବନି । ମୁଁ ତ ହେଲେ ପାରୁଚି, ବୁଢ଼ା ନଖାଇଲେ ଆଉ ବଞ୍ଚିବ ? ବୁଢ଼ା ପାଇଁ ଏଇତକ ରଖିଛି । ସେ ମୋତେ ତା କାନିରେ ବନ୍ଧା ହୋଇଥିବା ଦି ମୁଠା ମୁଢ଼ି ଦେଖେଇଲା । ମୁଢ଼ି ସେତେ ବେଳକୁ ଶୁଖି କି ସେମେଟି ଯାଇଥାଏ । ମୋ ଆଖିର ଲୁହ ଆଉ କଥା ମାନିବା ଅବସ୍ଥାରେ ନଥାନ୍ତି ।

ମୁଁ ଚିନ୍ତା କରୁଥାଏ, ସକାଳୁ ମୁଁ ବରା ଆଉ ଆଳୁଚପ ୨୦ ଟଙ୍କାର ଖାଇଛି । ଆସିଲା ବେଳେ ପଚ୍ଛ ଛକରେ ୧୦୦ ଟଙ୍କା ଦେଇ ମାଂସ ଆଉ ଭାତ ଖାଇକି ଆସିଲି । ଏଇ ବୁଢ଼ୀ ପାଖରୁ ଆଉ ଦି'ଟା, ଆଉ ଦି'ଟା, କରି ଭାଗ ୧୦ ଟଙ୍କାରେ ୩୦ଟା ଜାମୁ କୋଳି ହିସାବରେ ୨ ଭାଗ ପଲିଥିନରେ ରଖିଛି । ଏଠି ସୁଲୁସୁଲିଆ ପବନରେ ଆଖି ମାଡ଼ି ମାଡ଼ି ପଡୁଥିଲା । ଆଉ ଏ ବୁଢ଼ୀ ଲୋକଟି ନିଜ ବାସି ତୋରାଣି ତା ସ୍ୱାମୀକୁ ଦେଇ ମୁଢ଼ି ଦି'ଟା ବି ନଖାଇ ସକାଳ ପହରୁ କଞ୍ଚା ପାଣି ମୁନ୍ଦେ ପିଇ ଏଠି ବସିଛି, କିନ୍ତୁ କି ମିଠା କଥାରେ ସେ ମୋତେ କହିଥିଲା, “ନାଁ ରେ ପୁଅ । କୋଳି ଦି'ଟା ପାଇଁ କ'ଣ କିଏ ମନ ଦୁଃଖ କରେ ?” କେତେ ବଡ଼ ହୃଦୟ ଏ ମାନଙ୍କର । ପାଖରେ ପଇସା ନାହିଁ, ଦି ଦିନ ହେଲା ପେଟରେ ଅନ୍ନ ମୁଠେ ପଡ଼ିନି । ବୁଢା ବୁଢ଼ୀ ବୟସରେ ବୋହୁ ପାଖରୁ ମାଡ଼ ଖାଉଛନ୍ତି । ତଥାପି ମୁହଁରେ ହସ ଅଛି । ସବୁ କିଛି ସହି ନେବାର ଶକ୍ତି ଅଛି ଆଉ ସ୍ୱାମୀ ସ୍ତ୍ରୀ ଭିତରେ ଜଣଙ୍କ ପ୍ରତି ଆଉ ଜଣକର ଭଲ ପାଇବା ଅଛି । ସତରେ ଏମାନେ ମହାନ ।

To read the complete magazine, Download it for FREE from www.aahwaan.com

ମୁଁ ଆଉ ସେଠି ବସିପାରିବା ଅବସ୍ଥାରେ ନଥିଲି । ପର୍ସ ରୁ ୨୦୦ ଟଙ୍କା ବାହାର କରି ମାଉସୀ ହାତରେ ଧରେଇ ଦେଲି । କହିଲି ମାଉସୀ ଏଇଟା ମୋ ତରଫରୁ ତମ ମିଠା ମିଠା କଥା ପାଇଁ । ବୁଢ଼ୀ କହିଲା, "ବାବୁ, ମୁଁ ଭିକାରୀ ନୁହଁ ।"

ପୁଅରୁ ବାବୁ ? କିଛି ସମୟ ପୂର୍ବରୁ କେତେ ଆତ୍ମୀୟତାରେ ସେ ପୁଅ କହୁଥିଲା । ଏବେ ବାବୁ ? କି ସ୍ୱାଭିମାନ ଏ ବୁଢ଼ୀର । ମରି ଯିବେ ପଛେ ଭିକ ନେବେନି ।

ମୁଁ କହିଲି ମାଉସୀ, ମୁଁ ଭିକ ଦଉନି । ତମର ସବୁ ଯାକ ଜାମୁକୋଳି ମୁଁ କିଣି ନେଲି । ନିଅ ରଖ । ଆଉ ତମ ବୋହୁକୁ ଆଜି ୧୦୦ ଟଙ୍କା ଦବ ଆଉ ୧୦୦ ଟଙ୍କା କାଲି ଦବ । ହେଲା । ବୁଢ଼ୀ ମୁହଁରେ ହସ ଦେଖି ଯେତେ ଆତ୍ମତୃପ୍ତି ମିଳିଲା, ମୋ ଜୀବନରେ ସେ ଭଳି ଖୁସି ମୋତେ ଆଜି ଯାଏ ମିଳି ନଥିଲା । ବୁଢ଼ୀ ମୋତେ ଆଶୀର୍ବାଦ ଦେଉ ଦେଉ ମୋ ପାଇଁ କୋଳି ତକ ପଲିଥିନରେ ବାନ୍ଧିଦେଲା । ଆଉ ତା' ସରୁ ଟାଣୁଆ ଶିରାଳ ହାତଟା ମୋ ମୁଣ୍ଡ ଉପରେ ବୁଲେଇ ଆଣିଲା ।

ମୁଁ ଆଉ ଗାଁକୁ ନଯାଇ ପୁଣି ସହରକୁ ଗାଡ଼ି ବୁଲେଇଲି । ଆସିଲା ବେଳେ ବୁଢ଼ୀ ପୁଅର ଠିକଣାଟା ବୁଝି କି ଆସିଥିଲି । ଠିକ କଲି ଘରକୁ ଯିବା ପୂର୍ବରୁ ତା' ପୁଅକୁ ଟିକେ ଦେଖା କରି କି ଯିବି । ଆସିଲା ବେଳେ ଭାବି ଭାବି ଆସୁଥିଲି ଗାଁ ଆଉ ସହର ମଧ୍ୟରେ ପାର୍ଥକ୍ୟ । ସେଇ ବୁଢ଼ୀ ଗାଁ ଝିଅ, ବୋହୁ ବେଳେ କଣ ନକରି ଥିଲା ? ଆଉ ଶାଶୁ ହେଲା ପରେ କଣ ପାଇଲା । ଏଥିରେ ଭୁଲ କାହାର ? ନ୍ୟୁକ୍ଲିଅର ଫ୍ୟାମିଲିର ନା ସହରୀ ଝିଅମାନଙ୍କର ନା ସେମାନଙ୍କ ମା ବାପାଙ୍କର ?

କିଛିଦିନ ପୂର୍ବରୁ ଫେସବୁକରେ ଗୋଟେ ଫୋଟୋ ଦେଖିଥିଲି, ଯେଉଁଥିରେ ଲେଖା ଥିଲା, "ଦରକାର ଥାଉ ବା ନଥାଉ, ବେଳେ ବେଳେ କିଛି ଜିନିଷ ଅକାରଣରେ କିଣିବା

To read the complete magazine, Download it for FREE from www.aahwaan.com

କଥା । କାରଣ ଏମାନେ ନିଜ ଲାଭ ପାଇଁ ଜିନିଷ ବିକ୍ରି କରନ୍ତି ନାହିଁ । ଜିନିଷ ବିକ୍ରି କରନ୍ତି ବଞ୍ଚିବା ପାଇଁ । ଦି' ମୁଠା ଖାଦ୍ୟ ପାଇଁ ।" ଆଜି ହୃଦୟଙ୍ଗମ କରୁଥିଲି ।

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଭ୍ରାମ୍ୟଭାଷ - ୦୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ଆହ୍ୱାନର ଆନ୍ଦୋଳନରେ ଯୋଗଦାନ ଦିଅନ୍ତୁ, ଆମ ଭାଷା ଓ ସାହିତ୍ୟ ପାଇଁ କାମ କରନ୍ତୁ । ଆମକୁ ହ୍ୱାଟ୍‌ସଆପ୍‌ରେ ଯୋଗ ଦେବାପାଇଁ ୭୦୦୮୫୬୭୦୮୫ ନମ୍ବରକୁ ମେସେଜ୍ ଦିଅନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମର୍ ସୋନ୍‌ପୁର୍



ଶ୍ୟାମା ଓମପ୍ରସାଦ ମିଶ୍ର

ଗୁଟେପିଲା ବିଦେଶଥି ଡାକତର୍ ଆର୍ ଗୁଟେ ଯେ ବେପାର୍ କରସି ଭୁବନେଶର୍ ରେ । ଝି, ଯୁଏଁ ବି ହାକିମ୍, କୁଟୁମ୍ ସଁଖଲି କରି ବଇରାଗି ଆଁଗ୍ୟା ଆଏଜକେ ୪୫ ବଛର ହେବା କେପିଟାଲଥି ଆଲିସାନ୍ ପକା ବନେଇକରି ରହୁଛନ୍ । ଆବକାରି ବିଭାଗେ ହାକିମ୍ କାମନୁ ଅବସର ପାଏଲାପରେ, ମନ୍ ଲାଗଲେକି, ଜନମ୍ ମାଟି ସୋନପୁରକେ ଘାଏକେ ଘାଏ ନରଦୁ ଥିସନ୍ । ବିହାବରପନ୍, ମଲାହଜଲା କାମ୍ କବାର୍ ପଡ଼ଲେ ଆଗତୁରା ଅମରିକରି ସଏଲେ ଯାଇ ଘରମୁହାଁ ମେଲାନ୍ ଦେସନ୍ । ହଁ କେପିଟାଲର ଘରର ନକସାଟା ପରେ ବଡ଼ପିଲାର ବିଦେଶୀ ଇଂଜିନିୟର ସାଁଗଟେ କରିଥିଲା, ଆର୍ ଦିଲ୍ଲୀର ନାମିଦାମୀ ଠିକଦାର୍ ଟେ ଗଢ଼ିଥିଲା, ଘରର୍ ଆଘେ କାଏଁ ନିବାସ ଲେଖାଯିବା ବଲିକରି ପିଲାଟୁକେଲ ଯେତେବେଲେ ବଇରାଗି ଆଁଗ୍ୟାକୁ ପଚରାଲେ ତାକରମତେ ଘର୍ ଆଘେ ଗଖା ଅଖରଥି ଲେଖାହେଲା 'ମର୍ ସୋନପୁର୍ ମତେ ସୁଁଦର୍'।

To read the complete magazine, Download it for FREE from www.aahwaan.com

ଦିହିପା ନସଲାଯେ, ଆଁଗ୍ୟା ୫ ବଛରତକ୍ ସୋନପୁର ନାଇଁ ଆସିପାରୁଥାଇ। ଯେନତା ଟିକେ ବଲବପୁ ପଲେଇ ଆଏଲା, ଡାକତର୍, ପିଲାଛୁଆକର କଥା ନାଇଁ ମାନି କରି ଏକସୁରିଆ ସୋନପୁରେ ହାଜର୍। ହେଟେଇନ ଗାଡ଼ିଥୁ ଉତରି କରି ରାମେଶର୍ ଘାଟେ ବୁଡ଼ାଟେମାରି, ଯେତକି ଗୁଡ଼ିଅଛେ ଦରଶନ୍ କରିସାରି, ଫେନ୍ ରାମେଶରକେ ଆସି ବାବାର୍ ପରସାଦ୍ ପାଇକରି ମସାନ୍ ପଦାର୍ ପାଖର୍ ପିପଲଗଛ ତଲେ ବସି, ନଦିମୁହାଁ ହେଇକରି ହେକେଇ ହେକେଇ କାଂଦବାର୍ ଦେଖିକରି ଜନେ ପଚରାଲେ, ଆଁଗ୍ୟା କାଏଁ ଯେ କାଁଦୁଛନ୍ ? ଖୁସିଥି କାଁଦୁଛେ, ରାମେଶର୍ ବାବା ଏତେ ଦୟାଲୁ ଯେ ମରବାର୍ ଆଘରୁ ମତେ ମୁକତିର୍ ବାଟ୍ ଦେଖେଇଦେଲେ।

ପାସେ ହାତକିଆ ଅଧଝାଉଁଲା ଗଛଯୁଡ଼େକେ ଦେଖିକରି ଅଚିନ୍‌ହା ଲୁକଟା ଫେନ୍ ପଚରାଲା ଇଟା କାଇଁ ଗଛ ? କାନା କରବେ ଇଟା ? ମୁକତିର ଗଛ ! ଏତକି ବେଲାକେ ଆଁଗ୍ୟାକର ହେଁକା ବନ୍ଦ ହେଇସାରି ଥିଲାନ୍, ଆର୍ ଲୁକଟା ଭି ତାର ବାଟେ ପଲାଲା।

ହଏଗୋ, ଇଟା ସୋନପୁରୁ କାଏଁ ଦରମରା ଗଛଯୁଡ଼େ ଆନିଛ, ଫେନ୍ ଏତେ ଖରଚା କରିକରି କାଚ୍ ଭିତରେ ସଜେଇ ରଖିଛ, କାଲି ବାବୁ ଇଟା ଦେଖିକରି ବିରଝୁଥିଲା। ତମକୁ ଇ ଗଛଯୁଡ଼ାକ ଚାବୁଛନ୍ କାଏଁବୋ ?

ସେଦିନ୍ ଘରେ ପୁଓବହ ଝିଯୁଏଁ ନାତିନାତେନ୍ ସଭେ ଜମାହେଇଥାନ୍, କାରନ୍ ସାନପିଲାର୍ ପୁଓବି ତାର୍ ବଡ଼ମା ବଡ଼ବାପାର୍ ସାଁଗେ ରହିକରି ବିଦେଶ୍ ଥି ପାଠ ପଢ଼ବା, ତାର୍ ଯିବାର୍ ଆଘରୁ ଗହମତଟେ ଚାଲିଥାଏ, ଧଇଁସଇଁ ହେଇକରି ସାନବହ ବେମଲେଇ ହେଲା ବାପାତ ଡାକଲେ ହାକଲେ ଉଁସୁଁ କିଛି ନାଇଁ କରବାର୍...

To read the complete magazine, Download it for FREE from www.aahwaan.com

ମୁଡ଼ସାଲର୍ ଟେବୁଲ୍ ଉପରେ କାଚସଜା ଗଛ୍ ତଲେ ଜାଗଜ ଗୁଟକ ସାନପିଲା ଠହକେଇ, ବେଟି ଆନିକରି ପଢ଼ିମୁଡ଼ାଲା... ବଇରାଗି ଆଁଗ୍ୟା ନିଜର ହାତେ ଗୁଲା ଗୁଲା ଅଖର୍ ଥି ଲେଖିଦେଇଥାନ୍...

ମଲାପରେ ପୁଡ଼ାବ କି ତୁପିଦେବ, ଯେନଟା ତୁମକୁ ସଜବତର ହେବା ହେନତା କରବ୍, ହେଲେ ମର୍ ଜନମ୍ ମାଟିର୍ ରାମେଶର ଘାଟର୍ ମସାନ୍ ପଦା୍ର ଇ ତୁଲସୀ ଆର୍ କୁଆବାବଲି ଗଛକେ ପୁଡ଼ାଲା ବେଲକେ କି ତୁପଲା ବେଲକେ ମର୍ ମଢ଼ାର ସାଁଗେ ପକେଇଦେଲେ ମତେ ଲାଗବା ଜନମ୍ ମାଟିଥି - ଗଲିମୁଇଁ ମେଟି... । ସୋନପୁର ସୋନପୁର ମହକୁଥିବା... ଆର୍ ତରାପଟିଆ କେନ୍ ଠାନୁଗୁଟେ ସୁର୍ ଭାସି ଆସୁଥିବା "ମର୍ ସୋନପୁର୍ ମତେ ସୁଁଦର ।"

ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର, ଭବାନୀପାଟଣା, କଳାହାଣ୍ଡି, ବାଲେଶ୍ୱର, କଟକ, ଗଞ୍ଜାମ ହେଉ ଅବା ଖୋର୍ଦ୍ଧା । ସବୁ ଆଞ୍ଚଳିକ କଥିତ ଭାଷାରେ ଲେଖା ଆପଣ ଆହ୍ୱାନ ଇ-ପତ୍ରିକାକୁ ଦେଇ ପାରିବେ । ଆମେ ଆପଣଙ୍କ ଭାଷାରେ ଲେଖାକୁ ପ୍ରକାଶିତ କରିବାକୁ ଚେଷ୍ଟା କରିବୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ନାରୀ ସ୍ୱାଧୀନତା



ଜ୍ୟୋସ୍ନାରାଣୀ ପଣ୍ଡା

ଆଜି କାଲିର ପୁରୁଷପ୍ରଧାନ ସମାଜରେ ନାରୀ ଅବହେଳିତା ଆଉ ନିଷ୍ପେସିତା । କନ୍ୟାଭ୍ରୁଣ ହତ୍ୟା, ଯୌତୁକ ଜନିତ ହତ୍ୟା, ନାରୀ ଉପରେ ହେଉଥିବା ବ୍ୟଭିଚାର ଏହାର ଏକ ଏକ ଜ୍ୱଳନ୍ତ ଉଦାହରଣ । ପୁରୁଷ ତୁଳନାରେ ନାରୀମାନଙ୍କ ଆନୁପାତିକ ହାର କମିବାରେ ଲାଗିଛି । ଏଥିରୁ ସମାଜରେ ନାରୀମାନଙ୍କ ପ୍ରତି ଥିବା ହତାଦର ସ୍ୱଷ୍ଟ ଅନୁମେୟ । ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନାରେ ଅନେକ କ୍ଷେତ୍ରରେ ପୁରୁଷ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବେଳେ କେତେକ କ୍ଷେତ୍ରରେ ନାରୀ ମଧ୍ୟ ନାରୀର ଶତ୍ରୁ ପାଲଟୁଛି । ଗୋଟିଏ ବିଶେଷ ସମ୍ପ୍ରଦାୟର ଲୋକେ ନାରୀମାନଙ୍କୁ କେବଳ ଏକ ଚାଷ ଜମି ବୋଲି ବିଚାର କରନ୍ତି । ଏକ ଦେଶରେ ତ ସ୍ତ୍ରୀ ଲୋକମାନଙ୍କର ଭୋଟର ମୂଲ୍ୟ ହେଉଛି ଅଧା ।

ପ୍ରାକ୍ ବୈଦିକ ଯୁଗରେ ନାରୀମାନଙ୍କୁ ଉଚ୍ଚ ଆସନ ଦିଆଯାଇ ମର୍ଯ୍ୟାଦିତ କରା ଯାଉଥିଲା । ଶାସ୍ତ୍ରରେ କୁହାଯାଇଛି "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।" ବେଦର ଏକ ମନ୍ତ୍ରରେ କୁହାଯାଇଛି ଗୃହକର୍ତ୍ତ୍ରୀ ହେଉଛନ୍ତି ଗୃହର ସାମ୍ରାଜ୍ଞି । ଏହିଭଳି ଆହୁରି ଅନେକ ବୈଦିକ ସାହିତ୍ୟ ତଥା ରାମାୟଣ, ମହାଭାରତରେ ମଧ୍ୟ ନାରୀର ଯଶ ଗୌରବ ଗାନ କରାଯାଇଛି ।

To read the complete magazine, Download it for FREE from www.aahwaan.com

ନାରୀ ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ସ୍ୱଳ୍ପ ବସ୍ତ୍ର ପରିଧାନ କରି ପୁରୁଷ ମାନଙ୍କର ଦୃଷ୍ଟି ଆକର୍ଷଣ କରିବା ମଧ୍ୟ ନୁହେଁ କିମ୍ବା ବିଳମ୍ବିତ ରାତ୍ରିରେ ଯାତ୍ରା-ସିନେମା ଦେଖିବା, ମଲରେ ବୁଲି ମାର୍କେଟିଙ୍ଗ କରିବା ନୁହେଁ । ନାରୀ ନିଜ ମର୍ଯ୍ୟାଦା ଭିତରେ ରହିଲେ ପୂଜିତା ହେବ ।

କବିତା, ବନିତା, ଲତା ଅନ୍ୟମାନଙ୍କ ସହଯୋଗ ବିନା ତିଷ୍ଠି ରହି ପାରନ୍ତି ନାହିଁ ବୋଲି କହି ସାମାଜିକ ବ୍ୟବସ୍ଥାରେ ନାରୀମାନଙ୍କୁ ପରତନ୍ତ୍ର କରି ଦିଆଯାଇଛି । କିନ୍ତୁ ମାନସିକ ସ୍ତରରେ କୌଣସି ମହିଳା ପରତନ୍ତ୍ର ନୁହନ୍ତି । ଜଣେ ସ୍ତ୍ରୀ ତା' ଜୀବନରେ କ'ଣ ଚାହେଁ ? ଆସନ୍ତୁ ଏକ ଗଳ୍ପ ମାଧ୍ୟମରେ ଏହାର ସମାଧାନ ଖୋଜିବା ।

ଏକ ଭୀଷଣ ଯୁଦ୍ଧରେ ପଡ଼ୋଶୀ ରାଜ୍ୟର ରାଜାଙ୍କ ଠାରୁ ହାରି ରାଜା ହର୍ଷବର୍ଦ୍ଧନ ନିଜ ପାତ୍ର ମନ୍ତ୍ରୀଙ୍କ ସହ ବନ୍ଦୀ ହୋଇ କାରାରୁଦ୍ଧ ହେଲେ । ତାଙ୍କର ବିଚାର ପାଇଁ ପଡ଼ୋଶୀ ରାଜ୍ୟର ରାଜାଙ୍କ ସାମ୍ନାରେ ହାଜିର କରାଗଲା ।

ରାଜା ଯୁଦ୍ଧରେ ଜିତି ଅତ୍ୟନ୍ତ ଖୁସି ଆଉ ପ୍ରସନ୍ନ ଥିଲେ । ସେ ହର୍ଷବର୍ଦ୍ଧନଙ୍କ ସମ୍ମୁଖରେ ଏକ ପ୍ରସ୍ତାବ ରଖିଲେ । ଯଦି ତୁମେ ମୋର ପ୍ରଶ୍ନର ଠିକ୍ ଉତ୍ତର ଦେଇପାରିବ ତେବେ ତୁମକୁ ତୁମର ସମ୍ପୂର୍ଣ୍ଣ ରାଜ୍ୟ ସହ ରାଜସିଂହାସନ ଫେରାଇ ଦିଆଯିବ । ନଚେତ ଆଜୀବନ କାରାବାସ ଭୋଗ କରିବାକୁ ପଡ଼ିବ । ପ୍ରଶ୍ନ ହେଲା - ଜଣେ ସ୍ତ୍ରୀ ପ୍ରକୃତରେ କ'ଣ ଚାହେଁ ? ଏକମାସ ମଧ୍ୟରେ ଏହାର ଉତ୍ତର ଦେବାକୁ ପଡ଼ିବ । କାହାରିଠାରୁ ପଚାରି ବୁଝି ମଧ୍ୟ ଏହାର ଉତ୍ତର ଦେବାକୁ ସୁଯୋଗ ଦିଆଯିବ । ହର୍ଷବର୍ଦ୍ଧନ ଏହି ପ୍ରସ୍ତାବରେ ରାଜି ହୋଇଗଲେ ।

ହର୍ଷବର୍ଦ୍ଧନ ରାଜାଙ୍କ ପ୍ରଶ୍ନର ଉତ୍ତର ପାଇବା ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କୁ ଭେଟିଲେ । ସେମାନଙ୍କ ମଧ୍ୟରେ ଥିଲେ ରାଣୀ, ସାଧବୀ, ବିଦୁଷି ନାରୀ, ଘରୋଇ ସ୍ତ୍ରୀ, ନୃତ୍ୟାଙ୍ଗନା, ବାରାଙ୍ଗନା, ଦାସୀ ଆଦି ନାରୀ । ଅନ୍ୟ ପୁରୁଷ, ବିଦ୍ୱାନମାନଙ୍କୁ ମଧ୍ୟ ସେହି ପ୍ରଶ୍ନର ଉତ୍ତର ପଚାରି ବୁଝିଲେ । ସେମାନଙ୍କର ଉତ୍ତର ଥିଲା - ସୁନା - ରୂପା - ହୀରା ଆଦି

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଅଳଙ୍କାର, ଅର୍ଥ, ପ୍ରେମ, କାମ, ପତି, ପୁତ୍ର, ପିତା ଆଦି । କିନ୍ତୁ ଏହିସବୁ ଉତ୍ତର ହର୍ଷବର୍ଦ୍ଧନଙ୍କୁ ସନ୍ତୋଷଜନକ ଲାଗିଲା ନାହିଁ । ତେବେ ସେ ରାଜାଙ୍କୁ ବା କ'ଣ ଉତ୍ତର ଦିଅନ୍ତେ ?

ତାଙ୍କ ପାଇଁ ସମୟ ମାତ୍ର ଏକମାସ । ତାହା ପୁଣି ସରିବାକୁ ବସିଲାଣି । ଆଉ କେଇଟା ଦିନ ବାକି । ଇତିମଧ୍ୟରେ ସେ ଏକ ଖବର ପାଇଲେ ଯେ ଏକ ଦୂର ସ୍ଥାନରେ ଜଣେ ଯାଦୁଗରିଣୀ ରହୁଛି । ତା' ନିକଟରେ ସମସ୍ତ ସମସ୍ୟାର ସମାଧାନ ରହିଛି । ନିଜ ନିଜର ସମସ୍ୟା ସମାଧାନ ପାଇଁ ତା' ନିକଟକୁ ଅନେକ ଲୋକ ଯାଉଛନ୍ତି ଆଉ ଉପକୃତ ମଧ୍ୟ ହେଉଛନ୍ତି । ସବୁଆଡୁ ନିରାଶ ହୋଇ ହର୍ଷବର୍ଦ୍ଧନ ନିଜ ମିତ୍ର ସିଦ୍ଧରାଜଙ୍କ ସହିତ ମିଶି ସେହି ଯାଦୁଗରିଣୀ ନିକଟକୁ ଗଲେ, କାଳେ କିଛି ସନ୍ତୋଷଜନକ ଉତ୍ତର ମିଳିଯିବ ।

ହର୍ଷବର୍ଦ୍ଧନ ରାଜାଙ୍କର ସେହି ପ୍ରଶ୍ନ ଯାଦୁଗରିଣୀ କୁ ପଚାରିଲେ - ଜଣେ ସ୍ତ୍ରୀ ପ୍ରକୃତରେ କ'ଣ ଚାହେଁ ?

ଯାଦୁଗରିଣୀ - ମୁଁ ଏହାର ଠିକ୍ ଉତ୍ତର ଦେଇ ପାରିବି । କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି ।

ହର୍ଷବର୍ଦ୍ଧନ - ତେବେ ସେହି ସର୍ତ୍ତଟି କ'ଣ କୁହ ।

ଯାଦୁଗରିଣୀ - ଏହା ବଦଳରେ ଆପଣଙ୍କ ମିତ୍ର ସିଦ୍ଧରାଜଙ୍କ ସହିତ ମୋର ବିବାହ ଦେବାକୁ ହେବ ।

ଯାଦୁଗରିଣୀ ଦେଖିବାକୁ ଅତି ଅସୁନ୍ଦରୀ ଥିଲା । ତ୍ରିପଣ୍ଡ କଳା । ଆଖି ଦି'ଟା ଲାଲ୍ ଲାଲ୍ । ଦାନ୍ତ ଗୁଡ଼ିକ ତେଢ଼ାମେଢ଼ା, ଅପରିଷ୍କାର । ମୁଣ୍ଡବାଳ ଜଟା ହୋଇଗଲାଣି । ଶରୀରରୁ ଦୁର୍ଗନ୍ଧ ବାହାରୁଛି ।

ହର୍ଷବର୍ଦ୍ଧନ ନିଜର ଫାଇଦା ପାଇଁ ନିଜ ମିତ୍ରକୁ ଏପରି ଅସୁବିଧାରେ ପକାଇବାକୁ ଚାହିଁଲେ ନାହିଁ । ସେ ସ୍ପଷ୍ଟ ମନା କରିଦେଲେ । କିନ୍ତୁ ତାଙ୍କର ମିତ୍ର ସିଦ୍ଧରାଜ ହର୍ଷବର୍ଦ୍ଧନଙ୍କ

To read the complete magazine, Download it for FREE from www.aahwaan.com

କଥା ନ ଶୁଣି ମିତ୍ରଙ୍କ ଜୀବନ ରକ୍ଷା କରିବା ପାଇଁ ଯାଦୁଗରିଣୀର ଏହି ପ୍ରସ୍ତାବରେ ରାଜି ହୋଇ ଗଲେ । ଯଦି ତୁମର ଉତ୍ତର ସନ୍ତୋଷଜନକ ହୁଏ ଏବଂ ତାହାକୁ ରାଜା ମାନି ନିଅନ୍ତି ତେବେ ମୁଁ ତୁମକୁ ବିବାହ କରିବି ।

ଯାଦୁଗରିଣୀ ପ୍ରଶ୍ନର ଉତ୍ତର ଦେଲା - ସ୍ତ୍ରୀ ମାନେ ସ୍ୱୟଂ ନିର୍ଣ୍ଣୟ ନେବାକୁ ଭଲ ପାଆନ୍ତି ତଥା ଆତ୍ମନିର୍ଭର ହେବାକୁ ଚାହାନ୍ତି ।

କଥାଟା ଦୁଇ ମିତ୍ରଙ୍କ ମନକୁ ପାଇଲା । ଏହି ଉତ୍ତରକୁ ପଡ଼ୋଶୀ ରାଜ୍ୟର ରାଜା ମଧ୍ୟ ମାନି ନେଲେ । ନିଜ ଜବାବ ମୁତାବକ ସେ ହର୍ଷବର୍ଦ୍ଧନଙ୍କୁ ତାଙ୍କର ରାଜ୍ୟ ଲେଉଟାଇ ଦେଲେ ।

ନିଜ ରାଜ୍ୟକୁ ଫେରିବା ପରେ ମିତ୍ର ସିଦ୍ଧରାଜଙ୍କ ସହିତ ଯାଦୁଗରିଣୀର ବିବାହ ହେଲା । ମଧୁରାତ୍ରୀ ଦିନ ସିଦ୍ଧରାଜଙ୍କୁ ଯାଦୁଗରିଣୀ କହିଲା - ତୁମେ ତୁମ ମିତ୍ରଙ୍କ ପାଇଁ ମୋ ଭଳି ଜଣେ ଅସୁନ୍ଦରୀକୁ ବିବାହ କଲ । ତୁମେ ଜଣେ ପରୋପକାରୀ ବ୍ୟକ୍ତି । ତୁମର ହୃଦୟ ପବିତ୍ର । ମୋତେ ବିବାହ କରିବା ପାଇଁ କଥା ଦେଇ କଥା ରକ୍ଷା କଲ । ତୁମେ ଜଣେ ସତ୍ ପୁରୁଷ । ମୁଁ ତୁମ ଉପରେ ପ୍ରୀତ । ସେଥିପାଇଁ ମୋ ଯାଦୁଗରୀ ଶକ୍ତି ଦ୍ୱାରା ରାତ୍ରୀର ବାର ଘଣ୍ଟା ତୁମ ସହିତ ସୁନ୍ଦରୀ ହୋଇ ରହିବି । ଆଉ ବାକି ଦିନର ବାର ଘଣ୍ଟା ମୋ ନିଜ ରୂପରେ ରହିବି । ତେବେ କୁହ ତୁମକୁ କ'ଣ ପସନ୍ଦ ?

ସିଦ୍ଧରାଜ - ପ୍ରିୟେ ! ମୁଁ ତୁମକୁ ପତ୍ନୀରୂପରେ ସ୍ୱୀକାର କରି ସାରିଛି । ତୁମର ସବୁରୂପ ମୋର ପସନ୍ଦ । ନିର୍ଣ୍ଣୟ ତୁମର । ତୁମ ଇଚ୍ଛାରେ ତୁମେ ଯାହାକିଛି କରିପାର ।

ସିଦ୍ଧରାଜଙ୍କ ଏହି କଥା ଶୁଣି ଯାଦୁଗରିଣୀ ଅତ୍ୟନ୍ତ ପ୍ରସନ୍ନ ହୋଇଗଲା । କହିଲା - ତୁମ ନିକଟରେ ମୁଁ ସବୁଦିନ ସବୁବେଳେ ସୁନ୍ଦରୀ ହୋଇ ରହିବି । ପ୍ରକୃତରେ ମୁଁ କୌଣସି ଯାଦୁଗରିଣୀ କିମ୍ବା ଅସୁନ୍ଦରୀ ନୁହଁ । ମୋର ଅସଲ ରୂପ ସୁନ୍ଦର । ବାହାର ଦୁନିଆର କୁଟିଳ ଲୋକମାନଙ୍କଠାରୁ ଦୁରେଇ ରହିବା ପାଇଁ ଦେହରେ କଳା, ଆଖିରେ ରଙ୍ଗ, ମୁଣ୍ଡରେ ନକଲି କେଶ ଓ ନକଲି ଦାନ୍ତ ଲଗାଇ ଅସୁନ୍ଦରୀ ରୂପ ଧାରଣ କରିଥିଲି ।

To read the complete magazine, Download it for FREE from www.aahwaan.com

ବି.ଦ୍ର. ଏହା ଏକ କାଳ୍ପନିକ ଗଳ୍ପ । ପ୍ରକୃତରେ ଜଣେ ନାରୀ କ'ଣ ଚାହେଁ ? ଏହା କଠିନ ପ୍ରଶ୍ନ । ଏହାର ମାତ୍ର ଗୋଟିଏ ଉତ୍ତର ଠିକ୍ ହୋଇ ବି ନ ପାରେ । ଏକ ଯୁକ୍ତି ଛଳରେ ଏହି ଗପଟିରେ ଏଭଳି ଅବତାରଣା କରାଯାଇଛି । ଏଥିରେ ଥିବା ପ୍ରଶ୍ନ ଆଉ ତା'ର ଉତ୍ତର ସମସ୍ତଙ୍କ ମନକୁ ପାଇ ନ ପାରେ ।

====================

ଓଡ଼ିଆ ଅନୁବାଦ/ଭାଷାନ୍ତର-: ଜ୍ୟୋତ୍ସ୍ନା

ସ୍ୱଷ୍ଟୀକରଣ-: ଏହା ମୋର ନିଜସ୍ୱ ଅନୁବାଦିତ ଲେଖା ।

ରାଉରକେଲା

ଆମେ ମୋବାଇଲ୍ ଏବଂ କମ୍ପ୍ୟୁଟରରେ ପଢ଼ି ହେଉଥିବା ଇ-ବୁକ୍, ଇ-ମ୍ୟାଗାଜିନ୍, ବା ଇ-ପତ୍ରିକା ପ୍ରକାଶନ କରୁ । ଆପଣ ଯଦି କୌଣସି ପୁସ୍ତକ ଲେଖୁଥାନ୍ତି ତେବେ ଆମ ସହ ଯୋଗାଯୋଗ କରନ୍ତୁ ଆମେ ଆପଣଙ୍କ ପତ୍ରିକାର ଇ-ଭର୍ସନ ପ୍ରସ୍ତୁତ କରିଦେବୁ । ୟୁନିକୋଡ୍ ଓଡ଼ିଆରେ ଟାଇପ୍ କରି ଲେଖା ଆମ ନିକଟକୁ ପଠାନ୍ତୁ । ଆମେ ଏହାର ଇ-ବୁକ୍ ଭର୍ସନ ତିଆରି କରି ଇଣ୍ଟରନେଟ୍ ମାଧ୍ୟମରେ ଏହାର ବିତରଣ ବ୍ୟବସ୍ଥା କରିବୁ ।

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ ଇମେଲ୍ : aahwaan@gmail.com

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

To read the complete magazine, Download it for FREE from www.aahwaan.com

# ପଳାଶ ଫୁଲର ବାସ୍ନା



ଅରବିନ୍ଦ ଆଚାର୍ଯ୍ୟ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଲେଡିଜ୍ ସିଟ୍ ରେ ବସିଥିବା ଦୁଇଜଣ ଝିଅ ପଛକୁ ଚାହିଁଲେ । ତାଙ୍କ ହାତରେ ମଧ୍ୟ ଫାଇଲ୍ ଥାଏ । ତାଙ୍କ ଚାହିଁବା ଦେଖି ମନ୍ମଥ ହସିପକାଉ ପକାଉ ରହିଗଲା । ଝିଅ ଦୁଇଟି ପୁଣି ଆଗକୁ ଚାହିଁଲେ । ତାଙ୍କ ଉପରେ ମୋଟା ଭଦ୍ରଲୋକ ଜଣକ ପୁରା ପୁରି ଢଳି ପଡ଼ିଥାନ୍ତି । ସତେ ଯେପରି ସେ ଦୁହେଁ ଆଉ ଅଳ୍ପ ସମୟରେ ରସାତଳଗାମୀ ହେବେ । କିନ୍ତୁ କହିବାର ଶକ୍ତି କାହାର ନଥାଏ । ସେ ଦୃଶ୍ୟ ଅବଶ୍ୟ ଆଜିକାଲି ପ୍ରତ୍ୟେକ ବସରେ ଦେଖିବାକୁ ମିଳିବ । କିନ୍ତୁ କାହିଁକି କେଜାଣି ଅନିରୁଦ୍ଧ ପାଟିରୁ ବାହାରି ପଡ଼ିଲା, "ବୁଝିଲୁ ମନ୍ମଥ, ଆଜିକାଲି ଝିଅମାନେ ବସରେ ଆସୁନାହାନ୍ତି ତ ! ନିଜକୁ ନିଜେ ଅସୁବିଧାରେ ପକାଉଛନ୍ତି ।"

କଥାଟା ଏମିତି ଅମୋଘ ଅସ୍ତ୍ର ପରି କାମ ଦେଲା ଯେ, ସାମ୍ନା ଝିଅ ଦୁହିଁଙ୍କ ମଧ୍ୟରୁ ଜଣେ (ଯିଏ ଭିତର ପଟକୁ

To read the complete magazine, Download it for FREE from www.aahwaan.com

ବସିଥିଲା) ଆର ଝିଅଟିକୁ ଧିର ସ୍ୱରରେ କହିଲା, "ଏ ଅନୁ ! ସେ ଲୋକଟାକୁ କହ ସିଧା ହେଇ ଠିଆ ହବ । ମୋ ଅବସ୍ଥା ଯାହା ହେଲାଣି !"

"ମୁଁ କଣ ଟେ କହିବି, ତୁ କହୁନୁ !"

"ହଉ ରହ", ତା'ପରେ ସେ ଲୋକ ଉଦ୍ଦେଶ୍ୟରେ କହିଲା, "ଟିକେ ସିଧା ହେଇ ଛିଡ଼ା ହୁଅନ୍ତୁ !"

ଗମ୍ଭୀର ମୁଖାକୃତି ଭଦ୍ର ବ୍ୟକ୍ତି ଜଣକ ଗଳା ଖଙ୍କାର ଦେଇ କହିଲେ, "ଦେଖୁଛ ତ ଝିଅ କେତେ ଭିଡ଼, ମୋତେ ପୁରା ଠେଲି ଦେଉଛନ୍ତି । କଣ କରିବା କହ ? କେତେ ବାଟ ଯିବ କି ?"

ସେ ଭଦ୍ରବ୍ୟକ୍ତିଙ୍କର ଏପରି ଉତ୍ତର ଦେବା ଦେଖି ମନ୍ମଥ ଆଉ ସହି ପାରିଲାନାହିଁ । ମୁଁହକୁ ଆମ୍ବିଳା କଲା ପରି କରି ପଚାରିଲା, "କଣ ସେମାନେ ଓହ୍ଲେଇଲେ ଆପଣ ଏଠି ବସିବେ କି ?"

ହଠାତ୍ ଏପରି ବାକ୍ୟବାଣ ପାଇଁ ପ୍ରସ୍ତୁତ ନଥିଲେ ସିଏ । ତେଣୁ ହଡ଼ବଡ଼େଇ ଯାଇ କହିଲେ - "ନା ନା ମୁଁ ତ ଏଇ ଆଗରେ ଓହ୍ଲେଇବି, ଆପଣମାନେ ଯଦି ବସିବେ ବସନ୍ତୁ ।"

ସେମାନେ ଯେଉଁଠିକୁ ଯାଉଛନ୍ତି, ଆମେ ମଧ୍ୟ ସେଠାକୁ ଯାଉଛୁ । ତେଣୁ ସେମାନେ ଓହ୍ଲେଇଲେ ଆମେ ମଧ୍ୟ ଓହ୍ଲେଇବୁ ।" ଅନିରୁଦ୍ଧ କଥାକୁ ହାଲକା କଲା । ତା କଥା ଶୁଣି ଝିଅଟି ଚାହିଁଲା ତା ସାଙ୍ଗ ଆଡ଼କୁ ଆଉ ହସିଲା । ତାଙ୍କ ପାଖରେ ବସିଥିବା ସ୍ତ୍ରୀଲୋକ ଜଣକ ଅନିରୁଦ୍ଧକୁ ଚାହୁଁଥିଲେ । ଏଇ ଭିତରେ ଅନିରୁଦ୍ଧ ଚାହୁଁଥାଏ "ଅନୁ" ନାମ୍ନୀ ଝିଅଟିକୁ ।

To read the complete magazine, Download it for FREE from www.aahwaan.com

ମୁହଁକୁ ଏତେ ଭଲସେ ଦେଖି ହେଉନଥାଏ । ତଥାପି ତାର ଆକର୍ଷଣ କରିବାର ଶକ୍ତି ଅଛି ବୋଲି ସେ ଅନୁଭବ କରୁଥିଲା ।

ବସ୍ ଚାଲିଥାଏ ଘଁ ଘଁ କରି । ଟେପରେ କ୍ୟାସେଟ ଗୀତ ଛୁଟୁଥାଏ, “ତୁରା ଲିୟା ହେ ତୁମ ନେ ଯୋ ଦିଲ କୋ ......” । ମନ୍ମଥ ଚାହୁଁଥାଏ ଅନିରୁଦ୍ଧକୁ, ଆଉ ଧିରେ ଧିରେ ଅନିରୁଦ୍ଧର ମୁଣ୍ଡ ପାଖକୁ ମୁହଁ ଆଣି କହୁଥାଏ, “ଯା’ହେଉ ବସରେ ଟେପ୍ ଗୁଡ଼ାକ ମନକଥା ଜଣାଇବାରେ ଭାରି ପ୍ରବୀଣ । ଠିକ୍ ବେଳେ ଠିକ୍ ଗୀତ ଗୁଡ଼ାକ ବାଜି ଉଠୁଚି ।”

ବସ୍ ଚାଲୁଚି । ଗୀତ ପରେ ଗୀତ ବଦଳି ଚାଲିଚି । କିଛିବାଟ ପରେ ମୋଟା ଭଦ୍ରବ୍ୟକ୍ତି ଜଣକ ଓହ୍ଲେଇ ଗଲେ । ଅନିରୁଦ୍ଧ ତାଙ୍କ ଜାଗାରେ ଠିଆ ହେଲା । କିନ୍ତୁ ତାକୁ ଟିକେ ଭୟ ଲାଗୁଥାଏ, କାରଣ ଯଦି ସେ ଝିଅଟି ତା ପ୍ରତି ବାକ୍ୟବାଣ ପ୍ରୟୋଗ କରିବ, ତେବେ କଥା ସରିଲା । ଏତେ ଲୋକଙ୍କ ସାମ୍ନାରେ ଅପଦସ୍ତ ହେଇଯିବ । ଭାରି ସଙ୍କୁଚିତ ହେଇ ଠିଆ ହୋଇଥାଏ ସିଏ, କିନ୍ତୁ ଝିଅଟିର ମୁହଁକୁ ଚାହିଁବାକୁ ଭୁଲୁ ନଥାଏ । ତାର ଏଇ ଚାହିଁବା ଟା, ମନ୍ମଥ ଓ ଆର ଝିଅଟି ମଝିରେ ମଝିରେ ଦେଖି ପକାଉଥାନ୍ତି ।  କିଛି ସମୟ ପରେ ମନ୍ମଥ ଚୁପ ଚୁପ ହେଇ କହିଲା, “କଣ ମନକୁ ପାଉଛି କି ?” ଲାଜେଇ ଯାଇ ଅନିରୁଦ୍ଧ କହିଲା “ରହ ମ !”

ଝିଅ ଦୁଇଟି ତାଙ୍କ ତାଙ୍କ ଭିତରେ କଣ ଚୁପ ଚୁପ ହେଇ କଥା ହେଉଥାନ୍ତି । ପର ଷ୍ଟପେଜରେ ବସ ଅଟକିଲା । ଝରକା ପାଖକୁ ବସିଥିବା ଭଦ୍ରମହିଳା ଜଣକ ଉଠୁଥିଲେ ଓହ୍ଲେଇବାକୁ । ଭିଡ଼ ଭିତରେ କ୍ଲିନର ଡାକ ଛାଡୁଥାଏ - “ହଁ ! ଆଉ କିଏ ଓହ୍ଲେଇବେ ?”

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


"ହଁ ..... ରୁହ ରୁହ !" କହି କହି ମହିଳା ଜଣକ ବାହାରିଗଲେ । ମନ୍ମଥ ଦେଖିଲା ପାଖରେ କେହି ସ୍ତ୍ରୀ ଲୋକ କି ଝିଅ ଠିଆ ହେଇନାହାନ୍ତି । ଖାଲି ସିଟଟିକୁ ଅକ୍ତିଆର କରିବାକୁ ଯାଇ ଅନିରୁଦ୍ଧକୁ ପଚାରିଲା, "ଏ ଅନି, ବସିବୁ କିରେ ?"

ମଲୁ ଖୋଜୁଥିଲା ଯାହା, ବଇଦ ବତେଇଲା ତାହା ! ଅନିରୁଦ୍ଧ ଚାହୁଁଥିଲା ବସିବାକୁ ତେଣୁ ବସି ପଡ଼ିଲା । ଝିଅ ଦି'ଜଣ ଝରକା ଆଡ଼କୁ ଘୁଂଚିଗଲେ । ଅନିରୁଦ୍ଧ ସଙ୍କୁଚିତ ହେଇ ବସୁଥାଏ । ମନ୍ମଥକୁ କହିଲା ଉପରୁ ଫାଇଲ ତାକୁ ଦେବାକୁ । ମନ୍ମଥ ଉପରୁ ଫାଇଲ ଆଣି ତା'ହାତକୁ ବଢ଼େଇ ଦେଲା । ଫାଇଲଟା ଧରେଇ ଦଉ ଦଉ ମନ୍ମଥ ଝିଅ ଦୁଇ ଜଣଙ୍କ ଉଦ୍ଦେଶ୍ୟରେ ପଚାରିଲା, "କଣ ଏଡ଼ମିଶନ କରିବାକୁ ଯାଉଛନ୍ତି ତ ?"

"ହଁ" ସଂକ୍ଷିପ୍ତ ଉତ୍ତର ଦେଲା ଆର ଝିଅଟି ।

ଅନିରୁଦ୍ଧ ପଚାରିଲା, "କଣ ଅନର୍ସ ରଖିଛନ୍ତି ?"

ଅନୁ କହିଲା, "ଫାଷ୍ଟ ପ୍ରିଫେରେନ୍ସରେ ସାଇକୋଲୋଜି ଦେଇଛି । ଦେଖାଯାଉ କଣ ହେଉଛି ।"

ଅନିରୁଦ୍ଧକୁ ଲାଗିଲା ଯେମିତି ଅନୁ ନାମ୍ନୀ ଝିଅଟିକୁ ସବୁ କଥା ପଚାରିବ -

ନାଁ କଣ ? ଘର କେଉଁଠି ? ଘରେ କିଏ କିଏ ଅଛନ୍ତି ? ବାପା କଣ କରନ୍ତି ? ଆଗରୁ କେଉଁଠି ପଢୁଥିଲ ? କେତେ ମାର୍କ ଥିଲା ? ଏମିତି ଅନେକ ପ୍ରଶ୍ନର ଢେଉ ତାର ମନରେ ଉଠୁଥିଲେ ମଧ୍ୟ କାହିଁକି କେଜାଣି ତାର ପାଟି ବନ୍ଦ ହେଇ ଯାଉଥିଲା କିଛି ପଚାରିବା ପାଇଁ । ସେ ଖାଲି ଧିରେ ଧିରେ ଚାହୁଁ ଥିଲା ସେ ସୁନ୍ଦର ମୁହଁଟିକୁ । ମନ୍ମଥ କିନ୍ତୁ କଥାର ସୁଅ ଛୁଟେଇ ଦେଇଥାଏ ଆର ଝିଅଟି ସହିତ । ଅନୁ ଚୁପ ଚାପ ବସିଥାଏ ।

To read the complete magazine, Download it for FREE from www.aahwaan.com

"କ୍ୟା ହୋ ରହା ହୈ ଭାଇ ?" ଜ୍ୱାସିମର ପାଟି ଶୁଭିଲା ।

ଅନିରୁଦ୍ଧ ପଛ ଆଡ଼କୁ ବୁଲି ଚାହିଁଲା । ଏ ଭିତରେ ଅଶୋକ ଆଉ ଜ୍ୱାସିମ ଆସି ତାଙ୍କ ପଛ ପାଖରେ ଠିଆ ହେଇଯାଇଥାନ୍ତି ।

"ବସିବ କିରେ ?" ସେମାନଙ୍କୁ ଉଦ୍ଦେଶ୍ୟ କରି କହିଲା ଅନିରୁଦ୍ଧ ।

"ନାଇଁ ଭାଇ, ତୁ ବସ । ଆମେ ଅନ୍ୟ ସିଟରେ ବସିବୁ, ଏଇ ଆଗରେ ଏପାଖ ସିଟରୁ ଦି ଜଣ ଓହ୍ଲେଇବେ । କଣ ମନ୍ମଥକୁ ଜାଗା ମିଳିଲାନି ?" ଅଶୋକ ବଡ଼ ପାଟିରେ କହୁଥିଲା ।

ଜ୍ୱାସିମ ପଛପଟୁ ମନ୍ମଥ, ଅଶୋକକୁ ଉତ୍ତର ଦେଉଥିଲା, "ମୋ ସିଟଟା 'ଅନି'କୁ ଦେଇଛି ।"

ଅନିରୁଦ୍ଧ କହୁଥିଲା, "ବସୁନୁ ତୋ ସିଟରେ, ମୁଁ କଣ ମନା କରୁଛି ।"

ମନ୍ମଥ ହସି ହସି କହୁଥିଲା, "ଧେତ, ରାଗୁଛୁ କଣ ମ । ତୁ ବସ, ମୁଁ ଠିଆ ହେଇଛି ।"

ଝିଅ ଦି ଜଣ ଚୁପ ଚୁପ ହସୁଥିଲେ ।

ବସ ଚାଲିଥିଲା । ଏ ଭିତରେ ଅନେକ କଥାବାର୍ତ୍ତା ହେଲା, ମନ୍ମଥ ଓ ଅନ୍ୟ ଝିଅଟିର । କିନ୍ତୁ ଅନିରୁଦ୍ଧର ପାଟି ଫିଟୁ ନଥାଏ, ଖାଲି ସାଙ୍ଗ ଦେଉଥାଏ ମନ୍ମଥ କଥାରେ । ଅଶୋକ ଆଉ ଜ୍ୱାସିମ ସିଟ ପାଇ ବସିପଡ଼ିଲେ । ବସ ଚାଲିଲା................ । କଲେଜ ଆସିଲା ପରେ ଧାଡ଼ି ହେଇ ପିଲା ସବୁ ଓହ୍ଲେଇଲେ । ଶେଷରେ ଅନିରୁଦ୍ଧ ଓହ୍ଲାଉ ଓହ୍ଲାଉ "ଅନୁ" ମୁହଁକୁ ଚାହିଁ ପଚାରିଥିଲା -

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


"ଦେଖା ହବ ତ ?"

ଅନୁ ହସି ଦେଇଥିଲା ।

X X X X X X X

"ଆଜ୍ଞା, ଟିକଟ ଟା ଦେବେ ।" କଣ୍ଡକ୍ଟରର ଡାକରେ ଅନିରୁଦ୍ଧ ଭାବନା ରାଜ୍ୟରୁ ଫେରି ଆସିଲା । ଦେଖିଲା ପାଖର ପ୍ରୌଢ଼ ବ୍ୟକ୍ତି ଘୁଙ୍ଗୁଡ଼ି ମାରି ଶୋଇଛନ୍ତି । ବସ ଚାଲିଛି । ସମୟ ଗଡ଼ି ଗଲାଣି । ସନ୍ଧ୍ୟା ହେଇ ଆସିଲାଣି । ପକେଟରୁ ଏଡ଼ଭାନ୍‌ସ ବୁକିଂ ଟିକେଟଟା ବାହାର କରି, ବଢ଼େଇଦେଲା ସେ । ଆହୁରି କେତେ ସମୟ ଲାଗିବ କେଜାଣି ?

ମନେ ପଡ଼ିଲା ତାର ଘର କଥା । ମା ଚିଠିରେ ଶୀଘ୍ର ଆସିବାକୁ । ସବୁ କଥା ଯୋଗାଡ଼ କରିବାକୁ ପଡ଼ିବ । ଭିଣୋଇ ବି ଚିଠି ଦେଇଥିଲେ ଶୀଘ୍ର ଆସିବାକୁ କିନ୍ତୁ ଚାକିରି କରି ଛୁଟି ମିଳୁଛି କୁଆଡୁ ? ସବୁ କାମ ଦାମ ସାରି, ଠିକ ଠାକ କରି ଆସିଲା ବେଳକୁ ଦିନେ ଦୁଇଦିନ ଡେରି ହେଇଗଲାଣି । ହଉ ଘରେ ପହଞ୍ଚିଲେ ଦେଖାଯିବ ।

"ସାଗରିକା" ଆସି ଘରେ ପନ୍ଦର ଦିନ ଆଗରୁ ତାକୁ ଅପେକ୍ଷା କରିଥିବ । ବାପା ମଧ୍ୟ ଅପେକ୍ଷା କରିଥିବେ । ବସ ଚାଲିଥିଲା ଧିମେଇ ଧିମେଇ ।

(୨ )

"ଆଲୋ ମା, 'ଅନୁ' କୁଆଡ଼େ ଗଲୁକି ? କେତେ ବେଳୁ ମୁଁ ତତେ ଖୋଜୁଚି । କଣ କରୁଚୁ ସେଠି ବସିକି ?"

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଅନୁରାଧା ପଛକୁ ବୁଲି ଅନଇଲା । ହାତରେ ଗୋଟେ ଲଫାପା ଧରି ମା 'ନିଶିପ୍ରଭା' ତା'ରି ଆଡ଼କୁ ଏକ ପ୍ରକାର ଧାଇଁ ଆସୁଥିଲେ । ଦୀର୍ଘ ନିଃଶ୍ୱାସ ନେଇ ଅନୁ କହିଲା "କଣ ହେଲା କି ମା ?"

"ଆଲୋ ! ଏଇଟା ଦେଖିଲୁ, କଣ ଲେଖା ଯାଇଛି ।"

ଲଫାପାଟା ମା'ଙ୍କ ହାତରୁ ନେଲା ସିଏ । ଉପର ଠିକଣାରେ ପ୍ରେରକର କିଛି ଛାପ ନଥିଲା । ତେଣୁ କେଉଁଠାରୁ ଆସିଛି ଜଣା ଗଲାନି । କିନ୍ତୁ ଠିକଣା ଲେଖାଯାଇଥିବା ଅକ୍ଷର ଗୁଡ଼ାକ ଚିହ୍ନା ଚିହ୍ନା ଲାଗୁଥିଲା ।

ଲଫାପା ଖୋଲିବା ଡେରି ହେବା ଦେଖି ନିଶିପ୍ରଭା ପୁଣି ଥରେ ଅନୁକୁ କହିଲେ

"ଚାହିଁଚୁ କଣ ବା ! ଦେଖୁନୁ ଖୋଲିକି, କିଏ ଦେଇଛି ?"

"ଦେଖୁଛି ଦେଖୁଛି ।" କହି ସନ୍ଦିଗ୍ଧ ହୋଇ ଅନୁ ଚିଠିଟା ଖୋଲିଲା ।

ଭିତରୁ ଗୋଟେ ନୀଳ କାଗଜ ବାହାରି ଆସିଲା । ତାକୁ ଖୋଲିକି ତଳ ଆଡ଼କୁ, ଯେଉଁଠି 'ଇତି' ବୋଲି ଲେଖା ଯାଇଥାଏ, ସେ ଆଡ଼କୁ ଅନେଇଲା । ଆରେ ! ସେ ଜାଗାଟି ଶୁନ୍ୟ ଥିଲା । ପ୍ରଥମରୁ ପୁଣି ଚିଠିଟା ପଢ଼ିଲା,

ପ୍ରିୟ ଅନୁ ,

ମୋର ଏ ଚିଠିଟି ପାଇ ଆଶ୍ଚର୍ଯ୍ୟ ହେବ ନିଶ୍ଚୟ । ତୁମେ ମୋତେ ଚିହ୍ନି ଥିବ କି ନାହିଁ, ମୁଁ କିନ୍ତୁ ତୁମକୁ ଖୁବ୍ ଭଲ ଭାବରେ ଚିହ୍ନିଚି । ଶୁଣିଲି ତୁମର ବିବାହ ଏଇ ଭିତରେ ଠିକ୍ ହେଇଗଲା । ଯା ହେଉ ଖୁବ୍ ଭଲ ହେଲା । କିନ୍ତୁ ଆଶ୍ଚର୍ଯ୍ୟ କଥା ତୁମେ ଏତେ ବଡ଼କଥା ମୋ ଠାରୁ ଲୁଚେଇ ରଖିଲ କିପରି ? ହେଉ ଭଗବାନ ତୁମର ମଙ୍ଗଳ କରନ୍ତୁ । ମୁଁ ଆଉ

To read the complete magazine, Download it for FREE from www.aahwaan.com

କିଛି ଚାହୁଁନି । ଇତି ବୋଲି କିଛି ଲେଖିନାହିଁ । ତୁମେ ଜାଣି ପାରୁଥିବ । ରହିଲି । ଆଉ ସବୁ ସାକ୍ଷାତରେ ।

ଚିଠିଟା ପଢ଼ି ଅନୁକୁ ଯେତିକି କୌତୁହଳ ଲାଗିଲା, ସେତିକି ଭୟ ମଧ୍ୟ ଲାଗିଲା । ମା ହାତକୁ ଚିଠିଟା ବଢ଼େଇ ଦେଲା ସିଏ । ନିଶିପ୍ରଭା ଚିଠିଟିକୁ ଏକା ନିଶ୍ୱାସରେ ପଢ଼ି ଶେଷ କଲେ । ମୁହଁକୁ ଗମ୍ଭୀର କରି, ଅନୁକୁ ପଚାରିଲେ

"କିଏ ଇଏ ?"

ଅନୁ ଭାବନା ରାଜ୍ୟରେ ବୁଡ଼ି ରହିଥିଲା । ଚିଠି ଉପର ଅକ୍ଷରଟା ଚିହ୍ନା ଚିହ୍ନା ଲାଗୁଚି । ଭିତର ଅକ୍ଷର ଗୁଡ଼ାକ କିନ୍ତୁ ଚିହ୍ନି ହେଉନି । କାହାର ହେଇପାରେ ଏ ଅକ୍ଷର ଗୁଡ଼ାକ ?

ଅନୁ କିଛି ନ କହିବା ଦେଖି, ନିଶିପ୍ରଭା ପୁଣି ପଚାରିଲେ,

"କିଲୋ ! କିଏ ଇଏ କହୁନୁ ?"

"ରହମ ! କିଏ ଥଟ୍ଟା କରି ଏମିତି ଲେଖିଛି ବୋଧେ ।"

ହଠାତ ଚିଠିଟିର ପଛ ପଟ ଲେଉଟାଇ ଦେଲା ଅନୁ । ଆରେ ଏପଟରେ ଏଗୁଡ଼ା କଣ ଲେଖାଯାଇଛି, ବଡ଼ ବଡ଼ ଅକ୍ଷରରେ ଇଂରାଜୀରେ ଲେଖା ଯାଇଛି

"ଏପ୍ରିଲ ଫୁଲ !"

ସତେ ତ, ଆଜି ଏପ୍ରିଲ ପହିଲା । କିଏ ଆଉ ଏମିତି ମଜା କରିପାରେ ? ପୋଷ୍ଟ ଅଫିସର ମୋହରକୁ ଅନାଇଲା । ଅସ୍ପଷ୍ଟ ମୋହରରୁ ଠିକ ସେ ଜଣା ଯାଉନାହିଁ । ତଥାପି

To read the complete magazine, Download it for FREE from www.aahwaan.com

ପଢ଼ିବାକୁ ଚେଷ୍ଟା କଲା ଅନୁ । ତାର ଏପରି ଏପଟ ସେପଟ ଲେଉଟାଇ ଚିଠିଟିକୁ ଦେଖିବା ଭଙ୍ଗିରୁ, ବିରକ୍ତ ହେଇ ନିଶିପ୍ରଭା କହିଲେ,

"କଣ ସେଇଟା ଇଂରାଜୀରେ ଲେଖା ଯାଇଛି ?"

ଅନୁ ଆଉ ହସ ସମ୍ଭାଳି ପାରିଲା ନାହିଁ, କହିଲା, "ଆଜି ଏପ୍ରିଲ ପହିଲା ନା ? କିଏ ଆମକୁ ବୋକା ବନେଇଛି ।"

ନିଶିପ୍ରଭାଙ୍କ ଗମ୍ଭୀର ମୁହଁ ହଠାତ ସ୍ୱାଭାବିକ ପରିସ୍ଥିତିକୁ ଆସିଲା । ସେ ମଧ୍ୟ ଧୀରେ ଧୀରେ ହସି ଘରକୁ ଫେରି ଯାଉଥିଲେ । ଅନୁ ଏବେ ଏକୁଟିଆ ଚିଠିଟାକୁ ଧରି ବିଶ୍ଳେଷଣ କଲା । ତାର ଠିକ ମନେପଡ଼ିଲା, ଠିକଣାରେ ଥିବା ଅକ୍ଷର ନିଶ୍ଚୟ ଅନିରୁଦ୍ଧଙ୍କର । ଲେଖିବା ଭଙ୍ଗିକୁ ବହୁତ କଷ୍ଟ କରି ବଦଳାଇବାର ଚେଷ୍ଟା କରାଯାଇଛି । କିନ୍ତୁ ତଥାପି ଇଂରାଜୀର 'ଏ' ଗୁଡ଼ାକର ଲେଖିବା ଢଙ୍ଗ ଠିକ ପୂର୍ବ ପରି ରହିଛି । କଥା ଆସି ବାହାଘର ପର୍ଯ୍ୟନ୍ତ ଗଲାଣି, କିନ୍ତୁ ଚିଡ଼େଇବା ଢଙ୍ଗ ତାଙ୍କର ଠିକ ସେମିତି ଅଛି ।

ତାକୁ ଦିଶିଗଲା ଅନିରୁଦ୍ଧଙ୍କ ହସ ହସ ମୁହଁଟି, ଆଖି ସାମ୍ନାରେ । ମନେ ପଡ଼ିଗଲା ପୁରୁଣା କଥା ସବୁ :..........

x X X X X

ପ୍ରଥମ ଦେଖାରେ ସେ ଭଲପାଇ ବସିଥିଲା ଅନିରୁଦ୍ଧଙ୍କୁ । ବସରୁ ଓହ୍ଲାଉ ଓହ୍ଲାଉ ଅନିରୁଦ୍ଧ ତାକୁ କହିଥିଲେ,

"କଣ ଦେଖା ହବ ତ ?" ସତେ ଯେମିତି ତୀରଟିଏ ତା ଦେହର କେଉଁ ନିଭୃତ କୋଣରେ କେଞ୍ଚି ହେଇଯାଇଥିଲା ସେ କଥା ଶୁଣି । ତା'ପରେ ସେ ତରତର ହେଇ 'ମାମି'

To read the complete magazine, Download it for FREE from www.aahwaan.com

ସହିତ କଲେଜକୁ ପଶିଯାଇଥିଲା । ସେଠୁ ପିଲାଙ୍କ ଭିଡ଼ ଭିତରେ ମଧ୍ୟ ଅନିରୁଦ୍ଧଙ୍କୁ ଦେଖୁଥିଲା । ଅନିରୁଦ୍ଧ ମଧ୍ୟ ତାକୁ ଚାହିଁ ରହୁଥିଲେ । ସେଦିନ ସେ କଲେଜ ଆଡ଼ମିସନ ସାରି, ଘରକୁ ଫେରି ପାରି ନଥିଲା । ତାର ପିଉସାଙ୍କ ଘରେ ରହିଯାଇଥିଲା । ତେଣୁ ଫେରିବା ବେଳେ ଅନିରୁଦ୍ଧଙ୍କ ସହିତ ଆଉ ଦେଖା ହେଇ ପାରିନଥିଲା । ଦୁଇ ଦିନ ପିଉସାଙ୍କ ଘରେ ରହି ପୁଣି ଘରକୁ ଫେରିଥିଲା ଅନୁରାଧା । ଘରେ ପହଞ୍ଚି ଅପେକ୍ଷା କଲା କଲେଜକୁ ଯିବା ଦିନକୁ ।

ପ୍ରତୀକ୍ଷାର ପ୍ରତି ମୂହୁର୍ତ୍ତ କେତେ ଲମ୍ବା ସେ ବୁଝୁଥିଲା । ଶେଷରେ ପ୍ରତିକ୍ଷିତ ଦିନଟି ଆସି ପହଞ୍ଚିଥିଲା । ସକାଳୁ ରେଡ଼ି ହେଇ ବସଷ୍ଟପରେ ଅପେକ୍ଷା କରିଥିଲା ସେ । ଏମିତି ଆଗରୁ ସେ କେତେ ଥର ଅପେକ୍ଷା କରିଛି, କିନ୍ତୁ ଆଜିର ଅପେକ୍ଷା ତାକୁ ଅଲଗା ଲାଗୁଥିଲା । ନୂଆ ନୂଆ ଅନୁଭୂତ ହେଉଥିଲା ।

ବସ ଆସିଲା । ତରତର ହେଇ ଚଢ଼ିଗଲା ସିଏ । ଭିତରେ ଅବଶ୍ୟ ସିଟ୍‌ଟିଏ ମିଳିଗଲା ତାକୁ । ଗାଁ ଠାରୁ କଲେଜକୁ ଯିବାକୁ ଯେଉଁ ସମୟ ବସରେ ବସିଲା, ତାକୁ ବହୁତ ଲମ୍ବା ଜଣାଗଲା । ଅବଶ୍ୟ ଅନେକ ବସ ତାଙ୍କ ଗାଁ ଠାରୁ ସବୁବେଳେ ଚାଲୁଥାଏ । କାରଣ ତାଙ୍କ ଗାଁଟା ମେନ ରୋଡ଼ ପାର୍ଶ୍ୱରେ । ବୋଧହୁଏ ଅନିରୁଦ୍ଧ ଅନ୍ୟ କେଉଁ ବସରେ କିମ୍ବା ଅନ୍ୟ କେଉଁ ଗାଡ଼ିରେ କଲେଜ ଯାଇଥିବେ । ତାଙ୍କୁ ସେ ଦେଖି ପାରୁନଥିଲା ଏଇ ବସରେ । ବସ କଲେଜ ପାଖରେ ପହଞ୍ଚିଲା । ଅନ୍ୟ ନୂଆ ନୂଆ ସାଙ୍ଗ ମାନଙ୍କ ସହ ସେ ଚାଲିଲା କଲେଜ ଅଫିସ ଆଡ଼େ । ସେଠି ଅନିରୁଦ୍ଧ ମଧ୍ୟ ଠିଆ ହେଇଥିଲେ ତାଙ୍କ ସାଙ୍ଗ ମାନଙ୍କ ଗହଣରେ । ସେ ତାଙ୍କୁ ଦେଖି କଣ କହିବ ବୋଲି ଭାବୁଥିଲା । କିନ୍ତୁ କିଛି କହିପାରିଲା ନାହିଁ । ଅନିରୁଦ୍ଧ ତାକୁ ଦେଖି ହସିଥିଲେ । ସେ ମଧ୍ୟ ତାର ପ୍ରତ୍ୟୁତ୍ତର ହସରେ ଜଣେଇଥିଲା ମୁଣ୍ଡ ପୋତି ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ତା' ପରଠାରୁ ପ୍ରାୟ ପ୍ରତିଦିନ ଦେଖାହୁଏ ତାର ଅନିରୁଦ୍ଧଙ୍କ ସହିତ, କିନ୍ତୁ କିଛି କଥାବାର୍ତ୍ତା ହେଇ ପାରନ୍ତିନି କେହି କାହା ସହିତ । କେବଳ ହସରେ ହିଁ କଥା ଅଟକି ରହିଯାଏ ।

ଆଉ ଦିନେ । ସେଦିନ ଥାଏ ଅଗଷ୍ଟ ମାସର ୧୪ ତାରିଖ । ଲାଇବ୍ରେରୀକୁ ଯାଇଥାଏ ଅନୁ । ଦେଖିଲା ଅନିରୁଦ୍ଧ ମଧ୍ୟ ଲାଇବ୍ରେରୀରେ କୌଣସି ବହି ଖୋଜୁଛନ୍ତି, ପୁସ୍ତକ ତାଲିକାକୁ ଧରି ଖେଳାଇ ଚାଲିଛନ୍ତି । ସେ ମଧ୍ୟ ତାକୁ ଦେଖି ପକାଇଲେ ।

ହଠାତ ତା ପାଖକୁ ଚାଲିଆସି କହିଲେ, "କେଉଁ ବହି ପଢ଼ିବେ ?"

ଅନୁରାଧା ହଠାତ ଏପରି ଆଶା କରିନଥିଲା । ଚାରିଆଡ଼କୁ ଦେଖିଲା, ତାର ସାଙ୍ଗମାନେ ତା'ରି ଆଡ଼କୁ ଚାହିଁଛନ୍ତି । ତେଣୁ ସେ ହଡ଼ବଡ଼େଇ ଗଲା । ତା'ପାଟିରୁ ବାହାରି ପଡ଼ିଲା, "ମୁଁ ନିଜେ ଖୋଜି ପାରିବି । ଆପଣ ବ୍ୟସ୍ତ ହୁଅନ୍ତୁ ନି ।"

"ତଥାପି, କୁହନ୍ତୁ । ଦେଖିବା ଆପଣଙ୍କ ପସନ୍ଦ କଣ ?"

ଅନୁରାଧା ଭାବିଥିଲା କଥା ଏଇଠି ସରିଯିବ ବୋଲି, କିନ୍ତୁ ଅନିରୁଦ୍ଧଙ୍କ ପ୍ରଶ୍ନରେ ସେ ଅସ୍ୱସ୍ତି ବୋଧ କଲା । ହଠାତ ସମସ୍ତଙ୍କ ସାମ୍ନାରେ ଏହିପରି କଥାବାର୍ତ୍ତା କରିବାକୁ ଠିକ ମନେ କଲାନାହିଁ । ତେଣୁ ବାଧ୍ୟ ହେଇ କିଛି ନ କହି ଲେଡ଼ିଜ ସେକ୍ସନ ଭିତରକୁ ଚାଲିଗଲା । ଅନିରୁଦ୍ଧ ସେଠି ଠିଆ ହେଇ ଡାକୁଥିଲେ ତାକୁ । କିନ୍ତୁ ସେ କିଛି ଶୁଣୁ ନଥିଲା । ସେଦିନ ଆଉ ଦେଖିନି ଅନିରୁଦ୍ଧଙ୍କୁ ।

ପରଦିନ ଅଗଷ୍ଟ ୧୫ । ଧୂମଧାମରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ଚାଲିଥାଏ । 'ମାମି' ସହ ଅନୁରାଧା ଯାଇଥାଏ ପ୍ୟାରେଡ଼ ଦେଖି । ପ୍ୟାରେଡ଼ ପଡ଼ିଆ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପାଖରେ ବେଶ୍ ଭିଡ଼ । ହଠାତ ଅନିରୁଦ୍ଧଙ୍କୁ ସେ ଦେଖିଲା । ଡ୍ରେସ ପିନ୍ଧି ରେଡ଼ି ହେଉଥାନ୍ତି ସେ । ବୋଧହୁଏ ପ୍ୟାରେଡ଼ରେ ଭାଗ ନେଉଥାନ୍ତି । କିନ୍ତୁ ଏକଣ ! ତାକୁ ଦେଖି ମଧ୍ୟ ସେ ମୁହଁ ବୁଲାଇ ଚାଲିଗଲେ । ସବୁଦିନ ପରି କାହିଁ ହସି ଦେଲେନି ତ !

ଅନୁରାଧାର ଏପରି ସନ୍ଦିଗ୍ଧ ଦୃଷ୍ଟିକୁ ଦେଖି 'ମାମି' ପଚାରିଲା, "କଣ ହେଲା ଅନୁ ? କିଛି ଅସୁବିଧା ହେଇଛି କି ? ଆଜି କଣ ମୁଡ୍ ଅଫ ।"

"ଉଁ !........ ନାଁ ......କିଛି ନୁହଁ ।"

"କଣ ବାବୁ ଆଜି ରାଗିଛନ୍ତି ?"

ଅନୁରାଧା ଆଉ ସମ୍ଭାଳି ପାରିଲାନି । ସବୁ କଥା କହିଲା । କାଲି କେମିତି ଲାଇବ୍ରେରୀରେ ଅନିରୁଦ୍ଧ ତାକୁ ପଚାରିଥିଲେ, ଇତ୍ୟାଦି । ସବୁ ଶୁଣି 'ମାମି' କହିଲା "ଓହୋ ! ଏଇ କଥା ? ରହ ମୁଁ ବୁଝୁଛି ।"

"ନାଁ ନାଁ, ତୁ କିଛି କହନା ।"

ଅନୁରାଧାର ମନା କରିବା ସତ୍ତ୍ୱେ 'ମାମି' ଆଗକୁ ଯାଇ ସେଠି ପହଞ୍ଚିଗଲା, ଯେଉଁଠି ଅନିରୁଦ୍ଧ ବସି ତାଙ୍କର ଗୋଡ଼ରେ ପିଟି ସୁଜରେ ଲେସ ବାନ୍ଧୁଥିଲେ । 'ମାମି' ପହଞ୍ଚିବା ଦେଖି ସେ କିଛି ନ କହି ଉଠୁଥିଲେ । 'ମାମି' ପଚାରିଦେଲା

"କଣ, ଆଜି ଭଲ ପ୍ରିପାରେସନ ହେଇଛି ତ ?"

'ମାମି' ଆଡ଼କୁ ଚାହିଁଲେ କିଛି ସମୟ ଅନିରୁଦ୍ଧ, ତା' ପରେ 'ମାମି'ର ପଛ ପଟେ ଛିଡ଼ା ହେଇଥିବା ଅନୁକୁ ତୀକ୍ଷଣ ଦୃଷ୍ଟିରେ ଚାହିଁ ଦୃଷ୍ଟି ଫେରାଇ ନେଉ ନେଉ କହିଲେ, "ଆମ କାମରେ ଆମେ ପୁରା ପରଫେକ୍ଟ । ଆମକୁ ଆଉ କେହି ଶିଖାଇବାକୁ ପଡ଼ିବ ନାହିଁ ।"

To read the complete magazine, Download it for FREE from www.aahwaan.com

ଅନୁ କେବଳ ତଳକୁ ମୁହଁ ପୋତି ଶୁଣୁଥିଲା ତାଙ୍କ କଥାକୁ ।

କଥାକୁ ସଂକ୍ଷିପ୍ତ କରି ଅନିରୁଦ୍ଧ ଚାଲିଯାଉଥିଲେ ଅନୁର ପାଖ ଦେଇ । ଅନୁ ଆଉ ସମ୍ଭାଳି ପାରିଲାନି । ସିଧା ସାମ୍ନାରେ ଠିଆ ହେଇ ଧରି ପକାଇଲା ଅନିରୁଦ୍ଧଙ୍କ ହାତକୁ । ଆଉ କାନ୍ଦ କାନ୍ଦ ହେଇ କହିଲା, "ପ୍ଲିଜ୍ ! ମୋର ଭୁଲ ହେଇଯାଇଛି । ଏତେ ଟିକେ କଥା ପାଇଁ କଣ ଏତେ ରାଗନ୍ତି ? କାଲି ସମସ୍ତେ ସେଠି ଥିଲେ, ଯଦି ମୁଁ କଥାବାର୍ତ୍ତା ହେଇଥାନ୍ତି, କଣ ଭବିଥାନ୍ତେ ସେମାନେ, ଆଉ ................"

କଥାର ଖିଅ ନ ସରୁଣୁ ଅନିରୁଦ୍ଧ ଅନୁର ହାତ ଧରି ପକାଇଲେ । ଆଉ କହିଲେ, "ହଉ ହେଲା ।"

"ନାଇଁ, ଆପଣ କ୍ଷମା କରିଦେଲେ ତ ?" ଅନୁ କାନ୍ଦ କାନ୍ଦ ହେଇ ତଥାପି ତାଙ୍କ ହାତ ଧରିଥିଲା ।

"ଓହୋ ! ହେଲା ପରା କହିଲି........... ଛାଡ଼, ସିଆଡ଼େ ପ୍ୟାରେଡ୍‌ରେ ଡେରି ହେଇଯିବ ।" ହାତକୁ ଛଡ଼ାଇ ଏକମୁହାଁ ହେଇ ଚାଲି ଯାଉଥିଲେ ଅନିରୁଦ୍ଧ । ଅନୁ କାନ୍ଦି ପକାଇଲା । କିନ୍ତୁ, କିଛିବାଟ ଯାଇ ଅନିରୁଦ୍ଧ ପୁଣି ଫେରିଆସି 'ଅନୁ'ର କାନ ପାଖରେ କହିଲେ, "ତୁମକୁ, କ୍ଷମା କରିଦେଲି ।"

ଆଉ ତା'ପରେ ତରତର ହେଇ ପଛକୁ ଚାହୁଁ ଚାହୁଁ, ହସି ହସି ପଡ଼ିଆ ଭିତରକୁ ଚାଲି ଯାଇଥିଲେ । ଅନୁରାଧା କାନ୍ଦୁ କାନ୍ଦୁ ହସି ପକାଇଥିଲା । 'ମାମି' ପଛରେ ଠିଆ ହେଇ ସବୁ ଦେଖୁଥିଲା, କହିଲା, "ବାଃ ରେ ! ଆମର ଆଉ କିଛି ଆବଶ୍ୟକ ନାହିଁ ।"

To read the complete magazine, Download it for FREE from www.aahwaan.com

ଅନୁରାଧା ବୁଲିପଡ଼ି ହସୁ ହସୁ 'ମାମି'କୁ ଖୁସିରେ ଧରିପକାଇଥିଲା । ସେଦିନ ପ୍ୟାରେଡ଼ ମଧ୍ୟ ଦୁହେଁ ପୁରା ଉପଭୋଗ କଲେ । ଅଗଷ୍ଟ ୧୫ ଦିନଟି 'ଅନୁ'ର ସବୁଦିନ ମନେ ରହିଗଲା । ସେଦିନ ସେ 'ଆପଣ'ରୁ 'ତୁମେ'କୁ ଚାଲି ଆସିଥିଲା ।

ସେଦିନ ଠାରୁ ପ୍ରତିଦିନ ରୁଟିନ ପରି ଦୁହିଁଙ୍କର ଦେଖାହୁଏ । କଥାବାର୍ତ୍ତା ହୁଅନ୍ତି । ଦୁହେଁ ଦୁହିଁଙ୍କୁ ନିବିଡ଼ ଭାବରେ ଭଲପାଇ ବସିଥିଲେ । ଏ ଭିତରେ ଯେ ବର୍ଷଟିଏ ଚାଲିଯାଇଛି ତାର ଠିକଣା ବୋଧ ହୁଏ ନଥିଲା ସେମାନଙ୍କୁ । ପିକନିକ ହେଉ ବା ଷ୍ଟଡି ଟୁର ଆଦିରେ ସାଥୀ ହୋଇଯାନ୍ତି । ପରୀକ୍ଷା ବେଳକୁ ସବୁଦିନ ପ୍ରତ୍ୟେକ ସିଟିଙ୍ଗ ସାରିଲେ ଦୁହେଁ ନିଜ ନିଜର ପେପର ଉପରେ ଆଲୋଚନା କରନ୍ତି । ଏମିତି ଏମିତି ପରୀକ୍ଷା ପରେ ପରୀକ୍ଷା ହୋଇ ଚାଲିଲା । ଅନିରୁଦ୍ଧ ଖୁବ ଭଲ ନମ୍ବର ରଖି ପାସ କଲେ । ଅନୁ ମଧ୍ୟ କିଛି କମ ଭଲ କରିନଥିଲା ।

କିନ୍ତୁ ଅନୁରାଧାକୁ ସେ ଦିନଟି ଖୁବ ଦୁଃଖ ଲାଗିଥିଲା, ଯେଉଁ ଦିନ ଅନିରୁଦ୍ଧଙ୍କର ଗୋଟେ ସର୍ଭିସ ପାଇଁ କଲ ଲେଟର ଆସି ଯାଇଥିଲା । ଆଉ ସେଇଟାକୁ ସେ ତାକୁ ଦେଖାଇଥିଲେ । ଅନୁରାଧା ତା'ର ମୁଣ୍ଡକୁ ଅନିରୁଦ୍ଧଙ୍କ ଛାତିରେ ଗୁଞ୍ଜି କାନ୍ଦିଥିଲା, ଆଉ କାନ୍ଦୁ କାନ୍ଦୁ କହୁଥିଲା, "କେବେ ଯାଉଛ ?"

"ଏଇ ଦୁଇଦିନ ଭିତରେ ।"

"ଗଲେ ଚିଠି ଖଣ୍ଡେ ଖଣ୍ଡେ ଦେଉଥିବ ।"

"କାହିଁକି ? ମୁଁ କଣ ତୁମକୁ ଦେଖା କରିବାକୁ ଆସିପାରିବି ନାହିଁ ?"

To read the complete magazine, Download it for FREE from www.aahwaan.com

କୋହ ସମ୍ଭାଳି ପାରିଲାନି ଅନୁରାଧା । ଆଖିରୁ ଅମାନିଆଁ ହୋଇ ଲୁହ ଗୁଡ଼ାକ ବହି ଯାଉଥିଲେ । ଅନିରୁଦ୍ଧ ତା'ମୁଣ୍ଡକୁ ଆଉଁସି ଦେଇ ବୁଝାଉଥିଲେ - "ଛି ! ଏମିତି କାନ୍ଦିଲେ ହେବ ? ମୁଁ କଣ ତୁମକୁ ସବୁଦିନ ପାଇଁ ଛାଡ଼ିକି ଯାଉଛି ନାଁ କଣ ?"

"ମୋତେ କେତେ ଖରାପ ଲାଗିବ, ଜାଣିଛ ?"

"ହୁଁ ! ଜାଣିଛି । ମୋତେ ଯେତିକି ଲାଗିବ ସେତିକି ।"

(୩ )

ତା'ପରଦିନ ବସରେ ବସିଥିଲେ ଅନିରୁଦ୍ଧ । ତାଙ୍କୁ ହାତ ହଲାଇ ବିଦାୟ ଦେଇଥିଲା ସେ । ଦୁଇଟି ଆତ୍ମାର ବିଚ୍ଛେଦ ସେ ଅନୁଭବ କରୁଥିଲା । ମନେ ମନେ ସେ ଭାବୁଥିଲା, "ଅନିରୁଦ୍ଧଙ୍କ ଭବିଷ୍ୟତରେ ମୁଁ କିଏ ବାଧା ଦେବାକୁ । ଭଲ ଚାକିରି ମିଳିଛି । କାହିଁକି ସେ ନିଜର ଭବିଷ୍ୟତକୁ ନଷ୍ଟ କରିବେ । ଛୁଟିରେ ତ ଆସିବେ କହିଛନ୍ତି । ମୁଁ କଣ ଏତିକି ତ୍ୟାଗ କରିପାରିବିନି ?"

ତା'ଭିତରୁ କିଏ କହିଉଠେ, " ହଁ ତୁ ପାରିବୁ ..."

ବହୁଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ତାକୁ ପଡ଼ିନଥିଲା । ଚାକିରୀରେ ଜଏନ କରୁକରୁ ଆସି ଦେଖା କରି ଯାଇଥିଲେ ।

ସେତେବେଳେ ଏକୁଟିଆ ରହି କିପରି ଖାଇବା ପିଇବାରେ ଅସୁବିଧା ହେଉଛି, ସେ କଥା କହୁଥିଲେ । ଥରେ ସେ ଗମ୍ଭୀର ହୋଇ ଉଠୁ ଉଠୁ କହିଥିଲେ

"ତୁମ କଥା ଆମ ଘରେ ମୁଁ ଜଣେଇ ଦେଇଛି । କଣ କିଛି ଖରାପ କରିଛି କି ?"

To read the complete magazine, Download it for FREE from www.aahwaan.com

ଅନୁରାଧା ଲାଜେଇ ଯାଇ କହିଲା, “ଧେତ ! ତୁମେ କଣ ଖରାପ କରିଛ କି ଭଲ କରିଛ, ମୋତେ କାହିଁକି ପଚାରୁଛ ?”

“ଆଉ କାହାକୁ ପଚାରିବି କୁହ ?”

ଏମିତି ଏମିତିରେ କଥା ସରିଥିଲା । କିନ୍ତୁ ଯେତେବେଳେ ଅନିରୁଦ୍ଧ ତାଙ୍କ ଘରୁ ଆସିଥିବା ଚିଠିଟି ପଢ଼େଇଥିଲେ, ସେତେବେଳେ ‘ଅନୁ’ ଖୁବ ଖୁସି ହେଇ ଯାଇଥିଲା । ଅନିରୁଦ୍ଧଙ୍କ ଘରେ ସମସ୍ତେ ରାଜି ହେଇଯାଇଥିଲେ ‘ଅନୁ’କୁ ବୋହୁ କରି ନବାକୁ ।

ଏଇ ତ, ଏଇ କେତେ ଦିନ ତଳେ ନିର୍ବନ୍ଧ ହେଇଗଲା । ନିର୍ବନ୍ଧ ପରଠାରୁ ଅନୁରାଧାକୁ ବେଶି ମନେ ପଡ଼େ ଅନିରୁଦ୍ଧଙ୍କ କଥା । କିନ୍ତୁ ଆଜି ଏ ଯେଉଁ ଚିଠିଟି ଆସିଲା “ଏପ୍ରିଲ ଫୁଲ” ହେଇ, ପ୍ରକୃତରେ ସେ ଭାରି ଡରିଯାଇଥିଲା ପ୍ରଥମେ ।

X X X X X X

“ଅନୁ ......... ଅନୁ ...... ଦେଖିଲୁ କିଏ ଆସିଲେଣି ।” ମା’ଙ୍କ ଡାକରେ ଅନୁ ଘରକୁ ଫେରିଲା । ଦେଖିଲା ତା’ର ପିଉସାଙ୍କ ଘରର ସମସ୍ତେ ଆସିପହଞ୍ଚିଛନ୍ତି । ନମସ୍କାର ପର୍ବ ସରିଲା । ବାହାଘରର ଧୁମ ଧାମ ଭିତରେ ବନ୍ଧୁ ବାନ୍ଧବଙ୍କ ମିଳନ ଖୁବ ଭଲ ଲାଗେ । ବହୁଦିନରୁ ଯାହା ସହିତ ଦେଖା ହେଇ ନଥିବ ସେମାନଙ୍କୁ ସେ ଏବେ ଦେଖି ପାରିବ ।

ପିଉସାଙ୍କ ଝିଅ ‘ମିନୁ’ ‘ଅନୁ’ର ହାତ ଧରି ଟାଣି ନେଲା ଘର ଭିତରକୁ । ଦୁହେଁ ଏକା ବୟସର । ଭାରି ସାଙ୍ଗ । କେତେକଥା ସବୁ ପଚାରିଲା । ଗପ ସପ ହେଉ ହେଉ କେତେବେଳେ ସନ୍ଧ୍ୟା ହେଇଗଲାଣି ସେମାନଙ୍କୁ ଜଣାନାହିଁ । ଏ ଭିତରେ ଆହୁରି ଅନେକ ବନ୍ଧୁବାନ୍ଧବ ଆସି ପହଞ୍ଚିଥାନ୍ତି, ନାନା ରକମର ଶାଢ଼ୀ, ଉପଢ଼ୌକନ ଆଦି ଧରି ଆସିଥାନ୍ତି

To read the complete magazine, Download it for FREE from www.aahwaan.com

ଅନୁପାଇଁ । ରାତି ଘଡ଼ିଏ ପର୍ଯ୍ୟନ୍ତ ଲୁଗାପଟା ଓ ଅନ୍ୟାନ୍ୟ ଜିନିଷ ପତ୍ର ସବୁ ବାହାଘର ପାଇଁ ସଜଡ଼ା ଚାଲିଥାଏ । ନିଶିପ୍ରଭା ଝିଅର ମନ ମୁତାବକ ଜିନିଷ ସବୁ ବାଛୁଥାନ୍ତି । କେଉଁ ଶାଢ଼ୀ କାହାକୁ ଦିଆଯିବ । ବାହାଘର ବେଦି ଉପରେ ଝିଅ କେଉଁ ଶାଢ଼ୀ ପିନ୍ଧିବ । ନଣନ୍ଦ ପେଢ଼ିରେ କଣ ରହିବ । ସବୁକଥା ଗୋଟି ଗୋଟି ସ୍ୱାମୀ ଅମରେନ୍ଦ୍ରଙ୍କ ସହ ବସି ଠିକ କରୁଥାନ୍ତି । ପାଖରେ ଅନ୍ୟ ବନ୍ଧୁବାନ୍ଧବ ବସି ମଧ୍ୟ ଲକ୍ଷ କରୁଥାନ୍ତି । ମଝିରେ ମଝିରେ ମତାମତ ମଧ୍ୟ ଦେଉଥାନ୍ତି ସୌଜନ୍ୟ  ଦୃଷ୍ଟିରୁ । ରାତିପ୍ରାୟ ନିଦନାହିଁ କାହାକୁ । ଛୋଟ ଛୋଟ ଛୁଆମାନଙ୍କୁ ଛାଡ଼ିଦେଲେ ପ୍ରାୟ ରାତିର ଶେଷ ପ୍ରହର ପର୍ଯ୍ୟନ୍ତ ଅନିଦ୍ରା ରହିଥାନ୍ତି ।

ଭୋର ହେଇଗଲା କାମ ସାରୁ ସାରୁ । ସମୟ କାହାକୁ ଜଣା ଯାଉନଥାଏ । ସମସ୍ତେ ମାତିଥାନ୍ତି ସଜଡ଼ାସଜଡ଼ିରେ । ଶେଷରେ ଅମରେନ୍ଦ୍ର ଆଉ ଗୋଟେ କାଗଜ ଚିଠା ପକେଟରୁ ବାହାର କରିଲେ । ସେଥିରେ ସବୁ ପ୍ରକାର କାମର ଲିଷ୍ଟ ଥାଏ । ତଳକୁ ତଳ ଲେଖାଯାଇଥାଏ;

୧ ) ମିଠା ତିଆରି ପାଇଁ ଗୁଡ଼ିଆକୁ ଡକାଯିବ ।

୨ ) ସାମିଆନା ଓ ଘେରଉ ପାଇଁ ଅର୍ଡର ଦିଆଯିବ ।

୩ ) ପରିବାବାଲାକୁ ଅର୍ଡର ଦିଆଯିବ ।

୪ ) ରୋଷେଇଆକୁ ଡକାହେବ ।

୫ ) ପୁରୋହିତଙ୍କ ଠୁଁ  ଲିଷ୍ଟ ଆଣି ଜିନିଷ ଅଣାଯିବ ।

୬ ) ବାଡ଼ିରେ ପାଇଖାନାଟିଏ ତିଆରି ହେବ ।

୭ ) ସାମନା ପଟ ଘର ଦି'ଟା ସଫା କରାଯିବ ।

To read the complete magazine, Download it for FREE from www.aahwaan.com

୮ ) ଝିଅର ଜିନିଷ ପତ୍ର କଟକରୁ ଆସିବ ।

୯ ) କାଠବାଲା ଠାରୁ ଆସବାବପତ୍ର ସବୁ ଅଣାଯିବ ।

୧୦ ) ଭିଡ଼ିଓ ସୁଟିଙ୍ଗ ପାଇଁ ଅର୍ଡର ଦିଆଯିବ ।

୧୧ ) ସ୍କୁଲରେ ବରଯାତ୍ରୀଙ୍କ ପାଇଁ ପୂର୍ବରୁ ରହିବା ବ୍ୟବସ୍ଥା କରାଯିବ ।

୧୨ ) ଲାଇଟ ଓ ମାଇକପାଇଁ କୁହାଯିବ ।

୧୩ ) କ୍ୟାମେରା ପାଇଁ ୫ଟା ରିଲ ଅଣାଯିବ ।

୧୪ ) ପାଣି ଦେବାକୁ ଦି'ଟା ଭାରୁଆ ଠିକ କରାଯିବ ।

୧୫ ) ବର୍ତ୍ତମାନଠାରୁ (ବାହାଘର ପୂର୍ବରୁ) ରୋଷେଇ ପାଇଁ ସଉଦା ବଜାରରୁ ଆସିବ

୧୬) ରୋଷେଇ ସରଞ୍ଜାମ "ଦାନ ପତ୍ରୀ"ଙ୍କ ଘରୁ ଆସିବ ।

୧୭) ଝିଅ ପାଇଁ ଔଷଧ ଆସିବ ।

ଗୋଟିଏ ପରେ ଗୋଟିଏ ଏମିତି ଅନେକ କଥା ଲେଖା ଯାଇଥାଏ । ସତେ ଯେମିତି ଚିତ୍ରଗୁପ୍ତଙ୍କ ପାଞ୍ଜି ।

ଦୀର୍ଘଶ୍ୱାସ ମାରିଲେ ସିଏ । ଆହୁରି ଅନେକ କାମ ବାକି ଅଛି । ଏଇ ତ ଆରମ୍ଭ । ଅଲିଅଲି ଝିଅର ବାହାଘର ପାଇଁ କଣ ଏବେଠାରୁ ସେ ପରାସ୍ତ ହେଇଯିବେ ? ପଇସାର ଯୋଗାଡ଼ ମଧ୍ୟ ଠିକ ଭାବରେ ହେଇନି । ଆହୁରି କେତେ ଜାଗାରୁ ଆଣିବାର ଅଛି । ଯେମିତି ହଉ ଯୋଗାଡ଼ କରିବାକୁ ପଡ଼ିବ ।

To read the complete magazine, Download it for FREE from www.aahwaan.com

"ହଉ ! ଚାଲ, ଚିଠାଟାକୁ କଣ ଏମିତି ଚାହିଁଚ ?"

ଅମରେନ୍ଦ୍ରଙ୍କୁ ହଲାଇ ଦେଇ ନିଶିପ୍ରଭା କହିଉଠିଲେ ।

"ହଁ ! ଚାଲ !" ପ୍ରକୃତିସ୍ଥ ହେଇ ଉଠୁଥିଲେ ଅମରେନ୍ଦ୍ର । ନିଷିପ୍ରଭାଙ୍କ ଆଡ଼କୁ ଚାହିଁ କହିଲେ -

"ଆଉ ଦିନ କେଇଟାରେ ଆମକୁ ପର କରିଦେଇ ଚାଲିଯିବ 'ଅନୁ', ନୁହେଁ ?"

"ବିଧିର ବିଧାନ କେ କରିବା ଆନ !" ନିଷିପ୍ରଭାଙ୍କ ପାଟିରୁ ବାହାରି ପଡ଼ିଥିଲା ।

କ୍ରମଶଃ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ସୁନେଲୀ ସିଂହ - ୨



ଅଶୋକ ବିଶ୍ୱାଳ

ଅନେକ ଦିନ ଦିଲ୍ଲୀରୁ ଅହମଦାବାଦ ଯାଉଥିବା ଏକ ଟ୍ରେନରେ ଆଉ ଏକ କିଶୋର ପାଖରେ ବସିଥିଲି । ତା'ପାଖରେ ତା' ପିତା ବସିଥିଲେ । ସେ ମୋତେ ତା ସାର୍ଟିଫିକେଟ ଗୁଡ଼ିକ ଦେଖାଇଲା । ଜୁଡ଼ୋ କ୍ରୀଡ଼ାରେ ଅନେକ ଅନେକ ସ୍ଥାନରେ ସାର୍ଟିଫିକେଟ ପାଇଛି, ଭାରତର ଅନେକ ସ୍ଥାନରେ ଖେଳ କୁଦରେ ପ୍ରତିଯୋଗିତାରେ ଭାଗ ନେଇଛି ।

ମୋତେ ଲାଗିଲା ପିଲାଟି କ'ଣ ପାଇଁ ମୋତେ ସାର୍ଟିଫିକେଟ ଦେଖାଉଥିଲା । ଅବଶ୍ୟ ମୁଁ ତା'ର ସାର୍ଟିଫିକେଟ୍ ଦେଖିବା ପାଇଁ ଚାହିଁ ବି ନଥିଲି । କିନ୍ତୁ କଥାବାର୍ତ୍ତା ମଧ୍ୟରେ ସେ ବହୁତ ଉତ୍ସାହିତ ହେଇଯାଉଥିଲା । ଯାହାହେଉ ଆଉ ଜଣେ କେହି ତା ବିଷୟରେ ଜାଣିବା ପାଇଁ ଇଚ୍ଛା କରୁଛନ୍ତି । ମୁଁ ତା ଆଖିକୁ ଅନାଇଲି । ତାରାର ଉଜ୍ଜ୍ୱଳତା । ପନ୍ଦର ଷୋହଳ ବର୍ଷର ପୁଅଟିଏ । ଆଖିରେ ଅନେକ ସ୍ୱପ୍ନ ।

"ମୁଁ ଆର୍ମିରେ ଚାକିରୀ କରିବାକୁ ଚାହୁଁଛି ।" ସେ ମୋତେ କହିଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଗୁଜୁରାଟି

To read the complete magazine, Download it for FREE from www.aahwaan.com

ପିଲାଟିଏ । ପରିବାରର ପେଶା ହେଉଛି ବ୍ୟବସାୟ । ପିତା ବ୍ୟବସାୟୀ । କିନ୍ତୁ ସେ ଆର୍ମିରେ ଚାକିରୀ କରିବାକୁ ଚାହୁଁଛି, ଆଶ୍ଚର୍ଯ୍ୟ ଲାଗିଲା ।

ଗୁଜୁରାଟ ଭଳି ପ୍ରଦେଶରୁ ପିଲାମାନେ ଆର୍ମି ବା କଠିନ କାମ କରୁଥିବା ଜୀବିକା ଉପରେ ନିର୍ଭର କରନ୍ତି ନାହିଁ । କିନ୍ତୁ ତା ମଧ୍ୟରେ ଉତ୍ସାହ ଭରି ରହିଥିଲା । ସେ ପିଲାଟିର ଜୀବନରେ ସବୁଦିନ ଉତ୍ସାହର ଦିନ । ପଂଚମ ଶ୍ରେଣୀରୁ ସେ ପର୍ବତ ଆରୋହଣ କରି ଚାଲିଛି । ସୁଦୂର ଗୁଜୁରାଟର ପଶ୍ଚିମ ଉପକୂଳରେ ଥିବା ଏକ ଛୋଟ ସହର, ସେଠୁ ଆସିଛି । ଅନେକ ଦୂର, ଉତ୍ତରାଖଣ୍ଡର ପାହାଡ଼କୁ ଚଢ଼ି ଚାଲିଛ ।

ଗ୍ରୀଷ୍ମର ଅବକାଶରେ ପିଲାଟି ଧାଇଁ ଆସେ । ସେତେବେଳେ ତାକୁ କେତେ ବର୍ଷ ହୋଇଥିବ ? ଏହି ୮/୧୦ ବର୍ଷ । ଏ ମଧ୍ୟରେ ଅନେକ ପାହାଡ଼ ଚଢ଼ି ସାରିଛି । ୧୦ ହଜାରରୁ ୧୨ ହଜାର ଫୁଟ୍ ପାହାଡ଼ ସେ ଚଢ଼ି ସାରିଛି ।  ଆଉ ଘରର ଆକର୍ଷଣ ତ୍ୟାଗ କରୁଛି । ପାହାଡ଼, ପର୍ବତର ଚଢ଼ା ସବୁଦିନର ନୂଆ ଜୀବନ, ସବୁଦିନର ନୂଆ ଉନ୍ମାଦନା । ଏହାହିଁ ତାକୁ ଆକର୍ଷଣ କରୁଛି । ସେଇ ସମୟରେ ମୋର ମନେ ପଡ଼ିଗଲା ଅନ୍ୟ ଏକ କିଶୋର କଥା । ସେ ଯେ ମୋ ପାଇଁ ଗାଇଥିଲା "ମତଲବୀ, ହୋ ଯା ଜରା ମତଲବୀ ।" ସେ ତରଙ୍ଗାୟିତ ଶବ୍ଦଗୁଡ଼ିକ ମୋ ମନ ଭିତରେ ଉଦ୍ବେଳନ କରୁଥିଲା ମୁଁ ଆଖି ବନ୍ଦ କରିଦେଲି । ସେଇ ଆଗର କିଶୋରର । ତାକୁ ମଧ୍ୟ ୧୫ ବର୍ଷ ବୟସ, ତା ହାତ ଗୁଡ଼ିକ ନାଚୁଥିଲା ଗୀଟାରର ତାର ଉପରେ ।

ଆଉ ଆଜି ମୋ ପାଖରେ ଅନ୍ୟ ଏକ କିଶୋର ବସିଛି । ମୁହଁରେ ତାରୁଣ୍ୟ, ସେଥିରେ ଶକ୍ତିର ଉଦ୍ଧାମତା ନାହିଁ । ଅଛି ଶାଳୀନତା, ସାହାସର ଶାଳୀନତା । ଜୀବନର ବ୍ୟର୍ଥତା ନାହିଁ । ଅଛି ଜୀବନର ମୋହ । କିଛି କରି ଦେଖାଇବାର ଉତ୍ସାହ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ମୁଁ ପିଲାଟିକୁ ଆଖି ଖୋଲି ଅନାଇଲି । ସେ ମୋତେ ଏକଲୟରେ ଚାହିଁଥିଲା । ମୋତେ ଭଲ ଭାବରେ ପରଖୁଥିଲା । ମୁଁ କ'ଣ ଭାବୁଛି ।

"ତୁମେ ବଡ଼ ସାହାସୀତ । ଏତେ ଛୋଟ ହୋଇ ଏତେ ବଡ଼ ବଡ଼ ପାହାଡ଼ ଚଢ଼ିବା ପାଇଁ କେମିତି ଉଦ୍ୟମ କଲ ।" ମୁଁ ତାକୁ ପଚାରିଲି ।

"ମୋତେ ପାହାଡ଼ ଚଢ଼ିବାକୁ ଭଲଲାଗେ । ବାସ୍, ବହୁତ ଉଚ୍ଚ ପାହାଡ଼କୁ ଚଢ଼ିଯାଇ ଶିଖରକୁ ପହଂଚିବାକୁ ଭଲ ଲାଗେ ।" ପିଲାଟି ମୋ ଆଡ଼କୁ ଅନାଇ କହୁଥିଲା ।

"ବରଫ ଭିତରେ ଢ଼ାଙ୍କି ହୋଇଥିବା ପାହାଡ଼କୁ ଦେଖିବାକୁ ମୋତେ ଭଲଲାଗେ । ତେଣୁ ମୁଁ ପାହାଡ଼ ଚଢ଼େ ।" ସେ କହି ଚାଲିଥିଲା ।

ସୁଦୂର ଗୁଜୁରାଟରୁ ଆସି ଉତ୍ତରାଖଣ୍ଡର ଉଚ୍ଚ ପାହାଡ଼ ଚଢ଼ିବା କିଛି ସହଜ କଥା ନୁହେଁ । ଗୁଜୁରାଟରେ ଏମିତି ଏତେ ଉଚ୍ଚ କିଛି ପାହାଡ଼ ନାହିଁ । ମୁଖ୍ୟତଃ ସମତଳ କ୍ଷେତ୍ର । ଏଠି ଉତ୍ତରାଖଣ୍ଡରେ ପାଣି, ବର୍ଷା, କାଦୁଅ, ବରଫପାତ, ଭୂସ୍ଖଳନ, ବିପଦ ସଙ୍କୁଳ ରାସ୍ତା ଆଉ ତା ମଧ୍ୟରେ ପିଲାଟି ଧାଇଁ ଆସିଛି ପାହାଡ଼ ଚଢ଼ିବା ପାଇଁ । ସେଥିରେ ତାକୁ ଅନେକ ସାର୍ଟିଫିକେଟ ମିଳିଛି । ମୁଁ ତାକୁ ଆଉଥରେ ଅନାଇଲି, ତନ୍ନ ତନ୍ନ କରି ନୀରିକ୍ଷଣ କଲି । ତା ଆଖିରେ ଶାନ୍ତ ଭାବ । କିନ୍ତୁ ମୁହଁରେ ଉତ୍ସାହ । ପିଲାଟି ଗୋଟିଏ ପରେ ଗୋଟିଏ ସାର୍ଟିଫିକେଟ ମୋତେ ଦେଖାଇ ଚାଲୁଥିଲା । ପିତା ପାଖରେ ବସିଛନ୍ତି । ସେ ମୋତେ ଦେଖାଇଥିଲେ, ପୁଅର ଅଦ୍ୟମ ସାହାସର ଉପରେ ଲିଖିତ କିଛି କାଗଜ । ସମସ୍ତେ ତାର ସାହାସର ପ୍ରଶଂସା କରନ୍ତି ।

"ଆପଣ କୁଆଡ଼େ ଯାଉଛନ୍ତି ?" ପିଲାଟି ମୋତେ ପଚାରିଲା ।

To read the complete magazine, Download it for FREE from www.aahwaan.com

"ସୋମନାଥ" ମୋର ଥିଲା ସଂକ୍ଷିପ୍ତ ଉତ୍ତର । ସେଇଠି ମୁଁ ରହିବି । ସେହି ମନ୍ଦିରକୁ ଦେଖିବି ଯାହାକୁ ଅନେକ ଥର ଭାଙ୍ଗି ଦିଆଯାଇଥିଲା, ଯାହାକୁ ଅନେକ ଥର ଲୁଣ୍ଠନ କରାଯାଇଥିଲା । କିନ୍ତୁ ଏକ ସମାଜ ତାକୁ ବାରମ୍ବାର ଗଢ଼ିତୋଳିଛି । କ'ଣ ଅଛି ସେ ମନ୍ଦିରରେ ? କେଉଁଠି ଅଛି ଶକ୍ତି ? କେଉଁଠି ଅଛି କି ଅଦ୍ୟମ ସାହାସ ? କେଉଁଠି ଅଛି କି ଅଦ୍ୟମ ଇଚ୍ଛା ? କେଉଁଠି ଅଛି ବଳିଦାନ ? କ'ଣ ଅଛି ସେ ସମାଜରେ, ଆଉ କ'ଣ ପାଇଁ ସେମାନେ ବାରମ୍ବାର ଗଢ଼ି ଚାଲିଛନ୍ତି ?

"ମୁଁ ସୋମନାଥ ମନ୍ଦିରକୁ ଦେଖିବାକୁ ବହୁତ ଦିନ ଧରି ଇଚ୍ଛା କରୁଥିଲି" ତାକୁ କହୁଥିଲି ।

ସେ ଟିକିଏ ହସିଦେଲା । ସୁଢୌଳ ମୁଖରେ ସ୍ମିତ ହସ । ଏମିତି କିଛି ଲମ୍ବା ପିଲାଟିଏ ନଥିଲା । ୫ ଫୁଟ ୭ ରୁ ୮ ଇଂଚ ଲମ୍ବା ହେବ । କିନ୍ତୁ ନିଜ ଭିତରେ ସେ ଭରିଦେଇଥିଲା କରିବାର ସାହାସ ।

ମୁଁ ତାକୁ ଦେଖି ଭାବୁଥିଲି କ'ଣ ଅଛି ଏ ଗୁଜୁରାଟରେ ? କଣ ଅଛି ଏ ପିଲାମାନଙ୍କ ଦେହରେ ? ଏମାନେ ତ କେବେ ସୈନ୍ୟ ହିଁ ନଥିଲେ । ସେମିତି କିଛି ସାମରିକ ଇତିହାସ ଏମାନଙ୍କର ନାହିଁ । କିନ୍ତୁ ଏମାନେ କ'ଣ ପାଇଁ ସୋମନାଥ ମନ୍ଦିରକୁ ଏତେଥର ଗଢ଼ି ତୋଳୁଥିଲେ । କ'ଣ ପାଇଁ ନିଜକୁ ବଡ଼ କରିବାର ପ୍ରଚେଷ୍ଟା ଥିଲା ? ମୁଁ  ଏମିତି କଥାମାନ ଭାବୁଥିଲି ! ତେଣୁ ସେଇଥିପାଇଁ ସେ ପିଲାଟିକୁ ଅନାଇ ରହିଥିଲି ।

"ମୁଁ ସୈନ୍ୟ ହେବାକୁ ଚାହୁଁଛି । କାରଣ ମୋ ଭିତରେ ବହୁତ ଇଚ୍ଛା ଅଛି !" ସେ ବହୁତ ଉତ୍ସାହରେ କହୁଥିଲା ।

"କିନ୍ତୁ ସୈନ୍ୟ ହେବାଦ୍ୱାରା, ସାମରିକ ଅଧିକାରୀ ହେବାରେ ତୁମକୁ ଏମିତି କିଛି ସୁଖ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ସ୍ୱାଚ୍ଛନ୍ଦ୍ୟ ନ ମିଳିପାରେ । ଜୀବନ ଅନେକ କଷ୍ଟ ଭିତରେ ଗତି କରିବ । କେଉଁଠି ସୁଉଚ୍ଚ ପାହାଡ଼, କେଉଁଠି ମରୁଭୂମି । ହୁଏତ ଖାଇବାକୁ ପାଖରେ ନ ଥାଇପାରେ । ସେ ଭିତରେ ତୁମକୁ ବଂଚିବାକୁ ପଡ଼ିବ । ସେଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ଅଛ ତ ?” ମୁଁ ପଚାରିଲି ।

ପିଲାଟି ତା ବାପା ଆଡ଼କୁ ଅନାଇଲା । ପିତା ତାକୁ ଅନାଇଲେ । ସେ ବ୍ୟବସାୟ କରନ୍ତି । କିନ୍ତୁ  ବ୍ୟବସାୟର ଅର୍ଥ ଲାଳସା ତାଙ୍କ ପାଖରେ ନଥିଲା । ସେ ଜାଣିଥିଲେ ସୈନ୍ୟବାହିନୀରେ ରହି ପିଲାଟି ହୁଏତ ଅଧିକ କିଛି ରୋଜଗାର କରି ନପାରେ । କିନ୍ତୁ ତାକୁ ତ ଖୁସି ମିଳିବ । ହୁଏତ କେଉଁଠି ଶତ୍ରୁର ଆଘାତରେ ଖୁବ୍ ଜଲଦି ମୃତ୍ୟୁ ହୋଇ ଯାଇପାରେ । କିନ୍ତୁ ମୃତ୍ୟୁ ତ ସମସ୍ତଙ୍କ ଜୀବନରେ ସତ୍ୟ । ଘରେ ଥାଇ ମଧ୍ୟ ମୃତ୍ୟୁ ହୋଇପାରେ । କେଉଁଠି ଅନ୍ୟର ଗୁଳିରେ ମୃତ୍ୟୁ ହୋଇପାରେ । କିନ୍ତୁ ବୀରତ୍ୱର ସହିତ ମରଣ ବରଣ କରିବା କାହାର କାମ୍ୟ ନୁହେଁ ?

“ଏକ ଅବୀରତ୍ୱକୁ ସମସ୍ତେ ଉପହାସ କରିବେ । କେହି ଦୁଃଖରେ ଅଶ୍ରୁ ଝରାଇବେ ନାହିଁ” ସେହି ପିଲାଟି ମୋତେ କହୁଥିଲା । ସେ ଟିକିଏ ରହିଗଲା । ତାପରେ ପୁଣି କହିବାକୁ ଲାଗିଲା ।

“ମୋ ଜୀବନରେ ବଡ଼ ହେବାକୁ ଚାହେଁ । ଏମିତି କିଛି କରିବାକୁ ଚାହେଁ ଯେ ସମସ୍ତେ ମୋତେ ମନେ ରଖନ୍ତୁ” ସେ କହୁଥିଲା । ତା ସ୍ୱରରେ ଦୃଢ଼ତା ଥିଲା ।

ମୋତେ ଆଶ୍ଚର୍ଯ୍ୟ ଲାଗିଲା, ଅନେକ ଅନେକ ସମୟ ହୋଇଯାଉଥିଲା ଆମେ କଥାବାର୍ତ୍ତା କରୁଥିଲୁ । ସମୟ ବିତି ଯାଉଥିଲା । ଅନ୍ୟ ଯାତ୍ରୀମାନଙ୍କର ଆଲୋକ ନିର୍ବାପିତ ହୋଇଗଲାଣି । କିନ୍ତୁ ଆମେମାନେ କଥାବାର୍ତ୍ତା କରିଚାଲୁଥିଲୁ । କେହି ନିଜର ବିଛଣା ପାରି

To read the complete magazine, Download it for FREE from www.aahwaan.com

ନଥିଲୁ । ସେ ପିଲାଟି କଥାବାର୍ତ୍ତା କରିବାକୁ ଚାହୁଁଥିଲା ଆଉ ମୁଁ ଶୁଣିବାକୁ ଚାହୁଁଥିଲି । ମୁଁ ଯେ ତାର ପ୍ରଦେଶକୁ ଯାତ୍ରା କରୁଛି । ଅନ୍ୟ ଯାତ୍ରୀମାନେ ଆମ ସହିତ ଯୋଗ ଦେଇଥିଲେ । ସେମାନେ ଖୁସିର ସହ ନିଜର ନିଜ ନିଜର ଜୀବନର ଅଧ୍ୟାୟକୁ ଖୋଲୁଥିଲେ । ସମସ୍ତେ ମୋତେ କେମିତି ସାହାଯ୍ୟ କରିବାକୁ ଚାହୁଁଥିଲେ । ଗୁଜୁତାଟରେ ମୁଁ ପହଂଚି ନାହିଁ, ଅନେକ ଲୋକ ମୋତେ ସାହାଯ୍ୟ କରିବାକୁ ଆଗେଇ ଆସିଲେଣି ।

ତାପରେ ମୁଁ ସୋମନାଥ ହୋଇ ଗିର ଅରଣ୍ୟ ଅଂଚଳକୁ ଚାଲିଗଲି । ସୋମନାଥରେ ମୋର ଅନୁଭୂତି ଅବର୍ଣ୍ଣନୀୟ ଥିଲା । ମୁଁ ସେଇଠି ଅନେକ ସମୟ ଧରି ଭାଙ୍ଗି ପଡୁଥିବା ଲହଡ଼ିକୁ ଅନାଇ ରହିଥିଲି । ମୋ ଭିତରେ ଏକ ଅନୁଭବ, ପ୍ରତି ଶିରା ପ୍ରଶିରାରେ କିଛି ଆହ୍ୱାନ ମୁଁ ଶୁଣି ପାରୁଥିଲି ।

ସଲ୍ଟ୍ ଲେକ୍, କୋଲକାତା

ଭ୍ରାମ୍ୟଭାଷ : ୯୪୩୨୦୧୦୯୫୧

ଇମେଲ୍ - akkbl@yahoo.co.in

To read the complete magazine, Download it for FREE from www.aahwaan.com

# ଅଶାନ୍ତି



ମଧୁସ୍ମିତା ପଟ୍ଟନାୟକ

"ସ୍ୱାମୀଜୀ, ମନକୁ କିପରି ଶାନ୍ତି ମିଳିବ, ସେଥିପାଇଁ କିଛି ଉପାୟ ଅଛି କି?" ବୀରପ୍ପା ଯୋଡ଼ହସ୍ତ ହୋଇ ପଚାରିଲେ ।

ଏ ପ୍ରକାର ପ୍ରଶ୍ନ ଶୁଣି ସ୍ୱାମୀଜୀଙ୍କ ମୁଖମଣ୍ଡଳରେ ଖୁସିର ଲହରୀ ଖେଳିଗଲା । ଏପରି ପ୍ରଶ୍ନ ସ୍ୱାମୀଜୀଙ୍କୁ ତାଙ୍କ ଜୀବଦ୍ଦଶାରେ ଏତେ ଥର ପଚରାଯାଇଛି ଯେ ତା'ର ଉତ୍ତର ତାଙ୍କ ଜୀଭ ଅଗରେ ସବୁବେଳେ ଥାଏ । 'ଶାନ୍ତି' କେବେ, କେଉଁଠି ଓ କିପରି ମିଳିବ ସେଥିପାଇଁ ସମସ୍ତେ ତ ସବୁବେଳେ ନିଜ ନିଜର ଚେଷ୍ଟା ଜାରି ରଖିଥାନ୍ତି । କହିଲେ ଦେଖି 'ଶାନ୍ତି' କାହାର ବା' ଦରକାର ନଥାଏ !

ସ୍ୱାମୀଜୀ ହସି ହସି କହିଲେ, "ପୁତ୍ର, ଶାନ୍ତି ତ ଜୀବନର ମୂଳ ଆଧାର । ପ୍ରତ୍ୟେକ ପ୍ରାଣୀର ମୁଖ୍ୟ ଉଦ୍ଦେଶ୍ୟଥାଏ ତା'କୁ ଅନ୍ତତଃ କିପରି ଟିକେ ଶାନ୍ତି ମିଳିବ ତା' ଜୀବନରେ । ଶାନ୍ତିର ଅନ୍ୱେଷଣରେ ସେ ପାଗଳପ୍ରାୟ ଘୁରିବୁଲେ । ଯାହାକୁ ଏହା ମିଳିଯାଏ ତା'ର ମୋକ୍ଷ ପ୍ରାପ୍ତି ହେଲାବୋଲି ଜାଣ । ପ୍ରକୃତରେ ଦେଖିବାକୁ ଗଲେ ଶାନ୍ତିର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ମାର୍ଗ ଦୁର୍ଗମ ନୁହେଁ..., ତା'କୁ ପାଇବା ମଧ୍ୟ କଠିନ ନୁହେଁ । ଏହା ତ ପ୍ରତ୍ୟେକ ମନୁଷ୍ୟର ଆୟତ୍ତରେ ଅଛି ।"

ଏତିକି କହିସାରି ସ୍ୱାମୀଜୀ ରହସ୍ୟମୟ ହସ ହସି ସମଗ୍ର ଜନସମୁଦାୟ ଉପରେ ନିଜର ଦୃଷ୍ଟି ବୁଲାଇ ଆଣିଲେ । ସେଠାରେ ଉପସ୍ଥିତ ସମସ୍ତ ଶ୍ରୋତାଙ୍କ ମୁଖମଣ୍ଡଳରେ ଆଶ୍ଚର୍ଯ୍ୟର ଭାବ ସ୍ୱଷ୍ଟ ପରିଲକ୍ଷିତ ହେଉଥିଲା । ସମସ୍ତେ ଉତ୍ସୁକତାର ସହ ସ୍ୱାମୀଜୀଙ୍କୁ ଚାହିଁ ରହିଥିଲେ । ସେ ସମୟରେ କିଛି କ୍ଷଣର ନୀରବତା ସମସ୍ତଙ୍କୁ ଗୋଟିଏ ଯୁଗ ବିତିଗଲା ପରି ଲାଗୁଥାଏ ।

ଲୁହା ଗରମ ଥିବା ଦେଖି ସ୍ୱାମୀଜୀ ତାଙ୍କ କାମ ପୁଣି ଆରମ୍ଭ କରିଦେଲେ । ଗୁରୁଗମ୍ଭୀର ଗର୍ଜନ କରି ଶ୍ରୋତାମାନଙ୍କୁ ପ୍ରଶ୍ନ କଲେ, "ମନୁଷ୍ୟ ଅଶାନ୍ତ ହୁଏ କାହିଁକି ? ଏକ ଶିଶୁ ଅଶାନ୍ତ କାହିଁକି ହୁଏ ନାହିଁ ? ଏକ ପଶୁ ଅଶାନ୍ତ କାହିଁକି ହୁଏ ନାହିଁ ?"

ଏପରି ପ୍ରଶ୍ନ ଶୁଣି ସମସ୍ତେ ଚୁପ୍ ! ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ଉତ୍ତର ନିଜ ନିଜର ଶିକ୍ଷା ଓ ଅନୁଭବ ଅନୁସାରେ ଦେଇ ପାରିଥାନ୍ତେ; କିନ୍ତୁ ସ୍ୱାମୀଜୀଙ୍କର ସମ୍ମୋହିତ ବ୍ୟକ୍ତିତ୍ୱ ଆଗରେ କିଛି କହିବା ସମସ୍ତଙ୍କୁ ଅସମ୍ଭବ ଲାଗୁଥାଏ । ସେହି ପ୍ରଶ୍ନର ଉତ୍ତର ତାଙ୍କ ମୁହଁରୁ ଶୁଣିବା ପାଇଁ ସମସ୍ତେ ଆତୁର ହୋଇଉଠିଲେ ।

"ଅଶାନ୍ତର କାରଣ କ'ଣ ?" ସ୍ୱାମୀଜୀ ତୁରନ୍ତ ଦ୍ୱିତୀୟ ପ୍ରଶ୍ନ ପଚାରିଲେ ।

ସଭାଗୃହ ମଧ୍ୟରେ ସାଙ୍ଗେ ସାଙ୍ଗେ ଅଖଣ୍ଡ ନୀରବତା ବିରାଜମାନ ହୋଇଗଲା । ସମସ୍ତେ ଭାବିଲେ ଏବେ ନିଶ୍ଚୟ ଏ ରହସ୍ୟ ଉପରୁ ପରଦା ଉଠିବ ଏବଂ ମନର ଆତୁରତା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଦୂର ହେବ । ଏଭଳି ଆଧ୍ୟାତ୍ମିକ ପ୍ରଶ୍ନର ଉତ୍ତର କୌଣସି ବୈଜ୍ଞାନିକ ମାନଙ୍କ ପାଖରେ ବି ତ ନଥିବ । ବରଂ ସେମାନଙ୍କୁ ମଧ୍ୟ ଏପରି ସାଧୁ ମହାତ୍ମାଙ୍କ ଗହଣରେ ଦେଖିବାକୁ ମିଳେ ।

"ଅଶାନ୍ତିର କାରଣ ହେଉଛି...", ସ୍ୱାମୀଜୀ ଟିକିଏ ଅଟକି ଯାଇ ଉପସ୍ଥିତ ଜନସମୁଦାୟ ଉପରେ ତାଙ୍କର ପଡୁଥିବା ପ୍ରଭାବକୁ ଦେଖି ସନ୍ତୋଷ ଲାଭକରି ଧିର ସ୍ୱରରେ କହିଲେ, "... ଇଚ୍ଛା ! ମନୁଷ୍ୟର ଇଚ୍ଛା ହିଁ ଅଶାନ୍ତିକୁ ଜନ୍ମ ଦେଇଥାଏ । ଗୋଟିଏ ଇଚ୍ଛା..., ତା'ପରେ ଦ୍ୱିତୀୟ... ତୃତୀୟ... ! ଏହିପରି ଭାବେ ଇଚ୍ଛାରୁ ଇଚ୍ଛା ଜନ୍ମ ନିଏ ଏବଂ ଏହି ଇଚ୍ଛା ମାନଙ୍କର ଯେଉଁ ଧାରାଚକ୍ର ଆରମ୍ଭ ହୋଇଯାଏ, ତାହା କଦାପି ସମାପ୍ତ ହୁଏନାହିଁ । କାରଣ ଆମେ ଆମର ପ୍ରତ୍ୟେକ ଇଚ୍ଛାକୁ ପୂରଣ କରିନପାରି ନିଜର ଅଶାନ୍ତିକୁ ଜନ୍ମ ଦେଇଥାଉ ।"

ଏତେ ସମୟ ଧରି ଚୁପ୍ ବସିଥିବା ଶ୍ରୋତାମାନେ ଜଣଙ୍କ ପରେ ଜଣେ ଦୀର୍ଘଶ୍ୱାସ ଛାଡ଼ିବାକୁ ଲାଗିଲେ । ସାଧାରଣତଃ ଏଇ କଥାକୁ ତ ସମସ୍ତେ ଜାଣିଥିଲେ; କିନ୍ତୁ ଏପରି ସରଳ ଭାଷାରେ କହିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି କାରଣରୁ ଉପସ୍ଥିତ ଜନସମୁଦାୟ ସ୍ୱାମୀଜୀଙ୍କ ଭୁରି ଭୁରି ପ୍ରଶଂସା କରିବାକୁ ଲାଗିଲେ ।

ଶ୍ରୋତାମାନେ ଶାନ୍ତ ହେବାପରେ ସ୍ୱାମୀଜୀ ହସି ହସି ହାତ ଉପରକୁ ଉଠାଇ ପଚାରିଲେ, "କାହା ମନରେ କିଛି ଶଙ୍କା ଅଛି କି ? ଆଉ କୌଣସି ପ୍ରକାରର ପ୍ରଶ୍ନ ପଚାରିବାର ଅଛି କି ?"

ବିରପ୍ପାଙ୍କର ମିତ୍ର ଚିନ୍ନାସ୍ୱାମୀ କିଛି ସଙ୍କୋଚ କରି ଉଠି ପଚାରିଲେ, "ସ୍ୱାମୀଜୀ ଏହି ଇଚ୍ଛା ମାନଙ୍କର ଅନ୍ତ, କ'ଣ ସମ୍ଭବ ? 'ଇଚ୍ଛା' ଓ 'ଆକାଂକ୍ଷା' ମନୁଷ୍ୟର ସ୍ୱାଭାବିକ ଗୁଣ... ଦୁର୍ବଳତା ନୁହେଁ । ଏହି ଗୁଣ ହେଉଛି ପ୍ରଗତିର ଚିହ୍ନ । 'ଆକାଂକ୍ଷା' ହିଁ ଆମ୍ଭମାନଙ୍କୁ ଆଗକୁ

To read the complete magazine, Download it for FREE from www.aahwaan.com

ବଢ଼ିବା ପାଇଁ ପ୍ରେରଣା ଦେଇଥାଏ । ପ୍ରସ୍ତର କାଳରୁ ନେଇ ଆଜିର ଏହି ପରମାଣୁ ଯୁଗ ପର୍ଯ୍ୟନ୍ତର କାହାଣୀ ହିଁ ଇଚ୍ଛାଶକ୍ତିର ପ୍ରମାଣ ଦିଏ ।"

କିଛି ଲୋକ ଏହା ଶୁଣି ଚିଡ଼ ଚିଡ଼ ହୋଇ କହିଲେ, "ମୂର୍ଖ ! ସ୍ୱାମୀଜୀଙ୍କ ସହ ତର୍କ କରୁଛି ।" ତ କିଛି ଲୋକ ଚିନ୍ନାସ୍ୱାମୀଙ୍କୁ ପ୍ରଶଂସା ଦୃଷ୍ଟିରେ ଦେଖିଲେ । କାରଣ ତାଙ୍କ ପ୍ରଶ୍ନରେ ଦମ୍ ଥିଲା... ଅଦ୍‌ଭୂତ ତର୍କ ମଧ୍ୟ ଥିଲା । ଇଚ୍ଛା ନଥିଲେ ଜଣେ କିପରି ଆଗକୁ ବଢ଼ିବ ?

ସ୍ୱାମୀଜୀ ଜମାରୁ ବିଚଳିତ ନ ହୋଇ ତାଙ୍କର ଶାନ୍ତ ସୌମ୍ୟ ମୁଖମଣ୍ଡଳରେ ସେହି ଜାଦୁଭରା ହସକୁ ଫୁଟାଇଲେ । ତାଙ୍କର ହସକୁ ଦେଖି ଶ୍ରୋତାମାନଙ୍କ ମୁଖମଣ୍ଡଳରେ ମଧ୍ୟ ହସର ଲହରୀ ଖେଳିଗଲା । ସମସ୍ତେ ଭାବିଲେ ସ୍ୱାମିଜୀ ଏଥର ନିଶ୍ଚୟ ଏହି ତର୍କକୁ ଖଣ୍ଡନ କରିଦେବେ ।

ସ୍ୱାମୀଜୀ ନିଜର ସ୍ୱରକୁ ଧିର ଗତିରେ ଉପରକୁ ଉଠାଇ କହିଲେ, "ପୁତ୍ର, ଏହା ହେଉଛି ପ୍ରଗତିର ଭ୍ରମ ଓ ମାୟା । ଆଧ୍ୟାତ୍ମିକ ପ୍ରଗତି ଓ ସଂସାରିକ ପ୍ରଗତି ଦୁଇଟି ଅଲଗା ଅଲଗା ଘଟଣା । ଆତ୍ମାର ଶକ୍ତି ମନୁଷ୍ୟକୁ ଉଚ୍ଚସ୍ତରକୁ ନେଇଯାଏ । ମାତ୍ର ଅଣୁର ଶକ୍ତି ମନୁଷ୍ୟକୁ ସର୍ବନାଶ ଦିଗରେ ନେଇଯାଏ ।"

ଏହା ଶୁଣି ଶ୍ରୋତାମାନଙ୍କ ମଧ୍ୟରୁ ଜଣେ କହିଉଠିଲେ, "ଦେଖିଲ ତ ! ସ୍ୱାମୀଜୀ କେତେ ସରଳତାର ସହ ଏହି ତର୍କକୁ ଖଣ୍ଡନ କରିଦେଲେ !" ଏ ପ୍ରକାର ତର୍କ ଶୁଣି ଶ୍ରୋତାମାନଙ୍କର ସ୍ୱାମୀଜୀଙ୍କର ପ୍ରଗାଢ଼ ଜ୍ଞାନ ଉପରେ ଶ୍ରଦ୍ଧାଭାବ ଆସିଗଲା ।

To read the complete magazine, Download it for FREE from www.aahwaan.com

ଆଶାନୁଯାୟୀ ଶ୍ରୋତାମାନଙ୍କ ଉପରେ ତାଙ୍କର ପ୍ରଭାବ ଠିକ୍ ଭାବରେ ପଡୁଥିବାର ଦେଖି ଶତ୍ରୁର ମୁହଁ ବନ୍ଦ କରିବାକୁ ଯାଇ ସ୍ୱାମୀଜୀ କହିଲେ, "ଇଚ୍ଛା ଓ ଆତ୍ମା ମଧ୍ୟରେ ଏକ ଅନୁପାତ ଅଛି । ଇଚ୍ଛା ଯେତେ କମ ହେବ, ଆତ୍ମା ସେତେ ଶାନ୍ତି ଆଡ଼କୁ ଅଗ୍ରସର ହେବ । ଯଦି ଇଚ୍ଛା ଅଧିକ ହେବ ତେବେ ଆତ୍ମା ଅଶାନ୍ତି ରୂପକ ଜଙ୍ଗଲରେ ବିଚରଣ କରିବ ।" ଶ୍ରୋତାମାନେ ତାଙ୍କର ଏପରି କଥାରେ ମୁଗ୍ଧ ହୋଇ କହି ଉଠିଲେ, "ବାଃ ବାଃ, ସ୍ୱାମୀଜୀଙ୍କର ତ ଗଣିତରେ ମଧ୍ୟ ଜ୍ଞାନ ଅଛି ।"

କିନ୍ତୁ ଚିନ୍ତାସ୍ୱାମୀ ହାର ମାନିବା ଲୋକ ନୁହନ୍ତି । ସେ ପୁଣି ପ୍ରଶ୍ନ କଲେ, "ସ୍ୱାମୀଜୀ, ମୁଁ ଆତ୍ମା ବିଷୟରେ ବିଶେଷ କିଛି ଜାଣେନି । ମୁଁ ଜଣେ ସାଧାରଣ ମାମୁଲି ଲୋକ । ମୁଁ କେବଳ ଏତିକି ଜାଣିଛି ଯେ ଆବଶ୍ୟକତା ହିଁ ଆବିଷ୍କାରର ଜନନୀ ଏବଂ ଆବିଷ୍କାର ଆମ୍ଭମାନଙ୍କୁ ଅଜ୍ଞାନତାରୁ ଜ୍ଞାନର ଆଲୋକ ଆଡ଼କୁ ନେଇ ଯାଇଥାଏ । ଆପଣ କ'ଣ ଅଜ୍ଞାନଠରୂପକ ଅନ୍ଧକାରକୁ ସମର୍ଥନ କରୁଛନ୍ତି ?" ଏହା ଶୁଣି ପୁଣିଥରେ ଶ୍ରୋତାମାନଙ୍କ ମଧ୍ୟରେ ଅସନ୍ତୋଷଭାବ ଦେଖାଗଲା ଏବଂ ସଭାଗୃହରେ ଫୁସୁର୍ ଫାସୁର୍ ହେବା ଆରମ୍ଭ ହୋଇଗଲା । କିନ୍ତୁ ସ୍ୱାମୀଜୀଙ୍କୁ ହସୁଥିବାର ଦେଖି ଶ୍ରୋତାମାନେ ମଧ୍ୟ ହସିବାକୁ ଲାଗିଲେ ଏବଂ ମନେ ମନେ ଚିନ୍ତା କଲେ ଯେ ଏହି ସଭାସ୍ଥଳୀରେ ଚିନ୍ନାସ୍ୱାମୀଙ୍କ ପରି ମୂର୍ଖ ବୋଧହୁଏ ଆଉ କେହି ନାହିଁ ।

ସ୍ୱାମୀଜୀ କୃତ୍ରିମ ପ୍ରଶଂସା କରି କହିଲେ, "ପୁତ୍ର ! ବହୁତ ସୁନ୍ଦର ପ୍ରଶ୍ନ ପଚାରିଛ । ମୁଁ ତୁମ ପ୍ରଶ୍ନର ଉତ୍ତର ତୁମର ପ୍ରଶ୍ନରେ ହିଁ ଦେଖୁଛି । ପ୍ରକୃତରେ ଉତ୍ତର ମଧ୍ୟ ତୁମ ମୁହଁରୁ ଶୁଣିବାକୁ ଚାହୁଁଥିଲି ଯାହା ତୁମେ ଏବେ ଦେଇଦେଲ ।"

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଏ ତ ବଡ଼ ଗୁଢ଼ ରହସ୍ୟ କଥା ସ୍ୱାମୀଜୀ କହିଦେଲେ । ହେଲେ ଚିନ୍ନାସ୍ୱାମୀଙ୍କ ସହ ଅନ୍ୟ ଶ୍ରୋତାମାନେ କେହି କିଛି ବୁଝିପାରିଲେ ନାହିଁ । ବିରପ୍ପା ତାଙ୍କ ମିତ୍ର ଚିନ୍ନାସ୍ୱାମୀଙ୍କୁ ଏମିତି ଦୃଷ୍ଟିରେ ଦେଖୁଥାନ୍ତି, ଲାଗିଲା ସେ ତାଙ୍କୁ ସାଙ୍ଗରେ ଆଣି ସତରେ ଯେପରି ବଡ଼ ଭୂଲଟେ କରି ଦେଇଛନ୍ତି । ସ୍ୱାମୀଜୀ ଆଗକୁ କଣ କହିବେ ତାହା ଶୁଣିବା ପାଇଁ ଶ୍ରୋତାମାନେ ଆତୁର ହୋଇ ତାଙ୍କୁ ଅନେଇଥାନ୍ତି ।

"ପୁତ୍ର, ଯାହାକୁ ତୁମେ ଅନ୍ଧକାର କହୁଛ ତାହା ହେଉଛି ଆତ୍ମାର ଶକ୍ତି । ଜଣେ ଦିଗହରା ବ୍ୟକ୍ତି ପାଇଁ ଏହା ହେଉଛି ଅନ୍ଧକାର । ମାତ୍ର ବାସ୍ତବରେ ଏହା ହେଉଛି ଏକ ଆଲୋକ । ଅନ୍ତରାତ୍ମାର ଆଲୋକ ହେଉଛି ଜ୍ଞାନ । ବାହାରର ଏହି ଆଲୋକ ହେଉଛି ଭୌତିକ । ପ୍ରକୃତ ଅର୍ଥରେ ଏହା ହିଁ ହେଉଛି ଅନ୍ଧକାର । ଅନ୍ତରାତ୍ମାରେ ପ୍ରଜ୍ଜ୍ୱଳିତ ଆଲୋକ ନା ତ ଅନ୍ଧକାର ଅଟେ ନା ତ ଅଜ୍ଞାନ ଅଟେ । ହେ ପୁତ୍ର ! ଭିତର ଓ ବାହାର ମଧ୍ୟରେ ଅନ୍ତର କରିବା ଶିଖ । ନିଜକୁ ବିଶ୍ଳେଷଣ କଲେ ତୁମେ ସତ୍ୟର ସନ୍ଧାନ ପାଇ ପାରିବ ।"

ସ୍ୱାମୀଜୀ ପୁଣି ଟିକେ ଅଟକି ଯାଇ ପରମ ସନ୍ତୋଷର ସହ ଉପସ୍ଥିତ ଲୋକମାନଙ୍କ ଉପରେ ଦୃଷ୍ଟି ବୁଲାଇ ଆଣିଲେ । ଏକଥାର କିଛି ସମାଧାନ ହେଲା କି ନ ହେଲା ଲୋକଙ୍କ ପାଇଁ କିଛି ମାନେ ରଖିଲାନି । କାରଣ ସମସ୍ତେ ଯେ ଶବ୍ଦର ମାୟାଜାଲରେ ଫସି ସାରିଥିଲେ । ଚିନ୍ନାସ୍ୱାମୀ ଆଉ କିଛି ପଚାରିବାକୁ ଚେଷ୍ଟା କରନ୍ତେ, ବିରପ୍ପା ତାଙ୍କୁ ଜବରଦସ୍ତି ବସାଇ ଦେଲେ । ଶ୍ରୋତାମାନଙ୍କ ମଧ୍ୟରି କିଛି ତ ତାଙ୍କୁ ଭର୍ତ୍ସନା କରିବାକୁ ଲାଗିଲେ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ସମସ୍ତଙ୍କ ଚୁପ ହୋଇଯିବାର ଦେଖି ସ୍ୱାମୀଜୀ ପୁଣି କହିବା ଆରମ୍ଭ କରି କହିଲେ, "ହୁଁଃ ! ତା ହେଲେ ଆମର ମୂଳ ପ୍ରଶ୍ନଥିଲା ଅଶାନ୍ତି ବିଷୟରେ । ଅଶାନ୍ତି ସୃଷ୍ଟି ହୁଏ ଇଚ୍ଛାରୁ ଓ ଇଚ୍ଛାର ଜନନୀ ହେଉଛି ଆବଶ୍ୟକତା । ଆମର ଚେଷ୍ଟା ଏପରି ହେବା ଦରକାର ଯେପରି ଆବଶ୍ୟକତା ଉପରେ ଆମର ନିୟନ୍ତ୍ରଣ ରହିବ । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କୁ ଥଣ୍ଡା ଲାଗୁଛି, ସେତେବେଳେ ଗୋଟିଏ ବସ୍ତ୍ର ପାଇବା ପାଇଁ ଇଚ୍ଛା ହୁଏ । ସୂତାବସ୍ତ୍ରରେ ମନ ସନ୍ତୁଷ୍ଟ ନ ହେଲେ ପଶମବସ୍ତ୍ର ପାଇବାପାଇଁ ଇଚ୍ଛା ହୁଏ । ପଶମବସ୍ତ୍ରପରେ ଚମଡ଼ା ବସ୍ତ୍ର ପାଇଁ ଇଚ୍ଛା ଜାତ ହୁଏ । ଏହିପରି ଭାବରେ ଇଚ୍ଛା ସବୁ ଆମ ଉପରେ ଲଦି ହୋଇପଡ଼ନ୍ତି । ଏମିତି ଏକ ସମୟ ଆସେ ଯେତେବେଳେ ଆମର ଇଚ୍ଛାପୂର୍ତ୍ତିପାଇଁ ଆଉ ସାମର୍ଥ୍ୟ ରହେ ନାହିଁ ଆଉ ସେଇ ସମୟରେ ହିଁ ଅଶାନ୍ତି ଜନ୍ମ ନିଏ । ଅଶାନ୍ତି ଉପରେ ବିଜୟ ହାସଲ କରିବାକୁ ହେଲେ ପ୍ରଥମେ ଆମକୁ ଆମର ଇଚ୍ଛାମାନଙ୍କୁ ଦମନ କରିବାକୁ ପଡ଼ିବ । ଇଚ୍ଛାମାନଙ୍କୁ ଦମନ କରିବାକୁ ହେଲେ ଆବଶ୍ୟକତାଗୁଡ଼ିକୁ ମୂଳରି ଓପାଡ଼ି ଫୋପାଡ଼ି ଦେବାକୁ ପଡ଼ିବ । ଏସବୁ ଆପଣମାନଙ୍କ ଆୟତ୍ତରେ ଅଛି । ନିଜର ଶରୀରକୁ ଏପରି ଭାବରେ ନିୟନ୍ତ୍ରଣ କର ଯେପରି ତୁମକୁ ଥଣ୍ଡା ଲାଗିବ ନାହିଁ । ଥଣ୍ଡା ନ ଲାଗିଲେ ବିଭିନ୍ନ ପ୍ରକାର ବସ୍ତ୍ରପାଇଁ ଇଚ୍ଛା ହେବନାହିଁ ।" ଏତକ କହିସାରି ସ୍ୱାମୀଜୀ ପୁଣିଥରେ ଉପସ୍ଥିତ ଶ୍ରୋତାମଣ୍ଡଳୀ ଉପରେ ଆଖି ବୁଲେଇ ଆଣିଲେ । ସମସ୍ତେ ତାଙ୍କ କଥାକୁ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିବାର ଦେଖି ତାଙ୍କୁ ଲାଗିଲା ବାସ୍ତବରେ ଶାନ୍ତିର ମାର୍ଗ ଅତ୍ୟନ୍ତ ସରଳ ଓ ସହଜ । ଶାନ୍ତି ଯଦି ମିଳିଯାଏ ସଂସାରରେ ଆଉ କ'ଣ ବା ଲୋଡ଼ା ! !

ସ୍ୱାମୀଜୀ ତାଙ୍କ ପ୍ରବଚନ ସମାପ୍ତ କରିବାକୁ ଯାଉଥିଲେ । ହେଲେ ଏହି ସମୟରେ ଜଣେ ଗାଉଁଲି ଲୋକ ସହଜରେ ତାଙ୍କୁ ପଚାରିଲା, "ସ୍ୱାମୀଜୀ, ଭୋକ ଆଉ ଶୋଷ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପ୍ରତ୍ୟେକ ବ୍ୟକ୍ତିକୁ ଲାଗେ । ଭୋକ ଲାଗିଲେ ଖାଦ୍ୟ ଓ ଶୋଷ ଲାଗିଲେ ପାଣି ପିଇବାକୁ ଇଚ୍ଛା ହୁଏ । ଏ ସଂସାରର ଚକ୍ର ଖାଇବା - ପିଇବା ଉପରେ ନିର୍ଭର କରେ । ତା'ହେଲେ କଣ ଖାଦ୍ୟର ଆବଶ୍ୟକତା ଓ ଇଚ୍ଛାର ଦମନ ସମ୍ଭବ କି ?"

ଏହା ଶୁଣି ସ୍ୱାମୀଜୀ ହସି ହସି ତାକୁ ବସିବାକୁ ସଙ୍କେତ ଦେଇ କହିଲେ, "ପୁତ୍ର ବହୁତ ସୁନ୍ଦର ପ୍ରଶ୍ନ ପଚାରିଛ । ଶାରୀରିକ ଭୋକ ଓ ଶୋଷକୁ ଭୁଲିଯାଅ । ନିଜର ଆତ୍ମାର ଭୋକ ଓ ଶୋଷକୁ ମେଣ୍ଟାଅ । ଏହି ଶରୀର କ୍ଷଣଭଙ୍ଗୁର; କିନ୍ତୁ ଆତ୍ମା ଅମର ଓ ଅବିନାଶୀ । ଆତ୍ମାର ମୃତ୍ୟୁ ହୁଏ ନାହିଁ । ଏହା କେବଳ ଶରୀର ପରିବର୍ତ୍ତନ କରେ ।" ଏତିକି କଥାକୁ ସ୍ୱାମୀଜୀ ଅତି ସରଳ ଶବ୍ଦରେ କହି ଏକ ବିଜୟଭରା ହସ ହସିଲେ । ଶ୍ରୋତାମାନେ ସ୍ୱାମୀଜୀଙ୍କର ପ୍ରଶଂସା କରି କହିଉଠିଲେ, "ଧନ୍ୟ ସ୍ୱାମୀଜୀ, ଧନ୍ୟ ।"

ସ୍ୱାମୀଜୀ ପୁଣିଥରେ ଲୁହା ଗରମ ଥିବାର ଦେଖି ଜୋରଦାର ଚୋଟ ପକେଇ କହିଲେ, "ପୁତ୍ର ! ଯେତେବେଳେ ମୁଁ ହିମାଳୟ ପର୍ବତରେ ଶାନ୍ତି ଓ ଆଧ୍ୟାତ୍ମିକ ଜ୍ଞାନ ପାଇବା ଆଶାରେ ଘୁରି ବୁଲୁଥିଲି, ସେତେବେଳେ କିଛି ଖାଇବାକୁ ମିଳୁନଥିଲା । ସେ ସମୟରେ ମୁଁ ସମ୍ପୂର୍ଣ୍ଣ ମୂର୍ଖ ଓ ଅଜ୍ଞାନୀ ଥିଲି । ଏହିପରି ବୁଲୁଥିବା ସମୟରେ ବହୁ ସାଧୁସନ୍ଥଙ୍କ ସଂସ୍ପର୍ଶରେ ଆସିଲି ଓ ଜାଣିବାକୁ ପାଇଲି ଯେ ସେମାନେ ଭୋକ ଓ ଶୋଷ ଉପରେ କେବେଠୁ ବିଜୟ ପାଇ ସାରିଛନ୍ତି । ସେହି ସମୟରୁ ମୋର ଦୀକ୍ଷା ନେବାର ସମୟ ମଧ୍ୟ ଆରମ୍ଭ ହେଲା । ବହୁ ବର୍ଷ ପର୍ଯ୍ୟନ୍ତ ମୁଁ କେବଳ ଗଛର ପତ୍ର ଖାଇ ଖାଇ ଜୀବିତ ରହିଲି । ଶୋଷ ମେଣ୍ଟାଇବା ପାଇଁ ପ୍ରାତଃକାଳରେ ପତ୍ରମାନଙ୍କ ଉପରେ ପଡ଼ିଥିବା କାକର ବିନ୍ଦୁ ସବୁ ହିଁ ଚାଟୁଥିଲି । ବେଳେବେଳେ ଧ୍ୟାନରେ ବହୁତ ଦିନ ବିତିଯାଉଥିଲା ଏବଂ ସେ ସମୟ କାଳରେ ମୋତେ ନା ଭୋକ ଲାଗୁଥିଲା ନା ଶୋଷ ଲାଗୁଥିଲା । ତେଣୁ ପୁତ୍ର, ପ୍ରଥମେ ନିଜର ଆତ୍ମାକୁ ଦେଖ

To read the complete magazine, Download it for FREE from www.aahwaan.com

ଓ ଚିହ୍ନ । ଆତ୍ମାକୁ ଠିକରେ ଚିହ୍ନିପାରିଲେ ନିଜର ଇଚ୍ଛା ମାନଙ୍କୁ ଶୀଘ୍ର ନିୟନ୍ତ୍ରଣ କରିପାରିବ ।"

ସ୍ୱାମୀଜୀଙ୍କର ମହାନତାର ଛାପ ଉପସ୍ଥିତ ସମସ୍ତ ଶ୍ରୋତାମାନଙ୍କ ଉପରେ ପଡ଼ିଥିବାର ସ୍ପଷ୍ଟ ଦେଖାଯାଉଥିଲା । ଶ୍ରୋତାମାନେ ସ୍ୱାମୀଜୀଙ୍କ କଥାରେ ଏପରି ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ ଯେ ତାଙ୍କର ପ୍ରତ୍ୟେକ କଥାକୁ ସତ ବୋଲି ବିଶ୍ୱାସ କରି ଯାଇଥିଲେ । ସମସ୍ତେ ସ୍ୱାମୀଜୀଙ୍କର ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲେ ।

ଅଚାନକ ମାଇକ ଖରାପ ହୋଇଗଲା । ଯେତେଚେଷ୍ଟା କଲେ ମଧ୍ୟ ଠିକ୍ ହେଲାନାହିଁ । ତା'ଛଡ଼ା ସଭା ସମାପ୍ତ କରିବା ସମୟ ମଧ୍ୟ ହୋଇଯାଇଥିଲା । ତେଣୁ ସଂଚାଳକ ଚିତ୍କାର କରି କହିଲେ, "ଭାଇମାନେ କ୍ଷମା କରିବେ.... ମାଇକ୍ ଖରାପ ହୋଇଯିବା ଯୋଗୁଁ ସ୍ୱାମୀଜୀଙ୍କର ଆଜି ଦିନର ପ୍ରବଚନ ଏଠାରେ ହିଁ ସମାପ୍ତ ହେଲା ।" କିଛି ଲୋକ ଶୁଣିଲେ ତ କିଛି ଲୋକଙ୍କୁ ଶୁଣାଗଲାନାହିଁ । ସଭାଗୃହରେ ହଇଚଇ ସୃଷ୍ଟି ହୋଇଗଲା । କିଏ ଜଣେ ପଛରୁ ଉଚ୍ଚ ସ୍ୱରରେ କହିଲା, "ବନ୍ଧୁମାନେ, ଏହି ଆଧୁନିକ ଆବିଷ୍କାର ବିନା ସ୍ୱାମୀଜୀ ତାଙ୍କର ସନ୍ଦେଶ କ'ଣ ଲୋକମାନଙ୍କୁ ଦେଇ ପାରିଥାନ୍ତେ ? ମାଇକ୍ ନାହିଁ ତ ପ୍ରବଚନ ନାହିଁ ।"

ଆଉ ଜଣେ କହି ଉଠିଲା, "ଆରେ ଭାଇ ଇଏ କଣ ମାଇକ୍ କି ? ଏହା ହେଉଛି ଭ୍ରମ..., କେବଳ ଭ୍ରମ !" ହସିବା ପାଇଁ ଏତିକି ହିଁ ଯଥେଷ୍ଟ ଥିଲା ।

ଏଇ ସମୟରେ ହଠାତ୍ ଲାଇଟ୍ ମଧ୍ୟ କଟିଗଲା । ଲୋକମାନେ ହୋ ହଲ୍ଲା ସୃଷ୍ଟି କରିବାକୁ ଲାଗିଲେ । ପ୍ରଥମେ ତ ଲୋକମାନେ ଶ୍ରଦ୍ଧାର ସହ ସ୍ୱାମୀଜୀଙ୍କୁ ଆଗ ଯିବାପାଇଁ

To read the complete magazine, Download it for FREE from www.aahwaan.com

ରାସ୍ତା ଛାଡ଼ି ଦେଉଥିଲେ । ମାତ୍ର ଆଜି ଧାଁ ଧଉଡ଼ରେ ଲାଗିପଡ଼ିଛନ୍ତି । ସମସ୍ତେ ଏକା ସଙ୍ଗରେ ସଭାଗୃହରୁ ବାହାରକୁ ଯିବାପାଇଁ ଚେଷ୍ଟା କରୁଥାନ୍ତି । ସ୍ୱାମୀଜୀ ନିଜେ ମଧ୍ୟ ଅନ୍ଧାରରେ ଧକ୍କା ଖାଉଥାନ୍ତି । ଅନ୍ଧାରରେ ତ ମୂଷା ବି ପହିଲିମାନ୍ ପାଲଟି ଯାଏ । ଜଣେ କିଏ ଭିଡ଼ ଭିତରୁ ଚିତ୍କାର କରି କହିଲା, "ଭାଇମାନେ, ଭୌତିକ ଆଲୋକ ତ ଚାଲିଗଲା । ବର୍ତ୍ତମାନ ଆତ୍ମାର ଆଲୋକଙ୍କୁ ପ୍ରଜ୍ୱଳିତ କର । ଭିତରେ ଥିବା ଆଲୋକକୁ ବାହାରକୁ ଆଣ ।" ଏହା ଶୁଣି ଲୋକମାନେ ଜୋର ଜୋରରେ ହସିବାକୁ ଲାଗିଲେ ।

ସ୍ୱାମୀଜୀ ଶେଠ୍ ହୀରାଲାଲଙ୍କ ଅତିଥି । ତାଙ୍କର ଖ୍ୟାତି ଶୁଣି ହୀରାଲାଲ ସ୍ୱାମୀଜୀଙ୍କୁ ପ୍ରବଚନ ଦେବାପାଇଁ ନିମନ୍ତ୍ରିତ କରିଥିଲେ । ସ୍ୱାମୀଜୀଙ୍କ ପ୍ରକୃତ ବାସସ୍ଥାନ ହେଲା ଋଷିକେଶ । ମାତ୍ର ସେଠାରେ ସେ ବହୁତ କମ ସମୟ ରହନ୍ତି । କାରଣ ପ୍ରବଚନ ଦେବାପାଇଁ ସେ ବହୁ ସ୍ଥାନକୁ ନିମନ୍ତ୍ରିତ ହୋଇ ଯାଆନ୍ତି । ଜ୍ଞାନର ଜ୍ୟୋତିକୁ ଚାରିଆଡ଼େ ପ୍ରଜ୍ୱଳିତ କରିବା ତାଙ୍କ ଜୀବନର ମୂଳ ଉଦ୍ଦେଶ୍ୟଥିଲା । ସ୍ୱାମୀଜୀଙ୍କ ବଳିଷ୍ଠ ଶରୀର ସାଙ୍ଗକୁ ତେଜସ୍ୱୀ ମୁଖମଣ୍ଡଳକୁ ଦେଖି ସାଧାରଣ ଲୋକେ ତାଙ୍କୁ ବହୁତ ଶ୍ରଦ୍ଧା ଓ ସମ୍ମାନ ଦେଖାଉଥିଲେ । ସେମାନଙ୍କ ମତରେ ଏପରି ତେଜ କେବଳ କଠିନ ତପସ୍ୟା ଓ ବ୍ରହ୍ମଚର୍ଯ୍ୟ ଯୋଗୁଁ ସମ୍ଭବପର ହୋଇପାରିଛି ।

ସେଠ୍ ହୀରାଲାଲଙ୍କ ଆଦେଶରେ ତାଙ୍କର ଜଣେ ସେବକ କେଉଁଠୁ ଗୋଟିଏ ମହମବତୀ ନେଇ ଆସିଲେ । ଧିରେ ଧିରେ ଆଖୋ ଏହି ଆଲୋକକୁ ଦେଖିବାରେ ଅଭ୍ୟସ୍ତ ହେବା ସହ ଭିଡ଼ ମଧ୍ୟ କମି କମି ଆସିଲା । ସେଠ୍ ହୀରାଲାଲ ଅନୁନୟଭରା କଣ୍ଠରେ କହିଉଠିଲେ, "ସ୍ୱାମୀଜୀ ଆପଣ ମହାନ... ତ୍ୟାଗର ମୂର୍ତ୍ତି... ! ଆପଣଙ୍କ ଉପଦେଶ ଶୁଣି

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ମୋର ଜ୍ଞାନଚକ୍ଷୁ ଖୋଲିଯାଇଛି । ଏପରି ଗୂଢ଼ ରହସ୍ୟର କଥାକୁ ଆପଣ କେତେ ସୁନ୍ଦର ତଥା ସରଳ ଭାବରେ ବୁଝାଇଦେଲେ । ଏପରି ଗୁଣ ସମସ୍ତଙ୍କ ପାଖରେ ନଥାଏ ସ୍ୱାମୀଜୀ ।"

ସ୍ୱାମୀଜୀ ଏହା ଶୁଣି ଅତ୍ୟନ୍ତ ନମ୍ର ହୋଇ କହିଲେ, "ସେଠଜୀ, ଏହା ତ ଆପଣଙ୍କ ନିଜସ୍ୱ ଗୁଣ ଆଉ ସଂସ୍କାର । ଆମର କର୍ତ୍ତବ୍ୟ ହେଲା ଜ୍ଞାନରୂପକ ଦୀପକ ଜଳେଇବା ଆଉ ଆପଣଙ୍କର କାମ ହେଲା ଏହି ଜ୍ଞାନରୂପକ ଦୀପକରୁ ଦୀପ ଜଳାଇବା ।"

"ପିଲାଦିନେ ପଢ଼ିଥିବା ସେହି କାହାଣୀ ମୋର ଆଜି ମନେ ପଡୁଛି । ସେହି କାହାଣୀର ମହତ୍ତ୍ୱ ମୁଁ ଆଜି ବୁଝିପାରିଲି । ଗୁରୁବିନା ଜ୍ଞାନ ହିଁ ନାହିଁ..." ଏହା କହିଲା ବେଳେ ସେଠଜୀଙ୍କ ଆଖିରେ ଏକ ଚମକ ଥିଲା ।

ସ୍ୱାମୀଜୀ କୌତୁହଳ ହୋଇ ପଚାରିଲେ, "ସେ କାହାଣୀଟି କଣ ଥିଲା ସେଠଜୀ ?" ସେଠଜୀ ସେ କାହାଣୀ ବିଷୟରେ କହିଲେ । କାହାଣୀଟି କିଛି ଏହି ପ୍ରକାର ଥିଲା;

ୟୁନାନ୍ ଦେଶରେ ଜଣେ ଅରସ୍ତୁ ନାମକ ମହାନ ଦାର୍ଶନିକ ଥିଲେ । ସେ ସଂସାରର ସମସ୍ତ ସୁଖ ସୁବିଧାକୁ ଅନାବଶ୍ୟକ ବୋଲି କହି ତ୍ୟାଗ କରିଦେଇଥିଲେ । ଶେଷରେ ତାଙ୍କ ପାଖରେ ଶରୀରକୁ ଢାଙ୍କି ରଖିବା ପାଇଁ ଖଣ୍ଡେ ବସ୍ତ୍ର ଓ ପାଣି ପିଇବା ପାଇଁ ହାତରେ ଗୋଟିଏ ମାଟିର ପାତ୍ର ଥିଲା । ଏତିକିରେ ସେ ବହୁତ ସୁଖୀ ଥିଲେ । ଦିନେ ସେ ଜଣେ ବ୍ୟକ୍ତିକୁ ଚୁଆରୁ ପାଣି ପିଉଥିବାର ଦେଖି ନିଜର ମାଟି ପାତ୍ରଟିକୁ ଫୋପାଡ଼ି ଦେଇ କହିଲେ ଯଦି ପାଣି ପିଇବା ପାଇଁ ମୁଁ ହାତର ବ୍ୟବହାର କରିପାରିବି ତେବେ ଏ ମାଟି ପାତ୍ରକୁ ରଖିବି କାହିଁକି ? ଆପଣ ଆଜି ଯେତେବେଳେ ଇଚ୍ଛା ଓ ଆବଶ୍ୟକତାର ସହଜ ସମାଧାନ କଲେ, ସେତେବେଳେ ଯାଇ ମୁଁ ଏହି ଗଳ୍ପର ତାତ୍ପର୍ଯ୍ୟ ବୁଝିପାରିଲି ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏହା ଶୁଣି ସ୍ୱାମୀଜୀ ଟିକିଏ ହସିଦେଲେ । ଧିରେ ଧିରେ ସମସ୍ତେ ସଭାଗୃହରୁ ବାହାରକୁ ବାହାରି ଆସିଲେ । ଏହି ସମୟରେ ଲାଇଟ୍ ଆସିଯିବାରୁ ଚତୁର୍ଦ୍ଦିଗ ଆଲୋକମୟ ହୋଇଉଠିଲା । ହେଲେ ସ୍ୱାମୀଜୀ ଚାରି ଆଡ଼କୁ ଅନେଇ କିଛି ଖୋଜିବାରେ ବ୍ୟସ୍ତ । ଏହି ସମୟରେ ସେଠଜୀ ଯୋଡ଼ହସ୍ତ, ନମ୍ର ହୋଇ କହିଲେ, "ସ୍ୱାମୀଜୀ, ମୁଁ ଆପଣଙ୍କର ଉପଦେଶକୁ ଆଜି ଏହି କ୍ଷଣରୁ ହୁଁ ପାଳନ କରିବା ପାଇଁ ନିଷ୍ଚୟ କରି ସାରିଛି । ତେଣୁ ଗାଡ଼ି ଘରକୁ ପଠାଇ ଦେଇଛି । ବର୍ତ୍ତମାନ ଆମେ ଚାଲି ଚାଲି ଘରକୁ ଯିବା ।"

ଅକସ୍ମାତ ଯେପରି ସ୍ୱାମୀଜୀଙ୍କ ଉପରେ ବଜ୍ରପାତ ହେଲା । କାରଣ ସେ ତ ସେଠଜୀଙ୍କ ଶୀତତାପ ନିୟନ୍ତ୍ରିତ ଇମ୍ପାଲା ଗାଡ଼ିକୁ ହିଁ ଖୋଜୁଥିଲେ । ବହୁତ ବର୍ଷ ହେଲାଣି ସେ ପାଦରେ ଚାଲିବା ଛାଡ଼ି ଦେଇଛନ୍ତି । ସବୁ ଜାଗାରେ ତାଙ୍କ ପାଇଁ ଗାଡ଼ି ମାନଙ୍କର ଲମ୍ବା ଲାଇନ୍ ଲାଗିଥାଏ । ତାଙ୍କୁ ବର୍ତ୍ତମାନ ସାତ କିଲୋମିଟର ରାସ୍ତା ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ! ଏହି କଥା ଭାବି ଭାବି ସେ ନିଜକୁ ବହୁତ ଅସହାୟ ମନେ କରୁଥାନ୍ତି । ନା' ତ ସେ ମନା କରି ପାରୁଛନ୍ତି, ନା ବିରୋଧ କରିପାରୁଛନ୍ତି । ବାଧ୍ୟ ହୋଇ ଚାଲିବା ଆରମ୍ଭ କଲେ । ପଛରେ ଥିଲେ ଜୟ ଜୟକାର କରୁଥିବା ଶ୍ରୋତା । ସେଠଜୀଙ୍କ ବଙ୍ଗଳାରେ ପହଞ୍ଚିବାବେଳକୁ ସ୍ୱାମୀଜୀଙ୍କ ପାଦରେ ଫୋଟକାମାନ ହୋଇଗଲାଣି । ପହଞ୍ଚିବା ମାତ୍ରେ ସେ ସେଠଜୀଙ୍କୁ କହିଲେ, "ମୁଁ କିଛି ସମୟ ଏକାନ୍ତରେ ସାଧନା କରିବାକୁ ଚାହୁଁଛି । ଘରକୁ ଆସିଥିବା ଭକ୍ତମାନଙ୍କୁ ଆଜି ଆପଣ ମୋ ତରଫରୁ କ୍ଷମା ମାଗି ନିଅନ୍ତୁ ।"

ଅସଲ କଥା ହେଲା ସେତେବେଳକୁ ସ୍ୱାମୀଜୀଙ୍କର ହାଲ୍ ପୁରା ବେହାଲ୍ । ସ୍ୱାମୀଜୀ ତ ଆଗ ଗରମ ପାଣିରେ ନିଜ ପାଦକୁ ସେକ ଦେବାକୁ ଚାହୁଁଥିଲେ । ତା'ପରେ ଆଠଇଞ୍ଚର ଉଚ୍ଚ ଫୋମ୍ ଦିଆ ମଖମଲି ଗଦିରେ କମସେ କମ୍ ଦୁଇଘଣ୍ଟା ଆରାମରେ ଶୋଇବାକୁ

To read the complete magazine, Download it for FREE from www.aahwaan.com

ଚାହୁଁଥିଲେ । ସେଠଜୀ କହିଲେ, "ଯେମିତି ଆପଣଙ୍କ ଇଚ୍ଛା ସ୍ୱାମୀଜୀ । ଭୋଜନ କଣ ନ'ଟା ବେଳେ କରିବେ ?"

"ହୁଁ" ବୋଲି କହିଦେଇ ସ୍ୱାମୀଜୀ ନିଜ କକ୍ଷ ଭିତରକୁ ପ୍ରବେଶ କରି ଭିତରପଟୁ କବାଟ ବନ୍ଦ କରିଦେଲେ । ହେଲେ ଏ କଣ ? ଆଲୁଅ ଜଳାଇବା ପାଇଁ ସୁଇଚ୍ ମାରିଲେ ମଧ୍ୟ ଆଲୁଅ ଜଳୁନି । କିଛି ସମୟ ପରେ ଘରର ଗୋଟିଏ କୋଣରେ ମାଟିର ଦୀପଟିଏ ଜଳୁଥିବାର ଦେଖିବାକୁ ପାଇଲେ । ସେହି ଦୀପରୁ ଅଳ୍ପ ଅଳ୍ପ ଆଲୋକ ପ୍ରକାଶିତ ହେଉଥାଏ । ଛାତର ପଙ୍ଖାକୁ ଦେଖିଲେ, ତାହା ମଧ୍ୟ ନିର୍ଜୀବ ଅବସ୍ଥାରେ । ମଖମଲି ନରମ ଗୋଲ୍ ପଲଙ୍କ ମଧ୍ୟ ସେଠାରୁ ଗାୟବ । ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଯାହା ଦେଖିଲେ ସେଥିରେ ତାଙ୍କର ଅକଲ ଗୁଡୁମ୍ । ଚଟାଣ ଉପରେ କେବଳ ଗୋଟିଏ ମସିଣା ବିଛା ହୋଇଛି, ଆଉ ସେଠାରେ ତକିଆଟିଏ ବି ନାହିଁ । ଗାଧୁଆଘରକୁ ଗଲେ ଯେ ସେଠାରେ ପାଇପରୁ କେବଳ ଥଣ୍ଡାପାଣି ହିଁ ବାହାରୁଛି । ଗରମ ପାଣି ଯନ୍ତ୍ର ବି ବନ୍ଦ ଅଛି ।

ଏ ସବୁ ଦେଖି ସ୍ୱାମୀଜୀ ଲଥକରି ଚଟାଣ ଉପରେ ବସି ପଡ଼ିଲେ । ସ୍ୱାମୀଜୀଙ୍କ ସାରା ଶରୀର ଘର୍ମାକ୍ତ ହେବା ସଙ୍ଗେ ସଙ୍ଗେ ମଶାମାନଙ୍କର ଉପଦ୍ରବ ମଧ୍ୟ ବଢ଼ିବାକୁ ଲାଗିଲା । ବହୁ ବର୍ଷ ହେଲାଣି ସ୍ୱାମୀଜୀ ଆଧୁନିକ ସୁଖ ସୁବିଧାରେ ଅଭ୍ୟସ୍ତ ହୋଇ ସାରିଥିଲେ । ତେଣୁ ଏପରି ଅବସ୍ଥା ତାଙ୍କୁ ବିଚଳିତ କରି ପକାଇଲା ।  ଏହିପରି ଅବସ୍ଥାରେ ସ୍ୱାମୀଜୀଙ୍କୁ ପ୍ରଥମେ ସ୍ନାନ କରିବାର ଆବଶ୍ୟକତା ପଡ଼ିଲା । ସ୍ନାନ କରିସାରି ଗାଧୁଆଘରେ ନିଜ ଲୁଗାପଟା ପକେଇ ଦେଇ ଆସିଲେ ଯାହାକୁ ସେଠଙ୍କ ଚାକର ପରେ ଆସି ସଫା କରିବ । ଗାଧୋଇ ସାରି ସାମାନ୍ୟ ଆଶ୍ୱସ୍ତ ହୋଇ ଆଲମାରୀକୁ ଗଲେ ନିଜର ସଫା ହୋଇଥିବା ବସ୍ତ୍ର ପିନ୍ଧିବା ପାଇଁ । ନିଜର ଇସ୍ତ୍ରୀ ହୋଇଥିବା ସଫା କପଡ଼ା ରଖିଥିଲେ ସେ, କିନ୍ତୁ

To read the complete magazine, Download it for FREE from www.aahwaan.com

ସେଠାରେ ଥିବା ଖଦଡ଼ିଆ ବସ୍ତ୍ର ଦେଖି ଚମକି ପଡ଼ିଲେ । ତାଙ୍କର ମୁଲାୟମ ରେଶମୀ ବସ୍ତ୍ର ନଥିଲା । ଖାଦୀ ବସ୍ତ୍ର ପିନ୍ଧିବା ଅଭ୍ୟାସ ଅନେକ ବର୍ଷରୁ ସେ ତ୍ୟାଗ କରିଦେଇଥିଲେ ତେଣୁ ଏବେ ପିନ୍ଧିବା ବେଳକୁ ସେ ସବୁ ଦେହରେ ଫୋଡ଼ିହେବା ଭଳି ଲାଗୁଥିଲା । ତାଙ୍କର ଅନେକ ଧନୀଭକ୍ତଙ୍କ ସୌଜନ୍ୟରୁ ସେ ଅନେକ ରେଶମୀ ବସ୍ତ୍ର ପାଇଥିଲେ ।

ବହୁତ କଷ୍ଟରେ ଯେନତେନ କରି ଦୁଇଘଣ୍ଟା ବିତିଗଲା । ନଅଟା ବେଳେ ସେଠଜୀ ସ୍ୱାମୀଜୀଙ୍କୁ 'ଭୋଜନ ପ୍ରସ୍ତୁତ' ବୋଲି ଖବର ଦେଇଦେଲେ । ସାଙ୍ଗେ ସାଙ୍ଗେ ସ୍ୱାମୀଜୀ ଉଠି ବାହାରକୁ ବାହାରି ଆସିଲେ । ଦ୍ୱିପ୍ରହର ସୁସ୍ୱାଦୁ ବ୍ୟଞ୍ଜନର ସୁଗନ୍ଧ ସେ ବର୍ତ୍ତମାନ ସୁଦ୍ଧା ଭୁଲିନଥିଲେ । ମନେ ମନେ ଭାବିଲେ ଶୀଘ୍ର ଭଲ ଭୋଜନଟିଏ କରିଦେଲେ ବିଶ୍ରାମ କରିବେ । ସେଠଜୀଙ୍କ ଧର୍ମପତ୍ନୀ ଶୁଦ୍ଧ ଗୁଆଘିଅ ଦେଇ ରାଜସ୍ଥାନୀ ବ୍ୟଞ୍ଜନ ସବୁ ବାଦାମର ହାଲୱା, କାଜୁପିସ୍ତାର ବରଫି, ଗଟ୍ଟେର୍ ତରକାରୀ ଆଦି ପ୍ରସ୍ତୁତ କରିଥିବେ । ଏହି ସବୁ ସ୍ୱାଦିଷ୍ଟ ବ୍ୟଞ୍ଜନ କଥା କଳ୍ପନା କରି ସ୍ୱାମୀଜୀଙ୍କ ପାଟିରୁ ଲାଳ ଗଡ଼ିବାକୁ ଲାଗିଲା । ହେଲେ ଏ କ'ଣ ? ଖାଇବା ଟେବୁଲ୍ ଯେ ଖାଲି । ଖାଲି ଟେବୁଲ୍ ଦେଖି ସ୍ୱାମୀଜୀଙ୍କ ମଥା ଘୁରେଇ ଦେଲା । ସ୍ୱାମୀଜୀ ବସିବାକୁ ଯାଉଥିବା ବେଳେ ସେଠଙ୍କ ପତ୍ନୀ କଦଳୀପତ୍ର ଖଣ୍ଡେ ଆଣି ତାଙ୍କ ଆଗରେ ରଖିଦେଲେ । କିଛି ସମୟପରେ ମୁଠେ ନିମପତ୍ର ଆଣି କଦଳିପତ୍ର ଉପରେ ରଖିଦେଇ ଦୁହେଁ ହାତଯୋଡ଼ି ସ୍ୱାମୀଜୀଙ୍କ ଆଗରେ ବସିଗଲେ ଏବଂ ତାଙ୍କୁ ଭୋଜନ ଗ୍ରହଣ କରିବାକୁ ଅନୁରୋଧ କଲେ ।

ସେଠଜୀ ହାତଯୋଡ଼ି ଅତି ବିନୟ ଭାବରେ କହିଲେ, "କ୍ଷମା କରିବେ ସ୍ୱାମୀଜୀ, ମୁଁ ଆପଣଙ୍କ ତପସ୍ୟା ଭଙ୍ଗ କରିବାର ପାପ କରିଛି । ଆଜି ଯଦି ଆପଣଙ୍କ ପ୍ରବଚନ ଶୁଣିନଥାନ୍ତି, ତେବେ ମୁଁ କେବେ ବି ଜାଣି ପାରିନଥାନ୍ତି ଯେ ଏ ଭୋକ ଶରୀର ନୁହେଁ...

To read the complete magazine, Download it for FREE from www.aahwaan.com

ଆତ୍ମାର ଦୂର କରିବା ଉଚିତ । ଆପଣ ତ ଜଣେ ସିଦ୍ଧ ମହାତ୍ମା । ଆପଣଙ୍କ ପାଇଁ ଆମ ଭଳି ତୁଚ୍ଛ ପ୍ରାଣୀ ମାନଙ୍କୁ ଲାଗୁଥିବା ଭୋକ ଆଉ ଶୋଷର କି କାମ ?"

ସ୍ୱାମୀଜୀଙ୍କ ଅବସ୍ଥା ତ ନ କହିବା ଭଲ । ସ୍ୱାମୀଜୀ ନିମପତ୍ରକୁ ଚୋବାଇଥାନ୍ତି ଓ ମନେ ମନେ ଚିନ୍ତା କରୁଥାନ୍ତି..."ଆବଶ୍ୟକତା ଗୁଡ଼ିକୁ କମ କଲେ ଇଚ୍ଛା ମାନଙ୍କୁ ଦମନ କରିପାରିବ ଏବଂ ଯଦି ଇଚ୍ଛା ମାନଙ୍କ ଉପରେ ବିଜୟ ପାଇଗଲ ତେବେ ଅଶାନ୍ତି ଆପେ ଆପେ ଦୂର ହୋଇଯିବ ।"

ସାରା ରାତି ବଡ଼କଷ୍ଟରେ ସ୍ୱାମୀଜୀ ମସିଣାରେ ଏପଟ ସେପଟ ହେବା ସହ ମଶା ଓ ଗରମ ସହ ଲଢ଼େଇ କରୁଥାନ୍ତି । ମନରେ ଘୋର ଅଶାନ୍ତି ସହ ହୃଦୟରେ ସାଗରମନ୍ଥନ ଚାଲିଥିଲା ।

ତା'ପର ଦିନ ସକାଳେ ସ୍ୱାମୀଜୀ କେତେବେଳେ ଓ କେଉଁଆଡ଼େ ଚାଲିଗଲେ କେହି ଜାଣିପାରିଲେ ନାହିଁ ।

ମୂଳ ହିନ୍ଦୀ : ଶ୍ରୀ ଅଶ୍ୱିନୀ କୁମାର ଭଟ୍ଟନାଗର
ମାର୍ଫତ : ଶ୍ରୀ କେ.ଭି.କେ. ମୂର୍ତ୍ତି
ଦେବୀ ଏଣ୍ଟରପ୍ରାଇଜେସ୍
ନିୟୁ କଲୋନୀ, କପିଳାସ ରୋଡ଼
(ବିବେକାନନ୍ଦ ସ୍କୁଲ ପାଖ)
ରାୟଗଡ଼

To read the complete magazine, Download it for FREE from www.aahwaan.com

# ସାହିତ୍ୟ କାଉଚ୍



ଡା ସୌମ୍ୟରଞ୍ଜନ ମିଶ୍ର

ମୁଁ ଜାଣିଥିଲି ସୁଦର୍ଶନ ଏମିତିଆ ରୋଚକ ଖବର ବିଷୟରେ କେବେ ନା କେବେ କଥା ହେବ । କିନ୍ତୁ ଖବରଟା ପ୍ରଚାର ହେଉ ହେଉ ଫୋନ କରିବ, ଏତକ ଭାବିନଥିଲି । ଫୋନରେ ଏ ସବୁ କଥା ହେବା ଅପେକ୍ଷା କେବେ ବସିକରି କଥା ହେବା - ତାକୁ କହିଲି ମୁଁ । ପନ୍ଦର ମିନିଟରେ ସୋ ମୋ ଅଫିସରେ ହାଜର । ସେତେବେଳକୁ ଅଫିସରେ ବି ସେଇ ଗୋଟିଏ ଖବର ଉପରେ ଗପସପ ଚାଲିଥାଏ । ସୁଦର୍ଶନ ବି ଭାଗନେଲା ସେଥିରେ । କହିବା ବାହୁଲ୍ୟ, ମୋ ଅଫିସରେ ସୁଦର୍ଶନକୁ ସମସ୍ତେ ଜାଣନ୍ତି ମୋର ସହୃଦ ଭାବରେ ।

ଏମିତି କ'ଣ ସବୁ ହେଉଛି ଭାଇନା ? ଶେଷରେ ସାହିତ୍ୟରେ ବି କାଷ୍ଟିଂ କାଉଚ ? ସେ ବିସ୍ମିତ ହୋଇ ପଚାରିଲା । ସମସ୍ତେ ଅନାଇଥାନ୍ତି ମୋ ମୁହଁକୁ । କାଷ୍ଟିଂ କାଉଚ୍ କେବଳ ଅଭିନୟ ଜଗତରେ ନୁହେଁ, ବେପାର ବଣିଜରେ, ରାଜନୀତିରେ, ଶିକ୍ଷାୟତନରେ... ଏମିତି ସବୁଠି ଅଛି । ଏହାକୁ ଦୋସରା ପ୍ରକାର କୀଳାପୋତେଇ

To read the complete magazine, Download it for FREE from www.aahwaan.com

କୁହାଯାଇପାରେ । ଯିଏ ନେଉଛି ସିଏ ଯେତିକି ଦୋଷୀ ନୁହେଁ, ଯିଏ ଦେଉଛି ସିଏ ଅଧିକ ଦୋଷୀ - ମୁଁ କହିଲି ।

କିନ୍ତୁ ଓଡ଼ିଆ ସାହିତ୍ୟରେ ଏପରି କେବେ ଶୁଣା ଯାଇନଥିଲା - ଦାସବାବୁ କହିଲେ । ଦେଖନ୍ତୁ ଦାସବାବୁ, ଯେଉଁଟା ପ୍ରଥମେ ହୋଇନଥିଲା, ସେଇଟା ଯେ କେବେ ହେବନାହିଁ, ଏକଥା କହି ହେବନାହିଁ । ସତକଥା ହେଲା, ସମାଜର ପ୍ରତ୍ୟେକ କ୍ଷେତ୍ରରେ ଏମିତି ହେଉଥିଲା, ଏବେ ବି ହେଉଛି ଆଉ ଆଗକୁ ବି ହେଉଥିବ । ମୋର ଶେଷ ପଦକ କଥା କାହାକୁ ଭଲ ଲାଗିଲାନି ବୋଧହୁଏ, ସମସ୍ତଙ୍କ ମୁଖମଣ୍ଡଳରୁ ତାହା ସ୍ପଷ୍ଟ ବାରି ହେଉଯାଉଥିଲା । ହେଲେ ସତ୍ୟ ତ ସେଇଆ । ମୁଁ କାହିଁକି ମିଛ କହିବି ? ଆହୁରି ଉତ୍ସାହିତ ହୋଇ କହିଲି, ପ୍ରକୃତ କଥା ହେଲା, ଏଥିରେ କାହାର ଦୋଷ ନାହିଁ । ସମସ୍ତେ ଏଥର ବିରକ୍ତ ହେଲାପରି ଲାଗିଲେ ।

ଏଇ ଟିକକ ଆଗରୁ ପରା ତୁମେ କହିଲ ଯେ ଉଭୟ ଦୋଷୀ ବୋଲି ? ଏବେ ପୁଣି କହିଛ କେହି ଦୋଷୀ ନାହିଁ? ମୋତେ ପ୍ରଶ୍ନ କଲା ସୁଦର୍ଶନ । ବ୍ୟକ୍ତିଗତ ଭାବରେ ସେମାନେ ଦୋଷୀ କିନ୍ତୁ ସାମୁହିକ ଭାବରେ ଦୋଷ ସମାଜର । ଏତିକି କହିବା ପରେ ସେମାନଙ୍କ ମୁଣ୍ଡଟି ମାନ ଗଣ୍ଡିଠାରୁ ଆଗକୁ ଝୁଙ୍କି ଆସିଲା । ସେମାନେ ଅଧିକ ଉତ୍ସାହିତ ହୋଇ ମୋ କଥା ଶୁଣିବାକୁ ଲାଗିଲେ । ଏଟା ହେଲା ଜୈବ ମନସ୍ତତ୍ତ୍ୱ ବିଜ୍ଞାନ । ଯେଉଁମାନେ ସାହିତ୍ୟ କାଉଚ୍ ହୋଇନାହିଁ ବୋଲି କହୁଛନ୍ତି, ଆଉ ଯେଉଁମାନେ ସଂପୃକ୍ତ ସାହିତ୍ୟିକଙ୍କ ବିରୁଦ୍ଧରେ ବୋଲୁଛନ୍ତି । ସମସ୍ତେ ଏ ବିଜ୍ଞାନ ପାଠଟି ପଢ଼ିଛନ୍ତି । କେହି କେହି ସୁଯୋଗର ସଦୁପଯୋଗ କରି ପାଠଟିକୁ କାମରେ ଲଗାଇଛନ୍ତି ମଧ୍ୟ । ଯେହେତୁ ମନୁଷ୍ୟ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏକ ସାମାଜିକ ପ୍ରାଣୀ, ନିରୁତା ସତ କହିଲେ ବିପଦ । ବିଜ୍ଞାନଟା କାଳ ବିଶେଷରେ ବଦଳି ଯାଇପାରେ ସିନା, ହେବେ ବିଜ୍ଞାନ ମିଛ ତ ହେବନି !

ଏତିକି କହିସାରିଲା ବେଳକୁ ଆମ ଅଫିସର ଏକମାତ୍ର ମହିଳା ସହକର୍ମୀ ପଶି ଆସିଥିଲେ । ଶ୍ରୋତାମାନେ ତାଙ୍କରି ଉପସ୍ଥିତିରେ ଅଣନିଃଶ୍ୱାସୀ ହେବାପରି ଅନୁଭବ କରି ଛତ୍ରଭଙ୍ଗ ଦେଲେ । ସବୁ ନିଜ ନିଜ ସ୍ଥାନରେ ବିରାଜମାନ ହୋଇଗଲେ । ସୁଦର୍ଶନ ଆଉ ମୁଁ କଥାର ପ୍ରସଙ୍ଗ ବଦଳାଇବାକୁ ବାଧ୍ୟ ହୋଇଗଲୁ । ଯେତେହେଲେ ଆମେ ସାମାଜିକ ପ୍ରାଣୀ ନା ! ! !

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବଜୀଉ

କେନ୍ଦ୍ରାପଡ଼ା, ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

ଇମେଲ୍ : dr.srmishra@gmail.com

To read the complete magazine, Download it for FREE from www.aahwaan.com

# ସାହାଡ଼ା ସୁନ୍ଦରୀ



ସରସୀ ଆଚାର୍ଯ୍ୟ

ଅନେକ ଦିନ ପରେ କହିଲେ ଭୁଲ ହେବ, ଅନେକ ବର୍ଷ ପରେ ଏଥର ଗାଁକୁ ଯିବାକୁ ସୁଯୋଗଟିଏ ମିଳିଲା । କାହିଁ କେତେ ଯୁଗ ପରି ଲାଗୁଛି ଗାଁ ମାଟି ମାଡ଼ିନି । ଗାଁରେ ଭଲ ସ୍କୁଲ୍ ଟିଏ ନଥିଲା ବୋଲି ନନା ମୋତେ ମାଇନର ପରେ ଗାଁଠୁ ଦୂର ଏକ ସ୍କୁଲରେ ପଢ଼େଇଲେ । ରହିଲି ଆମ ଦୂର ସମ୍ପର୍କୀୟଙ୍କ ଘରେ । ସ୍କୁଲ ସାରିବା ପରେ ପରେ କଲେଜ ପଢ଼ିଲି ହଷ୍ଟେଲରେ ରହି । ପୂଜା ଛୁଟିରେ ଗାଁକୁ ଆସେ, କିଛି ଦିନ ରହି ପୁଣି ଫେରିଯାଏ ଗାଁ ସ୍ମୃତିକୁ ଜାବୁଡ଼ି ଧରି । ଫେରିଲା ବେଳେ ଗାଁ ମୁଣ୍ଡ ବରଗଛ, ଯୋଉଠି ବସ ରୁହେ ସେଠି ମୋ ନନା ଲୁଚେଇକି ଗାମୁଛାରେ ମୁହଁ ପୋଛି କୁହନ୍ତି ଭାରି ଧୂଳି ଉଡୁଛି ଯେ ଆଖିରେ ପଶିଯାଉଛି । ହେଲେ ମୁଁ ତାଙ୍କ ମନର କଥାକୁ ଠିକ ବୁଝିପାରେ, ଆଦେଖା କୋହକୁ ଖୁବ କଷ୍ଟରେ ଚାପି ରଖନ୍ତି । କଲେଜ ସରୁ ସରୁ ସରକାରୀ ଚାକିରୀଟିଏ ମିଳିଗଲା । ରହିଲି କଟକରେ କ୍ୱାଟରରେ । ବୋଉକୁ କେବେକେବେ ନେଇ ପାଖରେ ରଖେ ଯେ ସେ ଖାଲି ଛାଟିପିଟି ହୁଏ ଗାଁକୁ ଯିବା ବୋଲି । ସତରେ ଗାଁର ମୋହ ହିଁ ସେମିତି । ବାହା ହେଲାପରେ ବୋଉ ଜିଦ କରି ପ୍ରଭାତୀକୁ ମୋ ସହ ସହରକୁ ପଠେଇ ଦେଇଥିଲା । ଏଇ ବାହାନାରେ କି ପୁଅ ଟା ମୋର କେତେଦିନ ଆଉ ହୋଟେଲରେ ଖାଇବ...

To read the complete magazine, Download it for FREE from www.aahwaan.com

ତା'ପରେ ପ୍ରାୟ ଆଉ ଗାଁକୁ ଆସିପାରେନି । ଛୁଆଙ୍କ ପାଠପଢା, ଚାକିରୀରେ ମୁଁ ଯେମିତି ବାନ୍ଧି ହୋଇ ଯାଇଥିଲି । ଛୁଆମାନେ ଛୁଟି ହେଲେ ଜିଦ କରନ୍ତି ଗାଁକୁ ଯିବେ ବୋଲି, ମୁଁ କାମରେ ବ୍ୟସ୍ତ ଥିବାରୁ ପ୍ରଭାତୀ ତାଙ୍କୁ ଧରି ଗାଁରେ ପାଞ୍ଚ ଛଅ ଦିନ ରହି ବୁଲିଆସନ୍ତି । ଗାଁ ସହ ଧିରେ ଧିରେ ମୋହ କଟିଲା ପରି ମନେହୁଏ । ବୋଉ ସବୁଥର ପ୍ରଭାତୀ କାନରେ କହିଥାଏ, ମୋ ପୁଅର ଯତ୍ନ ନେବୁ, ଗାଁକୁ ନ ଆସୁ ନାହିଁ ହେଲେ ଭଲରେ ଥାଉ.. । ଆଜି ମୋ ପୁଅ ବାଙ୍ଗାଲୋରର ଏକ ସଫ୍ଟୱେର କମ୍ପାନୀରେ ଉଚ୍ଚ ପଦବୀରେ । କାମର ବ୍ୟସ୍ତତାରେ ଆମକୁ ଦେଖା କରିବାକୁ ଆସିପାରୁନି । ସମୟ ହିଁ ସେମିତି ହେଇଯାଇଛି । ଅନେକ ଦିନପରେ ସେ ଏବେ ଆସିଛି । ନାତି ଟୋକାକୁ ଦେଖି ଛାତି କୁଣ୍ଢେ ମୋଟ ହୋଇଯାଉଛି । ତାକୁ ଟିକେ ମୋ ଜନ୍ମମାଟି ଦେଖେଇବାକୁ ନେଇଆସିଛି ।

ନନା ବୋଉ ଆଗପଛ ହୋଇ ଚାଲିଗଲେଣି । ଏଠି ଘର ଖଣ୍ଡିକ ଅଛି । ମୁଁ ବି ଆସୁନି ପ୍ରାୟ । ଖୁଡ଼ି ଆଉ ତାଙ୍କ ପିଲାମାନେ ଅଛନ୍ତି ଦେଖାରେଖା କରନ୍ତି । ନାତିକୁ ଗାଁ ବାଡ଼ି ବଗିଚା, ପୁରୁଣା ଆମ୍ବ ତୋଟା (ଯୋଉଠି ଦିନେ ଦିନବେଳା ବି ଯିବାକୁ ଡର ଲାଗୁଥିଲା ) ସବୁ ବୁଲେଇ ଦେଖେଇଲା ବେଳେ ଆଖିରେ ପଡ଼ିଲା ପୋଖରୀକୂଳ ସେ ସାହାଡ଼ା ଗଛଟି ଉପରେ । ତା'ର ଏପରି ଅବସ୍ଥା ଯେ ମୋ ନାତି ଦେଖୁ ଦେଖୁ ଡରିଗଲା, କି ଜେଜେ ମନ୍‌ଷ୍ଟର୍ ! ! ! ଏତେ ବଡ଼ ଗଛଟି ଆଜି ଶୁଖିକି କଳାକାଠ ପଡ଼ି ସତରେ ଏକ ରାକ୍ଷସ ପରି ଦିଶୁଛି ।

ଦିନେ ଏଇ ଗଛ ଆମ ସମସ୍ତଙ୍କର ପ୍ରିୟ ଥିଲା । ଘର ପଛପଟେ ବଡ଼ ପୋଖରୀ ଟିଏ, ମୋ ଜେଜେବାପା କୁଆଡ଼େ ତାଙ୍କ ବୋହୁମାନଙ୍କ ଗାଧୋଇବା ପାଇଁ ଖୋଳିଥିଲେ । ଦୁଇ ପଟେ ସୁନ୍ଦର ପାହାଚ । ଆଗରୁ ଘର ବୋହୁମାନେ କେହି ନ ଉଠୁଣୁ ମୁହଁ ଅନ୍ଧାରରେ ଗାଧୋଉଥିଲେ । ସେଥିପାଇଁ ଏ ପୋଖରୀଟିର ଆବଶ୍ୟକତା ଥିଲା ଢେର ଅଧିକ । ପୋଖରୀ ଚାରିପଟେ ସୁନ୍ଦର ସୁନ୍ଦର ଫୁଲଗଛ ଥିଲା । ସତରେ କେତେ ମନୋରମ ଥିଲା, ଯେ ଦେଖିଚି ସେ ଅନୁଭବ କରିପାରିବ । ଆମେ ଖରାବେଳେ ଛୁଟି ଦିନରେ ମାଛ ଧରୁ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ବନିଶୀରେ, ଜଗି ବସୁ ବଗଟିଏ ପରି । ତୁଠରେ ହେଇଥିବା ସୁନସୁନିଆ ଶାଗ ଗାଧୋଇକି ଫେରିଲା ବେଳେ ବୋଉ ଖୁଡ଼ିମାନେ ଅଣ୍ଟିରେ ନେଇ ଫେରନ୍ତି ପଖାଳ ପାଇଁ । ସେଇ ପୋଖରୀ ତୁଠକୁ ଲାଗି ସାହାଡ଼ା ଗଛଟି, ଝାଙ୍କ ହେଇ ଗହଳ ପତ୍ରରେ ଭର୍ତ୍ତି । ଗାଧୋଇ ଯିବାବେଳେ ସମସ୍ତେ ସେଥିରୁ ଖଣ୍ଡେ ଖଣ୍ଡେ ଭାଙ୍ଗି ନେଉଥିଲେ ଦାନ୍ତ ଘଷିବା ପାଇଁ । ସେଥିରେ ଦାନ୍ତ ଘସିଲେ ଦାନ୍ତ ମଜଭୁତ ରହେ ବୋଲି ଜେଜେମା କୁହେ, ହେଲେ ଆମେ ଛୁଆଙ୍କୁ ପିତା ଲାଗେ । ସେବେ ଜେଜେ କୁହନ୍ତି, "ପିତା ଦେହକୁ ହିତା" । ଘରେ ନୂଆ ବୋହୂ କି ଜ୍ୱାଇଁପୁଅ ଆସିଲେ ସକାଳୁ ଲୋଡ଼ା ପଡ଼େ ସେଇ ସାହାଡ଼ା ଗଛଟି । ହେଲେ ସମସ୍ତଙ୍କର ପ୍ରିୟ ସେ ସାହାଡ଼ା ଗଛଟି ଆମ ପିଲାମାନଙ୍କ ପାଇଁ ଥିଲା 'ଭୁତ' । ଅନ୍ଧାରରେ ତା ଝଙ୍କାଳିଆ ରୂପ ଦେଖି କେତେଥର ଯେ ଡରିଛୁ, ଝଡ଼ାଫୁଙ୍କାରେ ଭଲ ହେଇଛୁ । ଜେଜେମା ବି ଆମେ ନ ଶୋଇଲେ କେତେଥର ସାହାଡ଼ା ସୁନ୍ଦରୀ ଗପ କହିଛି । କେମିତି ରାଜକୁମାରୀଟିଏ ଅଭିଶାପ ପାଇ ସାହାଡ଼ା ଗଛ ହେଇଗଲା, ଆଉ ପ୍ରତି ରାତିରେ ଗଛଟି ପୁଣି ସୁନ୍ଦରୀ ରାଜକୁମାରୀ ହେଇଯାଏ । ଆଃ... ! କେତେ କଷ୍ଟ ତାକୁ ହଉଥିବ । ରାତିରେ ଗପ ଶୁଣି ଶୁଣି ସକାଳୁ ତାକୁ ଦେଖିଲେ ସତରେ ଭାରି ଆଶ୍ଚର୍ଯ୍ୟ ଲାଗେ । ନନା କି କକେଇ ଗାଧୋଇ ଗଲାବେଳେ ଆମେ ତାଙ୍କ ସଂଗେ ଯାଉ । ସେଇ ଗଛର ନୁଆଁଣିଆ ଗଣ୍ଡି ଖଣ୍ଡେ ପାଣିପଖକୁ ଲମ୍ବିଥାଏ, ତାରି ଉପରେ ଖେଳୁ । ଅନ୍ୟ ବଡ଼ ଭାଇମାନେ ତା' ଉପରୁ ପାଣିକୁ ଡିଅଁନ୍ତି, କେତେ ପ୍ରକାର ପହଁରନ୍ତି । ଆମେ କିନ୍ତୁ ତାରି ଉପରେ ବସି ସବୁ ମଜା ନଉ, ତାଳି ମାରୁ । ମୋଟାମୋଟି ସାହାଡ଼ା ଗଛଟି ଥିଲା ଆମ ପରିବାରର ଜଣେ ପରି । ସବୁଥିରେ ସେ ଖୋଜାପଡୁଥିଲା ।

କିନ୍ତୁ ଧୀରେ ଧୀରେ ସମୟ ବଦଳିବା ସହ ସବୁକିଛି ବଦଳିଗଲା । ଜେଜେବାପା ଜେଜେମା ଚାଲିଗଲେ ଆରପାରିକୁ । ପିଲାମାନେ ଆମେ ସବୁ ବାହାରେ ରହି ପଡ଼ିଲୁ, କି ଚାକିରୀ ଖଣ୍ଡେ ଖଣ୍ଡେ କଲୁ ଯେ ସବୁ ରହିଲୁ ସହରରେ । ଯୁଗ ବଦଳିଲାଣି । ବୋହୂମାନେ ଗାଁକୁ ଗଲେ ଆଉ ବାହାରେ ପୋଖରୀରେ ଗାଧୋଇ ପାରୁନାହାନ୍ତି । ଘରେ ତିଆରି ହେଲାଣି ଗାଧୁଆ ଘର । ଆଉ ଖୋଜା ପଡୁନି ସେ ଆଦରର ପୋଖରୀଟି, କି ପୁଣି ସେଇ

To read the complete magazine, Download it for FREE from www.aahwaan.com

ସାହାଡ଼ା ଗଛଟି । ତା ପାଖକୁ କେହି ଗଲେନି, କି କେହି ସକାଳୁ ଦାନ୍ତକାଠି ଭାଙ୍ଗିଲେନି, କି କେହି ତାଉପରେ ବସି ଖେଳିଲେନି, କି କେହି ଶୁଣିଲେନି ତା ଗପ ..... । ସେ ହେଇଗଲା ଅଲୋଡ଼ା ! !

ଆଜି ମୁଁ ତା'ର ଏଇ ଦୃଶ୍ୟ ଦେଖି ମନକୁ ବୁଝେଇ ପାରୁନଥିଲି । ଗଛଟି ମରିଯାଇଛି । ନାହିଁ ତାର ସେ ଗହଳ ଟାଆଁସିଆ ପତ୍ର, ସବୁ ଶୁଖି ଡାଙ୍ଗ । ବିଜୁଳି ମାରି ଜଳିଯାଇଛି ସେ । ରହିଯାଇଛି ଖାଲି ତା'ର ସେ ଶୁଖିଲା କଳା କାଠଗଣ୍ଡିଟି, ହାତ ଗୋଡ଼ ମେଲି ଠିଆ ହେଇଛି । ତାକୁ ଏମିତି ଦେଖି ଭାରି କଷ୍ଟ ଲାଗିଲା, ଝରି ଆସିଲା ଦୁଇ ଧାର ଲୁହ ମୋ ଅଜାଣତରେ । କଣ ବା କହିବି ନାତି ଟୋକାକୁ ତା' ବିଷୟରେ, ସେ ବା କଣ ବୁଝିପାରିବ ମୋର ସେଇ ସ୍ମୃତି ଭରା ଅତୀତକୁ... ! ! ସେସବୁକୁ ପୁଟୁଳି କରି ଫେରି ଆସିଲି ସେଠୁ, ଆଉ ମନେ ମନେ ଝୁରି ହେଲି ମୋ ସାହାଡ଼ା ସୁନ୍ଦରୀକୁ ।

ଖଣ୍ଡଗିରି, ଭୁବନେଶ୍ୱର

ଭ୍ରାମ୍ୟଭାଷ: ୯୪୩୯୧୭୧୫୦୪

To read the complete magazine, Download it for FREE from www.aahwaan.com

# ଥଇଥାନ



ଶୁଭକାନ୍ତ ସାହୁ

ଜେଲ୍ ମଧ୍ୟରେ ଥିବା ଯୁଦ୍ଧବନ୍ଦୀ ମାଓବାଦୀ ଗୁଡ଼ିକ ଅସନ୍ତୋଷରେ କୁହୁଳୁଥିଲେ । "ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ପଷ୍ଟ ନୀତି ନାହିଁ । ବେକାର ବସିଥିବାବେଳେ କୌଣସି ନିଯୁକ୍ତି ସୁଯୋଗ ମିଳିଲାନି ବୋଲି ସେମାନେ ମାଓ ସଂଗଠନରେ ଯୋଗଦେଇଥିଲେ । ସେତେବେଳେ ସରକାର କୌଣସି ଆତ୍ମସର୍ମପଣ କଥା କହୁନଥିଲେ, ଆଉ ଏବେ ଏତେ ବଡ଼ ବଡ଼ ଅପହରଣ ଓ ହତ୍ୟା ପରେ ଆତ୍ମସର୍ମପଣ କଲେ ସର୍ବକ୍ଷମା ସହ ଥଇଥାନ !" ଅନ୍ୟ ମାଓବାଦୀ କହିଲା, "ଆରେ ଯେତେ କଠୋର ମାଓବାଦୀ, ସେତେ ଅଧିକ ସୁବିଧା ।" ହାର୍ଡ଼କୋର୍ ମାଓବାଦୀଙ୍କ ପାଇଁ ପରା ନିର୍ବାଚନରେ ବିଧାୟକ ପଦବୀପାଇଁ ଦଳୀୟ ଟିକେଟର ସଂରକ୍ଷଣ ଗୁଜବ୍ ବି ହେଲାଣି ।" ତୃତୀୟ ମାଓବାଦୀ ଜଣକ କହିଲା, "ଆରେ ସେତେବେଳେ ତ ଆମକୁ କେବଳ ଚେୟାରମ୍ୟାନ୍ କି ଜିଲ୍ଲା ପରିଷଦଟିଏ ଯାଚିଥିଲେ ଆମେ ମୁଖ୍ୟ ସ୍ରୋତକୁ ଫେରି ଆସନ୍ତ ।" ଚତୁର୍ଥ ମାଓବାଦୀ ଜଣକ କହିଲା, "ଏ ସରକାର୍ ଆମକୁ ଧୋକ୍କା ଦେଇଛନ୍ତି ।" ପଞ୍ଚମ ମାଓବାଦୀ ଜଣକ କହିଲା, "ଆମ ପିଠିରେ ମାଓ ମୋହର

To read the complete magazine, Download it for FREE from www.aahwaan.com

ଲାଗିସାରିଛି ଯେତେବେଳେ, ଥଇଥାନ ପାଇଁ ଆମର ମଧ୍ୟ ହକ୍ ଅଛି ।" ଏମାନଙ୍କ କଥା ବିଶ୍ୱସ୍ତ ମଧ୍ୟସ୍ଥି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାନରେ ପଡ଼ିଲା । ଚିନ୍ତିତ ବଦନରେ ମୁଖ୍ୟମନ୍ତ୍ରୀ ମାର୍ଗଦର୍ଶକଙ୍କ ପରାମର୍ଶ ଲୋଡ଼ିଲେ । ମାର୍ଗଦର୍ଶକ ମୃଦୁହାସ୍ୟେ ମଧ୍ୟସ୍ଥିଙ୍କ ଉଦ୍ଦେଶ୍ୟରେ କହିଲେ, "ପ୍ରଥମେ ଜଙ୍ଗଲରେ ଥିବା ମାଓବାଦୀଙ୍କ ଥଇଥାନ ସରୁ । ତା'ପରେ ଜେଲରେ ଥିବା ମାଓବାଦୀମାନେ ଆନ୍ଦୋଳନ କଲେ ସେମାନଙ୍କ ଥଇଥାନ କ'ଣ ନ କରି ରଖିବା ?"

ଗୋପବନ୍ଧୁ ହାଇସ୍କୁଲ୍, ପୋଲସରା, ଗଞ୍ଜାମ

୭୬୧୧୦୫ , ଓଡ଼ିଶା

ଭ୍ରାମ୍ୟଭାଷ : ୯୮୬୧୭୩୨୨୫୬/ ୭୦୦୮୩୯୨୯୪୫

ଇ-ବୁକ୍ ହେଉଛି ଆଗାମୀ ପୀଢ଼ିର ପ୍ରଥମ ପସନ୍ଦ ଏବଂ ଏହାର ଲୋକପ୍ରିୟତା ଅନ୍ୟ ଛପା ପୁସ୍ତକ ତୁଳନାରେ ଅଧିକ । ତେଣୁ ନିଜ ପୁସ୍ତକର ଇ-ବୁକ୍ ପ୍ରସ୍ତୁତ କରି ଅନ୍‌ଲାଇନ୍ ଶେୟାର୍ କରନ୍ତୁ ଏବଂ ଲୋକପ୍ରିୟତା ପାଆନ୍ତୁ ।

ସହାୟତା ପାଇଁ ଆମ ସହ ଯୋଗାଯୋଗ କରି ପାରିବେ ।

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ ଇମେଲ୍ : aahwaan@gmail.com

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଉତ୍କଳଭାରତୀ କୁନ୍ତଳାକୁମାରୀ



ଅଧ୍ୟାପିକା ରଞ୍ଜିତା ପାତ୍ର

ବିପ୍ଲବୀ କବୟିତ୍ରୀ ଉତ୍କଳଭାରତୀ କୁନ୍ତଳାକୁମାରୀ

କୁନ୍ତଳା କୁମାରୀ ଜଣେ ବିପ୍ଲବିନୀ ଥିଲେ । ସେ କାବ୍ୟ କବିତା ମାଧ୍ୟମରେ ବିପ୍ଲବର ଝଙ୍କାର ତୋଳିଛନ୍ତି । ସୁପ୍ତ ଓଡ଼ିଆ ଜାତିକୁ ବାରମ୍ବାର ଉଠାଇବାର ପ୍ରଚେଷ୍ଟା କରିଛନ୍ତି । ତାଙ୍କ ଦ୍ୱାରା ଲିଖିତ ଆଗ୍ନେୟ ବାଣୀ ଦେଶବାସୀଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଛି । ପ୍ରଗତିବାଦୀ କହି ସଚ୍ଚି ରାଉତରାୟ ସେଦିନ ଉତ୍କଳ ଭାରତୀଙ୍କ ପାଇଁ ଗାଇ ଉଠିଥିଲେ;

*ନୁହେଁ ସେ ତ ଖାଲି ନାରୀ, ଖାଲି ମାତା ଅବା କବି,*

*ଜାତୀୟ ସମରେ ସେ ଯେ ସଇନିକ ତୋଳିଛି ଭୈରବୀ ।*

*ଆଗେ ସେ ଧରିଛି ଅସି ପଛେ ସିନା ଧରିଛି ଲେଖନୀ*

*ତେଣୁ ତାର ପ୍ରତିଗାନେ ଥରି ଉଠେ ଦେଶର ଧମନୀ ।*

ଯେଉଁ କବି ଅନ୍ୟାୟ ଓ ଅନୀତି ସହିତ କେବେ ସାଲିସ୍ କରିନାହାନ୍ତି । ତାଙ୍କ ସଂଗୀତରେ କୁନ୍ତଳା କୁମାରୀଙ୍କ ବର୍ଣ୍ଣନା କେବେ ମୂଲ୍ୟହୀନ ହୋଇନପାରେ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କୁନ୍ତଳାକୁମାରୀ ୧୯୦୦ ମସିହାରେ ବସ୍ତର ଜିଲ୍ଲାର ଜଗଦଳପୁରଠାରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ୩୮ ବର୍ଷ ବୟସରେ ଅର୍ଥାର ୧୯୩୮ ମସିହାରେ ଇହଧାମ ତ୍ୟାଗ କରିଥିଲେ । ୩୮ ବର୍ଷର ଜୀବନ କୌଣସି ଲମ୍ବା ଜୀବନ ନଥିଲା । ସେ ଖୁବ୍ ଅଳ୍ପ ବୟସରେ (୧୯୨୧) ଓଡ଼ିଶାର ପ୍ରଥମ ମହିଳା ଡାକ୍ତର ହୋଇ ପାରିଥିଲେ । କେବଳ ସେତିକି ନୁହେଁ, କାବ୍ୟ କବିତା, ଉପନ୍ୟାସ, ପ୍ରବନ୍ଧ, ଆତ୍ମଜୀବନୀ ଏବଂ ବହୁ ଚିଠିପତ୍ର ଲେଖିଛନ୍ତି । ସେ 'ଭାରତୀ ତପୋବନ' ସଂଗଠନ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ବହୁ ଅନୁଷ୍ଠାନରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ୧୯୨୫ ମସିହାରେ 'ମହିଳା ବନ୍ଧୁ ସମିତି' ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲା ।

୧୯୨୨ ମସିହାରେ ତାଙ୍କର ପ୍ରଥମ ପ୍ରକାଶିତ କବିତା 'ତାରାପ୍ରତି' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୁଏ । ପରବର୍ତ୍ତୀ ସମୟରେ ସେ ବହୁ କାବ୍ୟ କବିତା ରଚନା କରିଛନ୍ତି । 'ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା, ଗଡ଼ଜାତ କୃଷକ, ମଣିକାଞ୍ଚନ ଇତ୍ୟାଦି ତାଙ୍କର ଅବଦାନ । ଉପନ୍ୟାସ ରଚନା ମଧ୍ୟରେ ରହିଛି, ଭ୍ରାନ୍ତି, ନଅତୁଣ୍ଡୀ, କାଳିବୋହୂ, ପରଶମଣି, ରଘୁଅରକ୍ଷିତ, ଚିତ୍ରପଟ ଇତ୍ୟାଦି । ତାଙ୍କ ଦ୍ୱାରା ରଚିତ ଦିଲ୍ଲୀଚିଠି, ଆଠ ଭାଗରେ ବିଭକ୍ତ । ଏହା ସମକାଳୀନ ସମୟର ସାମାଜିକ ଓ ରାଜନୈତିକ ତଥା ସାଂସ୍କୃତିକ ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ପ୍ରାବନ୍ଧିକ ଭାବରେ ମଧ୍ୟ ସେ ପ୍ରତିଷ୍ଠା ଓ ଲୋକପ୍ରିୟତା ପାଇଛନ୍ତି ।

କୁନ୍ତଳା କୁମାରୀ ବୃତ୍ତିରେ ଜଣେ ଡାକ୍ତରାଣୀ ଥିଲେ । ମାତ୍ର ସେ ସମାଜ ତଥା ସାହିତ୍ୟ ସେବାରେ ବ୍ରତୀ ହୋଇଥିଲେ । କୁନ୍ତଳାଙ୍କ ସାହିତ୍ୟ ସୃଷ୍ଟିର ସମ୍ଭାର ଦେଶର ପରାଧିନତା କାଳରେ ଥିଲା । ବହୁ ଆନ୍ଦୋଳନ ଓ ବିପ୍ଳବର ସ୍ୱର ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ

To read the complete magazine, Download it for FREE from www.aahwaan.com

କରି ଦେଉଥିଲା । ଠିକ୍ ଏହି ସମୟରେ ତାଙ୍କ ଦ୍ୱାରା ରଚିତ ଆହ୍ୱାନ କବିତା ସଂକଳନ ପ୍ରକାଶିତ ହୋଇଥିଲା । ଆହ୍ୱାନ ପୁସ୍ତିକାର ପ୍ରତ୍ୟେକଟି କବିତା ଦେଶ ପ୍ରେମର ବୈପ୍ଳବିକ ଆହ୍ୱାନରେ ଭରି ରହିଥିଲା । ଦେଶମାତୃକାର ସେବା ପାଇଁ ଉତ୍ସର୍ଗୀକୃତ କବିତା ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଦେଇଥିଲା । ମାତ୍ର ଏହି ପୁସ୍ତକଟି ୧୯୩୦ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା । ବିଦେଶୀ ଅତ୍ୟାଚାର ସଂପର୍କରେ ଜନସାଧାରଣଙ୍କୁ ଜାଗ୍ରତ କରାଇବାରେ ଆହ୍ୱାନ କବିତା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । କୁନ୍ତଳାଙ୍କ ଦେଶ ପ୍ରେମର ଅଗ୍ନିବାଣୀ ଏହି ପୁସ୍ତକରେ ବୈପ୍ଳବିକ ରୂପ ଧାରଣ କରି ପାରିଥିଲା ।

*ସେନାପତି ଆଜି ଦେଇଛନ୍ତି ଡାକ*

*ଉଠ' ଭାରତର ବୀରପୁତ୍ର ଯାକ*

*ଅପୂର୍ବ ଅସହଯୋଗ ରଣାଙ୍ଗନେ*

*ଆଣ୍ଟେ ଆଣ୍ଠା କଷି ପରା ଜଣେ ଜାଣେ ।*

*ଭାରତରେ ଯେତେ ବୀର ଗୁଣମଣି*

*ଚାଲିଆସ ସେନାପତି ଡାକଶୁଣି,*

*ଗାନ୍ଧି ଯୋଗୀବୀର ତୁମର ଅଗ୍ରଣୀ*

*ଶିବ ସ୍ମରି ଉଠ ତରୁଣ ତରୁଣୀ*

To read the complete magazine, Download it for FREE from www.aahwaan.com

X X X X

*ସ୍ୱରାଜ ଆମ୍ଭର ଜନ୍ମ ଅଧିକାର*

*କାମ୍ୟ ସ୍ୱାଧୀନତା ଧ୍ୟେୟ ଶ୍ରେଷ୍ଠସାର ।*

*ସେହି ଅଧିକାର ଲାଭ ହେତୁ ଭାଇ*

*ଚାଲ ଚାଲ ବୀର ଆଗକୁ ଅନାଇ*

*ସାବରମତିରେ ସ୍ୱାରାଜ ସୈନିକ*

*ଉଠ ଭାରତର ଯୁବକ ନିର୍ଭୀକ ।*

*ଉଠ ଭାରତର ବୀରପୁତ୍ର ଯାକ,*

*ସେନାପତି ଆଜି ଦେଇଛନ୍ତି ଡାକ ।*

କୁନ୍ତଳାଙ୍କ ଅଗ୍ନିବାଣୀ ଦେଶବାସୀଙ୍କୁ ଉଠାଇ ଦେଇଥିଲା । ନିର୍ବଳର ଶରୀରରେ ବଳ ଭରି ଦେଇଥିଲା । ଦେଶବାସୀଙ୍କ ଆତ୍ମାରେ ଦେଶ ଓ ଜାତିପ୍ରେମର ବାଣୀ ପହଞ୍ଚାଇ ଦେଇଥିଲେ ଉତ୍କଳ ଭାରତୀ କୁନ୍ତଳା କୁମାରୀ । ବାସ୍ତବରେ ତାଙ୍କ ବୈପ୍ଲବିକ ଆହ୍ୱାନ ଦେଶ ବାସୀଙ୍କ ହୃଦୟକୁ ସ୍ପର୍ଶ କରି ପାରିଥିଲା ।

କୁନ୍ତଳାଙ୍କ ସମକାଳୀନ ସମୟ ଥିଲା ସଂକୀର୍ଣ୍ଣମନା ଓ କୁସଂସ୍କାରପୂର୍ଣ୍ଣ । ସତୀଦାହ, ବାଲ୍ୟବିବାହ, ନାରୀ ଶିକ୍ଷାର ବିରୋଧ ଆଦି ବହୁ କୁସଂସ୍କାରକୁ ସମାଜ ପ୍ରଶ୍ରୟ ଦେଉଥିଲା । ଏପରି ପରିବେଶ ମଧ୍ୟରେ କୁନ୍ତଳା ନିଜକୁ ବୀର ରମଣୀ ରୂପେ ସଜ୍ଜିତ

To read the complete magazine, Download it for FREE from www.aahwaan.com

କରିଥିଲେ । ଦେଶବାସୀଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରାଇ ଗାଇ ଉଠିଥିଲେ;

*"ସ୍ୱରାଜ ଆମର ଜନ୍ମ ଅଧିକାର*

*କାମ୍ୟ ସ୍ୱାଧୀନତା ଧ୍ୟେୟ ଶ୍ରେଷ୍ଠସାର ।*

*ସେହି ଅଧିକାର ଲାଭ ହେତୁ ଭାଇ,*

*ଚାଲ ଚାଲ ବୀରେ ଆଗକୁ ଅନାଇ ।"*

ସ୍ଫୁଲିଙ୍ଗ କବିତାରେ ସମାଜ ରାଜନୀତିର ଚିତ୍ର ସ୍ୱଷ୍ଟ ବାରି ହୋଇ ପଡ଼େ । ଏହା ବ୍ୟତୀତ କୃଷକ ତଥା ସାଧାରଣ ମଣିଷର ଦୁଃଖ ତାଙ୍କ କବିତାରେ ସ୍ଥାନ ପାଇଛି ।

ବାସ୍ତବ ଜୀବନର ମାର୍ମିକ ବକ୍ତବ୍ୟ ତାଙ୍କ କବିତାରେ ପ୍ରତିଫଳିତ ହୋଇଛି । ଲାଞ୍ଛିତ ସମାଜର ଦୁଃଖରେ ସମବେଦନା ଜଣାଇଛନ୍ତି କବୟିତ୍ରୀ ।

*"ଶୁଣ ହେ ମଣିଷ ଭାଇ*

*ଝୁରି ମରିବାକୁ ବୁଡ଼ି ମରିବାକୁ*

*ମଣିଷ ଜନମି ନାହିଁ ।"*

ମଣିଷ ସମାଜରେ ସୃଷ୍ଟି ହୋଇଥିବା ଶୋଷଣ ଓ ଅତ୍ୟାଚାରକୁ ବ୍ୟଙ୍ଗ କରି ଲେଖିଛନ୍ତି;

*"ଅଗାଧ ଐଶ୍ୱର୍ଯ୍ୟ ତବ ମୁଁ ଦୀନ ମୂଲିଆ*

To read the complete magazine, Download it for FREE from www.aahwaan.com

*ତୁମେ ଶୁଭ୍ର ସିଂହାସନେ ମୁଁ ପାଦତଳିଆ ।*

*ମୋର ରକତ ସିନ୍ଧୁ ମନ୍ଥି ଦରପ ମଦରେ*

*ଦୁଇଦିନ ହସୁଥାଅ ଭାସି ଅମୃତରେ ।"*

କାବ୍ୟ, କବିତା ମାଧ୍ୟମରେ ଓଡ଼ିଆ ଜାତିର ପ୍ରାଣରେ ବୀରତ୍ୱର ଅଗ୍ନିଶିଖା ପ୍ରଜ୍ୱଳିତ କରିଛନ୍ତି । ଗୌରବର ଇତିହାସକୁ କବିତା ମାଧ୍ୟମରେ ପ୍ରତିଫଳିତ କରିଛନ୍ତି । ଫଳରେ ଇତିହାସର ଗୌରବାବହ କାହାଣୀ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଛି । ଓଡ଼ିଆ ଜାତିକୁ ପୂର୍ବ ଐତିହ୍ୟ ଶୁଣାଇ ଗାଇ ଉଠିଛନ୍ତି;

*"ଉଠ ହେ ଓଡ଼ିଆ, ଉଠ ହେ ଓଡ଼ିଆ*

*ଉଠ ହେ ଓଡ଼ିଆ ବହନ,*

*ଗାଏ ମହୋଦଧି - ଗାଏ ମହାନଦୀ*

*ଗାଏ କାଠଯୋଡ଼ି ଜୀବନ ।"*

X X X X

*"ଜଡ଼ତା ଆଳସ୍ୟ ଫିଙ୍ଗ ହେ ଦୂରେ*

*ଉଠ ହେ କର୍ମୀ ଉଠ ହେ ଶୂରେ ।*

*ଦେଖ ଅଦୂରେ ଆକାଶ ବକ୍ଷେ*

To read the complete magazine, Download it for FREE from www.aahwaan.com

*ଉଜ୍ଜ୍ୱଳ ତବ ଅତୀତ ସ୍ମୃତି ।"*

(ଅର୍ଚ୍ଚନା)

କେବଳ ସଂଗ୍ରାମ ନୁହେଁ, ଶିକ୍ଷା, ସଂସ୍କାର, ପ୍ରେମ, ଜାତୀୟତାବୋଧ ତାଙ୍କ କବିତାରେ ପ୍ରତିଫଳିତ ହୋଇଛି । ବାସ୍ତବରେ ତାଙ୍କ କୃତକର୍ମର ସୁଗନ୍ଧ ଆଜି ମଧ୍ୟ ଭାସ୍ୱର । ନିଜ ସଂପର୍କରେ ମତ ଦେଇ ସେ ଲେଖିଛନ୍ତି - "ମୁଁ କାହା ସହିତ ଲଢ଼ି ମହାନ ହେବାର ଚିନ୍ତା ଘେନି ଜନ୍ମିନାହିଁ । ମୋର କୌଣସି ସୁଗନ୍ଧ ଥିଲେ ମୁଁ ମହ ମହ ହୋଇ ବାସି ଉଠିବି । ଯେବେ କିଛି ନଥିବ ତେବେ ଅନ୍ଧକାରରେ ଲୀନ ହୋଇଯିବି ।"

ବାସ୍ତବରେ ସେ ଆଜି ଲୀନ ହୋଇନାହାନ୍ତି । ତାଙ୍କ କର୍ମପାଇଁ ସେ ମୃତ୍ୟୁଞ୍ଜୟୀ ହୋଇଛନ୍ତି । ତାଙ୍କ କାବ୍ୟକବିତା, ଉପନ୍ୟାସ ଆଜି ଖୁବ୍ ଲୋକପ୍ରିୟ । ତେଣୁ ସେ ମହମହ ହୋଇ ବାସି ଉଠୁଛନ୍ତି ଏବଂ ଉଠୁଥିବେ ମଧ୍ୟ ।

ଅଧ୍ୟାପିକା, ଓଡ଼ିଆ ବିଭାଗ

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ବାରିପଦା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ରାକ୍ଷୀ



ମୀନାକ୍ଷୀ ଦାଶ

ପ୍ରତିବର୍ଷ ପରି ଆଜି ବି ହୁଏତ ମାନି ପୁଣି ସେଇ ନଦୀ ତୁଠକୁ ଯିବେ ତେଣୁ ବୋଉ ଏଥର ବି ହୁଏତ ମୁଁ ଯାଇପାରିବିନି ନାନୀ ପାଖକୁ ଯାଇ ପାରିବିନି ତାକୁ ମନା କରିଦେବୁ ଆଉ କହିବୁ ମନ ଦୁଃଖ  କରିବନି, ମୁଁ ଯିବା ଯାହା ସୁଶାନ୍ତ ବି ଯିବା ସେଇଆ ତା । ଏହା କହି ଅମିତ ଡିଉଟି ବାହାରିଗଲେ ଆଉ ଏପଟେ ବୋଉଙ୍କ ମୁହଁ ରାଗରେ ନାଲି ମୁଁ କିନ୍ତୁ ଡରୁନି କାରଣ ଏ ତାଙ୍କର ପୁରୁଣା ଅଭ୍ୟାସ ଆଜି ନୁହେଁ ୪ବର୍ଷ ହେଲା ଦେଖି ଆସୁଛି, ପ୍ରଥମେ ପ୍ରଥମେ ମତେ ଭାରି ଡର ଲାଗୁଥିଲା କିନ୍ତୁ ଅମିତ ମତେ ବୁଝେଇଥିଲେ, ବାହାଘର ପ୍ରଥମ ଦିନ ହିଁ ମତେ କୁହାଗଲା ଶାଶୁକୁ ଶାଶୁ ଭଳିଆ ଦେଖିବୁନି ମା ଭାବିବୁ ତେଣୁ ମୁଁ ମୋ ବୋଉକୁ ଥଟାରେ କହିଲା ଭଳି କହିଦେଲି ମା ତମର ତ ସବୁ ଚୁଟି ପାଚିଗଲାଣି ତମେ ମୋ ବୋଉଠୁ ବି ବୟସରେ ବଡ଼ । ତମେ ପୁରା ଟିପିକାଲ ଶାଶୁ ପରି ଲାଗୁଛ । ତମକୁ ମା କେମିତି ଭାବିବି । ମୋ  ଶାଶୁ ପୁଣି ମିସ୍ ହେଇଯିବେ ଯେ .....

To read the complete magazine, Download it for FREE from www.aahwaan.com

ଏହା ଶୁଣି, 'ସେଠାରେ ଥିବା ସବୁ ବନ୍ଧୁବାନ୍ଧବ ମୁହଁରେ ଯାହା ଆସିଲା କହିଗଲେ, ଆଉ ବୋଉ ବି ରାଗରେ ନାଲି ଆଖି ଦେଖେଇ ଚାଲିଗଲେ ଭିତରୁ ମୁଁ ଆଖିରୁ ଲୁହ ଝରେଇ ଝରେଇ କ୍ଲାନ୍ତ ହେଇଗଲିଣି । ଅମିତ ସାଙ୍ଗସାଥିଙ୍କୁ ବିଦାୟ ଦେଇ ଆସିକି ମୋର ଏମିତି ରୂପ ଦେଖି ଚମକି ପଡ଼ିଲେ ଆଉ ମୁଁ ବି ଡେରି ନ କରି ଓଗାଳି ପକେଇଲି ସବୁ ତାଙ୍କ ଆଗରେ । ଅମିତ ଠୋ ଠୋ ହୋଇ ହସି ଚାଲିଲେ ଆଉ ତାଙ୍କ ହସ ଦେଖି ମୁଁ ବୋକୀଟା ପରି ଛିଡ଼ା ହୋଇ ରହିଲି । ଅମିତ ମୋ ପାଖକୁ ଆସି ହାତ ଧରି କୋଳେଇ ପକେଇ କହିଲେ ଆରେ ବୋକୀ ବୋଉ ଜମା ବି ତମ କଥାକୁ ଧରିବନି ସେ ବି ଦିନେ ବୁଝିଯିବେ ତମେ କେଡ଼େ ବଡ଼ ବୋକୀ । ମୁଁ କହିଲି ତମେ କଣ ମତେ ପରିହାସ କରୁଛ ?

ଅମିତ କହିଲେ, ନା ନା ଜମା ନୁହେଁ, ହେଲେ ଆଜି ଗୋଟେ କଥା କହିବି ମନେ ରଖିବ ବୋଉକୁ ବୁଝିବାକୁ ଚେଷ୍ଟା କରିବନି । ତାକୁ ବୁଝେଇବାକୁ ଚେଷ୍ଟା କରିବ, କାରଣ ବୟସରେ ତୁମଠୁ ବଡ଼ ହେଲେ ବି ପିଲାଳିଆମୀ ତାର ବହୁତ ତେଣୁ ତମେ ତାକୁ ନିଜ ଛୁଆ ପରି ଦେଖିବ ଆଉ ତା କଥା କେବେ ଧରିବନି ।

ବାସ ଅମିତଙ୍କ ଏଇ ଗୋଟିଏ କଥା ମୁଁ ଆଜି ଯାଏ ମାନି ଆସିଛି । ସଂସାର କଲେ ବହୁତ କିଛି ସାମ୍ନା କରିବାକୁ ପଡ଼ିବ ଆଉ ନୂଆ ସମ୍ପର୍କକୁ ପୁରୁଣା ହେବାକୁ ସମୟ ନିଶ୍ଚୟ ଲାଗିବ । ଏହା ଭାବି ମୁଁ ଆଉ ବୋଉ ମା'ଝିଅ ସମ୍ପର୍କ ନେଇ ବଢ଼ି ଚାଲିଛୁ ଆଜି ଝିଅ ରାଗିଛି । ମା' ତ ବୁଝେଇବ ନା । ମୁଁ ମା'ଙ୍କ ପାଖକୁ ଚା କପଟିକୁ ନେଇ ଗଲି ଆଉ କହିଲି ବୋଉ ତମେ ଚିନ୍ତା କରନି ମୁଁ ତମ ପୁଅଙ୍କୁ ନିଶ୍ଚୟ ନାନୀଙ୍କ ପାଖକୁ ପଠେଇବି । ବୋଉଙ୍କ ମୁହଁ ସଂଗେ ସଂଗେ ଶୀତଳ ପଡ଼ିଗଲା । ମୁଁ ବି ମୋ କାମ ସାରି ଚାଲିଲି ଅଫିସ ।

To read the complete magazine, Download it for FREE from www.aahwaan.com

ରାତିରେ ଅମିତ ଆସିଲେ । ମୁଁ ତାଙ୍କୁ କହିଲି ଅମିତ ସବୁ ବର୍ଷ ତମକୁ ମନ କରୁଛି ପୁଣି ତମେ କି ସେଇ ଜିଦ କର, ତମର ବି ଗୋଟିଏ ବୋଲି ଭଉଣୀ ତାଙ୍କର ଇଚ୍ଛାକୁ ମୁଁ ବୁଝିପାରୁଛି ।

ଅମିତ - ଆଉ ତମ ଇଚ୍ଛା ମାନି, ତା ଭାଗ୍ୟ ତ ତମଠୁ ଉଚ୍ଚରେ । ୨ଟା ଭାଇ ପାଇଛି ସେ ଆଉ ତମେ ତମର ତ ଗୋଟିଏ ମାତ୍ର ଭାଇ ଆଉ ସେ ବି ତମଠୁ ଆଜି ବହୁତ ଦୂରରେ, ମୁଁ ଦେଖିଚି ପ୍ରତିଦିନ ତୁମେ କେମିତି ନିଆଁରେ ଜଳି ପୋଡ଼ି ନିଜକୁ ବି ଭିତରୁ ଜଳି ଜଳି ଯାଉଛ ଆଉ କେହି ଦେଖନ୍ତୁ କିମ୍ବା ନାଇଁ ସ୍ୱାମୀ ହିସାବରେ ମୁଁ ନିଶ୍ଚୟ ବୁଝିପାରୁଛି । ଏତିକି କହିଲା ବେଳକୁ ମାନିର ଆଖିରେ ଯମୁନା । ମୁଁ ସେ  କଥାକୁ ବୁଲେଇ ଦେଇ ଅଫିସର ଅନ୍ୟ ଆଡୁ କଥା ଆଣି ତାଙ୍କୁ କହିଲି ସେ ହସିଲେ କିନ୍ତୁ ମନରୁ ନୁହେଁ । ମୁଁ ବି ବେଶ ଜାଣିଚି ଆଜି ତାଙ୍କୁ ନିଦ ହବନି ରାତି  ସାରା । ଅପେକ୍ଷା ଯଦି ଅଛି ଖାଲି ସେ ଦିନକୁ ରାକ୍ଷୀ ।

ପ୍ରତିବର୍ଷେ ରାକ୍ଷୀ ସମସ୍ତଙ୍କ ଧୁମଧାମରେ ପାଳନହୁଏ । କୌଣସି ଜାତି, ଧର୍ମ କିମ୍ବା ରଙ୍ଗର ପର୍ବ ନୁହେଁ । ଭାଇଭଉଣୀଙ୍କ ଅତୁଟପ୍ରେମର ସମ୍ପର୍କ ଏ ରାକ୍ଷୀ ସମ୍ପର୍କ, ଏମିତି ଏକ ସମ୍ପର୍କ ଯାଉଥିରେ ପ୍ରେମ ଉପରେ ନା କଳଙ୍କ ଥାଏ ନା ଅବିଶ୍ୱାସ । ଏମିତି ଗୋଟେ ବନ୍ଧନ ଯାହା ସାତଜନ୍ମ ପାଇଁ ନୁହେଁ ବରଂ ଗୋଟିଏ ଜନ୍ମରେ ସାତଜନ୍ମର ଖୁସି ଦେବାକୁ ସଂକଳ୍ପ ନିଆଯାଏ । ବାପା ମା ପରେ ଯେଉଁ ସମ୍ପର୍କ ନିସ୍ୱାର୍ଥପରତା ଥାଏ ସେ ହେଉଛି ଭାଇଭଉଣୀର । ମିନାର ପ୍ରେମକୁ ମୁଁ ବୁଝି ପାରିଥିଲି କାରଣ ମୁଁ ବି କାହାର ଭାଇଥିଲି ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ରାତି ପହିଲା ବେଳକୁ ମିତା ରେଡି କାମଦାମ ସାରି ମୁହଁରେ ଖିଲି ଖିଲି ହସ । ଏ ଉଠ ଆଜି ରାକ୍ଷୀ ଆଣିବାକୁ ଯିବାପରା । ତମର ମନେ ନାଇଁ କି ? ମୁଁ ଏକା ଚାଲିଯାନ୍ତି ଯେ ହେଲେ ତମେ ତ ଜାଣିଛ ଏ ବେଶୀ ଗୁଡ଼ାଏ ଜିନିଷ ଦେଖିଲେ ମୁଁ  ଦ୍ୱିବିଧାରେ ପଡ଼ିଯାଏ । ଆଉ ମତେ ମୋ ଜୟ ପାଇଁ ସବୁଠୁ ବେଷ୍ଟ ରାକ୍ଷୀ ଆଣିବାର ଅଛି, ଦୟାକରି ଚାଲ ନା ।

ଅମିତ - ହଁ ବାବା ଜାଣିଛି । ତମକୁ ମୁଁ କଣ ଚିହ୍ନିନି  ? ଏତେ କାହିଁକି ବୁଝାଉଛ ମୁଁ ଏଇ ଗଲି ଆଉ ରେଡ଼ି ହେଇକି ଆସିଲି ।

ମାର୍କେଟରୁ ସବୁ ଦୋକାନ ଅଣ୍ଡାଳି ସବୁଠୁ ବେଷ୍ଟ ରାକ୍ଷୀ, ମିଠା ଆଉ ଉପହାର ଏମିତି ଅନେକ କିଛି ଆଣିବାରୁ ଘରେ ଆସୁ ଆସୁ ବିଳମ୍ବ ହେଲା । ବୋଉ ରାଗି ନଥିଲେ କାରଣ ମାନି ମୋ ସହିତ ଥିଲେ । ରାତିସାରା ମାନିଙ୍କ ଆଖିରେ ନିଦ ନାଇଁ କାରଣ କାଲି ପୁଣି ବର୍ଷେପରେ ସେ ତାଙ୍କ ଭାଇଙ୍କ ସଙ୍ଗରେ ଦେଖାହେବେ । ସେଇ ନଦୀ  କୂଳରେ ଭାଇଭଉଣୀଙ୍କ ମିଳନ ହେବ ଅତୁଟ ମିଳନ । ମୁଁ ବି ଉତ୍ସୁକ ଥାଏ ଦି ଜଣକ ଆନ୍ତରିକତା ଦେଖିକି ମୋ ଆଖିରେ ବି ଲୁହ ଝଲକ ଆସିଯାଏ । କେବେ ଜୟକୁ ଆଖିରେ ଦେଖିନି ଖାଲି ଯାହା ମାନିଙ୍କ ଠାରୁ ଶୁଣିବା କଥା କାରଣ ମୁଁ ମାନିଙ୍କୁ ନେଇ ନଦୀ କୂଳରେ ଛାଡ଼ିଦିଏ ଆଉ ଚାଲି ଆସେ ଦୂରକୁ କାରଣ ସେ ଯେଉଁ ଆଖିରେ ଜୟଙ୍କୁ ଦେଖିପାରନ୍ତି ମୁଁ ସେ ଆଖି ପାଇନି ବୋଧହୁଏ କେମିତି ବି  ଭାଇ ଭଉଣୀଙ୍କ ଭିତରେ ମୁଁ କି ଅଡୁଆ କରିବି । ବର୍ଷକୁ ଥରେ ତ ଖାଲି ମତେ ଏକା ଛାଡ଼ିବାକୁ  ସୁଯୋଗ ମିଳେ । କାରଣ ମାନିଙ୍କୁ ଦେଖିଯିବା ସମୟରେ ତାଙ୍କର ଏଇ ଗୋଟିଏ କଣ୍ଡିସନ ଥିଲା ତାଙ୍କୁ ରାକ୍ଷୀଦିନ ବେଦବ୍ୟାସ ନଈକୂଳକୁ ଏକା ଯିବାକୁ ଦେବାରଆଉ ରାକ୍ଷୀ ବାନ୍ଧିବାକୁ ଅନୁମତିରେ ମୋର ଆପତ୍ତି ନଥିଲା । କିନ୍ତୁ ନଈ କୁ ରାକ୍ଷୀ ମୁଁ କିଛି ବୁଝି ପାରିନଥିଲି କିନ୍ତୁ ପ୍ରଶ୍ନ ବି କରିନଥିଲି କାରଣ ମାନିଙ୍କୁ ପ୍ରଥମ ଥରର

To read the complete magazine, Download it for FREE from www.aahwaan.com

ଦେଖି ମୋ ହୃଦୟରେ କିଛି ଅନୁଭବ ହେଲା । ଆଉ ତାହା ବିଶ୍ୱାସ ଥିଲା । ମୁଁ ଚୁପଚାପ ମାନି ଙ୍କୁ ଛାଡ଼ି ଚାଲିଆସିଲି ଆଉ ସେମିତି ତାଙ୍କୁ ଅପେକ୍ଷା କଲି । କାରଣ ତା'ପରେ ମତେ ବହୁତ କିଛି ଶୁଣିବାର ଥିଲା ମାନିଙ୍କ ଠାରୁ । ସଞ୍ଜ ହେଇଯାଇଥାଏ ମାନି ଆସିଲେ ମନ୍ଦିର ବେଢ଼ାରେ ମୁଁ ଶୋଇପଡ଼ିଥାଏ । ମାନି ଆସି ମତେ କୁଣ୍ଢେଇ ପକେଇକି ବହୁତ କାନ୍ଦିଲେ, କିନ୍ତୁ ସବୁ ଥର ସେ ଖୁସି ହେଇଆସନ୍ତି ଏଥର ଲୁହ କିନ୍ତୁ ମୁଁ କିଛି ନ ପଚାରି ଚାଲିଲି ମାନିଙ୍କୁ ସଙ୍ଗରେ ନେଇ । ମାନି ସେମିତି ଚୁପ ଆଉ ନିରବ ୪ ଦିନ ବିତି ଯାଇଥାଏ ମୁଁ ମାନିଙ୍କୁ ପଚାରିଲି ମାନି କଣ ହେଇଚି ମତେ କୁହ । ଘରେ ସବୁ ବ୍ୟସ୍ତ ହେଲେଣି ତମ ଏ ରୂପ ଦେଖିକି । ଅଫିସରୁ ବି ଛୁଟି ନେଇଛ । ଅନ୍ତତଃ ଏତିକି କୁହ ତମ ଭାଇ ଏମିତି କଣ କହିଲେ ଯେ ତମେ ସ୍ଥାଣୁ ପାଲଟି ଯାଇଛ ? ମାନି ନିଜ ନୀରବତା ଖୋଲିଲେ କହିଲେ ଜୟ କହୁଛି ଆଉ ଆସିବନି ସେ ରାକ୍ଷୀ ବାନ୍ଧିବାକୁ । ସେ କାଳେ ବହୁତ କଷ୍ଟପାଉଛି, କିନ୍ତୁ ମତେ ଦେଇଥିବା କଥାକୁ ସେ ଭାଙ୍ଗି ପାରୁନି ତେଣୁ ସେ ଯାଇ ପାରୁନି, ମାନି - ଅମିତ ମୁଁ ବୁଝିପାରୁନି ମୋ ପାଇଁ ସେ କେମିତି କଷ୍ଟ ପାଉଛି ? ତମେ କୁହ କେବେ କେଉଁ ବଡ଼ ଭଉଣୀ ତା ସାନ ଭାଇକୁ କଷ୍ଟ ଦେଇପାରେ ? ଆରେ ଛୋଟଟି ବେଳୁ ବୋଉପରି ତାକୁ ଗେହ୍ଲାବସର କରିଛି । ନିଜ ମମତାରେ ତାକୁ ବାନ୍ଧିରଖିଛି । ବାପା କିଛି ଆଣିଲେ ନିଜେ ନ ଖାଇ ତାକୁ ଦେଇଛି । ତା ଭଲ ମନ୍ଦ ସବୁ କଥାରେ ତା ସଙ୍ଗରେ ଛିଡ଼ା ହୋଇଛି । ସେ କହୁଛି ଛାଡ଼ିଦେବ କେମିତି, ଜାଣିଚି ସେ ମତେ ଚିଡ଼ଉଛି । ଘରେ ବାପାବୋଉ ମୁଁ ଆଉ ଜୟ ଛୋଟିଆ ସଂସାର । ଅନେକ ପୂଜାକରି ବୋଉ ଜୟକୁ ପାଇଥିଲା । ମୋ'ଠୁ ୯ ବର୍ଷ ସାନ ସେଇ । ହେଲେ କେବେ ବି ଭାଇଭଉଣୀ ଭଳି ବଦମାସ କରିବା ଛାଡ଼ିନୁ । ସବୁ କଥା ଆଗେ ସେ ମତେ ଆସି କହେ ଆଉ ଜାଣିଛ ଅମିତ ରାକ୍ଷୀଦିନ ସେ ବଦମାସ ବାପାଙ୍କ

To read the complete magazine, Download it for FREE from www.aahwaan.com

ପକେଟରୁ ଟଙ୍କା ନେଇ ମୋ ପାଇଁ ଗିଫ୍ଟ ଆଣେ । ସାମନରେ ମୁଁ ଖୁସି ଜାହିର କରେନି କିନ୍ତୁ ମନ ମୋର  ଖୁସିରେ କାନ୍ଦୁଥାଏ । ତା କଲେଜର ସବୁ ଘଟଣା ଓ ମୁଁ ମୋ ସାଙ୍ଗ ମାନଙ୍କ ସବୁ ଦୁଷ୍ଟାମୀ କଥା ହେଉ । ବେଳେ ବେଳେ ମୋ ଆଖି ଲୁହ ଦେଖି ସେ ବାପାଙ୍କ ପରି ମତେ ବୁଝାଏ ଧୈର୍ଯ୍ୟଦିଏ । ଆଉ ଆଜି କହୁଛି  କଣ ନା ଚାଲିଯିବ ? ମୋତେ କିଏ ବୁଝେଇବ ? ସେଦିନ ବି ମୁଁ ବାପାଙ୍କ  ଅନୁମତି ବିନା ତାକୁ ଯିବାକୁ ଦେଲି କିନ୍ତୁ ତା ବଦମାସୀ ତାକୁ ଘରଠାରୁ ଅନେକ ଦୂରକୁ ନେଇଗଲା ଆଜି ଯାଏ ସେଇ ଦୁଃଖ ମୋ ମନରୁ ଯାଇନି, ବୋଉ ବାହୁନି ବାହୁନି ରୋଗୀଣା ହେଇଗଲାଣି ବାପା ବାହାରୁ ପାହାଡ଼ ସାଜି ଭିତରୁ ଚୁରମାର୍ ହୋଇଗଲେଣି । ସବୁ ମୋ ପାଇଁ, ଭାବେ ବେଳେବେଳେ ହୁଏତ ସେଦିନ ମୁଁ ତାକୁ ଯିବାକୁ ନ ଦେଇଥିଲେ ଆଜି ସେ ଘରେ ଥାଆନ୍ତା । ଆମ ପାଖରେ ଥାଆନ୍ତା । ମତେ ଏମିତି ଲୁଚିଲୁଚି ତାକୁ ଦେଖା କରିବାକୁ ଯିବାକୁ ପଡ଼ିନଥାନ୍ତା । ଘରୁ ଦୂରେଇ ଯାଇଛି ମୋ ଠୁ ବି  ଦୂରେଇଯିବ ଯଦି ସେ କେମିତି ରହିବ । ମୁଁ ଜାଣିଚି ଘରେ କେହି ବି ବିଶ୍ୱାସ କରୁନାହାନ୍ତି ଜୟ ଅଛି ବୋଲି । ତମେ ତ ଜାଣିଛ ସେ ଅଛି ତମେ ବୁଝାଅ ତାକୁ । ଲୋକ ମତେ ପାଗଳୀ ଭାବୁଛନ୍ତି । କିନ୍ତୁ ମୁଁ ହିଁ ଜାଣିଚି କିଛି ସମ୍ପର୍କ ଦୁନିଆ ଆଗରେ ଦୁରେଇ ଗଲା ଭଳି ଲାଗିଲେ ମଧ୍ୟ ମନରୁ ଦୂରେଇ ନଥାଏ । ତା'ପାଇଁ ଦୁନିଆ ମତେ ପାଗଳୀ କହୁ କି ବୋକୀ ମୁଁ ରାଜିଅଛି କାରଣ ମୁଁ ଜାଣିଚି ମୋ ଭଲପାଇବା ଥିଲା ରହିଥିବ ସବୁଦିନ ପାଇଁ,...

ଅମିତ - ସେମିତି ନିରବ ଥାଏ, କାରଣ ସେ ବି ଜାଣିଚି ମାନି ନଈ ତୁଠରେ କଥା ହେବା ସମୟରେ ତାଙ୍କୁ ମାନି ବ୍ୟତୀତ କେହି ଦେଖା ଯାଆନ୍ତି ନାହିଁ, କିନ୍ତୁ ମାନିଙ୍କ ବିଶ୍ୱାସରେ ମୋର ବିଶ୍ୱାସ ଅଛି । ଜୟ +୨  ପରୀକ୍ଷା ସାରି ଛୁଟିରେ ବୁଲାବୁଲି କରୁଥାଏ, ସେଇ ସମୟରେ ଜୟ ଆଉ ତାର କିଛି ସାଙ୍ଗ ମିଶି ଯାଇଥାନ୍ତି ବେଦବ୍ୟାସ ଯାଇ ପାଣିରେ

To read the complete magazine, Download it for FREE from www.aahwaan.com

ଖେଳୁ ଖେଳୁ ଭଉଁରୀ ଟାଣିନିଏ ଅମିତକୁ । ବାକି ୩ ଜଣ ଉଦ୍ଧାର କରନ୍ତି ପୋଲିସ ମାନେ କିନ୍ତୁ ଅମିତ ଆଉ ଫେରିଲାନି । ଘରେ ଏ ଖବର ପାଇ ସବୁ ଧାଇଁଥିଲେ କିନ୍ତୁ ମାନି ଜାଣିଥିଲେ ତାଙ୍କ ଭାଇ ନିଶ୍ଚୟ ଆସିବ କାରଣ ଜୟ ତାଙ୍କୁ କଥା ଦେଇଥିଲା ରାକ୍ଷୀରେ ସେ ନିଶ୍ଚୟ ତା ହାତରେ  ରାକ୍ଷୀ ପିନ୍ଧିବ । ସେ ବି ମାନି ହାତରୁ ତେଣିକି ସେ ଯେଉଁଠି ଥାଉ ଯୁଆଡ଼େ ଯାଉ... ଆଉ ଆଜି ୪ବର୍ଷ  ହେଲା ମାନି ଠିକ ସେଇ ଘାଟକୁ ରାକ୍ଷୀ ନେଇଯାନ୍ତି । କଥା ହୁଅନ୍ତି ରାକ୍ଷୀ ବାନ୍ଧନ୍ତି । ଅନେକ ପ୍ରେମ ଦିଅନ୍ତି କାରଣ ସେ ତାଙ୍କ ଭାଇ ନୁହେଁ ସନ୍ତାନ ଥିଲା । ଆଉ ଜୟ ପାଇଁ ମାନି ତ ଜୀବନ, ଜୟର ଶରୀର ତାକୁ ଛାଡ଼ି ଦେଇଥିଲା ସିନା କିନ୍ତୁ ତା ଆତ୍ମା ଯାଇ ପାରିନଥିଲା କାରଣ ତା ଜୀବନ ମାନୀ ଥିଲା ।

ମୁଁ ଜାଣିନି ଜୟ ଅଛନ୍ତି ନା ନାହାନ୍ତି କିନ୍ତୁ ଆଜିକୁ ୧୫ବର୍ଷ ହେଇଗଲାଣି ମାନୀ ସେମିତି ପ୍ରତ୍ୟେକ ରାକ୍ଷୀରେ ଯାଆନ୍ତି । ଏଭଳି ପ୍ରେମ ବିରଳ ଯାହା ସାଧାରଣ  ମନୁଷ୍ୟ ହୋଇ ଆମେ ବୁଝିପାରିବାନି, କିନ୍ତୁ ମୁଁ ବି ନାନୀ ଘରକୁ ରାକ୍ଷୀ ବାନ୍ଧିବାକୁ ଗଲି କାରଣ ସେ ସମ୍ପର୍କ ଆଉ ତାହାର ଆନ୍ତରିକତା କେବଳ ଜଣେ ଭାଇଭଉଣୀ ହିଁ ବୁଝିପାରିବେ । ଯେଉଁଟା ମତେ ମାନି ବୁଝେଇଥିଲେ କୌଣସି ବି ସମ୍ପର୍କ ବିନା ପ୍ରେମରେ ଅସମ୍ପୂର୍ଣ୍ଣ । ରାକ୍ଷୀ ତ କେବଳ ବନ୍ଧନ ପବିତ୍ରତାର ପ୍ରେମର ଭଲ ପାଇବାର, ତ୍ୟାଗର ....

ରାଉରକେଲା

To read the complete magazine, Download it for FREE from www.aahwaan.com

# ଇଏ କିନ୍ତୁ ଠିକ୍ ନୁହେଁ



ଅଭିମନ୍ୟୁ ବେହେରା

କଥାରେ କହନ୍ତି ମନ୍ଦିର ମାଳିନୀ ଓଡ଼ିଶା । ପୁରପଲ୍ଲୀଠାରୁ ଆରମ୍ଭ କରି ବଜାର ସହର ନଗର ସର୍ବତ୍ର ବିଦ୍ୟମାନ ମନ୍ଦିର । ହିନ୍ଦୁ ସମାଜରେ ମନ୍ଦିର ଏକ ବିଶିଷ୍ଟ ଅଙ୍ଗ । ଯେଉଁଠି ଆତ୍ମାରୂପୀ ମଣିଷ ପରମାତ୍ମାର ସତ୍ତାକୁ ଅନୁଭବ କରିଥାଏ । ଯେଉଁଠି ଘଡ଼ିଏ ବସିପଡ଼ିଲେ ମନରେ ଅନେକ ଶାନ୍ତି ଆସିଥାଏ । କର୍ମକ୍ଳାନ୍ତ ଶରୀର ସହିତ ଭାରାକ୍ରାନ୍ତ ମନକୁ କେତେ ଆରାମ ମିଳିଥାଏ । ପୁଣି ଯେଉଁଠି ପ୍ରତିଫଳିତ ହୁଏ ନୈତିକତାର ପ୍ରତିଛବି । ମାତ୍ର ଏହି ନୈତିକତା ଭିତରେ ମନ୍ଦିର ଭଳି ପବିତ୍ର ପୀଠରେ ଅନେକ ଅନୈତିକତା ଦେଖିବାକୁ ମିଳିଥାଏ । କହିଲେ କୂଳକୁଟୁମ୍ବଙ୍କୁ ଲାଜ, ନ କହିଲେ କୂଳ ଭାସି ଯାଉଛି । ପୁଣି କଥାରେ କହନ୍ତି ଦେଖିଲା ଶିଖିଲା କହିବି ନା ଅଙ୍ଗେ ନିଭା କଥା କହିବି । ମଣିଷର ମନ ଆଉ ଲୋଭ ଉପରେ କାହାର କେତେଦୂର ଆୟତ୍ତ ଅଛି ସେ କଥା ସିଏ ଏକା ଜାଣିଛି । ତଥାପି ମଣିଷ ମନରେ ଭକ୍ତିଭାବ ନେଇ ମନ୍ଦିରକୁ ଯାଏ । ନିଶ୍ଚିତ ତାହା ସର୍ତ୍ତମୂଳକ ବା ନିଃସର୍ତ୍ତମୂଳକ ହୋଇଥାଏ । ବିଚାର କଲେ ଦେଖାଯାଏ ଅଧିକାଂଶ କ୍ଷେତ୍ରରେ ସର୍ତ୍ତମୂଳକ

To read the complete magazine, Download it for FREE from www.aahwaan.com

ଭକ୍ତି ବେଶୀମାତ୍ରାରେ ଦେଖାଯାଏ । ଏଇ ଯେମିତି - ମା ତାରିଣୀ ମୋ ପୁଅର ଚାକିରୀ ହୋଇଗଲେ ମୁଁ ଶହେ ଆଠଟି ନଡ଼ିଆ ଦେବି, ମୋ ଝିଅର ବାହାଘର ହୋଇଗଲେ ମୁଁ ସୁନା ଟିକିଲି ଦେବି, ମୁଁ ଯେଉଁ କାମରେ ଯାଉଛି ଯଦି ତାହା ସଫଳ ହୁଏ ପ୍ରଭୁ ଭୋଳାନାଥ ମୁଁ ଷୋହଳ ସୋମବାର କରିବି, ପାଞ୍ଚ ପଚିଶି ବ୍ରାହ୍ମଣ ଖୋଇବି, ମୋର ଏଇ ଲୋନ୍‌ଟା ହୋଇଗଲେ ମୁଁ ଶହେ ନଡ଼ିଆ ପିଟିବି, ମୋ ପୁଅ ପରୀକ୍ଷାରେ ବେଶୀ ନମ୍ବର ରଖି ପାସ କଲେ ମୋ ମନରେ ଯାହା ଅଛି ଦେବି ଇତ୍ୟାଦି କେତେ କଣ ସର୍ତ୍ତ । ଯେଉଁ ଭକ୍ତିରେ କେବଳ କାମନା ବାସନା ଭରିଥାଏ । ନିଷ୍କାମ ଭକ୍ତି ବୋଧହୁଏ ସମାଜରେ ବିରଳ । ଗୀତାର ଉକ୍ତି - କର୍ମଣ୍ୟେ ବାଧିକାରସ୍ତେ... ପ୍ରତି ମଣିଷର ବିଶ୍ୱାସ କେମିତି ଆସୁନି ? କୌଣସି ଫଳ ଆଶା ନ ରଖି କର୍ମ କରିଯିବା, ଫଳ ଭଗବାନ ଅବଶ୍ୟ ଦେବେ । ମହାପୁରୁଷ ବୁଦ୍ଧଙ୍କ ସେହିବାଣୀ - କାମନା ହିଁ ଦୁଃଖର କାରଣ, କାମନାର ବିନାଶରେ ଦୁଃଖର ବିନାଶ । ସବୁ କଥା ମଣିଷ ଜାଣି ସୁଦ୍ଧା ପାର୍ଥିବ ସୁଖ ସମ୍ପତ୍ତି ଆଡ଼କୁ ତାର ଗତି ! କିଏ ବୁଝୁଛି ସନ୍ଥକବି ଭୀମଭୋଇଙ୍କର ସେ ଭକ୍ତିରସ ଗାଥା - କର ନିଷ୍କାମ ଭକତି ହେ... କାମ, କ୍ରୋଧ, ଲୋଭ, ମୋହ... ଭଳି ଷଡ଼ରିପୁ ଅର୍ଥାତ ଛଅଟି ଅନ୍ତଃ ଶତ୍ରୁ କବଳିତ ହୋଇ ମଧ୍ୟ ସଦାସର୍ବଦା ସେ ସବୁରୁ ନିଜକୁ ମୁକ୍ତ ରଖିବାକୁ ମଣିଷ ଚେଷ୍ଟା କରିବା ଉଚିତ । ଏଥିରେ ସମାଜର ଅନେକ କଲ୍ୟାଣ ସାଧିତ ହୋଇପାରିବ । ସେ ଯାହା ହେଉ ରକ୍ତ ମାଂସ ଗଢ଼ା ଶରୀର ମୋର, ମୁଁ ବା କେମିତି ସେ ଲୋଭ ମୋହରୁ ମୁକ୍ତ ହୋଇଥାନ୍ତି । ମନରେ କିଛି ସର୍ତ୍ତମୂଳକ ଭକ୍ତି ନେଇ ମନ୍ଦିରକୁ ଯାଇଥିଲି ।

କୌଣସି ଶୁଭ କାମର ଶୁଭାରମ୍ଭ ପୂର୍ବରୁ ବା କୌଣସି କାମର ସଫଳତା ପାଇବା ପୂର୍ବରୁ ଆମେ ଭଗବାନଙ୍କ ଆଶୀଷ କରୁଣା ଭିକ୍ଷା କରିଥାଉ । ଅନେକ ଆଶା ଓ ବିଶ୍ୱାସକୁ ମନରେ ଜାବୁଡ଼ି ଧରି ମନ୍ଦିର ଭିତରେ ପ୍ରବେଶ କଲି । ହାତରେ ମୋର ଭୋଗଡାଲାରେ

To read the complete magazine, Download it for FREE from www.aahwaan.com

ଧୂପ, ଦୀପ, ଫୁଲ, ଫଳ, ନୈବେଦ୍ୟରେ ଭର୍ତ୍ତି ଏକ ଶୁଦ୍ଧପୂତ ପବିତ୍ର ମନ । ମନ୍ଦିରର ଗୋଟିଏ ପରିସରରେ ପୂଜା ପାଉଛନ୍ତି ତିନି ଠାକୁର । ଦେବ ଦେବ ମହାଦେବ, ସଙ୍କଟ ମୋଚନ ଜୟ ବୀର ହନୁମାନ ଏବଂ ପ୍ରଭୁ ଶ୍ରୀ ରାମ । ପ୍ରଥମେ ମହାଦେବଙ୍କର, ତା'ପରେ ହନୁମାନଙ୍କର ପୂଜାର୍ଚ୍ଚନା ସରିଲା ପରେ ଶେଷରେ ପହଞ୍ଚିଲି ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ । ଏ ପର୍ଯ୍ୟନ୍ତ ସବୁ ପ୍ରାୟ ଠିକ୍ ଠାକ୍ ଥିଲା । ଏଇଠି ଆସିଲା ଗୋଟିଏ ଅସ୍ୱସ୍ତିକର ପରିସ୍ଥିତି । ଶ୍ରୀରାମଙ୍କ ପୂଜାରୀ ନନା ମୋ ହାତରୁ ଭୋଗଡାଲା ଗ୍ରହଣ କରି ଯଥାବିଧି ପୂଜା ଆରମ୍ଭ କଲେ । କହି ରଖୁଛି, ନନାଙ୍କ ବୟସ ସେତେ ବେଶୀ ନଥିଲା । ଯଦିବା ତାଙ୍କର କୌଣସି ମନ୍ତ୍ର ସ୍ପଷ୍ଟ ଶୁଭୁନଥିଲା । ସେ ଯାହା ହେଉ କଥାରେ କହନ୍ତି କିଛି ନ ଜାଣିଲେ ବି କୁଳଶ୍ରେଷ୍ଠ, ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ ପାଣି ଟିକେ ଛିଞ୍ଚିଦେଲେ ବି ତାହା ପବିତ୍ର । ଏଇ ଯେମିତି ତାଙ୍କ ମୁଖରୁ ନିଃସୃତ ଅପବିତ୍ର ପବିତ୍ର ବାସ... ମନ୍ତ୍ରରୁ ଜଣାପଡୁଥିଲା । ଏବେ କର୍ପୂର ଆଳତୀ ସମୟ, ପୂଜାରୀ ନନା ଘଣ୍ଟି ବଜାଇ ମନ୍ତ୍ରରେ ଆଳତି ଆରମ୍ଭ କରିଦେଲେ । ଏହି ସମୟରେ ନନାଙ୍କ ମୋବାଇଲ୍ ବାଜି ଉଠିଲା । ନନାଙ୍କ ଅଣ୍ଟାରେ ଥିବା ମୋବାଇଲ୍ ସ୍ପଷ୍ଟ ଦେଖାଯାଉଥିଲା । ମୋବାଇଲର ରିଂଟୋନ୍ କହୁଥିଲା, ସବୁ ଛାଡ଼ ଆଗ ମୋତେ ଧର । ପ୍ରଥମେ ମୋ କଥା ଶୁଣ । ନନା ଏଥର ଥପ କରିଦେଲେ ଘଣ୍ଟି ବଜାଇବା । ଅନ୍ୟ ହାତରେ ଥିବା ଆଳତୀ ଦୀପଟିକୁ ତଳେ ଥୋଇଦେଲେ । କିଛି ସମୟ ଫୋନରେ କଥା ହେବା ପରେ ପୁଣି ପୂର୍ବପରି ପୂଜା ଆରମ୍ଭ କଲେ । ଅବଶ୍ୟ ନନାଙ୍କର ଏଠି କିଛି ଦୋଷ ନାହିଁ । ଅଣ୍ଟାରେ ଧୋତି ଭିତରେ ମୋବାଇଲ୍ ଥିଲା । ସେ କଣ ଜାଣିଥିଲେ ଏହି ସମୟରେ ଫୋନ ଆସିବ ବୋଲି । ଯା ହେଉ ନନା କିନ୍ତୁ ଭାରି ଚାଲାଖ । ପୂଜା ହୁଏତ କିଛି ସମୟ ପାଇଁ ବନ୍ଦ ହେଲା । ନନାଙ୍କ ମୋବାଇଲ୍ ରିଂଟୋନ୍ କିନ୍ତୁ ହନୁମାନ ଚାଳିଶାର ଅଂଶ ଥିଲା । ଅବଶ୍ୟ ଏଥିରେ ମନ୍ଦିରର ଭକ୍ତିପୂତ ପରିବେଶ ବୋଧହୁଏ ନଷ୍ଟ ହେଉନଥିଲା । ମାତ୍ର ନୈତିକତା

To read the complete magazine, Download it for FREE from www.aahwaan.com

ଦୃଷ୍ଟିକୋଣରୁ ଯେତେବେଳେ ଅନେକ ଜାଗାରେ ମୋବାଇଲର ବ୍ୟବହାରକୁ ବନ୍ଦ କରାଯାଇଛି, ସେପରି ସ୍ଥଳରେ ମନ୍ଦିରରେ ପୂଜା ସମୟରେ ମୋବାଇଲର ବ୍ୟବହାରକୁ ବନ୍ଦ କରିବା ଉଚିତ ନୁହେଁ କି ?

ପବ୍ଲିକ୍ ସ୍କୁଲ୍ ଶିକ୍ଷକ

ସ୍ୱାମ ପାଟଣା, କେନ୍ଦୁଝର

ଭ୍ରାମ୍ୟଭାଷ - ୯୯୩୮୧୭୦୭୯

# ଆପଣ ଜାଣନ୍ତି କି ?

ଆହ୍ୱାନ ଇ-ପତ୍ରିକା ଫେବୃଆରୀ ୨୦୦୬ ମସିହାଠାରୁ ଅଦ୍ୟାବଧି ଅନବରତ ଭାବରେ ପ୍ରତି ମାସରେ ପ୍ରକାଶିତ ହୋଇ ଆସୁଛି । ଏହାର ସମସ୍ତ ପୁରୁଣା ସଂସ୍କରଣ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟରେ ଉପଲବ୍‌ଧ ଅଛି ।

ଭ୍ରାମ୍ୟଭାଷ : ୭୦୦୮୫୭୭୦୮୫ ୱେବ୍‌ସାଇଟ: aahwaan.com

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

# ନଈପାଣି ନଈକୁ ଯା



ସୁବଳ ମହାପାତ୍ର

ସମୟ ୧୦:୩୦ । ପ୍ରଥମ ଶ୍ରେଣୀର ଶ୍ରେଣୀ ଶିକ୍ଷକ ସରୋଜିନୀ ଦେବୀ ପିଲାଙ୍କ ଉପସ୍ଥାନ ଖାତା ଧରି ଶ୍ରେଣୀ ଭିତରକୁ ପଶି ଆସିଲେ ।

ଗୋଟେ ପିଲା ହାତରେ ସିଲଟଟି ଧରି ଉପର ତଳ କରୁଥାଏ । ଆଉ କହୁଥାଏ, "ନଈ ପାଣି ନଈ କି ଯା, ମୋ ସିଲଟ ଶୁଖି ଯା । ବନ୍ଧ ପାଣି ବନ୍ଧକୁ ଯା, ମୋ ସିଲଟ ଶୁଖି ଯା ।" ତା ନାଁ ମକରା ।

ହଠାତ ଗୋଟେ ଶବ୍ଦରେ ସରୋଜିନୀ ଦେବୀ ଚମକି ପଡ଼ିଲେ । ସିଲଟ ଟି ମକରା ହାତରୁ ଖସି ଯାଇ କିଛି ଦୂରରେ ପଡ଼ି ଭାଙ୍ଗି ଯାଇଥାଏ । ଶ୍ରେଣୀରେ ପ୍ରଥମ ହେଉଥିବା ପିଲା ବିଶୁ ମୁଣ୍ଡରେ ସିଲଟ ବାଜି ତା ମୁଣ୍ଡରୁ ରକ୍ତ ବୋହୁଥାଏ ।

ଶ୍ରେଣୀର ସବୁ ପିଲା ଚୁପ ହୋଇ ଯାଇଥାନ୍ତି । ବିଶୁ ମୁଣ୍ଡରେ ହାତ ଥାପି କାନ୍ଦୁଥାଏ । ରକ୍ତରେ ତା ଧଳା ସାର୍ଟଟି ଭିଜି ଯାଇଥାଏ । ପାଖରେ ବସିଥିବା କିଛି ପିଲାଙ୍କ ବହି ବସ୍ତାନୀ ଓ ସାର୍ଟରେ ବି ରକ୍ତ ଲାଗିଥାଏ । ସରୋଜିନୀ

To read the complete magazine, Download it for FREE from www.aahwaan.com

ଦେବୀ କଣ କରିବେ ଭାବୁ ଭାବୁ ପ୍ରଥମେ ବିଶୁକୁ ପ୍ରଧାନ ଶିକ୍ଷକଙ୍କ ପାଖକୁ ନେଇ ବ୍ୟାଣ୍ଡେଜ୍ କଲେ ।

ଶ୍ରେଣୀକୁ ଫେରି ଦେଖିଲେ ମକରା ସେଇମିତି କାକୁସ୍ଥ ହୋଇ ଠିଆ ହୋଇଥାଏ । ମୁହଁରେ ତା'ର ଭୟ । ଆଖିରେ ଭୟ ମିଶା ଚାହାଣି । ଲୁହ ଅନବରତ ବୋହି ଚାଲିଥାଏ । ପୁରା ଡରି ଯାଇଥାଏ ସେ । ସରୋଜିନୀ ଦେବୀ ଭାବିଲେ, ସେ ବୋଧେ ମାଡ଼ ଖାଇବ ବୋଲି ଡରି ଯାଇଛି । ମୁଣ୍ଡକୁ ତାର ଆଉଁସି ଦେଇ ବସିବାକୁ କହିଲେ ।

ବିଶୁ, ସ୍କୁଲ ପ୍ରେସିଡ଼େଣ୍ଟଙ୍କ ପୁଅ । ପ୍ରେସିଡ଼େଣ୍ଟ ଭାରି ରାଗି । ଟିକେ ଟିକେ କଥାରେ ରାଗିଯାଆନ୍ତି ସେ । ମକରାକୁ କଣ କହିବେ, ଚିନ୍ତାରେ ପଡ଼ିଗଲେ ସେ । ଭାରାକ୍ରାନ୍ତ ମନ ନେଇ ଉପସ୍ଥାନଟି ପକେଇ ସମୟ ହେବା ପୂର୍ବରୁ ଶ୍ରେଣୀରୁ ବାହାରି ଗଲେ ।

ସରୋଜିନୀ ଦେବୀ ଗଲାପରେ ଶ୍ରେଣୀରେ ହୋହଲ୍ଲା ଆରମ୍ଭ ହୋଇଗଲା । ଶ୍ରେଣୀରେ ଥିବା ପିଲାମାନଙ୍କ ଅପେକ୍ଷା ସେ ଗରିବ । ବାପା ରିକ୍ସା ଟାଣି ମକରାକୁ ପାଠ ପଢ଼ାଏ । ମକରା ଗରିବ ରିକ୍ସା ବାଲାର ପୁଅ ହେଲେ ବି ଭଲ ପଢ଼େ । ବିଶୁ ପ୍ରଥମ ହେଲେ ସେ ଦ୍ୱିତୀୟ ହୁଏ । ତେଣୁ ମକରା ଉପରେ ଶ୍ରେଣୀର କିଛି ପିଲାଙ୍କର ରାଗ ଥାଏ । ସେମାନେ ନିଜ ନିଜ ବାପାମା'ଙ୍କ ପାଖରୁ ଗାଳି ମାଡ଼ ଖାଆନ୍ତି ମକରା ପାଇଁ । ରିକ୍ସାବାଲାର ପୁଅ ଭଲ ପଢ଼ିବ ଆଉ ତାଙ୍କ ପୁଅ ତା'ଠୁ ପଛରେ ରହିବ ? ଏକଥା ହଜମ ହୁଏନି ସେମାନଙ୍କୁ ।

ମକରା ଏକା ବସିଥାଏ । ମନରେ ଅନେକ ଭାବନା । ଲୁହ ବୋହୁଥାଏ । ସର ଦିଦି ସିନା କିଛି କହିଲେନି, ପ୍ରଧାନ ସାର ପିଟିବେ । ବିଶୁର ବାପା ବି ପିଟିବେ । ମାଡ଼ ଖାଇବାକୁ ଡର ନଥାଏ, କିନ୍ତୁ କାଲିଠୁ ସେ ସ୍କୁଲରେ ପଢ଼ିବ କେମିତି ? ବହୁତ କହି କହି ବା ଦି'ମାସ

To read the complete magazine, Download it for FREE from www.aahwaan.com

ପରେ ଏ ସିଲଟଟି ଆଣି ଦେଇଥିଲା । ପୁରୁଣା ସିଲଟରେ କିଛି ଦେଖା ଯାଏନି, ଖଡ଼ି ଚାଲେନି ସେଥିରେ । ଏବେ କଣ କରିବ ? ସେ କାନ୍ଦି କାନ୍ଦି ଏବେ ହିକା ଉଠୁଥାଏ ତା'ର ।

ସେପଟେ ବିଶୁକୁ ସେମାନେ ଟିହାଇବାକୁ ଲାଗିଲେ । ଯେମିତି କି ବିଶୁ, ମକରାକୁ ମାଡ଼ ଖୁଆଇବ । ବିଶୁ କିନ୍ତୁ ଅଜାଣତରେ ଏସବୁ ହୋଇଛି ବୋଲି ବୁଝିପାରୁଥାଏ ।

ପିଅନ ଆସି ବିଶୁ ଆଉ ମକରାକୁ ପ୍ରଧାନ ସାର ଡାକୁଛନ୍ତି ବୋଲି କହିଦେଇ ଗଲା । ବିଶୁ ଆଉ ମକରା ଅଫିସକୁ ଗଲେ । ସେଠି, ବିଶୁର ବାପା, ପ୍ରଧାନ ଶିକ୍ଷକ ଓ ସର ଦିଦି ଥାଆନ୍ତି । ପ୍ରଥମେ ମକରାକୁ ପଚରା ଗଲା । ସେ ଡରି ଡରି କହିଲା, "ମୁଁ ସିଲଟ ଶୁଖାଉଥିଲି । ହାତ ରୁ..." । ଆଉ କିଛି କହିବା ପୂର୍ବରୁ, ବିଶୁ ମକରା ମୁହଁରେ ହାତ ଦେଇ ଅଟକେଇ ଦେଲା । ଓ ନିଜେ କହିଲା, "ବାପା, ସେ ସିଲଟ ଶୁଖେଇଲା ବେଳେ ମୁଁ ହାତ ଟେକି ଦେବାରୁ ସିଲଟ ତା ହାତରୁ ଖସିଗଲା ଓ ମୋ ମୁଣ୍ଡରେ ବାଜିଲା । ସିଲଟ ବି ପଡ଼ି ଭାଙ୍ଗିଗଲା । ଏଥିପାଇଁ ମୁଁ ଦୋଷୀ । ମୋ ମୁଣ୍ଡ ତ ଫାଟିଛି, କିନ୍ତୁ ସିଲଟ ନଥିଲେ ସେ ପଢ଼ି ପାରିବନି । ତା ପାଇଁ ସିଲଟ ଟେ ଆଣିଦିଅ । ପ୍ଲିଜ୍ ।"

ଅଫିସରୁ ବାହାରିବା ବେଳେ, ବିଶୁ ଆଉ ମକରା କାନ୍ଧରେ ହାତ ପକେଇ, ନୂଆ ସିଲଟଟି ଧରି ଡେଇଁ ଡେଇଁ ଶ୍ରେଣୀ ଗୃହ ଆଡ଼କୁ ଯାଉଥିବାର ଦେଖି ସରୋଜିନୀ ଦେବୀ କଣ କହିବେ, କିଛି ଭାବିପାରୁନଥିଲେ ।

ତାଙ୍କ ଆଖି କୋଣରେ ଲୁହ ବୁନ୍ଦେ ଚିକମିକ କରୁଥିଲା.....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦ / ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ନଈପାଣି ନଈକୁ ଯା



ପାରମିତା ମିଶ୍ର

କାଲିଠୁ ପିଲାଟାର ଦେହ ଖରାପ, ତାରି ମୁଣ୍ଡରେ ହାତ ବୁଲାଉ ବୁଲାଉ ଲେଖା ସବୁ ବସି ପଢୁଥାଏ । ଭାରି ଇଚ୍ଛା ହେଉ ଥାଏ କିଛି ଲେଖି ଯିବାକୁ, କିନ୍ତୁ ମୁଣ୍ଡରେ କିଛି ପଶୁନଥାଏ । ଏମିତି ଭାବୁ ଭାବୁ ସ୍ୱାମୀ କହିଲେ କଣ ଭୁତ ଦେଖିଲ କି ! କଣ ହେଲା ? ଏମିତି ବସିଛ କାହିଁକି ? ବାସ୍ ମନରେ ଥିବା ନଈ ପାଣି ନଈ କି ଯା କଥା ସହ ଭୁତ ଶବ୍ଦଟି ଶୁଣି ଚଟ କରି ପିଲା ଦିନର ସ୍ମୃତିଟିଏ ମନେ ପଡ଼ିଗଲା ।

ବୟସ ସେତେବେଳେ ସାତ କି ଆଠ ହେବ । ଘରୁ ଦୁଇ ପାହୁଣ୍ଡ ପକେଇଲେ ସ୍କୁଲ । ମାଟି ସିଲଟ, କାଠ ଖଡ଼ିକୁ ଛୋଟିଆ ଝୁଲାରେ ଧରି ସାଙ୍ଗ ମାନେ ଡକାହକା ବାହାରି ପଡୁ ସ୍କୁଲ । କେଡେ ବଢ଼ିଆ ଲାଗେ ସେତେବେଳେ ସ୍କୁଲ । ସଂଗାତ, ମକର ସବୁ ମିଶି ବୋହୁବୋହୁକା, ଲୁଚକାଳି, ବାଡ଼ିଡ଼ିଆଁ ପରି ଆହୁରି ଏମିତି କେତେ କଣ ଖେଳ ଖେଳୁ । ଆଖି ଆଗରେ ଭାସି ଉଠିଲା ପିଲାଦିନର ସେଇ କାଠ ସିଲଟ, ସାଂଗରେ ଗୋଟିଏ ଛୋଟିଆ ବୋତଲ୍‌ରେ କିଛି ପାଣି ନେଇ ବାରମ୍ବାର ତାକୁ ପୋଛି, କାହା ସିଲଟ ଆଗ

To read the complete magazine, Download it for FREE from www.aahwaan.com

ଶୁଖିବ ବୋଲି ସେହି ଗୀତଟି ଗାଉ । ନଇ ପାଣି ନଇକୁ ଯା, ମୋ ସିଲଟ ଶୁଖିଯା । ଗୀତ ସହ ତାଳ ଦେଇ ଝାପ୍ସା ଚେହରାଟିଏ ବି ଦିଶିଗଲା ।

ସନି, ସନ୍ନିକେତ ସାହୁ । ନାଁ ଟା ବହୁତ ଦିନ ପରେ ଧରିବାକୁ ଅଜବ ଲାଗୁଛି । ମୋର ଭଲ ସାଙ୍ଗ ଥିଲା ସନି । ବଡ଼ ଶାନ୍ତ ସ୍ୱଭାବର ପିଲା । ଆମଘରଠୁ ପାଞ୍ଚ ଘର ଛାଡ଼ି ତାଙ୍କ ଘର । ତା ବାପା ହଳ କରନ୍ତି । ଦିନେ ହଠାତ ସେ କୁଆଡ଼େ ଚାଲିଗଲା । ସେଦିନ ସେ ସ୍କୁଲ ଆସିନଥିଲା । ଗାଁରେ ବହୁତ ଥର ପିଲାମାନେ ସ୍କୁଲକୁ ଆସନ୍ତିନି । ସେଦିନ ସନି ସ୍କୁଲ ଆସିନଥିଲା । ସାଧାରଣ କଥା ଭାବି ଆମେ ରହିଗଲୁ ।

ଗାଁ ସ୍କୁଲରେ ପାଠ ପଢ଼ା ସରିବା ପରେ ସେଇ ବାରଣ୍ଡାରେ ଆମର ଟିୟୁସନ୍ ହୁଏ । ସନ୍ଧ୍ୟାରେ ଆମର ଟିୟୁସନ୍ ଚାଲିଥାଏ । ତାର ଘରଲୋକ ସନିକୁ ଖୋଜିବାକୁ ଆସିଲେ । ବାପା ତାର ଚାଷୀ, କ୍ଷେତରୁ ଫେରି ପୁଅକୁ ନ ପାଇ ବ୍ୟସ୍ତ ହୋଇଗଲେ । ସାଙ୍ଗେ ସାଙ୍ଗେ ସାରା ଗାଁରେ ହଇଚଇ ସୃଷ୍ଟି ହେଲା, ଏ କାନରୁ ସେ କାନ ଡେଇଁ ଗାଁ ସାରା ରାଷ୍ଟ୍ର ହୋଇଗଲା । ସମସ୍ତେ ଖୋଜିବାରେ ଲାଗିଗଲେ । ଦିନଟିଏ ଗଡ଼ି ଗଲାଣି । ସନ୍ଧ୍ୟା ହେଲାଣି ଆସି । ସନି ଗଲା କୁଆଡ଼େ ? ଘରେ ନାହିଁ, ସ୍କୁଲ ଆସିନି, ବିଲକୁ ଯାଇନି, ଗଲା ତେବେ କୁଆଡ଼େ? ସାରା ଗାଁ ରେ ଖୋଜାପଡ଼ିଲା । ବନ୍ଧ, ପୋଖରୀ, ଗାଡ଼ିଆ, କ୍ଷେତ, ବିଲ, ମାହାରା ସବୁ ଖୋଜା ହେଲା । କିନ୍ତୁ ସନିର କିଛି ଖବର ନାହିଁ । ଦିନ ଯାଇ ରାତି ହେଲା । ପରଦିନ ସକାଳ । ତା ମା ଭୂଇଁରେ ଗଡ଼ି ଯାଉଥାଏ, ବାପା ମୁଣ୍ଡରେ ହାତ ଦେଇ ବସିଥାଏ ।

ଉଦୁଉଦିଆ ଖରାବେଳ, ଆମେ ସମସ୍ତେ ସ୍କୁଲରେ ଥାଉ । ଗାଁ କୁ ପୋଲିସ ଆସିଲା । ହଠାତ୍ ପୋଲିସକୁ ଦେଖି ଆମେ ସବୁ ଡରି ଶ୍ରେଣୀଗୃହରେ ବସି ରହିଲୁ । ସ୍କୁଲ ଚାରିପଟେ ଖୋଜାପଡ଼ିଲା । ସ୍କୁଲ ପଛପଟେ ଏକ ବଡ଼ କୁଅ । କେହି ସେପାଖକୁ ଯାଆନ୍ତିନି । କିନ୍ତୁ

To read the complete magazine, Download it for FREE from www.aahwaan.com

ସେଇ କୁଅରୁ ବାହାରିଲା ସନିର ପଚା ସଢ଼ା ଶବ । ପୋଲିସ ଆଖି ସାମ୍ନାରେ ତାର ଶବଟିକୁ ନେଇ ଚାଲିଗଲେ । ସେଦିନ ମନରେ, ଦୁଃଖ ଠୁ ବେଶି ଡର ଭରି ରହିଥିଲା । ସ୍କୁଲରେ ସେଦିନ ଆଉ କି ପାଠ ? ଶେଷରେ ସ୍କୁଲ ସରିଲା । ଟିୟୁସନ୍ ଆରମ୍ଭ ହେଲା କିନ୍ତୁ କାହାର ବି ପାଠରେ ଧ୍ୟାନ ନଥିଲା । ଦୁଃଖ ସାଙ୍ଗକୁ ଅଜଣା ଆତଙ୍କ । କେମିତି କଣ ହେଲା କେଜାଣି ବାହାରେ ବସିଥିବା ଏକ ପିଲା ଜୋରରେ ଚିତ୍କାର କଲା, “ମା ଲୋ... ସନି ଭିଡ଼ିନେଲା ଲୋ... ।” ବାସ୍ ତାପରେ ଆମର ଯେଉଁ ଅବସ୍ଥା ତାହା ନିଜେ ଅଙ୍ଗେ ନ ନିଭେଇଲେ ଜାଣି ପାରିବନି । ଗୋଟିଏ ଡିଆଁରେ ସ୍କୁଲ ଗେଟ ବାହାରେ । ଟ୍ୟୁସନ ସାର ବି ଖୁବ୍ ଡରି ଯାଇଥିଲେ । ଘରେ ପହଞ୍ଚିଲା ବେଳକୁ ମୁଁ ବରଡ଼ା ପତ୍ର ପରି ଥରୁଥିଲି । ଡର ଏତେ ଜୋର ଥିଲା ଯେ ଚାରିଦିନ ଜରରେ ପଡ଼ିଲି । ଔଷଧ, ଝଡ଼ାଫୁଙ୍କା ପରେ ଠିକ୍ ହେଲି । ଦିନେ ଛାଡ଼ି ସ୍କୁଲର ପାଖାପାଖି ସବୁ ପିଲା ବେମାର ପଡ଼ିଲେ । ସେ ବୟସରେ ଏ ଦୁଃଖର ପରିଭାଷା ତ ଜଣା ନଥିଲା କିନ୍ତୁ ମାନସିକ ସ୍ତରରେ ଡରର ଭୂମିକା ଥିଲା ଖୁବ ବେଶୀ । କିଛି ଦିନ ପରେ ସବୁ ଠିକ୍ ହୋଇଗଲା ।

ସ୍କୁଲ ସରୁ ସରୁ ଏ ଟ୍ୟୁସନଟା ଭାରି କଷ୍ଟ ଦେଉଥିଲା । ଏ ଘଟଣା ପରେ ଟିୟୁସନ ବନ୍ଦ ହୋଇଗଲା । ସ୍କୁଲର ସେ କୁଅକୁ ମାଟି ପକେଇ ପୋତି ଦିଆଗଲା । ଆମ୍ଭେ କିନ୍ତୁ ତା’ପରଠୁ କେହି ବି ସେ ଆଡ଼କୁ ଚାହୁଁ ନଥିଲୁ ଡରରେ । ସତ କହିଲେ ସେ ଡର ଏବେବି ଲାଗେ । କାହିଁକି କେଜାଣି, ସ୍କୁଲ ବାଟ ଦେଇ ଆସିଲା ବେଳେ ଆପେ ଆପେ ଆଖି ଚାଲି ଯାଏ କୂଅ ଥିବା ଜାଗା ଉପରକୁ । ଆଉ ଗ୍ରାମ ଦେବତୀଙ୍କୁ ଡାକି ଡାକି ଘରକୁ ଆସିବା ସାର ହୁଏ ।

କିନ୍ତୁ

ସେଦିନ ସନି ସହ କଣ ହୋଇଥିଲା ତାହା ଆଜି ବି ଅଜଣା....

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ନଈପାଣି ନଈକୁ ଯା



ସରସୀ ଆଚାର୍ଯ୍ୟ

ଏଥର ଖରା ଛୁଟିରେ ଝିଅ ଜିଦ୍ କଲା ମାମୁଁ ଘରକୁ ଯିବ । ମାମୁଁ ଘରର ମୋହ ତ ସମସ୍ତଙ୍କର ନିଆରା ସ୍ମୃତିଟିଏ ହେଇ ମାନସ ପଟରେ ଥାଏ । ମୋର ବି ପିଲା ଦିନେ ଥିଲା ଓ ମୋ ପରି ସେ ବି ତା ମାମୁଁ ଘରକୁ ଯିବାକୁ ବିକଳ । ଅନେକ ଦିନ ପରେ ଯାଉ ଥିବାରୁ ସେ ବହୁତ ଖୁସି ଥିଲା । ତା ଅଜା ଆଇକୁ ପାଖରେ ପାଇବ ଏତେ ଦିନ ପରେ । ଆଜିକାର ପିଲା, ପାଠ ପଢ଼ା, ତା ପରେ ଟିଉସନ ଏସବୁ ସକାଶେ କୁଆଡ଼େ ବି ଟିକେ ଯାଇ ପାରେନି । ଆଜିକାଲିର ବ୍ୟସ୍ତ ଜୀବନରେ ଆଉ ମୁଁ ବି ଅନେକ ଦିନ ପରେ ଗାଁକୁ ଯାଉଛି ବୋଲି ଖୁସିରେ ମନଟା ନାଚିଯାଉଥିଲା... । ଗାଁରେ ପହଞ୍ଚି ମା ଝିଅ ଦୁହେଁ ଖୁସି । ଝିଅ ତ ତା ଅଜା ଆଇ ପାଖ ଛାଡ଼ିବାକୁ ନାରାଜ ମିନିଟିଏ ବି, ଆଉ ସେମାନଙ୍କୁ ବି ଯେପରି ଚାନ୍ଦ ମିଳିଯାଇଛି । ମୁଁ ବି ଭାଇ ଭାଉଜ ସହ ମଜ୍ଜି ଯାଏ କେତେ ଗପରେ, ସମୟ ଗଡ଼ି ଯାଏ ଜାଣି ହୁଏନା । ସେଦିନ ସଂଧ୍ୟାବେଳେ ଟିକେ ଗ୍ରାମଦେବୀଙ୍କ ପାଖକୁ ଯିବି ବୋଲି ଭାବିଲି । ଝିଅ ଓ ଝିଆରୀକୁ ଧରି ଚାଲିଲି ଗାଁ ବୁଲି । ଗାଁ ଶେଷ ମୁଣ୍ଡରେ ଠାକୁରାଣୀ ମନ୍ଦିର, ଭାରି ପ୍ରତ୍ୟକ୍ଷ

To read the complete magazine, Download it for FREE from www.aahwaan.com

ଦେବୀ । ଯାହା ମନାସିଲେ ମିଳେ । ଛୋଟବେଳେ ପରୀକ୍ଷା ସମୟେ କେତେ ଯେ ଗୁହାରି ନକରିଛି, ମା ଲୋ ସୁଝା ସୁଝା ପ୍ରଶ୍ନ ପଡୁ ବୋଲି । ଆଉ ମା ବି କେବେ ନିରାଶ କରି ନଥିଲେ । ଦର୍ଶନ କରି ଫେରିଲା ବେଳେ ନଜର ପଡ଼ିଲା ବିଲ ପାଖେ ଛୋଟ କୁଡ଼ିଆ ଘରଟି ଉପରେ । ପାଖରେ ସ୍ତ୍ରୀ ଲୋକ ଜଣେ ଗୋବରରେ ଘଷି ପାରୁଛି । ଚିହ୍ନା ଚିହ୍ନା ଲାଗିଲା ମୋତେ । ପାଖକୁ ଯାଇ ଡାକିଲି, "ଟିକେ ଶୁଣିବେ ।" ମୁହଁ ଉଠେଇ ଚାହିଁଲା, ମୋତେ ଦେଖି ଆଶ୍ଚର୍ଯ୍ୟ ଓ ଆନନ୍ଦରେ ଚିତ୍କାର କରି ଝପଟି ଆସିଲା ମୋ ପାଖକୁ । ମୁଁ ବି ତାକୁ ଚିହ୍ନି ସାରିଥିଲି । ଆଦରରେ ଜାବୁଡ଼ି ଧରିବାକୁ ଯାଇ ରହିଗଲା, ତା ଗୋବର ଲଗା ହାତ ପାଇଁ । ଝଅଟି କରି ହାତଟାକୁ ପାଣି ବାଲତିରେ ବୁଡ଼େଇ ଦେଇ ଆସି କୁଣ୍ଢେଇ ପକେଇଲା ମୋତେ । ସର ତୁ....!! ଆଲୋ କେତେ ଦିନେକେ ଦେଖା!!!!! ସେ ଥିଲା ମୋ ଅଙ୍ଗନବାଡ଼ିରୁ ସାଙ୍ଗ ମାଳ(ମାଳତୀ) । ପଞ୍ଚମ ପରେ ମୁଁ ବାପାଙ୍କ ସହ କଟକ ଚାଲିଗଲି, ଆଉ ଛାଡ଼ି ଯାଇଥିଲି ମୋ ଅତି ପ୍ରିୟ ସାଙ୍ଗ ମାଳକୁ । କେତେ ଯେ ଝୁରିଛି ସେ ଦିନ ମାନଙ୍କରେ ତାକୁ । ଡକାଡ଼କି ହେଇ ସ୍କୁଲ ଯିବା, ଲୁଚକାଳି -ବୋହୁଚାରୀ - ଅନ୍ଧ ପୁଟୁଳି ଖେଳ, ଲୁଚିଲୁଚି କଇଁଆ କଞ୍ଚାଆମ୍ବ ଖିଆ, ଗୋଟିଏ ଛତା ତଳେ ଅଧା ଅଧା ଭିଜିବା, ପୁଣି ସେଇ କାଗଜ ଡଙ୍ଗା.... ସିଲଟରେ ବଡ଼ ବଡ଼ ଅକ୍ଷରରେ ଅ ଆ ଲେଖି ମଡ଼େଇବା, ଅ ଅ ଅ... ଆ ଆ ଆ... ଆଉ ତାକୁ ଲିଭେଇ ମୁଣ୍ଡରେ ମାରିବା ଭଇ ପାଠ ହେବ ବୋଲି । ସିଲଟ ଶୁଖେଇ ପାଇଁ ଗାଇବା, "ନଇ ପାଣି ନଇ କି ଯା, ମୋ ସିଲଟ ଶୁଖିଯା.." ଆଜି ତାକୁ ଦେଖି ପୁରା ପିଲାଦିନ ଆଖି ଆଗେ ଭାସିଗଲା । ଖାଲି ସେ ଆଉ ମୁଁ ।

ବୋଉ ଠୁ ଶୁଣିଥିଲି ମାଳର ସ୍ୱାମୀ ଚାଲିଗଲା ପରେ ସେ ଗାଁକୁ ଫେରିଆସିଲା ତା ପୁଅକୁ ନେଇ । ତା ବାପା ମା'ବି ଆଗ ପଛ ହେଇ ଚାଲିଗଲେଣି । ସେ ଏବେ ଏଇଠି ତା'

To read the complete magazine, Download it for FREE from www.aahwaan.com

ପୁଅ ସହ ରହୁଛି । କିଛି ପନିପରିବା କରିଛି ବାଡ଼ିରେ, ତାକୁ ନେଇ ଚଳୁଛି । ମୋ ଝିଅକୁ ଢେର ଆଶୀର୍ବାଦ କଲା । ତା ବାଡ଼ି ଗଛରୁ ପିଜୁଳି ବି ଦେଲା । ଆମେ ହଜି ଯାଇଥିଲୁ ପିଲାଦିନ ସ୍ମୃତିରେ, ଝିଅ ଅଟକାଇ ଦେଲା । ଘରକୁ ଯିବାକୁ ବାହାରିଲା । ମୁଁ ବି ତା ସହ ପାଦ ମିଶେଇ ଚାଲିଲି । ଫେରି ଆସିଲି ତା ଶୁଭ ମନାସୀ । ସ୍ମୃତିକୁ ସାଉଁଟି ଫେରିଲାବେଳେ କାନରେ ଶୁଭୁଥିଲା ସେଇ ଦୁଇ ଧାଡ଼ି - "ନଈ ପାଣି ନଈ କି ଯା, ମୋ ସିଲଟ ଶୁଖିଯା...."

ଖଣ୍ଡଗିରି, ଭୁବନେଶ୍ୱର

ମୋବାଇଲ : ୯୪୩୯୧୭୧୫୦୪

ଆହ୍ୱାନ ଇ-ପତ୍ରିକା ଉଭୟ ନବୀନ ଏବଂ ପ୍ରବୀଣ ଲେଖକମାନଙ୍କ କୃତିକୁ ସମାନ ସମ୍ମାନ ଜଣାଇ ପତ୍ରିକାରେ ପ୍ରକାଶିତ କରିଥାଏ । ଆପଣ ଲେଖାଲେଖି କରୁଛନ୍ତି କି ?

ଯଦି ଆପଣ ଓଡ଼ିଆରେ ଲେଖାଲେଖି କରୁଛନ୍ତି ଆମେ ଆପଣଙ୍କ ଲେଖାକୁ ଆହ୍ୱାନରେ ସ୍ଥାନ ଦେବୁ । ସହାୟତା ପାଇଁ ଆମ ସହ ଯୋଗାଯୋଗ କରି ପାରିବେ ।

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ ଇମେଲ୍ : aahwaan@gmail.com

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଜନ୍ତୁ ଯନ୍ତ୍ରଣା (ବ୍ୟଙ୍ଗ)



ଡ: କୁଳାଙ୍ଗାର

ମାଷ୍ଟରକ୍ୟାଂଟିନ୍ ଛକରେ ଦୁଇଜଣ କର୍ମୀ

ଭୋ ଭୋ କାନ୍ଦି ତଳେ ଗଡୁଥିଲେ;

ଏ ଦୃଶ୍ୟ ଦେଖି ସେଇବାଟେ ଯିବା ଲୋକେ

କାନ୍ଦିବାର କାରଣ ପଚାରିଲେ ।

କର୍ମୀମାନେ ଲୁହପୋଛି କହିଲେ ନିଆଳିରେ

ଅଜଣା ଜନ୍ତୁ ମେଣ୍ଢା ମାରିବା ପରି;

ଅଜବ ଜନ୍ତୁ ଗୋଟେ ଖାଇଯାଉଛି

ଆମ ଦଳର କଳିଜାକୁ ଖଣ୍ଡଖଣ୍ଡ କରି !

ଲୋକେ ପଚାରିଲେ-

ଏତେନେତା ଥାଉଥାଉ କେମିତି କେହି କରିପାରୁନ କିଛି ?

କର୍ମୀମାନେ କହିଲେ-

To read the complete magazine, Download it for FREE from www.aahwaan.com

ଆମେ କଣ କରିବୁ ଜନ୍ତୁଟା ଆଖିପିଛୁଳାକେ ଦିଲ୍ଲୀ ପଳାଉଛି ! !

ରାମ ମନ୍ଦିର ସାମ୍ନାରେ ନାରୀନର ଦଳେ
ପିନ୍ଧି ଗେରୁଆ ପୋଷାକ ଓ ଶାଢୀ;
ମାଂସଭୋଜି ଖାଇବା ପରେ ଛାଡୁଥିଲେ
ଜୟ ଶ୍ରୀରାମ ଜୟ ଶୀରାମ ରଡ଼ି !

ଏ ସମୟେ ସେ ସ୍ଥାନରେ ପହଁଚିଲେ
କର୍ମଚାରୀ ଧରି ମୁନିସିପାଲିଟି ଗାଡ଼ି;
କହିଲେ ଟେକିକି ବସେଇବୁ ନା
ସୁନାପିଲା ପରି ଯିବ ଚଢ଼ି ?

ରାମଭକ୍ତେ ପଚାରିଲେ ତମେ କଣ ପୁଲିସି
ନା ଫୋର୍ସ ଯେ ଆମକୁ ଧରିବ ?
ମୁନିସିପାଲିଟି କର୍ମଚାରୀ କହିଲା- ମେୟରଙ୍କ
ନିର୍ଦ୍ଦେଶ ଜନ୍ତୁଜୁନ୍ତୁଙ୍କୁ ରାସ୍ତାରୁ ହଟେଇବ !

To read the complete magazine, Download it for FREE from www.aahwaan.com

କ୍ୟାପିଟାଲ ହସ୍ପିଟାଲ ଛକରେ ଦୁଇଜଣ

ବୁଢ଼ା ଓ ଟୋକା ନେତା;

ମୁଣ୍ଡରେ ହାତ ଦେଇ ବଡ଼ ଟେନ୍‌ସନରେ

ହେଉଥିଲେ ଗୁରୁତ୍ୱପୂର୍ଣ୍ଣ କଥା !

ବୁଢ଼ାନେତା କହୁଥିଲେ ଟୋକାନେତାଙ୍କୁ

ଆପଣ ମାନନ୍ତୁ କି ନମାନନ୍ତୁ;

ଆମେ ଢେର୍ଦିନ ଦଳ ଚଳେଇଲୁ କିନ୍ତୁ

ଆପଣଙ୍କ ପରି ଟୋକାମାନେ ଅଜବ ଜନ୍ତୁ !

ଟୋକାନେତା କହିଲେ-

ଆମେମାନେ ଧରା ପଡ଼ିଯାଉଚୁ କ୍ୟାମେରା ଲୋଭପାଇଁ ;

ତମେମାନେ କିନ୍ତୁ ଜାଲ ପକେଇ ଜଗିଛ

ନିଜେ ହିଁ ଦଳର କଲିଜା ଖାଇ ଦେଇ ! !

ପ୍ରେମିକା କହିଲା-

To read the complete magazine, Download it for FREE from www.aahwaan.com

ତମର ମେଣ୍ଢାମୁଣ୍ଡରେ

ଟିକେ ବି ଅକଲ ନାଇଁ;

ପ୍ରେମିକ ଉତ୍ତର ଦେଲା- ତମେ ତ ଅଜବ ଜନ୍ତୁ

ମୋ କଲିଜା ଯାଇଚ ଖାଇ !

କ୍ରିଂ କ୍ରିଂ- ୯୩୩୮୫୮୧୩୦୯

ଇମେଲ୍: dr.kulangar@gmail.com

ବ୍ୟଙ୍ଗ ହେଉ ଅବା ଭ୍ରମଣ କାହାଣୀ, କ୍ଷୁଦ୍ର ଗଳ୍ପ ହେଉ ଅବା ହାଇକୁ, ଗୀତିକବିତା ହେଉ ଅବା ଆଧୁନିକ କବିତା, ସବୁକିଛି ସ୍ଥାନ ପାଏ କେବଳ ଆହ୍ୱାନ ଇ-ପତ୍ରିକାରେ । ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ସମ୍ବନ୍ଧ, ଦିନଚର୍ଯ୍ୟା ଆହୁରି ଅନେକ କିଛି ।

ଯଦି ଆପଣ ଓଡ଼ିଆରେ ଲେଖାଲେଖି କରୁଛନ୍ତି ଆମେ ଆପଣଙ୍କ ଲେଖାକୁ ଆହ୍ୱାନରେ ସ୍ଥାନ ଦେବୁ । ସହାୟତା ପାଇଁ ଆମ ସହ ଯୋଗାଯୋଗ କରି ପାରିବେ ।

ଦ୍ରାମ୍ୟଭାଷ : ୭୦୦୮୫୬୭୦୮୫ ଇମେଲ୍ : aahwaan@gmail.com

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ରାକ୍ଷୀ



ପ୍ରହ୍ଲାଦ ବେହେରା

ଭଉଣୀର ଅଳି ଅଝଟ ଓ ଭାଇର ପ୍ରେମର ସାକ୍ଷୀ

ଭାତୃ ଓ ଭଗ୍ନୀର ଅନାବିଳ ସ୍ନେହର ପକ୍ଷୀ ।

କେବେ ସିଏ ରାଗ – ରୁଷା, ମାନ – ଅଭିମାନ,

ତ କେବେ ସ୍ନେହ – ପ୍ରେମ, ହସ – ଖୁସି, ଅଭିନନ୍ଦନ ।

ଭାଇ ପାଇଁ ନବରତ୍ନ ଠାରୁ ବି ଅମୂଲ୍ୟ ସମ୍ପଦ

ସହେନାହିଁ ଭଉଣୀର ଦୂରକରେ ସମସ୍ତ ବିପଦ ।

ନୁହେଁ ଏକ ସୂତା ଅବା ସୂକ୍ଷ୍ମ ଧାତବ ପଦାର୍ଥ

ସାରା ଦୁନିଆର ଖୁସି ଦେବାରେ ସମର୍ଥ ।

ଭାଇ ନାହିଁ ଯାହାର ସାହା ନାହିଁ ତାହାର

ରାକ୍ଷୀର ସମ୍ପର୍କ ଅଟେ ପରମ ଅପାର ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବର୍ଣ୍ଣମାଳାରେ ସୃଷ୍ଟି



ସୁମିତ୍ରା ରାଉଳ

ଅଗନା ଅଗନି ବନସ୍ତ ।
ଆହାକି ସୁନ୍ଦର ଜଗତ ।।
ଇଏତ ଆମରି ସଂସାର ।
ଈଶ୍ୱର ଗଢିଲେ ସୁନ୍ଦର ।।
ଉପବନ ବନ ସର୍ଜିଲେ ।
ଊଣାଠୁ ଅଧିକ ରଚିଲେ ।।
ଋତୁ ଛଅ ବାର ମାସର ।
ୠଷି ମୁନି ଗର୍ବ ଆମର ।।
ଏଇ ଧରା ପାଣି ପବନ ।
ଐରାବତ ଗଜରାଜନ ।।
ଓଟ ଆଉ ମଧୁମକ୍ଷିକା ।
ଔଷଧକୁ ଚେରମୂଳିକା ।।
କାହାକୁ କେମିତି ମାନିବ ।

To read the complete magazine, Download it for FREE from www.aahwaan.com

ଖଞ୍ଜିଲେ ସମସ୍ତ ଦରବ ।।

ଗଗନେ ସୂର୍ଯ୍ୟ ଚନ୍ଦ୍ର ତାରା ।

ଘଡଘଡି ଓ ବାରିଧାରା ।।

ଚକାଡୋଳା ଆମ ଭରସା ।

ଛପନ ପଉଟି ପରସା ।।

ଜଙ୍ଗଲେ କେତେ ବୃକ୍ଷଲତା ।

ଝଡି ବରଷାକୁ ଯେ ଛତା ।।

ଟାକୁଆ ରଖିଲେ ଆମ୍ବରେ ।

ଠାଏ ଠାଏ ପାଣି ମରୁରେ ।।

ଡାମରା ଶୁଆ ପକ୍ଷୀରାଜ ।

ଢମଣା ତମ୍ପ ଅହିରାଜ ।।

ତାରାଦେହେକେତେଆଲୋକ ।

ଥାକ ଥାକ ଅବଢା ପାକ ।।

ଦୁଗ୍ଧ ଦେଲେ ଗାଇ ଚିରରେ ।

ଧରଣୀକୁ ଦେଲେ ଶୋଭାରେ ।।

To read the complete magazine, Download it for FREE from www.aahwaan.com

ନଡିଆ ଅନ୍ତରରେ ପାଣି ।

ପିତାମାତା ଆମ ବିନ୍ଧାଣୀ ।।

ଫଣାଦେଲେ ପୁଣି ସାପକୁ ।

ବଇଦ ଆମର ରୋଗକୁ ।।

ଭଳିକିଭଳି ସଜାଡିଲେ ।

ମନକୁ ଜାଣି ଫଳ ଦେଲେ ।।

ଯାନିଯାତ କେତେ ପରବ ।

ରଖିଛନ୍ତି ସିଏ ସରବ ।।

ବନିତାକୁ ଲାଜ ଗହଣା ।

ଶଙ୍ଖା ସିନ୍ଦୂରକୁ ଓଢଣା ।।

ଷୋହଳ କଳା ସେ କାଳିଆ ।

ସୁନ୍ଦର ତା ହସ ନାଲିଆ ।।

ହୃଦୟେ ଭରିଛ ପୀରତି ।

କ୍ଷମିବ ଦୋଷ ମୋ ସାରଥି ।।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# କାଲି ଓ ଆଜିରେ ମୁଁ



ଅନୁସୂୟା ମିଶ୍ର

ଆଜି ପୁଣି ନିଜକୁ ହାରିଲି

ତୋ ସ୍ମୃତିର ବାହୁବନ୍ଧନୀରେ ।

ଅମାନିଆ ମନ ସାଙ୍ଗେ

ଚାଲିଗଲି ଅଜାଣତେ

ସେଇଠିକୁ....ଯେଉଁଠି ଦିନେ ମୁଁ

ଭେଟିଥିଲି ନୂଆକରି ନିଜକୁ,

ଅନାବନା ଶବ୍ଦଗୁଚ୍ଛ ମଧ୍ୟରେ

ତୋ କଳ୍ପନାର ଅଙ୍କାବଙ୍କା ରାସ୍ତାରେ ।

ଜାଣିଥିଲି,

ଶବ୍ଦକୁ ନେଇ ତୁ ଖୁବ ଖେଳିପାରୁ ।

ଜୀବନର ଶୁଷ୍କ ମରୁପଥେ

ମୁହୂର୍ତ୍ତକେ ମରୁଦ୍ୟାନ ଗଢୁ,

ବିରହର ବେସୁରା ରାଗିଣୀରୁ

To read the complete magazine, Download it for FREE from www.aahwaan.com

ମିଳନର ମୂର୍ଚ୍ଛନା ତୋଳୁ,

ଅସରନ୍ତି ଅ-ସମ୍ଭାବନାରୁ

ପ୍ରତ୍ୟୟର ସ୍ୱର ତୋଳିପାରୁ ।

ଆଉ, ମୋ 'ଭାବନା'....

ତୋ ହାତର ଖେଳଣାଟେ ସିନା !

ତଥାପି,

ସେ ଖେଳରେ ବଳି ପଡିବାରେ ମୁଁ ଖୁସି ।

ଜାଣିଚୁ କାହିଁକି ????

କାଲି ତୋର ହସ ଖୋଜୁଥିଲି

ଆଜି ବି ତୋ ଖୁସି ହିଁ ଚାହୁଁଛି ।

ଫରକ ଏତିକି,

କାଲି ମୋର 'ମନ'ଟିଏ ଥିଲା

ଆଜି ତାର ଦାହସଂସ୍କାର ସରିଛି ।

ଶତାବ୍ଦୀନଗର, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଅତୀତର ସ୍ମୃତି



ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ଅତୀତ ଗୋ ତୁମେ କାହା ମନ ହୃଦୟର
ହଜିଥିବା ଚିର ସ୍ମୃତି
ରହିଥିବ ସଦା  ଏ ମନ ସ୍ପନ୍ଦନରେ
ଅଭୁଲା ଚିହ୍ନଟେ ସାଜି

ଅତୀତର  ଦିନ ରହେ ନାହିଁ ଚିରସ୍ଥାୟୀ
ଯାଏ  ସେ ଚାଲି ତା ପାଦ ଚିହ୍ନକୁ ଛାଡି
ସ୍ମୃତିର ପୁସ୍ତକେ ହୁଅଇ ଅତୀତର
କିଛିଟା ପୁରୁଣା ପୃଷ୍ଠାର  ଧାଡି

ଅତୀତର ଅଭୁଲା ଦିନ ମନେ ପଡିଗଲେ
ଆଖିରେ ଆସଇ ଲୁହ
ଅତୀତର ଦିନ ଦେଖାଏ ସଭିଙ୍କୁ
ବଞ୍ଚିବାର ନୂଆ ଉପାୟ

To read the complete magazine, Download it for FREE from www.aahwaan.com

ଅତୀତର ସ୍ମୃତି ରଖଇ ସାଉଁଟି

ପୀଡିତ ପ୍ରେମିକର ମନ

ସାଗର ବେଳାରେ ନିତି ଖୋଜୁଥାଏ

ତା ପ୍ରେମିକାର ପାଦ ଚିହ୍ନ

ଅତୀତ ଗୋ ତୁମେ କାହା ମନ ରାଇଜର

ସ୍ମୃତି ଭରା ପାଟ ରାଣୀ

କାଳର  ପ୍ରଭାବେ ମନ ତଳୁ ହଜି

ହୋଇଯାଅ ତୁମେ ଅଲିଭା ପୃଷ୍ଠାର କାହାଣୀ

ବାସୁଦେବ ନଗର, ଖୋଡ଼ାସିଙ୍ଗି, ବ୍ରହ୍ମପୁର – ୧୦

To read the complete magazine, Download it for FREE from www.aahwaan.com

# ସେ ଚାଲିଗଲା ପରେ



ବରୁଣ କୁମାର ଦାସ

ସେ ଚାଲିଗଲା ପରେ

ବେଶୀ ବେଶୀ

ଦିଅଁକୁ

ପରସୁଛି ଜୁହାର

ଚାରିକଡ଼େ ସଂଭାବନା ଯେଣୁ

ହୋଇଛି ସବାର ।

ସେ ଚାଲିଗଲା ପରେ

ବାଟବଣା ସୁଖ

ଅମାପ ଅପାର

ପଥହରା ନିର୍ଝର

ଦୁଇକୂଳ ଉଚ୍ଛୁଳା ଜୁଆର ।

ସେ ଚାଲିଗଲା ପରେ

ଆଧୁନିକ ସଂସାର ।

ଶେଷହୀନ ବଞ୍ଚିବାର ସମ୍ଭାର

To read the complete magazine, Download it for FREE from www.aahwaan.com

ଇତି ଅତ୍ୟାଚାର

ଦେହସାରା ଦହନର ଦାଗସବୁ

ଖୋଲା ଇସ୍ତାହାର ।

ସେ ଚାଲିଗଲା ପରେ

ଛବି ଦେହରେ

ଛବିଳ ଫୁଲମାଳ

ମିଛ କାନ୍ଦଣା

ମେକ୍‌ଅପ୍ ଟାଣପଣ

ନାଟକ ପ୍ରେମର ।

ପାହାଡ଼ ଅର୍ଥତଳେ

ଚାପିପଡ଼ିଛି ସଂପର୍କ

ମିଳନ ଗଂଧହୀନ ହେବା

ଭଲପାଇବା ଅଚଳ ।

ପାଳୁସିଆ, ଦେହୁର୍ଦ୍ଧା,ବାଲେଶ୍ୱର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମୋ ଦେଶ ଭାରତ



ହିମାଂଶୁ ଶେଖର ବାରିକ୍

ଦେଖିଛ କି କେହି ମୋ ଦେଶ ଭାରତ
ମହିମାନ୍ୱିତ ଯାର ଅତୀତ
ସାରା ଜଗତକୁ କରୁଥିଲା ଯିଏ
ସ୍ୱୀୟ ଜ୍ଞାନାଲୋକେ ଦୀପ୍ତିମନ୍ତ ।।

ପଶ୍ଚିମେ ଗାନ୍ଧାର ପୂର୍ବେ ବ୍ରହ୍ମଦେଶ
ଲମ୍ବିଥିଲା ବକ୍ଷଦେଶ ଯାର
ମହାଭାରତର ବିଶାଳ ଶରୀର
ବିକଳାଙ୍ଗୀ କଲା କିଏ ତାର ।।

ବିଶ୍ୱ ଗୁରୁ ରୂପେ ପରିଚିତ ଥିବା
ଅଖଣ୍ଡ ଭାରତ ଅଛି କାହିଁ
ଆର୍ଯ୍ୟ ଦ୍ରାବିଡର ମିଳିତ ସଂସ୍କୃତି
ଦେଇଛି ମହତ୍ୱ ଆଜି ହରାଇ ।।

ଉଡିଛି କର୍ପୁର ପଡିଛି କପଡା
ହଜିଛି ମଧୁର ବାସ୍ନା ଆଜି

To read the complete magazine, Download it for FREE from www.aahwaan.com

ମୌଳିକତା ହାରି ଭାରତୀୟ ମାନେ

ଅମୌଳିକରେ ଅଛନ୍ତି ମଜି ॥

ଅଧ୍ୟାତ୍ମ ଆଧାର   ଭାରତ ସଂସ୍କୃତି

ପାଶ୍ଚାତ୍ୟ ପ୍ରଭାବେ ଅବଲୁପ୍ତ

ଭାରତୀୟମାନେ ଇଣ୍ଡିୟାନ ଭାବେ

ଜଗତରେ ଆଜି ପରିଚିତ ॥

ପୂର୍ବେ ପିତାମାତା ଦେବାଦେବୀ ନାମେ

ରଖୁଥିଲେ ସନ୍ତାନର ନାମ

ଧରମ ଭାବନା   ଥିଲା ଜାଗରୁକ

ମୁକ୍ତିକାମୀ ହେଉଥିଲେ ଜନ ॥

ଭୁଲି ପୂର୍ବ ସ୍ମୃତି   ଫେସନରେ ପ୍ରୀତି

ରଖି ରଖେ ଅର୍ଥହୀନ ନାମ

ସଦାଚାର ଭାବ   ପୌରାଣିକ ଶବ୍ଦ

ହୋଇଲା ସମାଜରୁ ନିଶ୍ଚିହ୍ନ ॥

ଉନ୍ନତ ଜୀବନ   ଯାପନ ନିମିତ୍ତ

ଥିଲା ପ୍ରଚଳିତ ବର୍ଣ୍ଣାଶ୍ରମ

ଆଧ୍ୟାତ୍ମିକ ମୁଖି  କରି ଜୀବନକୁ

To read the complete magazine, Download it for FREE from www.aahwaan.com

ନେଉଥିଲା ପରମାର୍ଥ ମାର୍ଗ ।।

ଆଜିର ଯୁବକ ନୁହଁଇ ସଂଯତ

ଗାର୍ହସ୍ଥ୍ୟ ଜୀବନ ବିଡମ୍ବିତ

ଜରା ନିବାସରେ ବିତଇ ବାର୍ଦ୍ଧକ୍ୟ

ସମାଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ।।

ଭୁଲି ବର୍ଣ୍ଣାଶ୍ରମ ସୃଷ୍ଟି କରୁଅଛୁ

ବର୍ଣ୍ଣସଙ୍କର ସନ୍ତାନଗଣ

ବିବାହ ନ ହୋଇ ସହବାସ ପାଇଁ

ସମାଜ କରୁନାହିଁ ବାରଣ ।।

ଯୌଥ ପରିବାର ସ୍ନେହଶ୍ରଦ୍ଧା ପ୍ରେମ

ହୋଇଅଛି ଆଜି ଚୁରମାର

ଜାତି କୁଳ ଗୋତ୍ର ବଂଶ ପରମ୍ପରା

ସଭ୍ୟତା କରିଛି ନାରଖାର ।।

ଆମ ଓଷାବ୍ରତ ଖେଳ କସରତ

ପୂଜା ପାର୍ବଣ ନୃତ୍ୟ ସଂଗୀତ

ଚିକିତ୍ସା ପଦ୍ଧତି ଖାଦ୍ୟପେୟ ବସ୍ତ୍ର

ବିଦେଶୀ କରିଅଛି ବିକୃତ ।।

To read the complete magazine, Download it for FREE from www.aahwaan.com

ସନାତନ ଧର୍ମ ଭାରତର ଆତ୍ମା

ସଂପ୍ରଦାୟ ଭେଦେ ଜର୍ଜରିତ

କୁଚକ୍ରୀ ବିଧର୍ମୀ ଧର୍ମାନ୍ତର କରି

କରିଛି ଏହା କ୍ଷତବିକ୍ଷତ ।।

ଦେଶପ୍ରେମ ଭାବ ହୋଇଛି ବିଲୁପ୍ତ

ନୁହେଁ ସ୍ୱାଧୀନତା ସୁରକ୍ଷିତ

ବିଚ୍ଛିନ୍ନତାବାଦ ଦେଶଦ୍ରୋହ କାର୍ଯ୍ୟ

କରୁଛି ସଂହତି ବିପର୍ଯ୍ୟସ୍ତ ।।

ଶାନ୍ତି ପ୍ରୀତି ମୈତ୍ରୀ ମନ୍ତ୍ରରେ ଦୀକ୍ଷିତ

ଭାରତ ହିଂସାରେ ଅଭିଭୂତ

ପୂରବ ଗୌରବ ଫେରାଇବା ପାଇଁ

ହୁଅରେ ସନ୍ତାନ ଜାଗରିତ ।।

ବରିଷ୍ଠ ଅଡ଼ିଟ୍ ଅଧିକାରୀ

କ୍ୱାର୍ଟର ନଂ : ଟାଇପ୍ ୩, ୨୦୧

ନୂଆ ଏଜି କଲୋନୀ

ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ସମ୍ଭାବନା



ଶିବ କୁମାର ପଣ୍ଡା

କାଇଁ ଆଜି ମନେ ପଡୁ ତୁ ଏତେ,

ମୁଁ ବି ଜାଣିନି କେତେ ଆଦରୁ ତୁ ମତେ ,

କହିପାରିବୁ କି ସମ୍ଭାବନା କେତେ ?

ଆଜି ହଜିଛି ମୁଁ ସେଇ ସମ୍ଭାବନା କୁ କରି ଅପେକ୍ଷା ,

ଖୋଜିବୁଲେ ତା ସ୍ମୃତିକୁ ମନ ଜୀବନେ ଏକା ଏକା ।। ୧ ।।

କାଇଁ ଆଜି ହେଇଛି ମୁଁ କାଳଚକ୍ରର ପଥିକ,

ମୁଁ ବି ଜାଣିନି କେମିତି ହେଲା ସେ ମୋ ବାହକ ,

କେବେ ହେବ ସେଇ ସମ୍ଭାବନା ସହ ରାଜଯୋଟକ ?

ବିଚଳିତ ଆଜି ଭାବି ସେଇ ସମ୍ଭାବନାର ରହସ୍ୟକୁ ,

ବେଳେବେଳେ ଇଛାହୁଏ ଭାରି ତା' ମନ ଆପଣେଇବାକୁ ।। ୨ ।।

କାଇଁ ଆଜି କରୁଛି ମୁଁ ଏତେ ଅପେକ୍ଷା ,

ଜାଣିନଥିଲି ଦେବାକୁ ପଡିବ ଜୀବନରେ ଏତେ ପରୀକ୍ଷା ,

କେବେ ମରିବ ସେଇ ସମ୍ଭାବନାର ପ୍ରତୀକ୍ଷା ?

To read the complete magazine, Download it for FREE from www.aahwaan.com

ଆଜି ଥକିଯାଇଛି  ମୁଁ କରି  ସମ୍ଭାବନାର ପିଛା ,

ଦୌଡ଼ିବୁଲେ ଖୋଜି ତା'ର ସତ୍ୟତାକୁ ମନଇଛା  ।। ୩ ।।

କାହିଁ ଆଜି ଏତେ ଡର ଲାଗେ ଶୁଣି ସେଇ ଶବ୍ଦକୁ  ,

ପାଏନି ବି କରି ଉଚ୍ଚାରଣ ଭାବି ତାର ନିଗୂଢ଼ତାକୁ  ,

ଦେଇପାରିବ କି କିଏ ଏଇ ସମ୍ଭାବନାର ଉତ୍ତରକୁ  ?

ପଚାରୁଛି ଆଜି ମୁଁ ସେଇ  ସମ୍ଭାବନାର ସମ୍ପର୍କକୁ ଚାହିଁ  ,

ସାଜିଛୁ ଆଜି ମୋ ଶୀତଳ ଶତ୍ରୁ କାହିଁ ପାଇଁ   ।। ୪ ।।

ସହକାରୀ ଅଧ୍ୟାପକ

ସେଞ୍ଚୁରିଆନ ବୈଷୟିକ ବିଶ୍ୱବିଦ୍ୟାଳୟ

ଜଟଣୀ, ଭୁବନେଶ୍ୱର ,ଓଡିଶା

ଦୂରଭାଷ :9438101090

email : panda.sibakumar08@gmail.com

Blog: sibakumarpanda.blogspot.in

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଧବଳେଶ୍ୱର ମାହାତ୍ମ୍ୟ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ହେ ପ୍ରଭୁ ଧବଳେଶ୍ୱର!

ସାଙ୍କୁଡା ପିଠାଧୀଶ୍ୱର!

ତବ ଶ୍ରୀ ପଦ ପଙ୍କଜେ ଭକ୍ତି ପ୍ରଣତି ।

କରେ ଆତ୍ମ ନିବେଦନ

ଶ୍ରଦ୍ଧା ସୁମନେ ଅର୍ଚ୍ଚନ

ଭକ୍ତି ନୈବେଦ୍ୟରେ ସଦା କରଇ ସ୍ତୁତି

କର ପ୍ରଭୁ ଶୁଭାଶୀର୍ବାଦ

ବିଶ୍ୱ ପ୍ରାଣୀଙ୍କ ଆରତ ହେଉ ଦୂରିତ । ।

ପଙ୍କାଳମୁଠାର ଇଷ୍ଟ

ଏ ଅଞ୍ଚଳ ଦେବ ଶ୍ରେଷ୍ଠ

ଭକତ ହୃଦ କନ୍ଦରେ ହୁଅ ପୂଜିତ ।

ତୁମେ ପ୍ରତ୍ୟକ୍ଷ ଦେବତା

ପ୍ରାଣୀଙ୍କର ମୁକ୍ତିଦାତା

ଆଶୁ ବର ଦାନେ ତୋଷ ହୋଇଣ ତୁଷ୍ଟ ।

To read the complete magazine, Download it for FREE from www.aahwaan.com

ତୁମେ ସତ୍ୟ –ଶିବ –ସୁନ୍ଦର⍰

ଅଭୟ ମୁଦ୍ରାରେ ଦୁଃଖ ହରନ୍ତ ହର । ।

ପ୍ରଭୁ କରୁଣା ସାଗର ! ମୌନ-ଶାନ୍ତ ଅବତାର

ପିତା-ମାତା-ବନ୍ଧୁ–ସଖା ଇହ ଲୋକର⍰

ମହାଦେବ ଜଗପୃତି ଉମାପତି -ମହାଯତି

ପରମ ବୈରାଗୀ ଏ ସଂସାରର⍰

ତ୍ର୍ୟମ୍ବକ ହେ ମହାରୁଦ୍ର !

ମହାମୃତ୍ୟୁଞ୍ଜୟ ଦେବ ମହାକାଳର⍰ ⍰

ତୁମ୍ଭ ମହିମା ଅପାର ଦେବତାଙ୍କୁ ଅଗୋଚର

ମାନବ କାହୁଁ ଜାଣିବ ତୁମ ଅନ୍ତର⍰

କେତେବେଳେ କୋପେ ବର ତପେ କଦା ଦିଅ ବର

କୃପାକଟାକ୍ଷରେ ପ୍ରଭୁ ପାଳସଂସାର⍰

ହେ! ଦେବାଧିଦେବ ଶଙ୍କର

ଭକ୍ତ ମନୋବାଞ୍ଛା ସଦା ପୂରଣ କର । ⍰

ରହିଅଛି ଜନଶ୍ରୁତି ତୁମ ଆବିର୍ଭାବ ଖ୍ୟାତି

ଅଲୌକିକଦିବ୍ୟ ଲୀଳା ବଡ଼ ଅଦ୍ଭୁତ⍰

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଶ୍ୟାମ ପର୍ଣ୍ଣ ଗହଳରେ ଲତା–ବୁଦା ଆଢୁଆଳେ

ନିକାଞ୍ଚନେ ଥିଲ ରହି କୁମାର ତାତ ।

ଲିଙ୍ଗ ରୂପେ ହେଲ ପ୍ରକଟ ।

ଗୁପ୍ତେ ରହି ଦେଖୁଥିଲ ସଂସାର ନାଟ ।।

ଗାଇଙ୍କୁ ନେଇ ଗୋପାଳ ଗମି ସେହି ପୀଠସ୍ଥଳ

ଚରାଏ ଧେନୁ –ବତ୍ସାଙ୍କୁ ପ୍ରତ୍ୟେକ ଦିନ ।

ଦିନେ ଗୋପାଳ ଦେଖିଲା ପ୍ରଭୁଙ୍କ ଅପୂର୍ବଲୀଳା

ବୁଦା ମଧ୍ୟେ ଗାଇ ଏକ ଦଣ୍ଡାୟମାନ ।

ତା ' ସ୍ତନରୁ ଝରଇ କ୍ଷୀର ।

ପ୍ରଭୁଙ୍କ ମସ୍ତକେପଡି ଲମ୍ବିଛି ଧାର ।।

ଦେଖି ଏ ଅପୂର୍ବ ଦୃଶ୍ୟ ହୋଇଲା ଅତି ବିସ୍ମୟ

ସଦଶିବଙ୍କ ପୟରେ ଗଲା ଶରଣ ।

କହିଲା ମୁଁ ନରାଧାମ ହୀନ-ପାମର-ଅଜ୍ଞାନ

ଅପରାଧ କ୍ଷମା କରି ଦିଅ ସଦ୍ ଜ୍ଞାନ ।

ତୁମେ ପରାଜଗଜ୍ଜୀବନ ।

ଭକ୍ତାଧୀନ ଅଟତୁମେ ହେ ପଞ୍ଚାନନ ।।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ତୁମ ପ୍ରକଟ ବାରତା ଅନନ୍ତ ମହିମା ଗାଥା

ସମଗ୍ର ଭୁବନ ହୋଇଗଲା ପ୍ରଚାର ।

ସାରାଅଞ୍ଚଳେ ଚହଲ ଭକ୍ତ ସର୍ବେ ହେଲେ ମେଳ

ଭକ୍ତିରେ ପୂଜା-ବନ୍ଦନା କଲେ ସତ୍ୱର ।

ଶଙ୍ଖ-ହୁଳ-ହୁଳି ବାଦ୍ୟରେ ।

ପ୍ରକମ୍ପିତ ହେଲା ଜୟ ଧ୍ୱନି ଶବ୍ଦରେ ।।

ହୋଇ ସର୍ବେ ଏକ ମନ କୁଡ଼ିଆ କଲେ ନିର୍ମାଣ

କୁଟୀରେ ରହିଣ ପ୍ରଭୁ ହେଲେ ପୂଜିତ ।

ଲାଗିଲା ଭକ୍ତ ଗହଳ ଆସ୍ଥାନ ଚଳ-ଚଞ୍ଚଳ ତୁଣ୍ଡ

ବାଇଦେ ହୋଇଲେ ପ୍ରଭୁ ବିଖ୍ୟାତ ।

ଶ୍ରଦ୍ଧା-ବିଶ୍ୱାସ-ଭକ୍ତିଭରେ ।

ପ୍ରଭୁଙ୍କୁ ସେବିଲେ ଭକ୍ତ ସବିନୟରେ ।।

କିମ୍ବଦନ୍ତୀ କହେ ପୁଣି ମହିମା ତବ ବଖାଣି

ତୁମେ ପରା ଅଟ ପ୍ରଭୁ ଦୟାସାଗର ।

କେଉଁ ଏକ ଅନ୍ଧ ଜନ ପ୍ରବେଶିଲା ପୀଠସ୍ଥାନ

ସାଥେ ଥିଲା ଗାଈ ଏକ କୃଷ୍ଣ ବର୍ଣ୍ଣର ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଚିନ୍ତା ମନେ ହୋଇ ଅସ୍ଥିର ।

ରକ୍ଷାକର ରକ୍ଷାକର ହେ ମହେଶ୍ୱର !

ସାଷ୍ଟାଙ୍ଗ ପ୍ରଣିପାତରେ ପ୍ରଭୁଙ୍କୁ ପ୍ରାର୍ଥନା କରେ

ମୂଢ଼ମତି ଦରିଦ୍ର ମୁଁ ଅସାଧୁ କ୍ରୂର ।

କୁବୁଦ୍ଧିରେ କଲି ଚୋରୀ ଗୋମାତାକୁ ଅପହରି

କୁତ୍ସିତ କାର୍ଯ୍ୟରେ ମନ ବଳିଲା ମୋର ।

କରବାରେ କ୍ଷମା ପ୍ରଦାନ ।

ନ କରିବି କଦାଚିତ ଏ ଘୃଣ୍ୟ କର୍ମ ।।

କୃତାଞ୍ଜଳି ପୁଟ ହୋଇ ନିବେଦନ ଯେ କରଇ

ଗୋ ମାତାକୁ ତୁମ ଠାରେ କଲି ଅର୍ପଣ ।

ନିନ୍ଦନୀୟ ଚୌର୍ଯ୍ୟବୃତ୍ତି ନ କରିବି ଶିବାପତି

କରୁଛି ପ୍ରତିଜ୍ଞା ????ମୀ ଛୁଇଁ ଚରଣ

କର ତ୍ରାହି ଭକତ ପ୍ରାଣ ।

ଭକତ ଦୁଃଖ ବାରେ କର ମୋଚନ ।।

ଚୌର ମନରେ ଚିନ୍ତଇ ଧରା ପଡ଼ିଯିବି ମୁହିଁ

ନାହିଁ ମୋର ପରିତ୍ରାଣ ମୁଁ ହୀନ ବଳ ।

To read the complete magazine, Download it for FREE from www.aahwaan.com

ନ କରି କାଳ ବିଳମ୍ବ ଦେଖାଅ ମହିମା ତବ

କୃଷ୍ଣା ଗୋମାତାକୁ କରିଦ୍ୟନ୍ତ ଧବଳ ।

ଖ୍ୟାତି ରହୁ କାଳକୁ କାଳ ।

ମୂର୍ଚ୍ଛିତ ହୋଇ ପଡ଼ିଲା ପଦଯୁଗଳ ।।

ସଜ୍ଞା ପାଇଣ ଦେଖିଲା ପ୍ରଭୁଙ୍କ ଅପୂର୍ବ ଲୀଳା

ଆକସ୍ମିକ ଭାବେ ଗାଇ ହେଲା ଧବଳ,

ଆନନ୍ଦଶ୍ରୁଳ ନୟନ କରିଲା ପ୍ରଭୁ ବନ୍ଦନ

ମହା ବିପଦରୁ ନାଥ ଉଦ୍ଧାର କଲ ,

ଧନ୍ୟ ଦେବ ଲୀଳା ତୁମର ।

ତବ ଶ୍ରୀ ପଦାରବିନ୍ଦେ ପ୍ରଣତି ମୋର ।।

କୃଷ୍ଣା ଗାଭିକୁ ଧବଳ କରିଲ ଭକ୍ତ ବତ୍ସଳ

ସେହି କାରଣରୁ ତୁମେ ଧବଳେଶ୍ୱର ,

ଧବଳ ବୃଷଭାରୁଢ ହେ ସିତାଂଶୁ ଚନ୍ଦ୍ରଚୂଡ !

ଶ୍ୱେତ ଭସ୍ମବିଭୂଷିତ ଶ୍ରୀ ଗଙ୍ଗାଧର,

ଧବଳ ଶାନ୍ତିର ପ୍ରତୀକ ।

ବିମଳ ??ଶ୍ୱେତ ମହା ଶାନ୍ତିଦାୟକ ।।

To read the complete magazine, Download it for FREE from www.aahwaan.com

ଦକ୍ଷ ଯଜ୍ଞ ବିନାଶକ ତ୍ରିପରାସୁର ଘାତକ

ଦର୍ପ ଚୂର୍ଣ୍ଣ କରି ପ୍ରଭୁ ଦହିଲ ମାର ,

ସାଗର ମନ୍ଥନୁ ଜାତ ଦେବ ସୁଲଭ ସମ୍ପଦ

ଅନ୍ତିମେ ନିର୍ଗତ ହଳାହଳ ଜହର ,

ସେ ଗରଳ କରିଲ ପାନ ।

ନୀଳକଣ୍ଠ ନାମେ ଖ୍ୟାତ ହେଲା ଭୁବନ ।।

[illegible], [illegible], [illegible]

ଆହ୍ୱାନ ଇ-ପତ୍ରିକାରେ ଆଜି ସୁଦ୍ଧା ଅନ୍ୟୁନ ତିନିଶହ ଅଶୀ ଜଣ ଲେଖକ ଲେଖିକାଙ୍କ କୃତୀ ସ୍ଥାନ ପାଇ ସାରିଲାଣି । ଆପଣଙ୍କ ଲେଖା ମଧ୍ୟ ପ୍ରକାଶିତ ହୋଇପାରିବ । ଆମେ ଆପଣଙ୍କୁ ସ୍ୱାଗତ କରୁଛୁ ।

ଯଦି ଆପଣ ଓଡ଼ିଆରେ ଲେଖାଲେଖି କରୁଛନ୍ତି ଆମେ ଆପଣଙ୍କ ଲେଖାକୁ ଆହ୍ୱାନରେ ସ୍ଥାନ ଦେବୁ । ସହାୟତା ପାଇଁ ଆମ ସହ ଯୋଗାଯୋଗ କରି ପାରିବେ ।

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ ଇମେଲ୍ : aahwaan@gmail.com

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ବଂଶୀ ଯେ ଅନୁରାଗୀ



ଶ୍ରୀବନ୍ତ ପ୍ରସାଦ ପାଣି

ପାହାଡର ବୁକେ ମେଘ ଆସି ଡାକେ

ବତାସକୁ ହାତ ଠାରି,

ସେତ ଦୂରେଥାଇ ଅଳସ ମାରଇ

ଧାଇଁ ଆସେ ଥିରି ଥିରି ।

ବରଷା ସହିତ ବସି ସେଯେ ମିତ

ଖୋଜିଥାଏ ଯାହା କିଛି ,

କିଛି ନଥିଲେ ବି ପରାଣ ପୂରବୀ

ମନ ବନାନୀରୁ ବାଛି ।

କିଏ ଥରି ଥରି ଓଦା ଚାଳ ଧରି

ପୋଷେ ମୁହିଁ ଯାଏ ଖୋଜି ,

ଖୋଜିବାର ସିନା ନୁହେଁ ଆନମନା

ବରଷାରେ ଭିଜିଭିଜି ।

କାହାକୁ କହିବ ବରଷାର ଭାବ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କେବେ ନିଜ ଆଉ ପର,

ପରଖିବାରେ ସେ ସମୀର ସାହାସେ

କରେ କେତେ ହରବର ⍰

ମଥାନତ କରି କରମ ଆଦରି

ପଡିବାରେ ଯିଏ ଯୋଗୀ,

ତା' ପ୍ରାଣରେ କେବେ ବାଜିବନି ଥରେ

ବଂଶୀ ଯେ ଅନୁରାଗୀ ⍰

ପ୍ରକୃତିର କୋଳେ ବନ ପାହାଡର

ବରଷା ବତାସ ମିଶି ,

ଦେଇ ପ୍ରାଣ ପ୍ରତି ଜୀବ ଜଗତରେ

କରିଛି ଯେ ସଦା ଖୁସି ⍰

ମୋ- ୯୮୬୧୧୧୯୨୧୯

To read the complete magazine, Download it for FREE from www.aahwaan.com

# ସୃଷ୍ଟି



ଶ୍ରୀ ଜନାର୍ଦ୍ଦନ ଆଚାର୍ଯ୍ୟ

ମାଟି, ପାଣି, ପବନ, ଆକାଶ

ତେଜ-ହୋଇ ସବୁଠି ରହିଛି ।

ପାହାଡ଼ ଉପରୁ ପାଣି ତଳକୁ ଗଡୁଛି

ଝରଣାରେ କୁଳୁକୁଳୁ ଶବ୍ଦକରି

ନଦୀ ହୋଇ ସମୁଦ୍ରେ ମିଶୁଛି ।

କିଏ କହେ ତାକୁ ପାହାଡ଼ ପଥର ଭାଙ୍ଗି

ଆଗକୁ ଯିବାକୁ, ସମୁଦ୍ରରେ ଲୀନ ହେବାପାଇଁ ? ? ?

X X X X

ପାଣିର ଗର୍ଭରେ ପଙ୍କ ହୁଏ କାହିଁକି ?

ପଙ୍କରୁ ଜନମ ପଦ୍ମ ସୂର୍ଯ୍ୟଙ୍କୁ ଖୋଜୁଛି କାହିଁକି ?

କଇଁଫୁଲ ଜନ୍ମହୋଇ ଚନ୍ଦ୍ରପାଇଁ ବ୍ୟାକୁଳ କାହିଁକି ?

କିଏ ଥାଏ ସବୁରି ଭିତରେ ? ? ?

X X X X

ମଣିଷ - ସଚେତନ ଜୀବ ହୋଇ କାହାକୁ ଖୋଜୁଛି ?

To read the complete magazine, Download it for FREE from www.aahwaan.com

ନ ପାଇଣ ଦେହ, ପ୍ରାଣ, ମନକୁ ତ୍ୟାଗୁଛି ?

ପଞ୍ଚଭୂତ ସବୁଠି ରହିଛି, ଭଗବାନ ପରି

ଭଗବାନ ସବୁଠି ଅଛନ୍ତି ରୂପ ସୃଷ୍ଟି କରି ।

X X X X

ଜାତି - ଧର୍ମ - ବର୍ଣ୍ଣ ସବୁ ଅଙ୍କ ମଣିଷର ସୃଷ୍ଟି

ମନ୍ଦିର - ମସଜିଦ୍ - ଗୀର୍ଜା ସବୁ ସୀମିତ ଚେତନା

ବିଜ୍ଞକରେ ଅସୀମତା ସନ୍ଧାନ ସକାଶେ

ଯାହାକୁ ମିଳିଲେ ପୂର୍ଣ୍ଣ ହୁଅଇ ଜଗତ ।

X X X X

ପୂର୍ଣ୍ଣାଙ୍ଗତା ଅପୂର୍ଣ୍ଣର ଲକ୍ଷ୍ୟ

ଅସମତା ସମତାର ଶେଷ -


ଦୁଃଖ, କଷ୍ଟ, ରୋଗ, ମୃତ୍ୟୁ - ଅପୂର୍ଣ୍ଣର

ସବୁଠି ଖୋଜିଲେ ମିଳେ ପୂର୍ଣ୍ଣାଙ୍ଗର ସୃଷ୍ଟି ।

କେଶଦୁରାପାଳ, କେନ୍ଦୁଝର

To read the complete magazine, Download it for FREE from www.aahwaan.com

# ମୁହୂର୍ତ୍ତ



ରଚିତା ଜେନା

ମୁହୂର୍ତ୍ତ ସେ ଯେ ମୁହୂର୍ତ୍ତ
ମୁହୂର୍ତ୍ତେ ବଦଳାଇ ଦିଏ କେତେ ଯେ ସର୍ତ୍ତ
ଦିଗବଳୟର ଦିଗନ୍ତ ଆଶାକୁ ଉଡ଼ାଇ ନିଏ
ସୁନ୍ଦର ସ୍ୱପ୍ନକୁ ଚୁରମାର କରିଦିଏ ।
ଭରସାର ପାହାଚକୁ ଭାଙ୍ଗିଦିଏ
ବିଶ୍ୱାସର ଭାଷାକୁ ଅବିଶ୍ୱାସ କରିଦିଏ ।
ଚଳଚଞ୍ଚଳ ପବନ ସ୍ତବ୍ଧ ହୁଏ
ଖରସ୍ରୋତା ନଦୀ ଶୂନ୍ୟଧାର ହୁଏ ।
ହୃଦୟ ହୁଏ ପ୍ରତାରିତ
ନିଃଶ୍ୱାସ ହୋଇଯାଏ ସ୍ତମ୍ଭିଭୂତ ।
ଜୀବନର ପଥ ହୁଏ ପରିବର୍ତ୍ତିତ
ନିସ୍ତବ୍ଧ ହୋଇଯାଏ ପ୍ରସ୍ଫୁଟିତ ଚଲାପଥ ।
ମୁହୂର୍ତ୍ତ କେବେ ଦେବ ଯନ୍ତ୍ରଣା
ତାହା ସେହି ବିଶ୍ୱଜୀବନଙ୍କୁ ଜଣା ।
ମାଗୁଣି ଏତିକି ତୋତେ ବିଶ୍ୱବିଧାତା
ମୁହୂର୍ତ୍ତକୁ ନ କର ଏପରି ପରିବର୍ତ୍ତିତା ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଅଜଣା ସ୍ୱରୂପ ତୁମେ



ସାବିତ୍ରୀ ସ୍ୱାଇଁ

ତୁମକୁ ଦେଖାହେଲେ, ଡାକିପାରେ ନାହିଁ
ତୁମକୁ ଜାଣେ ହେଲେ, କିଛି କହିପାରେ ନାହିଁ ।
କେମିତିକା ମଣିଷ ତୁମେ, ଉତ୍ତର ଦେଉନାହଁ ?
ସବୁ ଜାଣିଶୁଣି ତଥାପି କାହିଁ, ନିରବ ରହିଯାଅ ।
ମୋ ମନର ସବୁ ଦୁଃଖ, ଚାପି ରଖିଦେଇଛି
ଉତ୍ତରକୁ ତୁମର ଆଜି, ଚାହିଁ ମୁଁ ରହିଛି ।
ଚାହିଁ ଚାହିଁ ତୁମ ଉତ୍ତରକୁ, ଦିନଟି ବିତି ଯାଏ ।
ନୟନରୁ ଲୁହ ମୋର, ନଈ ହୋଇ ବହିଯାଏ ।
ତୁମପାଇଁ ରଖିଛି ମୁଁ, ହୃଦୟରୂପକ ପଞ୍ଜୁରୀ
ଥରେ ଖାଲି ରହିଦେଖ, କେମିତି ଏ କୋଠରୀ ?
ଉଠିଯାଅ ଡେଣା ଝାଡ଼, ଆକାଶର କୋଳେ
କେମିତିକା ପକ୍ଷୀ ତୁମେ, ଚାହିଁଲନି ହେଲେ ?
ତୁମ ଅପେକ୍ଷାରେ...

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# କାଗଜ ଡଙ୍ଗାର ସ୍ମୃତି



ସୁବ୍ରତ କୁମାର ସେନାପତି

କାଗଜ ଡଙ୍ଗା ତ ସେ ନୁହଁ

ବରଂ ସ୍ମୃତିର ଏକ ସଫେଦ ପୃଷ୍ଠାଟିଏ

ଯେଉଁଠି ଲେଖା ମୋ ବାଲ୍ୟ ଚପଳାମୀର ଗାଥା

ପୁଣି ଯେଉଁଟି ଚିତ୍ରିତ ବର୍ଷାଭିଜା

ମୋ ପଲ୍ଲୀଭୂମିର ମାନଚିତ୍ର

ଯେଉଁଠି ଖୋଜି ମୁଁ ପାଏ

ମୋର ପ୍ରଥମ ପ୍ରେମକୁ ।

ମନେ ଅଛି ପ୍ରେୟସୀ ଗୋ

ସେ ବର୍ଷା ଭିଜା ଗାଁ ଦାଣ୍ଡେ

ଡଙ୍ଗା ଭସାଇବାର ନିଆରା ମଜା

ଯେଉଁଠି ଦିନେ ତୁମ କୋମଳ ହାତ ଦୁଇଟା

ସ୍ପର୍ଶ କରିଥିଲା ମୋତେ

ପ୍ରେମ କଣ ମୁଁ ଜାଣିବା ପୂର୍ବରୁ ।

To read the complete magazine, Download it for FREE from www.aahwaan.com

କିନ୍ତୁ ଆଜି ମୁଁ ବୁଝୁଛି

ସେଦିନ କାହିଁକି ମଲ୍ଲିକା ଗୋ

ଭଳି ଯାଇଥିଲି ତୁମର ସେହି ପଦିଏ ମିଠା କଥାରେ

ଆଉ ଟ୍ୟୁସନ୍ ସାରଙ୍କ ନିର୍ଘାତ ବେତ୍ରାଘାତକୁ

ଭୃକ୍ଷେପ ନ କରି ଚିରିଦେଇଥିଲି ପୃଷ୍ଠାପରେ ପୃଷ୍ଠା

ମୋ ବୀଜଗଣିତ ଖାତାରୁ ।

ଆଜି ବି ଏ ସ୍ମାର୍ଟ୍ ସିଟିକୁ ଆସେ ବର୍ଷା

କିନ୍ତୁ ଭିଜାଇ ପାରେନା ତୁମର ସେ ନିଷ୍ଠୁର ମନକୁ

ଅଳି କରନା ତୁମେ ଆଉ ମୋ ପାଖେ

କାଗଜ ଡଙ୍ଗା ଭସାଇବାକୁ

ଆଉ ତୁମେ ମୁକୁଳାଇପାରନା ନିଜକୁ

ଫମ୍ପା ଆଦର୍ଶ ଆଉ ଷ୍ଟାଟସର ଖୋଳପା ଭିତରୁ

ତଥାପି ଦେଖ

ଏ କାଗଜ ଡଙ୍ଗା ସେମିତି ଭାସୁଛି

ଆମ ପ୍ରେମର ଅନିର୍ଦ୍ଧିଷ୍ଟ ଠିକଣା ହୋଇ

To read the complete magazine, Download it for FREE from www.aahwaan.com

ଆଉ ଭାସୁଥିବ ସେ

ମୋର ଏ ମନ ପାରାବାରେ

ସେତେଦିନ ଯାଏ

ଯେତେଦିନ ଯାଏ

ତୁମ ସ୍ମୃତି ପଶି ଆସୁଥିବ ମନର ଦରଜା ଦେଇ

ବସନ୍ତର ହିଲ୍ଲୋଳିତ ମଳୟ ପରିକା ।

କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ହାଇୱେ ରେ



ସନାତନ ମହାକୁଡ଼

ମୂଳ ବଙ୍ଗଳା : ଅଂଶୁମାନ କର

ସନ୍ଧ୍ୟା ଛ'ଟା ପରେ
ମନେ ହୁଏ ଦନ୍ତାହାତୀର ଦଳ
ଆଗରେ ଯାହା ପାଇବେ
ମଣିଷ ବା ମାରୁତି
ପେଷି ଦେବେ ।
କିନ୍ତୁ ରାତ୍ରୀ ବାରଟା ପରେ
ଯେବେ ମୁହଁ ନୀଚ କରି
ସେମାନେ ଛିଡ଼ା ହୋଇଥାନ୍ତି ପଛକୁ ପଛ
ତେବେ ବୁଝାଯାଏ
ପୃଥିବୀର ବିଷର୍ଣ୍ଣତମ ପଶୁରନାମ
ଟ୍ରକ ।

ବେରୁଆଁବାରୀ, ନୟାଗଡ଼ ୭୫୨୦୮୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୯୭୧୦୧୭୮
ଇମେଲ୍ : sanatan8@rediffmail.com
ୱେବ୍‌ସାଇଟ୍ : www.sanatanmahakud.in

To read the complete magazine, Download it for FREE from www.aahwaan.com

# କୁହ ଏ କଣ ଭଲପାଇବା !



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଏ ଆକାଶ ମେଘ ଭସା ବାଦଲର

କୁହୁଡି ଭରା ପରିଧି ମଧ୍ୟର

ପହଁରି ଯାଏ  ସ୍ରୋତ ଭସାଣୀ

ଏ ମେଘ ବି କଥା ମାନେନି

ମୁକୁଳି ପାରେନି ଚାହିଁ ଚାହିଁ

ଛନ୍ଦି ହୁଏ ବନ୍ଧା ପଡେ ଫିଟେ ନାହିଁ

ନ ପାଇ ହୃଦୟରୁ ଝରେ ଝରଝର

ମେଘରୁ ଝରେ ଧାରଧାର

ନ ପାଇ ଶେଷରେ ବା ହାରିଛି ଏଥର

ଏ କୋହ ତାର ବଡ ଅଜୀବ ଆଖିର

କିଛିଟା ଆଶ୍ୱସ୍ତି କିଛି ମିଳିଛି

ଜୀବନକୁ କିଏ ଏତେ ପାଖରୁ ପରଖିଛି

ଏ ବାଟବଣା ଅଭିଯୋଗ ମୂଲ୍ୟହୀନ

To read the complete magazine, Download it for FREE from www.aahwaan.com

କେତେ ମୂଲଚାଲ ସବୁ ସର୍ତ୍ତବିହୀନ

ହରାଇ କିଛି ସବୁ କଣ ଆଶାରେ କରିହୁଏ

ଏ ସପନ ଏମିତି ଅଧାରେ ରହିଯାଏ

ଏ ମେଘର ଆକ୍ରମଣ ଆକାଶର ଛାତିରେ

ଝରେ କହିକହି ଥକେ ଅପେକ୍ଷା ମାଧୁର୍ଯ୍ୟରେ

ରାତି ପାହେ ସୁରୁଜ ଉଏଁ

କୋହ ସବୁ ଅକୁହା ଥାଏ

ପୁଣି ମିଳାଇ ଦୀର୍ଘଶ୍ୱାସ ଏ

ମେଘକବରୀରେ ବାନ୍ଧି ରଖି

ବାଦଲ ଛପି ଛପି ପ୍ରେମ କରେ

ଭଲପାଏ ସେ ସବୁରି ଅଜାଣତରେ

କୁହ ଏ କଣ ଭଲପାଇବା !

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞା, ବ୍ରହ୍ମପୁର

To read the complete magazine, Download it for FREE from www.aahwaan.com

# ମୋ ହୃଦୟ



ସୁଶ୍ରୀ ଜୟଶ୍ରୀ ଜେନା

ଝରକା ଖୋଲି ଧାରେ ଜୋଛନା

ମୁଁ ଜହ୍ନକୁ ମାଗିଥିଲି

ଜୋଛନାରେ ଭିଜି ତୁମରି ପାଖକୁ

ଚିଠିଟେ ଲେଖିବି ବୋଲି

ଚିଠି ଲେଖିଲି ଯେତେ ଚିରିଲି ସେତେ

କାଳେ ତୁମେ ପଢ଼ିବନି ବୋଲି ।

ବଗିଚାକୁ ଯାଇ ଅନୁରୋଧ କରି

ଗୋଲାପଟିଏ ମାଗିଥିଲି

ପ୍ରତିଟି ପାଖୁଡ଼ାରେ ମୋ ପ୍ରେମକୁ ସିଞ୍ଚି

ତୁମକୁ ଦେବି ବୋଲି

ଦେଇପାରିଲିନି ଫୁଲଟିଏ ଭାବି

କାଳେ ତୁଚ୍ଛ କରି ଯିବ ଚାଲି ।

To read the complete magazine, Download it for FREE from www.aahwaan.com

ସାରା ବଜାର ସବୁ ସହର ବୁଲି ଆସିଲି

ଉପହାରଟେ କିଣିବି ବୋଲି

ତୁମ ଆଗେ ସବୁ ତୁଚ୍ଛ ପଡ଼ିଗଲା

ନୀରବେ ଫେରି ଆସିଲି ।

ପ୍ରଜାପତି ପାଖେ ଅଳିକରି

ତା' ରଙ୍ଗକୁ ମାଗିଥିଲି

ତା ଛିଟା ଛିଟା ରଙ୍ଗେ ଟିପି ଟିପି କରି

ତୁମ ଦୁନିଆକୁ ରଙ୍ଗୀନ କରିବି ବୋଲି

ହେଲେ ନିରାଶେ ଫେରିଲି କାଳେ ମିଜାଜୀ ମନକୁ

ରଙ୍ଗ ଫିକା ଲାଗିଯିବ ବୋଲି ।

କି ଦେଇ ତୋଷିବି ଚିନ୍ତାରେ ସବୁ

ସମୟ ବିତିଲା ଖାଲି

ବଞ୍ଚିଥିଲା ମୋ ପାଖେ ମୋ ସାଇତା ସମ୍ପତ୍ତି

To read the complete magazine, Download it for FREE from www.aahwaan.com

ଯାହା ତୁମ ହାତେ ଟେକିଦେଲି

କାଚପରି ସୂକ୍ଷ୍ମ ସେ ଫୁଲଠୁ କୋମଳ

ହତାଦର ନ କରି ସଯତ୍ନେ ରଖିବ

ସେ ବିଶ୍ୱାସ ଅଛି ବୋଲି ।

କନିଷ୍ଠ ଗବେଷକ

ପେଲେଟ୍ସ ଫାର୍ମା ଲିମିଟେଡ଼

ହାଇଦ୍ରାବାଦ

To read the complete magazine, Download it for FREE from www.aahwaan.com

# ପରିଣତି



ଇଂ ସୁବ୍ରତ କୁମାର ମିଶ୍ର

ଯୌବନ ଯାଇଛି ବିତି ଝୁରି ତୁମ କଥା

ବଞ୍ଚିବାର ଅଭିଳାଷ ମରିଛି ମନରୁ

ଦେହେ ନିସ୍ତେଜତା ମନେ ନାହିଁ

ସରସତା

ଭୋଗୁଛି କେବଳ ଦୁଃଖ ବିରହର ବ୍ୟଥା

ସମାଜର କଟୁବାଣୀ ସହିଛି ମୁଁ ନୀରବରେ

ଲାଲସାକୁ ଦୂରେଇଛି ଅତୀବ ଘୃଣାରେ

କେବଳ ରହିଛି ବାକି ପ୍ରାଣବାୟୁ ଟିକ

ଶଯ୍ୟାଯୀତ ମୁମୂଷ ରୋଗିଲା ଦେହରେ

ଅମା ଅନ୍ଧକାରେ କେଉଁ ଏକ ମୂହୁର୍ତ୍ତରେ

ଦୂରେ ଛାଡି ଚାଲିଯିବି କିଏ କହିପାରେ

ଖରାବେଳେ ବସି ଶାଶୁ ନଣନ୍ଦଙ୍କ ମେଳେ

ଦିନେ ଯେ ଶୁଣିବ କଥା ପ୍ରସଙ୍ଗରେ

To read the complete magazine, Download it for FREE from www.aahwaan.com

ମରିଛି ତୁମର ସେହି ଅତୀତର ସାଥି

ଝୁରି କେଉଁ ଅଜଣା ଝିଅର ପ୍ରେମରେ

ପସନ୍ଦ ନ କରି ଲୋକେ ଅକାଳ ମୃତ୍ୟୁରେ

କହିବେ ପାପ ଅରଜିଛି ପରପୀରତିରେ

କାଳକୁ ନିନ୍ଦିବେ  କେତେ କଳିଯୁଗ ବୋଲି

ମୁହଁମୋଡି ଚାଲିଯିବେ ଉପହାସ କରି

ଶଙ୍କା ମନେ ତୁମ ମୁହଁ ପଡିଯିବ ଫିକା

କିଏ ସତେ ଜାଣିଦେବ ତୁମେ ଥିଲ ତାହାରି ପ୍ରେମିକା

ଅସୁସ୍ଥ ବାହାନାରେ ନିରୋଳାରେ ଶୋଇ

ମନେ ଖେଳାଇ କେତେ ଅତୀତର କଥା

ଦୁଃଖେ ବୁହାଇବ ଉଷ୍ମ ଲୁହଧାର


ସଦଗତି ଆଶାକରି ମୃତ ପ୍ରେମିକର ।।

କନିଷ୍ଠ ଯନ୍ତ୍ରୀ, ରାୟଗଡା

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଖୋଜୁଛ କେଉଁଠି ମୋତେ ରେ ଭକ୍ତ



ଡା ସୁବାସ ଚନ୍ଦ୍ର ରାଉତ

ଖୋଜୁଛ କେଉଁଠି ମୋତେରେ ଭକ୍ତ, ଅଛି ମୁଁ ସଦା ତୋ ପାଶେ,
ତୀର୍ଥରେ ନାହିଁ ମୁଁ, ମୂର୍ତ୍ତିରେ ନାହିଁ, ନାହିଁ ଏକାନ୍ତ ନିବାସେ ।୧ ।

ନାହିଁ ମନ୍ଦିରେ, ମସ୍‌ଜିଦ୍‌ରେ ନାହିଁ, ନା କାବା, କୈଳାସରେ,
ରହିଛି ତୋର ପାଖରେ ଭକ୍ତ ମୁଁ, ଅଛି ସର୍ବଦା ପାଖରେ ।୨ ।

ଜପରେ ନାହିଁ ମୁଁ, ତପରେ ନାହିଁ, ନାହିଁ ବ୍ରତ ଉପାସରେ,
କ୍ରିୟାରେ ନାହିଁ ମୁଁ, କର୍ମେ ରହେନି, ନାହିଁ ଯୋଗ ସନ୍ୟାସରେ ।୩ ।

ପ୍ରାଣରେ ନାହିଁ, ପିଣ୍ଡରେ ନାହିଁ ମୁଁ, ନା ବ୍ରହ୍ମାଣ୍ଡ ଆକାଶରେ,
ପ୍ରକୃତି ଗର୍ଭ ଗୁମ୍ଫାରେ ନାହିଁ, ନାହିଁ ଶ୍ୱାସ ପ୍ରଶ୍ୱାସରେ ।୪ ।

ଖୋଜି ବୁଲିଲେ ମୁଁ ତୁରନ୍ତ ମିଳେ, ଏକ କ୍ଷଣ ତଲାସରେ,
କହେ କବୀର, ଶୁଣ ଭାଇ ସାଧୁ, ମିଳେ (ମୁଁ ) ଶୁଦ୍ଧ ବିଶ୍ୱାସରେ ।୫ ।

ମୂଳ ଆଲେଖ୍ୟ : ସନ୍ଥ କବୀର

ଅନୁବାଦ – ଡା: ସୁବାସ ଚନ୍ଦ୍ର ରାଉତ

ଭୁବନେଶ୍ୱର

ଦୂରାଭାଷ – ୭୯୭୮୦୫୯୮୫୧

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମୋର୍ କଥାକେ ମାନ୍



ଶୁଭମ୍ ନାଏକ

କଥା ମାନ୍‌ତ ଗୋ ବୁଆ ଘାଏ

ଭୁଲି ଯା ନିଶା ପିଇ କେ

ତୁଇଁ ଜୀଇଁ ଥିବାର ଯାଏ

କତ ମୁଇଁ ନାଇଁ ପିଏ

ପିଇଲେ ଜୀବନ୍ ନାଇଁ ରହେ

କଥା ମାନ୍‌ତ ଗୋ ବୁଆ ଘାଏ ।୧ ।

ତୁଇଁ ଜୀଇଁଛୁ ବଲି ଗୋ ବୁଆ

ମୁହୁଁଟା ଫାରୁଛେ ଆଁ

ପର୍‌କରି ପଲାବୁ ବେଲେ

ସପନ୍ ହେବା ବୁଆ ନା

ଜୁଆନ୍ ପୋ ମରିଯିବା ଦେଖି

କେନ୍ତା ଜୀଇଁବା ତୋର୍ ବୁଢ଼ୀ ମା ।୨ ।

ତୋର୍ ନେ ମନ୍ ହଜେଇ ଥିଲା

ମୋର୍ ମମତାମୟୀ ମା

To read the complete magazine, Download it for FREE from www.aahwaan.com

ଗୁଟେ ଥାନେ ଥିମା ବଲି

ଭୁଲି ଗଲା ତାର୍ ମା, ଗାଁ

ଅଧା ବାଟେ ଛାଡ଼ିଯିବୁ ହେଲେ

ତୋର୍ ବିନା ଝୁରି ହେବା ଗୋ ମା ।୩ ।

ପରାଁରା କରି ଗାଁର ଛାତି

ତୁଇ ପଲାବୁ ରାତି

ଖଇ କପା କେ ବାଟେ ବିଛି

ମଶାନ୍ ଜିମି ମୁଇଁ

ଜମି ବାଡ଼ି କେ ଥୁଇଜିବୁ ତୁଇ

ଏକ୍ଲା କାଏଁ କରମି ମୁଇଁ ।୪ ।

ବୁଆ ମୁହେଁ ଜୁଏ ଦେ କହେଲେ

ଥରି ଯାଉଛେ ଇ ହାତ୍

କେନ୍ତା ବୁଆକେ ଜୁଏ ଦେମି

ଯିଏ ଖୁଆଲା ମତେ ଭାତ୍

ଦୁନିଆଁର ପାହାଁ ଚଲାବାଟେ

ହାତ୍ ଧରି କଢ଼ାଲା ବାଟ୍ ।୫ ।

To read the complete magazine, Download it for FREE from www.aahwaan.com

ସେ ମୁନୁଷ ନିଶା ଖାଇ ପିଇ

ହାରିଦେଲା ତାର୍ ମାନ୍

ଭୁଲି ଯା ନିଶା ପିଇ କେ

ତୁଇ କର୍ ବୁଦ୍ଧି ଜ୍ଞାନ୍

ଯହ ଦିନ୍ ଜୀଇଁବୁ ହେଲେ

ଇହାଦେ ମୋର୍ କଥାକେ ମାନ୍ ।୬ ।

ତସଲା ଡିହି, ସୁନ୍ଦରଗଡ଼, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଭିନ୍ନ ଏକ ପରିଭାଷା



ସିପ୍ରା ନାମତା

ଜୀବନର ଶୂନ୍ୟ ଅଭିସାରେ
ପ୍ରଶ୍ନବାଚୀଟିଏ କରେ ଜର୍ଜରିତ
ଏଇ କ୍ଳାନ୍ତ ଅପରାହ୍ନ ସତେ ବା କରେ
ଉପହାସ ଆଉ ଅଟ୍ଟହାସ୍ୟ ।
ସଲ୍ଲଜ ଧରା ଅଭିମାନୀ ସାଜି
ଆବାହନୀ ମନ୍ତ୍ରେ ହୁଏ ଉଦ୍‌ଭାସିତ
ନେପଥ୍ୟେ ଦୂର ଦିଗବଳୟେ ତନ୍ଦ୍ରାଳସ୍ୟେ ମଗ୍ନ
ରଚିବାକୁ ଆଉ ଏକ ମୃଦୁ ମଳୟ ବସନ୍ତ ।
ଶୁଷ୍କ ଓଷ୍ଠଧାରେ କାରୁଣ୍ୟ ଖେଳୁଛି
ଅନୁସନ୍ଧିତ୍ସୁ ମନ ଜିଜ୍ଞାସା ତୋଳୁଛି
ସ୍ମୃତି ରୋମନ୍ଥନେ ମର୍ମରିତ ମନେ
ପ୍ରାପ୍ତିର ଆଶା କିଛି ଆଉ କୁହୁଳି ଉଠୁଛି ।
ନିର୍ବାକ୍ ଚାହାଣୀରେ ନିର୍ଲିପ୍ତ ହୃଦୟରେ
ପ୍ରକୃତିର ଅଭିମାନ
ଯେତେ ସାଇତିଛି ତୁମ ପାଇଁ ସବୁ
ଅନୁଭବ କର ମୋ ସ୍ପନ୍ଦନ ।
ସବୁଜ ଶାଢ଼ୀର ପଣତ ଘୋଡ଼େଇ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ତୁମକୁ ଦେଇଛି ଶୀତଳ ଛାୟା

ପାହାଡ଼ କନ୍ଦରେ ଫୁଟାଇଛି ଝରଣା

ତୃଷାକୁ ନିବାରି ପବିତ୍ର କରୁଛ କାୟା

ଦୃଷ୍ଟି ତୁମ ଲମ୍ବିଥାଏ, ପଥପ୍ରାନ୍ତ ଗେରୁଆ ମାଟିରେ

ସାଗରର ବାଲୁ ଶଯ୍ୟାରେ

ଖୋଜିବାକୁ ବସିଯାଅ, ବିହଗର ଚହ ଚହ ନିନାଦରେ

ଭ୍ରମରର କଳଗୁଞ୍ଜନରେ

କାକଳୀର ମଧୁର ମୂର୍ଚ୍ଛନାରେ ।

ଅୟୁତ ଯୁଗର କାମନାକୁ ନେଇ କେହି

ଜଣେ ବ୍ୟକ୍ତି କରନ୍ତା,

ସ୍ୱପ୍ନର ଅଳସ ନଈର କାଶତଣ୍ଡୀ, କିଆବୁଦା

ଆଉ ଧାଡ଼ି ଧାଡ଼ି କଦମ୍ବ ଫୁଲରେ

କମ୍ପିତ ଓଠ, ନାସା ରନ୍ଧ୍ର ଦେଇ ତତଲା ନିଃଶ୍ୱାସରେ

ଉଷ୍ଣତା ଭରି ଦିଅନ୍ତା ।

ପ୍ରଚଣ୍ଡ ନିଦାଘର ମଲ୍ଲୀବାସ ଛୁଟେ

ଶ୍ରାବଣ ସନ୍ଧ୍ୟାରେ ମନ ଓଦା ହୁଏ

ସୁନେଲୀ ପ୍ରଭାତ ସଂଜ ନୀଳିମାକୁ

ବଉଦ ଯେ ଢାଙ୍କିଦିଏ,

ଗାଁ ପୋଖରୀର ଶ୍ୱେତପଦ୍ମ ଆଉ

ରକ୍ତ କଇଁର ଖିଲିଖିଲି ହସ

To read the complete magazine, Download it for FREE from www.aahwaan.com

ଯୌବନ ଛାତି ଚିରିଦିଏ,

କୁଆଁର ପୁନେଇର ଜ୍ୟୋତ୍ସ୍ନାଶିକ୍ତ କୈଶୋରରେ

ପ୍ରେମାଶକ୍ତ ହୋଇ ହଜିଯାଅ ତୁମେ ବିରହରେ ।

ପୌଷର ଶୀତୁଆ ସକାଳର ଶିଶିର ଭର୍ତ୍ତି ମସୃଣ

ଘାସ ଗାଲିଚାରେ ପାଦ ଥାପିବାର ମୁହୂର୍ତ୍ତ

କେଣ୍ଡା କେଣ୍ଡା ଧାନ ବିଲର ସୁବର୍ଣ୍ଣ ଆଭାରେ

ନିଜକୁ ଲୋଟେଇ ଦେବାର ଇଚ୍ଛା ସବୁ

ବସନ୍ତର କୋକିଳ କୁହୂତାନ, ଆମ୍ବ ବଉଳର ସୁରଭି

ଗାଇଆଳ ଟୋକାର ଗାଉଁଲି ଗୀତ

ଦୂର ଉପତ୍ୟାକା ଗାଏ ମିଳନ ଗୀତି

ଭଙ୍ଗ କରିବାକୁ ଆତ୍ମଗ୍ନ ଋଷିର ଧ୍ୟାନ ।

କୁଞ୍ଜ କାନନ ଭରା ବନ ଉପବନ

କରେ ତୁମ ମନ ମହୁଆ

ଜୀବନ ତୁମର, ତୁମେ ତ ନାବିକ

ଚଳାଇବା ମାରି ଆହୁଲା

ସବୁ ସୁଖ ଦେଇ ସାରିବା ପରେ -

ଆଉ କଣ ବାକି ରହିଗଲା ଦେବାପାଇଁ

ସବୁ ଦୁଃଖ ନେଇଯିବା ପରେ

ଆଉ ବା କଣ ବାକି ରହିଯାଏ ନେବାପାଇଁ

ଯୁଗର ଆବହମାନ କାଳରୁ ତୁମେ ଖାଲି ଥାଅ

To read the complete magazine, Download it for FREE from www.aahwaan.com

ପ୍ରତୀକ୍ଷାରେ, ପାଇବାପାଇଁ ଆଉ ନେବାପାଇଁ...

ତା'ହେଲେ ତୁମେ କୁହ...

ଆଉ କଣ ପାଇବାକୁ ଚାହଁ ?

କଣ ଆଉ ଦେବାପାଇଁ ରହିଗଲା ବାକି

ଯାହା ପାଇ ତୁମେ ଖୁବ୍ ଉଚ୍ଛ୍ୱସିତ ହେବ...

ସେହି ଭାଷାରେ, ଯାହା କେବେ କେହି କହିନାହିଁ

'ଭିନ୍ନ ଏକ ପରିଭାଷା' ପୁରୁଷକୁ ପ୍ରକୃତିର ! !

ଗ୍ରା/ପୋ : ତୁଳସୀଚଉରା, ବାରିପଦା

ମୟୁରଭଞ୍ଜ ଜିଲ୍ଲା, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବୋଉ



ଅରବିନ୍ଦ ବିଶ୍ୱାଳ

ମିଛ ଦୁନିଆଁରେ

ସ୍ନେହ ସତ ତୋର

ଆଉ ସବୁ ଏଠି ଦୂର,

ସକାଳରୁ ସଞ୍ଜ

ପ୍ରଭୁଙ୍କ ପାଦରେ

ଶୁଭ ମନାସୁ ତୁ ମୋର ।

ଦେଖିଚି ଲୋ ବୋଉ

ପୂଜା କରୁ କରୁ

ଆଖିରୁ ତୁ ଲୁହ ଝାରୁ,

ଅବୁଝା ବୟସେ

ଭାବୁଥିଲି ଖାଲି

ଏମିତି ତୁ କାହିଁ କରୁ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ସମୟ୍ର ଯାଉଛି

ନଦୀ ବି ଶୁଖୁଛି

ହେଲେ ତୋ ଆଖି ଶୁଖିନି,

କେତେ ଲୁହ ସତେ

ସାଇତି ରଖିଚୁ

ଆଜି ବି ବୁଝି ପାରୁନି ।

ମୃତ୍ୟୁ ଅବା ଜନ୍ମ

ଚିରନ୍ତନ ସତ୍ୟ

ମୃତ୍ୟୁର ରାସ୍ତା ଅନେକ,

ଜନ୍ମ ଦେବାପାଇଁ

ଏକା ତୁ ଲୋ ସତ୍ୟ

ଅନ୍ଧାରୁ ଦେଲୁ ଆଲୋକ ।

ତୋ ଗୁଣ ମହିମା

କେମିତି ଲେଖିବି

To read the complete magazine, Download it for FREE from www.aahwaan.com

ତୁ ପରା ମୋତେ ଲେଖିଚୁ

ମୁଁ କାଳେ ତୋ ପାଇଁ

ଅମୂଲ୍ୟ ସମ୍ପଦ

ବୁଲି ବୁଲି ତୁ କହୁଛୁ ।

ଦୁନିଆଁ କହୁଛି

ଆଜି ତୋ ଦିବସେ

ଏ କଥା କେତେ ଯେ ସର,

ସବୁ ଦିବସରେ

ତତେ ମୁଁ ଝୁରୁଛି

ତୋ ଚରଣେ ପ୍ରଣିପାତ ।

ବଉଳଯୋଡ଼ି, ଆଳି

କେନ୍ଦ୍ରାପଡ଼ା ଜିଲ୍ଲା, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ଅଭିଶପ୍ତା



ଡା ଅଚ୍ୟୁତ କୁମାର ରଥ

ଆସୃଷ୍ଟି ନୀଳାର୍ଣ୍ଣବ

ସବୁଜିମା ବନରାଜି ନିରୁତ ନିର୍ଝର

ଫଳ ପୁଷ୍ପେ ସୁଶୋଭିତ

ପ୍ରଜାପତି ଗୀତ ଓ କାମୁକ ଭ୍ରମର

ଆହା, କାହା ଅଭିଶାପେ

ହରିତ ବିଲୁପ୍ତ ଧରା ଧୂଳି ଓ ଧୂସର

ଗରମରେ ଗରଦଗର୍ମ

ପକ୍ଷାଘାତ, ଶ୍ୱାସରୁଦ୍ଧ ଧୂଆଁ ଓ ଜହର

ଆକାଶ ଆକ୍ରୋଶେ ଭରା

ପ୍ରହାରେ ବିଜୁଳି ଆଉ ଶକ୍ତ ବାରିପାତ

ସୂର୍ଯ୍ୟ କ୍ରୁଦ୍ଧ ନିଦାରୁଣ

ଅଗ୍ନିବର୍ଷା ଅଂଶୁଘାତ ପ୍ରହାରେ ନିର୍ଘାତ

To read the complete magazine, Download it for FREE from www.aahwaan.com

ପର୍ବତେ ରଚେ ପ୍ରଳୟ

ଧୂମ୍ରାଭ ଧରଣୀ କେବେ ହୁଏ ଜଳାର୍ଣ୍ଣବ

ହାହାକାରେ ଭରିଯାଏ

ଲିଭିଯାଏ ଜୀବନର ଯେତେକ ବୈଭବ

ଶ୍ରାବଣର ବାରିଧାରା

ଅବା କେହି ଅବିରତ ଢାଳୁଅଛି ଲୁହ

ଉତ୍ତୁଂଗ ଲହରୀମାଳା

ଅବା କାହା ବୁକୁଫଟା ଦୀର୍ଘଶ୍ୱାସ କୋହ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ନାରୀ



ବିକେଶ ସାହୁ

କି ଦୋଷ ଥିଲା ବା ତା'ର ?
କି ଭୁଲ କରିଥିଲା ସେ ?
କଣ ତା'ର ବିବାହ କରିବା ଭୁଲ
ମାଆବାପା ଘରଦ୍ୱାର ଛାଡ଼ି
ଏକ ଅଚିହ୍ନା ମଣିଷର
ହାତ ଧରିବା କଣ ଭୁଲ ?
ପ୍ରତିଟି ସମୟରେ ନିଜକୁ
ପରପାଇଁ ଉତ୍ସର୍ଗ କରିବା
କଣ ତା'ର ଭୁଲ ?
କେଉଁ ଭୁଲର ଶାସ୍ତି
ଦେଉଛି ଏ ସମାଜ ତା'କୁ ?
କି ଭୁଲ କରିଛି ସେ ?
ପ୍ରତିଟି ଘାତ ପ୍ରତିଘାତକୁ
ଚୁପଚାପ ସହିଯାଇ
ଅନ୍ୟ ମୁହଁରେ ହସର ଲହରୀ
ଖେଳାଇବା କଣ ଭୁଲ ?
ସମସ୍ତ ବ୍ୟଥାକୁ ହୃଦୟରେ ଚାପି ରଖି

To read the complete magazine, Download it for FREE from www.aahwaan.com

ପ୍ରତି ସମୟରେ ଅନ୍ୟର ହିତ
ଚାହିଁବା କଣ ଭୁଲ ?
ଯଦି ଭାବୁଛି ଏ ସମାଜ
ସେଇଟା ତା'ର ଦୁର୍ବଳତା ?
ନା ସେ ଦୂର୍ବଳା ନୁହେଁ
ଧ୍ୱଂସି ପାରେ ସେ
ସୃଷ୍ଟି କରିପାରେ ସେ
ପାଳନ ବି କରିପାରେ ସେ ।
କେବେ ସେ ଦୁହିତା
ତ କେବେ ଅର୍ଦ୍ଧାଙ୍ଗିନୀ
କେବେ ସ୍ନେହମୟୀ ମାଆ
ତ କେବେ ସେ ଦୁର୍ଗତିନାଶିନୀ
ଅନ୍ୟାୟ ବିଧ୍ୱଂସିନୀ
ସେ ହିଁ ସର୍ବସଂହା ନାରୀ ।

To read the complete magazine, Download it for FREE from www.aahwaan.com

# ମନକେ ମନେଇ



ଆଶୁତୋଷ ମେହେର

ମନଟା ଯେବେ ହେସି ଦୁରବଲିଆ

ସବୁ କାମ ହେସି ଟଲମଲ

ସବ ଗଡବଡ  ଫସରଫାଟସି

ଲଟକୋଅଠା ବେହଲଚଲ  । ।

ମନକେ ରଖଲେ ଧୀରଥିର କରି

କାମଟା ବନସି ଟେନଟେନ,

କାଢ ହେଉ ପଛେ ହେଇତ ଯାଏସି

ମନଟା ଲାଗିଥିସି  ଅଏନ  । ।

ମନ ବନିଗଲେ ପଥର ଚଟାନ

ସବୁ ଆସାନ ଗୁସିଆଁ ହାତେ

ଉଚଁ ପରବତ ନୁଇଁ ବି ଯାଏସି

ନଏଦ ପାର ନାଉରି କାତେ  । ।

ମନର ଉପରେ କରବ ବସିଆ

ଜୀବନ ବଢବା କଲେକଲେ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



ମନକେ ମନେଇ ଜୀବନ ଡଙ୍ଗା କେ

ବାହେବ ସମିଆ ହଲଚଲେ ।।

**ସମାପ୍ତ**


୫୪ ଆର୍ଯ୍ୟପଲ୍ଲୀ

କିଟ ଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬


To read the complete magazine, Download it for FREE from www.aahwaan.com

# ସ୍ରଷ୍ଟା



ଗୀତାଞ୍ଜଳି ଦାସ

ସ୍ପନ୍ଦନ ଦେଇଛ ପ୍ରତି ପ୍ରାଣେ ତୁମେ
ସ୍ରଷ୍ଟାର ଭୂମିକା ନେଇ,
ତମେ ହିଁ ତ ଉଷା ଜୀବନ ଆକାଶେ
ତାମସୀ ରାତ୍ରି ପାଇଁ ।
ଅନ୍ଧାର ଆଲୋକ ତୁମେ ହିଁ ରଚିଛ
ତୁମେତ ଶୀତଳ ଜ୍ୟୋସ୍ନା,
ମରୁ ଝରଣାର ଦେହେ ଖେଳୁଅଛ
ଟାଳିବାକୁ ମୃଗ ତୃଷ୍ଣା ।
ତୁମେ ହିଁ ଦେଇଛ ପବନର ଅଙ୍ଗେ
ମୃଦୁ ମଳୟର ଗନ୍ଧ,
ତୁମେ ହିଁ ଭରିଛ ଫୁଲର ତନୁରେ
ଅଜଣା ବେପଥୁ ଛନ୍ଦ ।
କବିର ଗୀତିରେ ତୁମେ ହିଁ ତ ସ୍ୱର
ଶିଳ୍ପୀ-ପ୍ରାଣର ଉତ୍ସ,
ଅପରା ଜଗତେ ପରା ପ୍ରତିବିମ୍ବ
ତୁମେ ତ ଆଙ୍କି ଦେଇଛ ।

To read the complete magazine, Download it for FREE from www.aahwaan.com

# ମୁଁ ଜଣେ ନାବିକ କହୁଛି



ପ୍ରକାଶ ସାହୁ

ଆମେ ଦୁହେଁ ୧୮ ବୟସରେ ଘର ଛାଡ଼ିଲେ ।
ତୁ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ପାସ କଲୁ ।
ମୁଁ ଭାରତୀୟ ନୌସେନାର ଟେଷ୍ଟ ପାସ କଲି ।
ତୋତେ ଭଲ କଲେଜରେ ଆଡ଼ମିଶନ ମିଳିଲା ।
ମୋତେ ନୌସେନାରେ ଯୋଗଦାନ ମିଳିଲା ।
ତୁ କଲେଜରୁ ଡିଗ୍ରୀ ହାସଲ କଲୁ ।
ମୁଁ ସେନାର କଠୋର ପ୍ରଶିକ୍ଷଣ ପାଇଲି ।
ତୋର ଦିନ ସକାଳ ୯ ରେ ଆରମ୍ଭ ହୁଏ,
ଆଉ ସନ୍ଧ୍ୟା ୫ରେ ଶେଷ ହୁଏ ।
ମୋର ଭୋର ୬ଟାରେ ଆରମ୍ଭ ହୋଇ
ରାତି ୯ଟାରେ ଶେଷ ହୁଏ ।
କେବେ କେବେ ପୁରା ୨୪ ଘଣ୍ଟା ଡ୍ୟୁଟି ଦିଏ ।
ତୋତେ ଭଲ କମ୍ପାନୀରେ ଚାକିରୀ ମିଳିଲା ।
ମୋତେ ନୌସେନାରେ ନିଯୁକ୍ତି ମିଳିଲା ।

To read the complete magazine, Download it for FREE from www.aahwaan.com

ସବୁଠୁ ଭଲ କମ୍ପାନୀ ତୋତେ ଡାକି ନେଲା,

ଆଉ ଭଲ ପ୍ୟାକେଜରେ ଦରମା ଦେଲା ।

ମୋତେ ଧଳା ବର୍ଦିରେ ଜାହାଜକୁ

ଯିବାକୁ ଆଦେଶ ମିଳିଲା ।

ତୋତେ ଭଲ ଚାକିରୀ ମିଳିଲା ।

ଆଉ ମୋତେ ଜୀଇଁବାର ନୂଆ ମାଧ୍ୟମ ମିଳିଲା ।

ଇଚ୍ଛାନୁସାରେ ତୋ ପରିବାର ସହ ଭେଟ କରିଲୁ ।

ମୋର ଆଶା ରହୁଥିଲା ଜଲଦି ଦେଖା କରିବି ।

ତୁ ସବୁ ପର୍ବପର୍ବାଣୀ ମନାଇଲୁ ।

ମୁଁ ଗଭୀର ସମୁଦ୍ର ଭିତରେ ଜାଣିପାରିଲିନି,

କେବେ ଥିଲା କେଉଁ ପର୍ବ ।

ତୁ ନୀତି ପୂଜା ପାଇଁ ମନ୍ଦିରକୁ ଗଲୁ ।

ମୁଁ ଗଭୀର ସମୁଦ୍ରେ ମନେ ମନେ ଡାକି ରହିଲି ।

କମ୍ପ୍ୟୁଟର ତୋର ଅତ୍ୟାବଶ୍ୟକ ସାମଗ୍ରୀ ଥିଲା ।

ରାଇଫଲ ଆଉ ରାଉଣ୍ଡ ମୋର ନିତ୍ୟବ୍ୟବହାର୍ଯ୍ୟ ଥିଲା

ତୁ ଖାଉଥିଲୁ ମନମୁତାବକ ଖାଦ୍ୟ ।

To read the complete magazine, Download it for FREE from www.aahwaan.com

ମୁଁ ଅନିଚ୍ଛା ସତ୍ତ୍ୱେ ଖାଉଥିଲି ହୋଇ ବାଧ୍ୟ ।

ଆମ ଦୁହିଁଙ୍କର ବିଭାଘର ହେଲା ।

ତୋ ସ୍ତ୍ରୀ ତୋତେ ସବୁଦିନେ ଦେଖୁଥିଲା ।

ମୁଁ ବଂଚି ରହିବା ପାଇଁ ମୋ ସ୍ତ୍ରୀ ପ୍ରାର୍ଥନା କରୁଥିଲ ।

ତୁ ବିଜିନେସ ଟ୍ରିପରେ ବିଦେଶ ଗଲୁ ।

ମୁଁ ଜାହାଜରେ ଗଭୀର ସମୁଦ୍ର ଭିତରକୁ ଗଲି ।

ଆମ ଦୁହିଁଙ୍କ ସ୍ତ୍ରୀ ଦୁଃଖୀ ଥିଲେ ।

ତୁ ଫେରିଆସିଲୁ ତୋ ସ୍ତ୍ରୀ ପାଖକୁ ।

ମୁଁ ଫେରିଆସିଲି ମୋ ସ୍ତ୍ରୀ ପାଖକୁ ।

ବାସ ଫରକ ଏତିକି ଥିଲା ।

ମୁଁ ଆସିଥିଲି ରାଷ୍ଟ୍ରୀୟ ସମ୍ମାନ ଆଉ,

ତ୍ରିରଙ୍ଗା ପତାକାରେ ବାନ୍ଧି ହୋଇ ।

ତୁ ପୋଛିଦେଲୁ ତୋ ସ୍ତ୍ରୀ ଆଖିରେ ଲୁହ,

ମୁଁ ପୋଛି ନ ପାରିଲି ମୋ ସ୍ତ୍ରୀ ଆଖିର ଲୁହ ।

ତୁ ତୋ ସ୍ତ୍ରୀକୁ ଆଲିଙ୍ଗନ କଲୁ ।

ମୁଁ କିଛି ବି କରି ପାରିଲି ନାହିଁ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ତୁ ଆଣିଥିଲୁ ତୋ ସ୍ତ୍ରୀ ପାଇଁ ଉପହାର ।

ମୁଁ ଆଣିଥିଲି ଛାତିରେ ବୀରତ୍ୱର ମେଡ଼ାଲ୍ ।

ତୁ ଆଣିଥିଲୁ ନୂଆ ଟେକ୍ନୋଲୋଜୀ ।

ମୁଁ ଆଣିଥିଲି ହୃଦରେ ଶତ୍ରୁର ଗୁଳି ।

ତୁ ଫେରିଆସିଥିଲୁ ନୂଆ ଅବତାରରେ ।

ମୁଁ ଆସିଥିଲି ରକ୍ତ ଜୁଡ଼ବୁଡ଼ ଅବସ୍ଥାରେ ।

ତୁ ଆସିଥିବାରୁ ତୋ ଘର,

ହସ ଖୁସିରେ ଦୋହଲୁ ଥିଲା ।

କାନ୍ଦ ବୋବାଳିରେ ମୋ ଘର ଅଥୟ ହେଲା ।

ଭୋଜିଭାତ ପାଇଁ ତୋ ଘରେ ଆୟୋଜନ ଚାଲିଥିଲା ।

ମୋତେ ମଶାଣିକୁ ନବା ପାଇଁ

କାଠର ଯୋଗାଡ଼ ହେଉଥିଲା ।

ତୋତେ ମିଳୁଥିଲା ବନ୍ଧୁବାନ୍ଧବଙ୍କଠାରୁ ଶୁଭକାମନା ।

ମୋ ପରିବାରକୁ ମିଳୁଥିଲା ସମବେଦନା ।

ପୁଣିଥରେ ହସଖୁସିରେ ଭରିଗଲା ତୋ ସଂସାର ।

ସବୁଦିନ ପାଇଁ ମ୍ରିୟମାଣ ହେଲା ମୋ ସଂସାର ।

ନାବିକ, ଭାରତୀୟ ନୌସେନା

To read the complete magazine, Download it for FREE from www.aahwaan.com

# ସପନର ନଈକୂଳେ



କାଳୀଚରଣ ମହାରଣା

ସପନର ନଈକୂଳେ ତୋଳିଛି ମୁଁ ଘର,

ଘର ନୁହେଁ ସେ, ମୋ ସ୍ୱପ୍ନ ମନ୍ଦିର ।

ସୁଖର ବାଲିରେ ଦୁଃଖର ପଥର ନେଇ

ହସର ମାଟିରେ କୁହର ଉଦକ ଦେଇ

ଗଢ଼ିଛି ମୁଁ ସ୍ୱପ୍ନଘର

ହୃଦୟର ଶୂନ୍ୟତାରେ

ହୃଦୟର ଶୂନ୍ୟତାରେ ।

ସପନର ନଈକୂଳେ...

ନିରାଶା ପଥରେ ଆଶାର ଦୁଆର ଦେବି

ଚାହିଁ ବସିଛି ମୁଁ ସୁନେଲୀ କିରଣ ପାଇଁ

ଦେଖିବାକୁ ଇନ୍ଦ୍ରଧନୁ

ଆକାଶର ଜହ୍ନସେତୁ

ରଖିଛି ଅଗଣା ତା'ର ମଝି ଦୁଆରେ...

ସପନର ନଈକୂଳେ....

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କାନ୍ଥ ଗଲେ ଫାଟି ଘରକି ସୁନ୍ଦର ଦିଶେ

ମନଗଲେ ଫାଟି ହୃଦୟକି ଆଉ ବୁଝେ

ମନ ମୋର ଫିକା ଫିକା

ଅଧା କଞ୍ଚା ଅଧା ସିଝା

କାନ୍ଦିବି କି ହସିବି ମୁଁ ନିଜେ ଜାଣେନା...

ସପନର ନଈକୂଳେ...

ଜୀବନ ପଥରେ କେତେ କଣ୍ଟା ଫୁଲ ଆସେ

ବାଇ ଚଢ଼େଇ କି ବତାସକୁ ଦେଖି ଡରେ

ମନ ମୋର ଅଟେ ଚାଳ ଛପରର ବାସ

ଲାଗେ ଡର କାହିଁ ଅଗ୍ନିରେ ନ ହେଉ ଝାସ

ଦୁଃଖ ଯାଏ ସୁଖ ଆସେ

ଝଡ଼ ଆସେ ଥମିଯାଏ

ନଈବଢ଼ି ପରେ ଜଳ ପୁଣି ଶୁଖିଯାଏ...

ସପନର ନଈକୂଳେ...

ଟ୍ରେନିଂ ସ୍କୁଲ୍, ପୋଲସରା, ଗଞ୍ଜାମ

ଭ୍ରାମ୍ୟଭାଷ : ୮୮୯୫୨୩୧୯୪୯

ଇମେଲ୍ - inibartini@gmail.com

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମୋ ଭାରତ ଭୂମି



ନୃସିଂହ ଚରଣ ବେହେରା

ସଭିଙ୍କ ହୃଦୟରେ ଜଳୁଥାଏ ନିତି

ଦେଶ ପ୍ରେମର ଅଖଣ୍ଡ ଜ୍ୟୋତି,

ଭାରତ ମାତାର ସନ୍ତାନ ବୋଲି

ଗରବରେ ଫୁଲୁ ଆମର ଛାତି ।

କେତେ ବୀରଙ୍କର ରକ୍ତରେ ଗଢ଼ା

ଆମର ସୁନ୍ଦର ଏଇ ଦୁନିଆ

ସାରା ଦୁନିଆରେ ଆମ ଏ ଦେଶ

ଆକାଶ ବକ୍ଷରେ ସତେ ଚନ୍ଦ୍ରମା ।

ସ୍ୱାଧୀନ ଦେଶର ପାଣି ଓ ପବନ

ଆମକୁ ଦେଉଛି ନୂଆ ଜୀବନ

ସାତ ସାଗର ଦରିଆ ବେଳାଭୂମି

ମୋହି ନିଏ ଏଠି ସଭିଙ୍କ ମନ ।

ସ୍ୱାଧୀନ ହୋଇଛୁ ଆଜି କହୁଅଛୁ ସିନା

ହେଲେ ସ୍ୱାଧୀନତା ମୂଲ୍ୟ କିଏ ବୁଝୁଛି

To read the complete magazine, Download it for FREE from www.aahwaan.com

ଅନ୍ୟାୟ ଦୂର୍ନୀତି ଯିଏ କରୁଛି

ମୋ ମତରେ ସେ ସ୍ୱାଧୀନ ଆଜି ।

ଦେଶର ସେବାରେ ଜୀବନ ଢାଳିବା

ଅରାଜକତାକୁ ଆମେ ଦେବାରେ ମାରି

ସାରା ସଂସାରେ ଆମ ଦେଶ ସୁନ୍ଦର

ଧନ୍ୟ ଏଇ ମୋର ଭାରତ ଭୂମି ।

ଭୋଇ ନଗର, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ପ୍ରକୃତି କନ୍ୟା



ପାରମିତା ମିଶ୍ର

ପ୍ରକୃତି ରାଜ୍ୟର ସେ ଯେ ପାଳିତା କନ୍ୟା

ସୌନ୍ଦର୍ଯ୍ୟ ରେ ଯେବେ ଆସିଲା ବନ୍ୟା ।

ଛଳନାର ପ୍ରତୀକ ସେ ମୃଣ୍ମୟୀ ନେତ୍ରଦ୍ୱୟ

କେଉଁ ମୁହୁର୍ତ୍ତରେ ଆସେ ନାହିଁ ତା'ର ସମୟ ।

ଅଗ୍ନୀ ଜ୍ୱାଳା,ବାୟୁ ଝଡ଼ ଅବା ରୌଦ୍ର ତାପ

ମହିମଣ୍ଡଳେ ଯେ ଅଛି ସବୁ ତାର ପ୍ରେମିକ ।

ବଳିଷ୍ଠ ସୈନ୍ୟ ସାମନ୍ତଙ୍କୁ ଧରିଚାଲେ ସଙ୍ଗେ

ମଶାଲ୍ ସହିତ ପୁଣି ଶଙ୍ଖ ଧ୍ୱନି ଶୁଭେ ।

ରାଜଜେମା ଅବତୀର୍ଣ୍ଣ ହେଲେ ଧରା ପୃଷ୍ଠେ

ଟିପ୍ ଟିପ୍ ଘୁଂଗୁରର ପ୍ରତିଧ୍ୱନି ଶୁଭେ ସ୍ପଷ୍ଟେ ।

ତୁମ ସ୍ପର୍ଶେ ଭୂମଣ୍ଡଳେ ପ୍ରକମ୍ପିତ ବାସ୍ନା

ତୁମେ ଆସି ମେଣ୍ଟେଇଲ ମୃତକର ତୃଷ୍ଣା ।

ତୁମେ ପରା ପ୍ରୀତିପଦ୍ମା କବି ଲେଖନିର

କୃଷକର ଅନ୍ନଦାତ୍ରୀ, ସଙ୍ଗିନୀ ନଦୀର ।

To read the complete magazine, Download it for FREE from www.aahwaan.com

ପ୍ରକୃତିର ତୁମେ ହେଲ ଅନନ୍ୟ ପ୍ରତିମା

ମୋ ସଙ୍ଗେ ଏ କେମନ୍ତ କଲ ପ୍ରିୟତମା ।

ନଭ ରାଜ୍ୟର ମୁଁ ସିନା ରାଜକୁମାର

ତୋ ବିନା କେମନ୍ତ ବଞ୍ଚିବ ତୁମ ଦିବାକର ।

ତୁମେ ଛାଡ଼ି ଯାଅ ଯେଉଁ ପ୍ରେମର ପ୍ରତୀକ୍,

ସାତ ରଙ୍ଗ ଟାଣି କହେ ମୁଁ ତୁମ ପ୍ରେମିକ ।

ତୋ ବାଟକୁ ଚାହିଁ ଚାହିଁ ଆଗୋ ପିୟଷୀ

ଜଳି ଜଳି ବଂଚୁଛି ମୁଁ ତୋ ପାଇଁ ତରସି ।

ଶୁଣି ଯାଅ ସଖି ମୋର ଆଉ କ୍ଷଣେ ରହିଯା

ତୁ ଆସିଲା କ୍ଷଣେ ମତେ ଘଉଡ଼ାଉ କିଆଁ ।

ରକ୍ତରଂଜିତ ହୋଇ ରହିଛି ମୁଁ ଆଜ ପ୍ରାୟ,

ନା ହୋଇ ପାରୁଛି ମୁଁ ଅସ୍ତ, ନା ମୁଁ ଉଦୟ ।

ମୁଁ ହେଲି ପ୍ରକୃତିର ଅନନ୍ୟ ତନୟା

ମୋ ଭାଗ୍ୟରେ ନାହିଁ ପ୍ରେମର ପ୍ରତି ଛାୟା ।

ଉନ୍ମୁକ୍ତ ମଳୟ ଆଜି ଦେହେ ବାଜି ମୋର

ମନେ ପକାଇ ଦିଏ ମତେ ମୁଁ ନୁହେଁ କାହାର ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଛଦ୍ମରୂପି ମୁଁ ଅଦିନମେଘ ମୋ ନାଁ,

ସୂର୍ଯ୍ୟ ସାଥେ ପ୍ରେମ ଏକ ମରିଚୀକା ଯାହା ।

ହେ ମୋର ପ୍ରିୟବର କରିଦେବ କ୍ଷମା

ତୁମର ହୋଇ ପାରିବନି ପ୍ରକୃତି ରାଜଜେମା ।

ସ୍ମରଣ ଅଛି ମୋର ଅନ୍ୟନାମ ବୃଷ୍ଟି

ତୁମ ଦାଉଁରୁ ଉଧାରିବାକୁ ହିଁ ମୋର ସୃଷ୍ଟି ।

ମୋର ନା ଜନ୍ମ, ନା ମୃତ୍ୟୁ, ମୁଁ ଯେ ଲକ୍ଷ୍ୟହୀନା,

ଖାଲି ଏତିକି ମୋ ପରିଚୟ

ମୁଁ ପ୍ରକୃତି କନ୍ୟା ମୁଁ ପ୍ରକୃତି କନ୍ୟା ॥

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମା' ମାତୃଭୂମି



ପ୍ରତିଭା ପ୍ରିୟଦର୍ଶିନୀ

ବୀର ପ୍ରସବିନୀ ଭାରତ ଜନନୀ
ସୁପ୍ତ ଦାୟାଦଙ୍କୁ ଦେଉଛି ଡ଼ାକରା
କାନ ଡେରି ବାରେ ଶୁଣ,
ଯେତିକି ବଇରୀଛନ୍ତି ସୀମାପାରି
ତା'ଠାରୁ ଅଧିକ ଆଭ୍ୟନ୍ତରେ ପୁରି
କରୁଛନ୍ତି ଛଦ୍ମ ରଣ ।

ମୁକ୍ତି ସଂଗ୍ରାମରେ ସଂଗ୍ରାମୀ ମୁଖରୁ
ଯେଉଁ ଉଦ୍ଘୋଷ ଶୁଣି ଥରୁଥିଲା ଦିନେ
ଦୁର୍ଦ୍ଦଶ ଇଂରେଜ ଛାତି,
ସେହି ବନ୍ଦେ ମାତରଂ ଜାତୀୟ ଗୀତକୁ
ଉତ୍ତୁଙ୍ଗ କଣ୍ଠରେ ଗାଇବା ପାଇଁକି
ହେଉଅଛି ରାଜନୀତି ।

କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ,
ସମସ୍ତ କ୍ଷେତ୍ରରେ ଦେଇଛି ଏ ମାଟି
କୁଶଳୀ ବିଦ୍ଧାଣି ମାନ,

To read the complete magazine, Download it for FREE from www.aahwaan.com

ସେଇ ମା ଭାରତୀ ସନ୍ତାନ ଆଜି
ବିଶ୍ୱ ମାନଚିତ୍ରେ ମଣ୍ଡନ କରନ୍ତି
କେତେ ବୃହତ୍ତମ ସ୍ଥାନ ।

ତଥାପି ଦେଶରେ ଅଧୋଗାମୀ ଏବେ
ଶାନ୍ତି, ମୈତ୍ରୀ, ପ୍ରୀତି, ସହିଷ୍ଣୁତା ଆଉ
ରାଷ୍ଟ୍ରବାଦ, ଦେଶପ୍ରେମ,
ଭରତୀୟତା ଠୁ ଉଚ୍ଚ ସ୍ୱରେ ଗୁଞ୍ଜରିତ
ସ୍ୱାର୍ଥପର ଯେତେ ସଂକୀର୍ଣ୍ଣ ଚିନ୍ତନ
ବଡ଼ ଦିଶେ ଜାତି-ଧର୍ମ ।

କାର୍ଗିଲରୁ କେରଳ, କଚ୍ଛରୁ କାମାକ୍ଷା
ଏକସୂତ୍ରେ ବନ୍ଧା, ରହୁ ଚିରକାଳ
ପ୍ରତିଟି ମୁହଁରେ ହସ,
କୋଟିଏ ସନ୍ତାନ ସମବେତ କଣ୍ଠେ
ଜନନୀ ବନ୍ଦନେ କମ୍ପାଇ ଦିଅନ୍ତୁ
ମାଟି ଠାରୁ ମହାକାଶ ।

ଲିଙ୍କ ରୋଡ଼, କଟକ - ୧୨

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଏମିତି ବି ପ୍ରେମ ହୁଏ !



ପ୍ରଶାନ୍ତ କୁମାର ନାଥ

ଦୂରେଇ ରହିଲେ ପ୍ରେମ ବଢେ ବୋଲି
କେତେ ମୁହିଁ ଶୁଣିଥିଲି
ହେଲେ ସେହି କଥା ମିଛ ବୋଲି ପ୍ରିୟା
ଆଜି ମୁହିଁ ଜାଣିଗଲି ।
ଯେତେଦିନ ଥିଲି ସାଥିରେ ତୋହର
ପାଉଥିଲୁ ମୋତେ ଭଲ
ତୋଠାରୁ ଟିକିଏ ଦୂରେଇ ରହିଲି
କରୁ ମୋତେ କଲବଲ ।
ଅଢେଇ ଦିନରେ ଭଲ ପାଇଗଲୁ
ଦେଖି ଗୋଟେ ଧନୀପୁଅ
ଅଜଣା ଅଚିହ୍ନା ହୋଇଗଲି ଆଜି
ମୁଁଯେ ତୋର କେହି ନୁହଁ ।
ଭାବିମୁଁ ନଥିଲି ଦୁନିଆଁରେ ପ୍ରେମ
ଏମିତିବି ହୁଏ ବୋଲି

To read the complete magazine, Download it for FREE from www.aahwaan.com

ଆଜି ଭୁଲି ଯାଏ ହସି ହସି ସିଏ

ଭଲପାଏ ଯିଏ କାଲି ।

ଯିଏ ତ ଆସୁଛି ପାଖେଇ ତାହାର

ତାକୁ ସେ ପାଉଛି ଭଲ

ପ୍ରେମ ମାନେ କଣ ବୁଝି ସେ ପାରୁନି

ବୁଝେନି ପ୍ରେମର ମୁଲ ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର ।

ଭ୍ରାମ୍ୟଭାଷ : ୦୮୯୨୩୦୧୧୪୩

To read the complete magazine, Download it for FREE from www.aahwaan.com

# ସୈନିକ



ରନିତା ସ୍ୱାଇଁ

ମୁଁ ଜଣେ ସୈନିକ,
ମୋ ପାଇଁ ମୋ ମା ଯେତିକି ପ୍ରିୟ
ସେତିକି ମୋ ଜନ୍ମଭୂମି
ମା ଜୀବନ ଦେଇଛି, ଆଉ
ଜନ୍ମଭୂମି ଜୀବିକା !
ମା କ୍ଷୀରର ଋଣ ସୁଝିବି
ତା ମୁହଁରେ ହସ ଦେଇ ଆଉ
ଜନ୍ମଭୂମିର ଋଣ ସୁଝିବି
ତା ସମ୍ମାନ ପାଇଁ ଜୀବନ ଦେଇ ।
ସେଥିପାଇଁ ହରେଇବାକୁ ପଡୁ ପଛେ
ମୋ ଜୀବନର ତମାମ ରାତି
ଆଉ ରାତିର ସ୍ୱପ୍ନ
ଉଜୁଡ଼ିଯାଉ ପଛେ ମୋ ପତ୍ନୀର
ସୀମନ୍ତର ସିନ୍ଦୁର

To read the complete magazine, Download it for FREE from www.aahwaan.com

ଅନାଥ ହୁଅନ୍ତୁ ପିଲା ମୋର

ତଥାପି ଲଢୁଥିବି ଥିବା ଯାଏ ମୋ ଦେହରେ

ଶେଷ ରକ୍ତବିନ୍ଦୁ...

ପାକିସ୍ତାନ ହେଉ କି ହେଉ ଅବା ଚୀନ

ଭେଟ ହେବ ତୁମ ସହ ସମର ଶଯ୍ୟାରେ

ମନେରଖ ଆମେ ଭାରତୀୟ

ଜନ୍ମଭୂମି ଆମପାଇଁ ମା'ଠାରୁ ବଳି

ଜୀବନ ଦେବୁ ତା ପାଇଁ

ଆମେ କାଲି ବି ବିଜେତା ଥିଲୁ, ଆଜି ଅଛୁ

ଆଉ ଯୁଗେ ଯୁଗେ ରହିଥିବୁ

ବିଜେତା ହିଁ ହୋଇ ।

ଜୟ ହିନ୍ଦ୍

ପଟିଆ, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ପରକୀୟାର ଆତ୍ମଗ୍ଲାନି



ଉଦୟନାଥ ଗୌଡ଼

ଅସ୍ପଷ୍ଟ ବେଦନାର କଳରବ,
ବ୍ୟଗ୍ରତାର ଶତଶତ, ଚାପା ଗୁଞ୍ଜରଣ;
ପରିଷ୍ଫୁଟ ଅଭିପ୍ସାର
ସମୁଦ୍ଭୁତ ପାଶବ ଲାଳସା;
ଈଗଲ ଓ କୃଷ୍ଣସାର,
ଆଦମ୍ ଓ ଇଭ;
ସ୍ଥିର ଲକ୍ଷ...... ଅସ୍ଥିର ପୃଥିବୀ;
ଅନାହୁତ ଆକର୍ଷଣ,
ମାଟି ଆଉ ଆକାଶର ନିଷିଧ ସମ୍ପର୍କ !
ତା ଭିତରେ ମଲାଜହ୍ନର ସନେଟ୍ ଗାଇ,
ସ୍ୱପ୍ନର ଏଲିଜି ପାଇଁ, ଲମ୍ଫ ଦିଏ
ପତଙ୍ଗର ଉନ୍ମାଦନା ନେଇ,
ମେଞ୍ଚା ମେଞ୍ଚା ପ୍ରତାରଣା କୁହୁଳା ନିଆଁରେ,
ଫୋନିକ୍ସ ପକ୍ଷୀଟେ ପରି
ବିସ୍ମୟର ଜାଲବୁଣି, ଖୋଜିବୁଲେ
ଶାମୁକାରୁ ମୁକ୍ତାହେବା

To read the complete magazine, Download it for FREE from www.aahwaan.com

ରୁପାନ୍ତର ପ୍ରକୃଷ୍ଟ ପ୍ରହର !

କାମନା ଓ ବାସନାର ମାଦକରେ

ନିଶାଶକ୍ତ ବତିଘର ନିଦୁଆ ଆଖିରେ;

ସମୟକୁ ଅଟକାଇ ସଭ୍ୟତାର ବୁଲାଣିରେ

ଠିଆ କରେ

ସମାଜର କାଠଗଡ଼ା ପରେ !

ଭୁଲିଯାଇ ନିୟତିର ଶବଶିକ୍ତ

ସ୍ପନ୍ଦନ କ୍ରନ୍ଦନ, ଅନ୍ଧାରର ବୟସକୁ

ଦିଗୁଣ ବଢ଼ାଇ, ଆଲୋକକୁ ବନ୍ଦୀକରି

ଶୀତତାପ ବନ୍ଦ ଲଫାପାରେ,

ବିବେକକୁ ହତ୍ୟାକରେ

ପ୍ରକୃତିର ଅବଗୁଣ୍ଠନରୁ, ପାପ ଇଚ୍ଛା

ପାହାଡ଼ ଉପରେ !

ତନ୍ଦ୍ରାଭିଜା ଶର୍ବରୀର ମଧୁଭରା

ପିଆଲାଟେ ଧରି

ମନଭୋକେ, ବିଦେଶୀ ଅତର ଗନ୍ଧେ;

ସମ୍ଭ୍ରାନ୍ତର ଉପପତ୍ନୀ

ଲେଜର ଆଲୁଅର ଗାଲିଚା ଉପରେ,

To read the complete magazine, Download it for FREE from www.aahwaan.com

ବିଧବାର ରୁଣୁଝୁଣୁ ଚୁଡ଼ି

ଚନ୍ଦ୍ରଭାନୁ ମୁଲାୟମ ଶେଜତଳୁ

ପ୍ରଣୟର ପ୍ରଥମ ପରଶ !

ପେଟଭୋକ ପ୍ରଶମନେ

ତା ଦେହର ପୁଳାପୁଳା ମାଂସ

କଥାକହେ, ଅନୁଦ୍ୱାର,

କେଉଁ ଏକ ଲାବଣ୍ୟବତୀର !

ବାରାଙ୍ଗନା

ରଙ୍ଗ ମହଲରେ,

ଦେଖେ ବସି, ଶତାବ୍ଦୀର କ୍ଲାନ୍ତ ଅପରାହ୍ନେ

ଶେଷ ସ୍ୱପ୍ନ, ମିଥୁନ ଲଗ୍ନର !

ସମ୍ପର୍କର ମୂକସାକ୍ଷୀ ମନର ଡାକ ବଙ୍ଗଳା,

ତା କାନ୍ଥର ଦରଲିଭା ସ୍ମୃତିର ନିଶାଣ

ଜୀବନକୁ ମୂଲଚାଲ କରେ

କଳଙ୍କର ମୋହର ଉପରେ;

ଖେଳିଦେଇ ପଥପ୍ରାନ୍ତ ନାଟକର

ଶେଷଅଙ୍କ ଶେଷ ଦୃଶ୍ୟ

ଜରାୟୁସ୍ଥ ଅବାଞ୍ଛିତ

To read the complete magazine, Download it for FREE from www.aahwaan.com

ବୃନ୍ତଚ୍ୟୁତ ଆସନ୍ତାକାଲିର !

ପଚାରନା....... କିଛି ପଚାରନା

ପ୍ରଗଲ୍ଭ ପ୍ରତ୍ୟୁଷ ଯହିଁ

ସ୍ତିମିତ ଗୋଧୂଳିକୁ ନିତିମାଗେ

ଅସ୍ତ ସୂର୍ଯ୍ୟ ପରିଚୟ,

ରୂପାଜହ୍ନ ଆଲିଙ୍ଗନେ

ମଧୂର ଜନ୍ତ୍ରଣାରେ ନିର୍ଯ୍ୟାତିତ

ରାତିର ଠିକଣା !

ବଜରଙ୍ଗ ସିନେମାର

ମୁନ୍ନୀ ଭଳି ବାଟବଣା ମନ ଓ ବିବେକ,

ବୟସର ସାୟାହ୍ନରେ

ଅପରାଧ ଆତ୍ମଗ୍ଲାନି

ଲାଗେ ଭାରି ଭାରି,

ଘଣ୍ଟାଛୁଟି ସ୍କୁଲଫେରା କୁନିଝିଅ

ବସ୍ତାନିଟେ ପରି !

ଗଡ଼ସାମନ୍ତରାପୁର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ମୋ ପ୍ରେମର ଇତିକଥା



ଅନ୍ତର୍ଯ୍ୟାମୀ ସରଘରିଆ

ପ୍ରେମିକ ପ୍ରବର ଦେଇଛି ଚିଠି

ଗପ ଗୀତ କେତେ ଦେଇଛି ଲେଖି

ପ୍ରେମରେ ଯଦି ହାରି ସେ ଯିବ

ମୋ ପାଇଁ ତା ଜୀବନ ଯିବ ।୧ ।

ଦେହ ହାତ ମୋର ଯାଉଛି ଥରି

ଏତେ ବଡ଼ କଥା ହେବ କିପରି

ନୁହେଁ ମୁଁ ଭାବୁକ ନୁହେଁ ମୁଁ କବି

ଚିଠିର ଉତ୍ତର କେମିତି ଦେବି ।୨ ।

ପ୍ରେମକୁ ଯେବେ ତା ମାନି ମୁଁ ଯିବି

ବାପାଙ୍କ ପାଖରୁ ମାଡ଼ ଖାଇବି

ବାଳକୁ ଘୋଷାଡ଼ି ମା ଖୁନ୍ଦିବ

କଲେଜ ଯିବାଟା ବନ୍ଦ ହେବ ।୩ ।

ଭାବନା ସବୁ ମୋ ମାଡ଼ ଖାଉଛି

ପ୍ରେମିକ ବାପୁଡ଼ା ଜିତି ଯାଉଛି

To read the complete magazine, Download it for FREE from www.aahwaan.com

ପ୍ରେମ କରିବି ଯେତେ ଭାବୁଛି

ପ୍ରେମିକ ମୁଁହଟା ଦିଶି ଯାଉଛି ।୪ ।

ବରଷାଟା ଯେବେ ମାଡ଼ି ଆସୁଛି

ତା' କଥା ଭାରି ମନେ ପଡୁଛି

ପରି ରାଇଜରେ ଉଡ଼ି ବୁଲୁଛି

ସୁନେଲି ସପନେ ମଜ୍ଜି ଯାଉଛି ।୫ ।

କାମଦେବ ମୋତେ ମାଇଲେ ସର

ଆଉ କାହାକୁ ବା କରିବି ଡର

କାମନା ନିଆଁରେ ଜଳି ମରୁଛି

ସାହି ଭାଇଙ୍କୁ ବା କିଏ ଡରୁଛି ।୬ ।

କହଲୋ ସଜନୀ କହଲୋ ସଖୀ

ମନକୁ ମୋର କି ପାରିବି ରଖି

ଉଡୁଛି ଯାଇ ସେ ପେରମ ପୁରେ

ଗାଳି ମାଡ଼କୁ ବା କିଏ ପଚାରେ ।୭ ।

କଅଁଳ ବୟସ କସି କାକୁଡ଼ି

ଦେହ ମନ ମୋର ଯାଉଛି ପୋଡ଼ି

To read the complete magazine, Download it for FREE from www.aahwaan.com

ପ୍ରେମ ଖେଳେ ଯେବେ ଯିବି ଲୋ ହାରି

ପରାଣ ମୋହର ଯିବ ବାହାରି  ।୮ ।

ପ୍ରେମ ଧନ୍ଦାଟା ତ ଭାରି ମଧୁର

କରିଦେଲାଣି ସେ ମୋତେ ଚତୁର

କଲେଜ ନାଁ ରେ ଯାଇ ବୁଲୁଛି

ପାଠ ଶାଠ ସବୁ ଭୁଲି ଯାଇଛି  ।୯ ।

ପ୍ରେମ ଚିଠି ଯେବେ ଧରା ପଡୁଛି

ଭାଇ ମୋ ପିଠିରେ ଥୋଇ ଦେଉଛି

ବିଧା ଛାଟକୁ ବା କିଏ ଡରିଛି

ପ୍ରେମ ନିଶାଟା ତ ଘାରି ଯାଇଛି  ।୧୦ ।

ଭାଇର ମାଡ଼ରେ ବେହୋସ ହେଲି

ଘର ଛାଡ଼ିବାକୁ ମନେ ଭାବିଲି

ପ୍ରେମିକ ଟୋକାକୁ ଖବର ଦେଲି

ବାହା ହେବାକୁ ମୁଁ ତାଗିଦ୍ କଲି  ।୧୧ ।

ପ୍ରେମିକ କହିଲା ମୋ ନିଶ ଉଠିନି

ବାହା ହେବା କଥା ଯମା ଭାବିନି

To read the complete magazine, Download it for FREE from www.aahwaan.com

ବାହା ହେବା ଯଦି କରିବା କିସ

ଉଠିଯାଉ ଆଗ ମୋ ଦାଢ଼ି ନିଶ ।୧୨ ।

ଚାକିରୀ ବାକିରୀ ନହେଲା ନାହିଁ

ଟିଉସନ ଦୁଇ - ଚାରି ଯାଏ ମୁଁ ପାଇ

ତା'ପରେ ଛାଡ଼ିବା ଘର ଦୁଆର

ପ୍ରେମ ପୁରେ ଯାଇ କରିବା ଘର ।୧୩ ।

ଏତେ କଥା ଯଦି ମନେ ଭାବିଲ

ପ୍ରେମ ପାଠଟାକୁ କିଆଁ ପଢ଼ିଲ

ସହିବିନି ଆଉ ମୁଁ ମାଡ଼ ଗାଳି

ଜୀବନକୁ ନିଶ୍ଚେ ଦେବି ମୁଁ ହାରି ।୧୪ ।

ମାମୁଁ ପୁଅ ସଙ୍ଗେ ଯିବି ପଳେଇ

ମୁମ୍ବାଇରେ ଘର କରିବି ଯାଇ

ମୁମ୍ବାଇରେ ସେ ବାବୁ ହୋଇଛି

ଟଙ୍କା ପଇସା ତା ଭୁତ ଖାଉଛି ।୧୫ ।

ମାମୁଁ ପୁଅ କଥା ଶୁଣିଲା ଯେବେ

ମୁଣ୍ଡରେ ଚଡ଼କ ପଡ଼ିଲା ତେବେ

To read the complete magazine, Download it for FREE from www.aahwaan.com

କହିଲା ତୁମକୁ ନେଲି ପରଖି

ମନ୍ଦିରରେ ବିଭା କରିବା ସଖୀ ।୧୬ ।

ରାତି ଅଧେ ଦିନେ ଘର ଛାଡ଼ିଲୁ

ନଈ ପାରି ହୋଇ ମନ୍ଦିର ଗଲୁ

ବ୍ରାହ୍ମଣକୁ ଦେଲୁ ଟଙ୍କା ପାଆଁଶ

ବିବାହ ଆମର ହୋଇଲା ଶେଷ ।୧୭ ।

ହନିମୁନ୍ କଲୁ ପାହାଡ଼ ତଳେ

ନିତି ଗାଧେଇଲୁ ଝରଣା ଜଳେ

ଘରଟିଏ ଦେଲା ଧରମ ଭାଇ

ସେ ଘରେ ଆରାମେ ରହିଲୁ ଯାଇ ।୧୮ ।

ବାପା ମୋ ଥାନାରେ ଏତଲା ଦେଲେ

ପ୍ରେମକୁ ଆମର ଘାଇଲା କଲେ

ଅଠର ବରଷ ମୋତେ ହୋଇନି

ବାହାହେବା କଥା ଯମା ଉଠୁନି ।୧୯ ।

ଦିନ ଗଣ୍ଡା କେତେ ଗଡ଼ିଲା ଯେବେ

ପୁଲିସ୍ ବାପୁଡ଼ା ଆସିଲା ତେବେ

To read the complete magazine, Download it for FREE from www.aahwaan.com

ପୁରାଇଲା ନେଇ ହାଜତ ଘରେ

କନ୍ଦାକଟାକୁ ମୋ କିଏ ପଚାରେ ।୨୦ ।

ପ୍ରେମିକ ବାପୁଡ଼ା ଜେଲ ଗଲା

ବହୁ ଦିନପରେ ବେଲ୍ ପାଇଲା

ନଣ୍ଡା ହୋଇ ଦିନା କେତେ ବୁଲିଲା

ପ୍ରେମ ପୋଥିରେ ତା ଡୋରି ବାନ୍ଧିଲା ।୨୧ ।

ମୁମ୍ବେଇଆ ବାବୁ ଆସିଲା ଦିନେ

ଫୁସୁଲା ଫୁସୁଲି କଲି ତା କାନେ

ପ୍ରେମ ପାଠ ତାକୁ ଦେଲି ଶିଖାଇ

ଭଉଣୀ ପ୍ରେମରେ ପଡ଼ିଲା ଭାଇ ।୨୨ ।

ଭାଇ ସଙ୍ଗେ ଗଲି ମାମୁଁ ଘରକୁ

ସେଇଠୁ ଚାଲିଲି ସିଧା ବମ୍ବେକୁ

ମୁମ୍ବାଇରେ କଲି ମୋ ନୂଆ ଘର

ମାମୁଁ ଘର କଲି ମୁଁ ନାରଖାର ।୨୩ ।

ବାପ ମୁହେଁ ଦେଲି ମୁଁ ଚୁନ କଳା

ମାମୁଁକୁ କଲା ତା ପୁଅ ଘାଇଲା

To read the complete magazine, Download it for FREE from www.aahwaan.com

ଏତେ କେଳେଙ୍କାରି କରିଲି ମୁହିଁ

ପ୍ରେମ ନିଶାରେ ମୁଁ ଅନ୍ଧୁଣୀ ହୋଇ ।୨୪ ।

ପ୍ରେମ ନିଶା ଯେବେ ଗଲା ଉତୁରି

ଅତୀତ କର୍ମ ଟା ମାରେ କତୁରୀ

ମୁମ୍ବାଇ ଭିଡ଼ରେ ଗଲିଣି ହଜି

ମୋ ଗାଁ ଛବି ଆଙ୍କୁଛି ଆଜି ।୨୫ ।

କେଉଁ ମୁହଁ ନେଇ ଗାଁକୁ ଯିବି

ବାପାର କ୍ରିୟାରେ ଭାଗ ମୁଁ ନେବି

ମା କାନ୍ଦି କାନ୍ଦି କେତେ କହିଛି

କଲା କର୍ମକୁ ମୋ ମାଫ କରିଛି ।୨୬ ।

ଝିଅ ଆସି ମୋତେ ଖୁଣ୍ଟା ଦେଉଛି

ମିଛ କାନ୍ଦ କିଆଁ କାନ୍ଦୁଛୁ ବସି

ଅଜା ଘରକୁ ତ ଦିନେ ନେଇନୁ

ଅଜା ମଲା ବୋଲି କିଆଁ ବାହାନୁଁ ।୨୭ ।

ମାଆ ଲୋ ମା.. କହିବି କାହାକୁ

ଅଜାଗା ଘା..

To read the complete magazine, Download it for FREE from www.aahwaan.com

ପେରମ କରି ମୁଁ ନେଇଛି ନାଁ

ବଞ୍ଚି ଥିଲା ଯାଏଁ ନାହିଁ ମୋ ରାହା ।୨୮ ।

ପ୍ରେମ ନିଆଁ ଠାରୁ ଦୂରେ ରହିବୁ

ଶାନ୍ତିରେ ଦୁଇ ଦିନ ବଞ୍ଚି ପାରିବୁ

ବାପା ମାଆଙ୍କର ସ୍ନେହ ପାଇବୁ

ସାଇ ଭାଇଙ୍କର ମାନ ରଖିବୁ ।୨୯ ।

ପ୍ରେମପାଠ ନୁହେଁ ଅଢ଼େଇ ଅକ୍ଷର

ପଢ଼ିଦେଲେ ସବୁ ହୁଏ ଅନ୍ଧାର

ବୁଝି ସୁଝିକରି କରିବୁ ପ୍ରେମ

ନହେଲେ ମୋପରି ନେବୁ ତୁ ନାମ ।୩୦ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com





ମହେନ୍ଦ୍ର ପ୍ରତାପ ସ୍ୱାଇଁ

## — ତ୍ରିମୂର୍ତ୍ତିଙ୍କ ଖତିଗାଥା —

ଖତିକାଳର ତ୍ରିମୂର୍ତ୍ତି ଗାଥା,
ଲୁଚି ଅଛନ୍ତି ମନ୍ମଥର ମଥା ।
ଯେପରି ଆଜନ୍ମାର ପ୍ରତିଶୋଧ,
ସେ ଜୀବ ପୃଷ୍ଠକାରିର ଅତିକ୍ରୋଧ ।
ଉନ୍ମାଦ ହୃଦୟ ଗ୍ରନ୍ଥର ବାର୍ତ୍ତା,
ମନ୍ଦିରେ ପାଦପଦ୍ମର ହ ଶର୍ତ୍ତା ।
ଉଲ୍ଲକୋଟିର ଜୀବନଯାତ୍ରା ପଥ,
ଯନ୍ତ୍ରଣାଦ୍ଧିକ ଅପାଠକ ମୁଁ ଯେଥେ ।
ଅବଚେତନାକୁ ମନରେ ଆଣି,
ମୁଁ ଅଭିଜ୍ଞଥିଲି ତାଙ୍କ ଆନନ୍ଦପୁରି ।
ମୂର୍ତ୍ତିକର୍ତ୍ତାଙ୍କ ପ୍ରକିମତ ଅଗଣନୀୟ,
ପ୍ରତି ଅସମ୍ଭବ କରି ଆଜନ୍ମରଣୀୟ ।
ସ୍ମୃତିହରାରେ ସୁସ୍ମୃତି ମୁଁ ଖୋଜି,
ପ୍ରାପ୍ତକାମଂ ଆଶା ପାଲୁଚିତ ଖୋଜି ।
ହୃଦୟତିର ହୃଦଘାତ ମୋ ପାଇଁ କରି,
ପ୍ରଅନୁମାନ ଆତୁରା ଆଜିକି ଖୋଜି ପାଇଁ ।
କିଏ ଅଛି ତାଙ୍କଠେ ଅପାଣିଯୁ ସୃଷ୍ଟି,
ତିନିବନ୍ଧ ମନାତୁମ୍ଭାର ପ୍ରସାଦବୃଷ୍ଟି ।
ଆଶା ମଧ୍ୟେ ତାଙ୍କ ପ୍ରିୟ ପ୍ରାପ୍ତି,
ଜୀବେଶନା ମୂର୍ତ୍ତିସର୍ତ୍ତା ର ପ୍ରକାଶନ୍ତି ।
ଓଳଞ୍ଚି ଥିଲି ମୋ ମନ୍ଦାର ରଣ,
ଅନ୍ଧାରରେ ଲୁପ୍ତ ହେବିନି କେବେ ଜହ୍ନ ।
ଏଡ଼ି ତାଙ୍କ ସମ୍ମୁଖ ପ୍ରକାଶ,
ମୋ ମନର ପୂର୍ଣ୍ଣ ହାସରଣ ।
କବିତାକୁ ପ୍ରାପାମ୍ଭିତ ଆଜି,
ଯାଥାର୍ଥ ସେ ପ୍ରଣୀ ଅନ୍ୟର ସାଜି ।
ପ୍ରକଳ୍ପ ଭକ୍ତି ମୁଁ ଅନ୍ତର ଆଣି,
ଆବେଗର ଗାଥା ଅଲୁଚା ସାଜିଛି ।
ଅଜାଣିକାର ର ଚର୍ଚ୍ଚା ମୋ ମନରେ,
କାହିଁ ପାଇଁ ସେ ଆସିଥିଲୁ ପ୍ରାଣିରେ ।
ଆଲୁ ପିଆଜ କିରହୁକ ଜୀବନଧାର,
ମୋ ପାଇଁ ଓ ପ୍ରାଣ ଜିକର ଆଧାର ।
ପୂର୍ବସ୍ମୃତିରେ ଅଶ୍ରୁସିକ୍ତ ଆହୁରି ସେ,
ମୋ ମନରେ ପ୍ରତିପ୍ରଥା ହୃଦୟ ଆହରଣେ ।
ଅଛିଥିଲି ପ୍ରତି ଅଶାନ୍ତବାସ,
ମନ୍ଦିରେ ତାଙ୍କ ଜୀବନ ଗାଥା ବିରସଭୁଜଗୁଣ ।
ଦିଗାଅନ୍ତରିକି ଘୁଲି ସାଜି ପ୍ରଣାମି,
ପ୍ରଦୀପଗ୍ରାମ ସାଜି କରିବାର ଆଲୋକ ।
ପ୍ରତିପ୍ରଭାର ଅଗ୍ନିକିକୁ ମନୋମଧ୍ୟେ ସାଜିଛି,
ମୁଁ ବିଦାମ୍ବିତ ପ୍ରଣାମଦଣ୍ଡିତ ଅଶ୍ରୁଗାମିନୀ ।
ସେ ମହାପ୍ରଭୁଙ୍କ ଦୃଷ୍ଟିରେ ଓ ମୋ ସାର,
ପ୍ରାଣ ପୂର୍ଣ୍ଣ କରିବେ ନିଶ୍ଚିତ ଓ ଶୁଭ ।
ପ୍ରକମ୍ପାନ୍ତି ପ୍ରକଳିଦୋଷନ ପଞ୍ଚିର,
ମୋ ମନ ସ୍ୱପ୍ନର ଅଭିଳାଷେ ସ୍ୱୀକାର ।
ଆପଣାଠି ମୋତେ କର ଆପଣାର,
ମୁଁ ମୋ ଖତି ଗାଥା କୁ ସ୍ୱୀକୃତି ପ୍ରକାର ।
ମନପ୍ରିତିରେ ସେ ଆଜିକନ ପ୍ରଭ,
ମୁଁ ଥିଲି ଦିବ୍ୟରୁ ଆନନ୍ଦେଶ ପ୍ରଭ ।
ପ୍ରାର୍ଥନା ତୁମଠି ହେ ନିରାକାର,
ସୃଷ୍ଟିମଧ୍ୟେ ରଖିଥାଉ ମୋ ଦିଗାକାର ।
ପୂର୍ବେ ସ୍ମୃତିର ବର୍ତ୍ତିର ଖତକୁ,
ଭୁଲି ଯାଉଥିଲୁ ସ୍ୱରୂପ ପ୍ରାଣକୁ ।
ଯଥାର୍ଥ ପ୍ରଣ ମୁଁ ଅଙ୍କିତପ୍ରଣ,
ସର୍ବଦା କରେ ମୋତେ ବିହ୍ୱଳ ।
ଜୀବନି ଅବଗୁଣିତ ମୁକ୍ତିରେ ସେ,
ପ୍ରତିଗାଥାର ଉନ୍ମୋଚନ ଶୀଘ୍ର ଶେଷେ ।
ପ୍ରକଳ୍ପ ମୁଁ ଲୁଗାପ ଦେଇ ସୁଅଛି ଗହନ,
ଜୀବନତ୍ୱର ପ୍ରାଣ କରୁଛି କରହଣା ।
ଏହି ଅବଳା ଅନ୍ତିକି କରୁ ପ୍ରକଳ୍ପ ପରୀକ୍ଷା,
ଖତି ଓ ଗାଥାକୁ ସ୍ୱମଧ୍ୟେ କରୁ ରକ୍ଷା ।
ଜାଣିକ ପ୍ରକର ପ୍ରଣ ମୋତେ ସୁନ୍ଦର,
ତ୍ରିମ ପାଇଁ ଓ ପ୍ରାଣ ହୋଇଥାଉ ଆଧାର ।
ନହିଁ ପ୍ରଭ ଆଉ ଓ ମୁନିଆରେ,
ଆଜନ୍ମ ସାଜିବି ଓହୁଳି ପ୍ରକାଶରେ ।
ରହୁ ପାଇବାର ଅନନ୍ୟ ସେ ଗାଥା,
ଖତ ପ୍ରକତ୍ରିତି ମୁନିଆ ପାଇଁ ପ୍ରଥା ।
ତ୍ରିମୂର୍ତ୍ତି ନିର ରଖ ମୁନିଆ ଜଗତେ,
ଆଶିଷ ମୋଠ ଥିଲୁ ଥିବ ଦିକିତେ ।
ଖତଗାଥା ମୋ ପାଇଁ ସୃଷ୍ଟି,
ଦେଖି ତୁମ ଆଶେ କବାମ୍ବିଳି ଖାର ପୁଟି ।
ତ୍ରିମୂର୍ତ୍ତିକି ଓ ଖତଗାଥା ତୁମ ମୋର,
ଅତୁଳ ପ୍ରତିଗାଥା ସମ୍ଭବ ବିହ୍ୱଳ ।

ମହେନ୍ଦ୍ର ... —o—

To read the co

ଆହ୍ୱାନର ଆଗାମୀ ସଂସ୍କରଣ ସେପ୍ଟେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୭୩ / ୭୦୦୮୫୭୭୦୮୫

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

To read the complete magazine, Download it for FREE from www.aahwaan.com

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

Alternatively, You can also click on this link on your android mobile phone with WhatsApp to join our group.

https://chat.whatsapp.com/BPW1qPbKJWp7H4M3zhzAiE




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍‌ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 7008567085

To read the complete magazine, Download it for FREE from www.aahwaan.com